

ISSN : 2583-5270

ସାହିତ୍ୟ ଚର୍ଚ୍ଚା

ଜୁଲାଇ ୨୦୨୬



Vol-5 • Issue-5 • July 2026 • Monthly • Rs.50 • 72 Pages • Bhubaneswar



ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590



ଭାଗ-୫ • ସଂଖ୍ୟା-୫ • ଜୁଲାଇ ୨୦୨୬ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
ମହାପ୍ରଭୁ ଶ୍ରୀଜଗନ୍ନାଥ

ସମ୍ପାଦକ
ନିହାର ରଂଜନ ଶତପଥୀ

ଉପଦେଷ୍ଟା
ପୂର୍ଣ୍ଣଚନ୍ଦ୍ର ମିଶ୍ର
ଦୁର୍ଗା ଚରଣ ଷଡ଼ଙ୍ଗୀ
ବଳଦେବ ମହାରଥା
ପ୍ରଶାନ୍ତ ଭୂୟାଁ

ସହ-ସମ୍ପାଦକ
କମଳକୁମାରୀ ଦାଶ
ଦେବାଶିଷ ମୁଦୁଲି

ପାଠ-ସଂଶୋଧକ
ପ୍ରଭାତ ରଞ୍ଜନ ବେହୁରା

ପରିଚାଳନା ନିର୍ବାହୀ
ଗୋଲଖ ଚନ୍ଦ୍ର ଦାସ

ଅକ୍ଷର ସଜ୍ଜା
ଶ୍ରୀଧର ପ୍ରଧାନ

ୱେବ୍‌ସାଇଟ୍ ପରିଚାଳକ
ପ୍ରଭଞ୍ଜନ ବଳିୟାରସିଂ

ପ୍ରଚ୍ଛଦପଟ ଅଙ୍କନ
ବଳଦେବ ମହାରଥା

ଯୋଗାଯୋଗ
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬
E-mail: info@sahityacharcha.com
Website: www.sahityacharcha.com

ମୂଲ୍ୟ : ଟ. ୫୦/-

।। ସୂଚୀ ।।


ପାଠକଙ୍କ ମତାମତ	୦୨
ମାଦଳାପାଞ୍ଜି - ସେବେ ଓ ଏବେ (ସମ୍ପାଦକୀୟ)	୦୩
ଶ୍ରୀଜଗନ୍ନାଥ ଚେତନା: ପୁରୋଭାଗ ପଥ (ପ୍ରବନ୍ଧ): ମହୀମୋହନ ତ୍ରିପାଠୀ	୦୫
କାଳିଆଠାକୁରଙ୍କ ଘଳିଆ ମେଲା (ରମ୍ୟରଚନା): ଗୋପାଳକୃଷ୍ଣ ଆଚାର୍ଯ୍ୟ	୦୮
ବ୍ରହ୍ମଦାରୁଂ ସ୍ମରାମି (କବିତା): କୁଳମଣି ଓଝା	୧୧
ଜି.ପି.ଆର ସର୍ବେକ୍ଷଣ ଓ ଶ୍ରୀଜଗନ୍ନାଥ ମନ୍ଦିର (ପ୍ରବନ୍ଧ): ପୂର୍ଣ୍ଣଚନ୍ଦ୍ର ମିଶ୍ର	୧୨
ଅପରେସନ 'ଳ' (ବ୍ୟଙ୍ଗ): ଅଜୟ କୁମାର ମିଶ୍ର	୧୮
ପଶ୍ଚିମ ଓଡ଼ିଶାର ଲୋକଗୀତରେ ଶ୍ରୀଜଗନ୍ନାଥ (ପ୍ରବନ୍ଧ): ଦୋଳଗୋବିନ୍ଦ ବିଶୀ	୨୩
ପୁତୁଲୀର ରାତି (ଗଳ୍ପ): ସୁମିତା ବେହେରା	୨୯
କେତେ ଅଜଣାରେ (ଅନୁଭୂତି): ବନଜ ଦେବୀ	୩୧
ବରିଷ୍ଠ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତିଙ୍କ ସହ ଆଳାପ (ସାକ୍ଷାତକାର)	୩୫
ସୁନନ୍ଦାର ସ୍ୱପ୍ନଭଙ୍ଗ (ଗଳ୍ପ): ଚୌଧୁରୀ ବରଦାପ୍ରସନ୍ନ ଦାସ	୩୯
ବିଦେଶରେ ସାରଳା ମହାଭାରତ (ପ୍ରବନ୍ଧ): ଉଦୟନାଥ ସାହୁ	୪୩
ଶୋକସନ୍ଦେଶ ଏକ୍ସପର୍ଟ (ଅନୁବାଦ ଗଳ୍ପ): ମୀନାକ୍ଷୀ ରାଉତରାୟ	୪୮
ଓଡ଼ିଆ ବ୍ୟାକରଣରେ ପଦ-ବାକ୍ୟ ବିବେଚନା (ପ୍ରବନ୍ଧ): ସିନିରୁଦ୍ଧ ଦାଶ	୫୧
ମୁକ୍ତି (ଗଳ୍ପ): ରବି ପଣ୍ଡା	୫୫
ପ୍ରବନ୍ଧର ଭିତ୍ତି ଓ ଭୂତି (ପ୍ରବନ୍ଧ): ମନୋରଂଜନ ମହାନ୍ତି	୫୭
ଅତୀତର ଛାଇ (ଗଳ୍ପ): ଅରୁଣ କୁମାର ମହାପାତ୍ର	୬୧
ଦୁଇଟି ସନେଟ୍ (କବିତା): ଉମାକାନ୍ତ ମହାପାତ୍ର	୬୩
ଅଦିନିଆ ବର୍ଷା (ଗଳ୍ପ): ଆରତୀ ସାହୁ	୬୪
ସହର ଯାତ୍ରା (ଅଣୁନାଟକ): ଅଳକା ନନ୍ଦ	୬୬
ଦୁଇଟି ଅଣୁଗଳ୍ପ (ଗଳ୍ପ): ମୃଣାଳ	୬୭
ଘୃଣା ବଦଳରେ ପ୍ରେମ (ଶିଶୁଗଳ୍ପ): ସଂଗ୍ରାମ କେଶରୀ ପୃଷ୍ଟି	୬୮
ବିଶ୍ୱଚେତନାର ପ୍ରତୀକ ଶ୍ରୀଜଗନ୍ନାଥ (ପୁସ୍ତକ ସମୀକ୍ଷା): ନିହାର ଶତପଥୀ	୭୦
ସାହିତ୍ୟ ସମାଚାର	୭୧
ଊର୍ଦ୍ଧ୍ୱଗଲଘୁକରଣ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ	୭୨

★ ଏହି ପତ୍ରିକାରେ ପ୍ରକାଶିତ ଲେଖକମାନଙ୍କର ବକ୍ତବ୍ୟ ଓ ଅଭିମତ ସେମାନଙ୍କର ନିଜସ୍ୱ ଏବଂ ଆମେ ସେଥିସହିତ ସହମତ ଥିବା ଜରୁରି ନୁହେଁ।

ପାଠକଙ୍କ ମତାମତ

ଆଜିକାଲି ସାହିତ୍ୟ ଜଗତରେ ଅନେକ ପୁସ୍ତକ ରଚନା ହେଉଛି, ମାତ୍ର ତାହାର ଗୁଣବତ୍ତା କେତେ, ତାହା କେତେ ଉପାଦେୟ, ଏହା ପରଖିବାକୁ ମଧ୍ୟ କାହା ପାଖରେ ସମୟ ନାହିଁ । କେବଳ ଯେ ଅଧିକ ସଂଖ୍ୟକ ପୁସ୍ତକ ରଚନା କରିଦେଲେ ବଡ଼ ଲେଖକର ଉଚ୍ଚାସନ ମିଳିଯିବ ତାହା ନୁହେଁ, ପାଠକର ହୃଦୟରେ ମଧ୍ୟ ବସିବାର ଆବଶ୍ୟକତା ଅଛି। ଏହି ଶୀର୍ଷକ ଉପରେ ଜୁନ୍ ସଂଖ୍ୟାର ସମ୍ପାଦକୀୟ 'ପରିମାଣ ବନାମ ଗୁଣମାନ' ରଚିତ। ଏହା ବର୍ତ୍ତମାନର ସମୟରେ ଚିନ୍ତା କରିବାର ବିଷୟ। ପ୍ରଫେସର ନଟବର ଶତପଥୀଙ୍କ ରଚିତ 'ଭାରତୀୟ ଶବ୍ଦାର୍ଥ ବ୍ୟବସ୍ଥା ଓ ଆମ ସାହିତ୍ୟ ଶୀର୍ଷକ' ପ୍ରବନ୍ଧରେ ମଧ୍ୟ ଅନେକ ତଥ୍ୟ ଭର୍ତ୍ତି ହୋଇ ରହିଛି। ଏହିଭଳି ଚିନ୍ତାଶୀଳ ପ୍ରବନ୍ଧ ବର୍ତ୍ତମାନ ସମୟରେ ରଚନା କରିବାର ଆବଶ୍ୟକତା ରହିଛି।

ଆଲୋକଜ୍ୟୋତି ନାୟକ
alokjyoti.nayak98@gmail.com



ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

'ସାହିତ୍ୟ ଚର୍ଚ୍ଚା'ର ଜୁନ୍, ୨୦୨୬ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ମଧ୍ୟରୁ ପ୍ରାୟ ସମସ୍ତ ପ୍ରବନ୍ଧ ନୂଆ ବିଷୟବସ୍ତୁ ଆଧାରିତ। ଅବଶ୍ୟ ସଦାନନ୍ଦ ନାୟକଙ୍କ 'ଅସ୍ମିତା, ଆମଭାଷା ଓ ଆମେମାନେ' ଶୀର୍ଷକ ପ୍ରବନ୍ଧଟି ଆଉଟିକେ ଅଧିକ ଆଲୋଚନା କରାଯାଇ ପାରିଥାନ୍ତା। ଏତେ ବଡ଼ ବିଷୟକୁ ନେଇ ଏତେ କମ୍ ଆଲୋଚନା ହେବା ଠିକ୍ ନୁହେଁ। ଫକୀରମୋହନ ସାହୁଙ୍କ 'ସ୍ୱପ୍ନ ବିଶ୍ଳେଷଣ ଶୈଳୀ ଓ ଓଡ଼ିଆ କବିତା' ପ୍ରବନ୍ଧଟିରେ ସାମ୍ପ୍ରତିକ କବିତାଗୁଡ଼ିକରେ କିପରି ସ୍ୱପ୍ନକୁ ନିଆଯାଇଛି, ତାହାର ଏକ ଉପଯୋଗୀ ଆଲୋଚନା ହୋଇଛି ।

ବିରଜା ପ୍ରସାଦ ସାହୁ
birajabuntysahu@gmail.com

'ସାହିତ୍ୟ ଚର୍ଚ୍ଚା', ଜୁନ୍ ସଂଖ୍ୟାର 'ପରିଣାମ ବନାମ ଗୁଣବାନ' ଶୀର୍ଷକ ସମ୍ପାଦକୀୟରେ ସାହିତ୍ୟର ଗୁଣାତ୍ମକ ଦିଗକୁ ସମ୍ପାଦକ ମହାଶୟ ଗୁରୁତ୍ୱ ଦେଇଛନ୍ତି । ସେହିପରି ଶେଷପୃଷ୍ଠାରେ ପ୍ରଶାନ୍ତ ବାବୁ ଭାଷାର ସୂକ୍ଷ୍ମତା ଓ ବ୍ୟାକରଣର ଉପଯୁକ୍ତ ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ସଂଖ୍ୟାରେ 'କଳାଶ୍ରିତ ଓ କାଳାଶ୍ରିତ' ସାହିତ୍ୟର ଉଦାହରଣ ନେଇ ପ୍ରାବନ୍ଧିକ ରମାକାନ୍ତ ନାୟକ ପ୍ରବନ୍ଧଟିକୁ ଅତି ଉପଯୋଗୀ କରିଛନ୍ତି। ସେହିପରି ନଟବର ଶତପଥୀ, ସଦାନନ୍ଦ ନାୟକ ଓ ମନସା ଶ୍ରୀଚନ୍ଦନ ରାୟଙ୍କ ପ୍ରବନ୍ଧ ମଧ୍ୟ ଉଚ୍ଚକୋଟୀର। ଏହି ସଂଖ୍ୟାର ବିଶେଷ ଆକର୍ଷଣ ହେଉଛି ବୟୋଜ୍ୟେଷ୍ଠ କବି ଅଶ୍ୱିନୀ କୁମାର ମିଶ୍ରଙ୍କ ସହ ଏକ ବୌଦ୍ଧିକ ସାକ୍ଷାତକାର। ବ୍ୟଙ୍ଗରେ ଅଜୟ କୁମାର ମିଶ୍ର ଓ ରମ୍ୟରଚନାରେ ଅଭୟ ଦାଶଙ୍କ ରଚନା ବେଶ୍ ଆକର୍ଷଣୀୟ। ଗଳ୍ପରେ କୃପାସାଗର ସାହୁ, ଆରତୀ କର ଓ ଜୟନ୍ତୀ ସାହୁଙ୍କର ଗପ ମନଛୁଆଁ। ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅନୁଭୂତି ମୂଳକ ଲେଖା; ତାଙ୍କର 'ଚିଠି' ପଢ଼ି ତରୁଣକାନ୍ତି ମିଶ୍ରଙ୍କ କିଶୋର ମନସ୍ତତ୍ତ୍ୱକୁ ନେଇ ରଚିତ ଗଳ୍ପ ମନେପଡ଼ିଯାଏ।

ପୀତବାସ ରାଉତରାୟ
rpitabas@yahoo.co.in

'ସାହିତ୍ୟ ଚର୍ଚ୍ଚା'ର ଜୁନ ସଂଖ୍ୟାଟି ଏଥର ଆଗୁଆ ମିଳିଯାଇଛି। ପ୍ରଥମେ ସମ୍ପାଦକୀୟଟି ପଢ଼ିଲି। ସମ୍ପାଦକଙ୍କ ମତାମତ ସହ ମୁଁ ସମ୍ପୂର୍ଣ୍ଣ ଏକମତ। ମୋର ବ୍ୟକ୍ତିଗତ ଅଭିଜ୍ଞତା - ମୋର ପ୍ରଥମ ଗବେଷଣାମୂଳକ ଗ୍ରନ୍ଥଟିର ପ୍ରସ୍ତୁତି ପାଇଁ ମୋତେ ଚଉଦ ବର୍ଷ ଲାଗିଛି। ଅବସର ଜୀବନର ଏହି ପ୍ରଥମ କାଳଟି ଅତ୍ୟନ୍ତ ମୂଲ୍ୟବାନ ଏବଂ ଏହି କାଳଟିକୁ ମୁଁ କେବଳ ଗୋଟିଏ ଗ୍ରନ୍ଥ ରଚନା କରିବା ପାଇଁ ହିଁ ସମର୍ପିତ କରିଛି।

ପ୍ରବୀର କୁମାର ପଟ୍ଟନାୟକ
prabir.pattanaik49@gmail.com

ସମ୍ପାଦକୀୟ

ମାଦଳାପାଞ୍ଜି - ସେବେ ଓ ଏବେ

ଏକ ଅନିର୍ଦ୍ଦିଷ୍ଟ ଐତିହାସିକ କାଳରୁ ନେଇ ଆଜି ପର୍ଯ୍ୟନ୍ତ ପୁରୀ ଶ୍ରୀମନ୍ଦିରରେ ଲେଖାହୋଇ ଆସୁଥିବା ମାଦଳାପାଞ୍ଜିକୁ ଓଡ଼ିଶାର ଇତିହାସ, ସଂସ୍କୃତି, ପରମ୍ପରା ଓ ସାହିତ୍ୟକୁ ପ୍ରତିଫଳନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଭାବରେ ବିଚାର କରାଯାଏ। ଏହା କେବେଠାରୁ ଆରମ୍ଭ ହେଲା ତା'କୁ ନେଇ ଗବେଷକମାନଙ୍କ ମଧ୍ୟରେ ଭିନ୍ନଭିନ୍ନ ମତ ପ୍ରକାଶ ପାଇଥାଏ। ସେମାନଙ୍କ ମଧ୍ୟରୁ କେତେଜଣ ବିଶ୍ୱାସ କରନ୍ତି ଯେ ଷୋଡ଼ଶ ଶତାବ୍ଦୀରେ କଳାପାହାଡ଼ର ଆକ୍ରମଣ କାଳରେ ପୁରୀରେ ସଂରକ୍ଷିତ ଥିବା ମାଦଳାପାଞ୍ଜିର ତତ୍କାଳୀନ ପୋଥିଗୁଡ଼ିକୁ ନଷ୍ଟ କରିଦିଆଯାଇଥିଲା ଏବଂ ତାହାପରେ ମହାରାଜା ରାମଚନ୍ଦ୍ର ଦେବ (ପ୍ରଥମ)ଙ୍କ ଶାସନ କାଳରେ ଏହାର ପୁନର୍ଲିଖନ ହୋଇଥିଲା। ତେବେ ସେ ଯାହାହେଉ ନା କାହିଁକି, ଏହି ପୁନର୍ଲିଖିତ ମାଦଳାପାଞ୍ଜିରେ ରାମଚନ୍ଦ୍ର ଦେବ ଓ ତାଙ୍କ ଶାସନତନ୍ତ୍ରର ମାତ୍ରାଧିକ ପ୍ରଶସ୍ତି କରାଯାଇଥିବା ଲକ୍ଷ୍ୟ କରଯାଏ। ଏହି ପାଞ୍ଜି ପ୍ରତିବର୍ଷ ବିଜୟା ଦଶମୀ ଦିନ ପ୍ରଣୀତ ହେଉଥିଲା ଏବଂ ଶ୍ରୀମନ୍ଦିର ସେବାରେ ନିଯୁକ୍ତ ଦେଉଳକରଣ, ତଡ଼ପକରଣ ଓ କୋଷ୍ଠକରଣ ଆଦି ସେବକମାନେ ଏହାର ଲିଖନ ଓ ସଂରକ୍ଷଣର ଦାୟିତ୍ୱରେ ଥିଲେ।



ତେବେ ପରୋକ୍ଷରେ ଏହି କରଣ-ସେବକମାନେ ଯେହେତୁ ପୁରୀର ରାଜାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ, ସେମାନେ ତାଙ୍କୁ ସୁହାଇଲା ଭଳି ପ୍ରକରଣମାନ ପାଞ୍ଜିରେ ଲିପିବଦ୍ଧ କରିଥିବା ଅସମ୍ଭବ ନୁହେଁ। ରାଜା ରାମଚନ୍ଦ୍ର ଦେବଙ୍କୁ ସେଥିରେ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବରେ ଆଖ୍ୟାୟିତ କରାଯାଇଛି ଏବଂ ପୂର୍ବବର୍ତ୍ତୀ କତିପୟ ଶାସକଙ୍କ ଛବିରେ ଆଞ୍ଚ ଆଣୁଥିବା ଭଳି କିଛି ତଥ୍ୟ ମଧ୍ୟ ସେଥିରେ ସ୍ଥାନ ପାଇଛି।

ମାଦଳା ପାଞ୍ଜିରେ ମୁଖ୍ୟତଃ ତିନି ପ୍ରକାର ସୂଚନା ଲିପିବଦ୍ଧ ହେଉଥିଲା; ଶ୍ରୀମନ୍ଦିରର ବିଧିବ୍ୟବସ୍ଥା, ସମକାଳୀନ ରାଜନୈତିକ ସ୍ଥିତି ତଥା ସାମାଜିକ ଘଟଣାବଳୀ। ଏହି କ୍ରମରେ ଆମ ଭାଷା ଓ ସାହିତ୍ୟର ଏକ ମୂଲ୍ୟବାନ ସୂଚକ ଭାବରେ ନିଜର ଭୂମିକା ନିଭାଉଥିଲା ମାଦଳାପାଞ୍ଜି। ତଥାପି ଏହାର ପ୍ରକୃତ ସ୍ୱରୂପକୁ ନେଇ ଆଲୋଚକମାନଙ୍କ ମଧ୍ୟରେ ମତଦ୍ୱୈଧ ରହିଛି। ବିଶିଷ୍ଟ ଗବେଷକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ 'ମାଦଳାପାଞ୍ଜି' ବହିର ଅଗ୍ରଲେଖରେ ଏ ସମ୍ପର୍କରେ ମତ ଦେଇ ଆଲୋଚକ ପଠାଣି ପଟ୍ଟନାୟକ କହିଛନ୍ତି, 'ମାଦଳାପାଞ୍ଜିର ପୂର୍ଣ୍ଣାଙ୍ଗ ଉଦ୍ଧାରକାର୍ଯ୍ୟ ସହିତ ବୈଜ୍ଞାନିକ ରୀତିରେ ଅନୁଶୀଳନ ଓ ସମ୍ପାଦନା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ।'

ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଓଡ଼ିଶାରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହେବାପରେ କରଣ ସେବକମାନଙ୍କ ଦ୍ୱାରା ପ୍ରତିବର୍ଷ ଧାରାବାହିକ ଭାବରେ ଏଥିରେ କିଛି ନୂଆ ଅଧ୍ୟାୟ ଯୋଡ଼ାଯିବାର ବ୍ୟବସ୍ଥା ଆଉ ରହିଲା ନାହିଁ। ଯାହା ଜଣାଯାଏ, ଗତ ପ୍ରାୟ ୮୦ ବର୍ଷ ଧରି ଶ୍ରୀମନ୍ଦିରରେ ମାଦଳାପାଞ୍ଜି ଲେଖାହେବାର ପ୍ରଥା ବନ୍ଦ ରହିଛି। ଏହା ପରିବର୍ତ୍ତେ ଶ୍ରୀମନ୍ଦିରର କାର୍ଯ୍ୟାଳୟରେ ଦୈନିକ ଡାଏରୀ ଭାବରେ ମନ୍ଦିରରେ ସମ୍ପନ୍ନ ହେଉଥିବା ରୀତିନୀତି ବିଷୟରେ ଯତ୍‌ସାମାନ୍ୟ ତଥ୍ୟ ଲିପିବଦ୍ଧ ହେଉଛି। ଅବଶ୍ୟ ବର୍ତ୍ତମାନର ତଡ଼ଉକରଣ ନିଜର ବାସଗୃହରେ ସଂରକ୍ଷିତ କରି ରଖିଥିବା ମାଦଳାପାଞ୍ଜିରେ କେବଳ ବିଧିରକ୍ଷା ପାଇଁ ଅନୌପଚାରିକ ଭାବରେ ଅଳ୍ପ କିଛି ଲେଖୁଥିବାର ଜଣାଯାଏ। ତେବେ ସେଥିରେ ବର୍ତ୍ତମାନ କ'ଣ ଲେଖାଯାଉଛି ତାହାର କୌଣସି ସୂଚନା ସର୍ବସାଧାରଣରେ ଉପଲବ୍ଧ ନାହିଁ।

ଯେହେତୁ କାଳକାଳ ଧରି ଏହି ପାଞ୍ଜି ଆମ ରାଜ୍ୟର ଧର୍ମ, ସଂସ୍କୃତି ଓ ସାହିତ୍ୟର ଏକ ନିର୍ଭରଯୋଗ୍ୟ ଇତିବୃତ୍ତ ଭାବରେ କାର୍ଯ୍ୟ କରିଆସିଛି, ପାଞ୍ଜିଲିଖନର ଏହି ପରମ୍ପରାକୁ ଶ୍ରୀମନ୍ଦିରରେ ପୁଣିଥରେ ଉଜ୍ଜୀବିତ କରାଯିବାର ଆବଶ୍ୟକତା ଅଛି କି ? ଓଡ଼ିଶାର ଚିନ୍ତାଶୀଳବର୍ଗ ଓ ରାଜ୍ୟସରକାର ଏହି ବିଷୟରେ ଚିନ୍ତା କରିବାର ସମୟ ଆସିଛି।

ନିହାର ଶତପଥୀ

ସାହିତ୍ୟ ବିଚାର

କମଳାକାନ୍ତ ରଥ



ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।

'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ତଳେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

IFS Code	: CNRB0018007
Account No.	: 120000048648
Account Name	: Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।

'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ
୧୩. ନାରାୟଣ ମହାନ୍ତି
୧୪. ସିନିରୁଦ୍ଧ ଦାଶ
୧୫. ଦେବୀ ପ୍ରସନ୍ନ ପଟ୍ଟନାୟକ
୧୬. ନାରାୟଣ ଚନ୍ଦ୍ର ପଣ୍ଡା
୧୭. ସୌମ୍ୟ ରଞ୍ଜନ ପଟ୍ଟନାୟକ
୧୮. ଧୀରେନ୍ଦ୍ର କର
୧୯. ନିଖିଳ ମୋହନ ପଟ୍ଟନାୟକ
୨୦. ଅଳକା ନନ୍ଦ
୨୧. ସୁକୋମଳ ଦାଶ
୨୨. ରାଜେନ୍ଦ୍ର ବର୍ମ୍ମା
୨୩. ଦିଲ୍ଲୀପ ପଣ୍ଡା
୨୪. ଅମ୍ରିତା ଶତପଥୀ



ପ୍ରବନ୍ଧ

ଶ୍ରୀଜଗନ୍ନାଥ ଚେତନା: ପୁରୋଭାଗ ପଥ



ମହୀମୋହନ ତ୍ରିପାଠୀ

ଅନେକ ଲେଖକ ତଥା ଗବେଷକ ଶ୍ରୀଜଗନ୍ନାଥ ସଂସ୍କୃତି ସଂପର୍କରେ ଲେଖିବାବେଳେ କିମ୍ବା କହିବାବେଳେ ଏକ ସଂସ୍କୃତ ଶ୍ଲୋକର ଅବତାରଣା କରନ୍ତି । ତାହା ହେଉଛି: "ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବୋନଜାନାତି କୁତୋ ମନୁଷ୍ୟଃ ।" ଅର୍ଥାତ୍ ପୁରୁଷୋତ୍ତମଙ୍କ ରହସ୍ୟ ଦେବତାମାନଙ୍କୁ ମଧ୍ୟ ଅଗୋଚର; ଛାର ମଣିଷ କିପରି ଜାଣିପାରିବ ।

ଶ୍ରୀଜଗନ୍ନାଥଙ୍କ ଅନ୍ୟ ନାମ ପୁରୁଷୋତ୍ତମ । ସୁତରାଂ ପୁରୁଷୋତ୍ତମ-ଜଗନ୍ନାଥ ଦେବତାମାନଙ୍କର ଦେବତା ('ଗଡ୍ ଅଫ୍ ଗଡ୍ସ୍') । ସେ ପରମାତ୍ମା, ପରଂବ୍ରହ୍ମଙ୍କ ପ୍ରତୀକ ବିଗ୍ରହ ! ଶତପଥ ବ୍ରାହ୍ମଣ ଓ ତୈତ୍ତିରୀୟ ବ୍ରାହ୍ମଣରେ କୁହାଯାଇଛି ଯେ ବ୍ରହ୍ମା ଦେବଗଣଙ୍କୁ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଜଗତକୁ ମଧ୍ୟ ସୃଷ୍ଟି କରିଛନ୍ତି । ଶ୍ରୀଜଗନ୍ନାଥ ଦାରୁରେ ବେଦାନ୍ତ ବା ଉପନିଷଦ ଦର୍ଶନର ମୂର୍ତ୍ତିମନ୍ତ ବିଗ୍ରହ, ସେ ଦାରୁବ୍ରହ୍ମ ।



ବିଭୂତିର କଳ୍ପନା

କିନ୍ତୁ ବିଚିତ୍ର କଥା, ସେହି ପରମପୁରୁଷ ମଧ୍ୟ ତାଙ୍କର ବିଭୂତିର କଳ୍ପନା କରିପାରନ୍ତି ନାହିଁ । ଶ୍ରୀମଦ୍ ଭାଗବତ ମହାପୁରାଣରେ ଭଗବାନ କହିଛନ୍ତି ଯେ ତାଙ୍କର ସୃଷ୍ଟିରେ ଥିବା ପରମାଣୁଗୁଡ଼ିକର ସଂଖ୍ୟା ସେ କୌଣସି ପ୍ରକାରେ ଗଣିଦେଇ କହିପାରିବେ, ମାତ୍ର ତାଙ୍କର ବିଭୂତିର କଳ୍ପନା କରିପାରିବେ ନାହିଁ । ଲେଖାଅଛି:

"ସଂଖ୍ୟାନଂ ପରମାଣୁନଂ କାଚଳନ କ୍ରିୟତେ ମୟା ।
ନ ତଥା ମେ ବିଭୂତାନାଂ ସୃଜତୋଣ୍ଡାନି କୋଟିଶଃ ॥"
(ଏକାଦଶ ସ୍କନ୍ଦ)

ଏହି ଶ୍ଲୋକର ଇଂରାଜୀ ତର୍ଜମାରେ ଲେଖାଅଛି: "ପରମାଣୁର ଆକଳନ ମୋ' ଦ୍ୱାରା କରାଯାଇପାରେ; କିନ୍ତୁ ମୋ'ର ଗରିମାମୟ ସ୍ୱରୂପର ଆକଳନ ସମ୍ଭବ ନୁହେଁ; କାରଣ ମୁଁ କୋଟିକୋଟି ମାତ୍ରାରେ ବିଶ୍ୱର ସର୍ଜନ କରିଥାଏ ।"

ଶ୍ରୀଜଗନ୍ନାଥ ତତ୍ତ୍ୱ ବୁଝିବା କିମ୍ବା ବୁଝାଇବା ସହଜନୁହେଁ । ଏ ସଂପର୍କରେ ଯେତେ କହିଲେ ବି ସଂପୂର୍ଣ୍ଣ ଠିକ୍ ହେବନାହିଁ । 'ନେତି', 'ନେତି' (ନଟ୍ ଦିସ୍, ନଟ୍ ଦିସ୍) ହେଉଛି ଦାରୁବ୍ରହ୍ମ ରୂପୀ ପରଂବ୍ରହ୍ମ ଜଗନ୍ନାଥଙ୍କ ତତ୍ତ୍ୱର ସମୁଚିତ ବ୍ୟାଖ୍ୟାନ । ବୃହଦାରାଣ୍ୟକ ଉପନିଷଦ କହେ - "ଏହା ନୁହଁଇ ପରଂବ୍ରହ୍ମଙ୍କ ଏକ ସାର୍ଥକ ବର୍ଣ୍ଣନା, କାରଣ ଏହାଠାରୁ ବଳି ସାର୍ଥକତର ବର୍ଣ୍ଣନା ସର୍ବଥା ସମ୍ଭବ ।" (୨.୬.୬) । ଦୃଶ୍ୟମାନ ଜଗତର ଅନ୍ତରାଳରେ ଲୁକ୍କାୟିତ ଅଦୃଶ୍ୟ, ଅବ୍ୟକ୍ତ ଶକ୍ତି ହିଁ ପରମସତ୍ୟ । ଏହାର ଅନୁଭବ କେବଳ 'ନେତି ତତ୍ତ୍ୱ' ଜରିଆରେ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ସଂପର୍କରେ କୌଣସି ସିଦ୍ଧାନ୍ତ ସ୍ୱୟଂସଂପୂର୍ଣ୍ଣ କିମ୍ବା ଅପରିବର୍ତ୍ତନୀୟ ନୁହେଁ । ଶ୍ରୀଜଗନ୍ନାଥ ଅତୀବ ରହସ୍ୟମୟ । ଏହି ରହସ୍ୟମୟତାରେ ହିଁ ତାଙ୍କର ଅପରିମେୟ ତତ୍ତ୍ୱ ନିହିତ !

ଏକତାର ପ୍ରତୀକ

ଓଡ଼ିଶା ତଥା ଓଡ଼ିଆ ଜାତିର ଏକତାର ପ୍ରତୀକ ମହାପ୍ରଭୁ ଜଗନ୍ନାଥ । ଓଡ଼ିଶାର ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା, ହସ୍ତଶିଳ୍ପ, ସାହିତ୍ୟ, ସଂଗୀତ, ସାମାଜିକ ଚଳଣି, ଲୋକଚରିତ୍ର ସବୁରି ଉପରେ ମହାପ୍ରଭୁଙ୍କ ପ୍ରଭାବ ସୁସ୍ପଷ୍ଟ । ସୁତରାଂ ଓଡ଼ିଶା ବା ଓଡ଼ିଆ ସଂସ୍କୃତିର ଅନ୍ୟନାମ ଶ୍ରୀଜଗନ୍ନାଥ ସଂସ୍କୃତି କହିଲେ ଅତ୍ୟୁକ୍ତି ହେବନାହିଁ । ଏ ସଂସ୍କୃତି ଏକ ଅନନ୍ୟ ସଂସ୍କୃତି, ଯାହା ଆର୍ଯ୍ୟ, ଦ୍ରାବିଡ଼ ଓ ଆଦିବାସୀ ସଂସ୍କୃତିର ସମ୍ମିଶ୍ରଣ ।

ମନୀଷୀ ପଣ୍ଡିତ ନୀଳକଣ୍ଠ ଦାସ ଲେଖିଛନ୍ତି - ଓଡ଼ିଆପରି ଆଉ ଗୋଟିଏ ପ୍ରାଚୀନ ଓ ଜୀବନ୍ତ ମାନବ ଗୋଷ୍ଠୀ ପୃଥିବୀରେ ଅଛି କି ନାହିଁ ସନ୍ଦେହ। ଓଡ଼ିଶା ପୁଣ୍ୟଭୂମି, ବହୁକାଳର ପ୍ରତିଷ୍ଠିତ ଭୂମି । ସେ ଓଡ଼ିଶାର ବିଧାନସଭାରେ ଜୁଲାଇ, ୧୯୫୨ରେ କହିଥିଲେ, "ଶ୍ରୀଜଗନ୍ନାଥ ଏକ ବିଶ୍ୱଦର୍ଶନର ସଂକେତ । ଏହି ସଂକେତଟି ଯଦି କେହି ଅନୁସଂଧାନ କରିବାକୁ ଚାହାନ୍ତି, ସେ ଦେଖିବେ ଏଇଟା ପ୍ରଥମେ ଆରମ୍ଭ ବେବିଲୋନରେ । ଏ ଗୋଟିଏ ବିରାଟ ଅପ୍ରକାଶ ଚତୁର୍ଦ୍ଧାମୂର୍ତ୍ତି । ଏହାର ସଂକେତ ପ୍ରଥମେ ମୁଁ ପାଇଲି ଖ୍ରୀଷ୍ଟପୂର୍ବ ୨୦୦୦ବର୍ଷ, ଅର୍ଥାତ୍ ଆଜକୁ ପ୍ରାୟ ୪୦୦୦ ବର୍ଷ ତଳେ ବେବିଲୋନ୍‌ରେ । ବର୍ତ୍ତମାନ ସେହି ସଂସ୍କୃତିଟି ଏଠି ଅଛି ।" ପଣ୍ଡିତ ଦାସଙ୍କ ମତରେ, ଶ୍ରୀଜଗନ୍ନାଥ ସଂସ୍କୃତି ୪୦୦୦ ବର୍ଷର ସଂସ୍କୃତି !

ଶ୍ରୀଜଗନ୍ନାଥ ସଂସ୍କୃତିର ଜଣେ ବିଶିଷ୍ଟ ଗବେଷକ, 'ଦାରୁଦେବତା' ପୁସ୍ତକର ପ୍ରଣେତା ଡକ୍ଟର ବେଣୀମାଧବ ପାଢ଼ୀ ଲେଖିଛନ୍ତି - ମାନବ ସମାଜରେ ତିନୋଟି ଦୃଷ୍ଟିଭଙ୍ଗୀ ନେଇ 'ଦେବତା' ଦେଖାଯାନ୍ତି - ଆଧ୍ୟାତ୍ମିକ, ଆବତାରିକ ଓ ସାଂସ୍କୃତିକ । ଯେଉଁ ଦେବତାଙ୍କୁ ମୂଳକରି ଅଧ୍ୟାତ୍ମ ଚିନ୍ତା ବା ଦାର୍ଶନିକତା ଉତ୍ପତ୍ତି ଲାଭକରେ, ତାହାକୁ 'ଆଧ୍ୟାତ୍ମିକ ଦେବତା' କୁହାଯାଏ । 'ଅବତାରିକ ଦେବତା' ହେଲେ ଯେଉଁମାନେ ମରଶରୀରରେ ରକ୍ତମାଂସଧାରୀ ମାନବ ରୂପେ ଅବତୀର୍ଣ୍ଣ ହୋଇ ବିଶ୍ୱନିୟନ୍ତାଙ୍କ ଆଦେଶ କାର୍ଯ୍ୟକାରୀ କରିବା ଦ୍ୱାରା ଜନସମାଜର ଉପାସ୍ୟ ହୋଇଉଠନ୍ତି । ଏମାନେ ସାଧାରଣ ମାନବତୁଲ୍ୟ ପ୍ରତୀୟମାନ ହେଲେ ବି ଐଶ୍ୱରୀୟ ଶକ୍ତିସଂପନ୍ନ । 'ସାଂସ୍କୃତିକ ଦେବତା'ଙ୍କୁ ନେଇ ଆଧ୍ୟାତ୍ମବାଦ ପ୍ରତିଷ୍ଠିତ ହୋଇନଥାଏ। କିନ୍ତୁ ଏହାଙ୍କଠାରେ ମାନବ ସମାଜର ସର୍ବୋତ୍ତମ ସାଂସ୍କୃତିକ ଚିନ୍ତାଧାରା ନିହିତଥାଏ । ସର୍ବୋତ୍କୃଷ୍ଟ ମାନବରୂପେ ସଂସାରରେ ବଞ୍ଚି ରହିବାକୁ ହେଲେ କି ପ୍ରକାର କର୍ତ୍ତବ୍ୟନିଷ୍ଠା ଓ ଆଚାର ବିଚାରଧାରା ଗ୍ରହଣ କରିବା ଉଚିତ, ସେସବୁର ଆଦର୍ଶଚିନ୍ତା ଏହାଙ୍କଠାରେ ପ୍ରତିଫଳିତ ହୋଇଥାଏ । ଏଣୁ ଏହାଙ୍କୁ 'ସାଂସ୍କୃତିକ ଦେବତା' କୁହାଯାଏ । ଜଗନ୍ନାଥ ଏହି ଶ୍ରେଣୀର ଦେବତା, ଯାହାଙ୍କଠାରେ ଉତ୍କଳର ସଂସ୍କୃତି ଓତପ୍ରୋତ ଭାବରେ ଜଡ଼ିତ । (କୃଷ୍ଟି ଓ ଦୃଷ୍ଟି)

ଶ୍ରୀଜଗନ୍ନାଥଙ୍କୁ ସାଂସ୍କୃତିକ ଦେବତା କୁହାଯାଏ । ଜଗନ୍ନାଥ ଏହି ଶ୍ରେଣୀର ଦେବତା, ଯାହାଙ୍କଠାରେ ଉତ୍କଳର ସଂସ୍କୃତି ଓତପ୍ରୋତ ଭାବରେ ଜଡ଼ିତ ।

ପଣ୍ଡିତ ଗୋପବନ୍ଧୁ ଦାସ କହିଛନ୍ତି - "ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୁଣ୍ୟପ୍ରାଣ ଓଡ଼ିଶାର ମନୁଷ୍ୟତା । ଗଭୀର ଧର୍ମଭାବ ଓ ଆତ୍ମବିଶ୍ୱାସ ହିଁ ଏହାର ଭିତ୍ତି । ଓଡ଼ିଆର ଏହି ଭାବ ନୀଳାଚଳ ଧର୍ମରେ ପ୍ରକଟିତ । ତେଣୁ ଜଗନ୍ନାଥ ଓଡ଼ିଆର ଜାତୀୟ ଦେବତା । ବଦ୍ରିନାଥ, ରାମନାଥ, ଦ୍ୱାରକାନାଥ ସ୍ଥାନ ବିଶେଷରେ 'ନାଥ' । ମାତ୍ର ଜଗତର ନାଥ ନୁହନ୍ତି । ପ୍ରାଚୀନ କାଶୀଧାମରେ ବିଶ୍ୱନାଥ ଅଛନ୍ତି, କିନ୍ତୁ ସମଗ୍ର ବିଶ୍ୱକୁ ଆଲିଙ୍ଗନ କରିବାର ଉଦାରତା ସେଠାରେ ନାହିଁ।" (ଓଡ଼ିଆଜାତି କିଏ ?, ଝଙ୍କାର, ପୂଜାସଂଖ୍ୟା, ୨୦୨୨)

ଜଗନ୍ନାଥ ଚେତନା

ପ୍ରଫେସର ଗୌରାଙ୍ଗଚରଣ ନାୟକ କହିଛନ୍ତି ଯେ ଶ୍ରୀଜଗନ୍ନାଥ ସଂସ୍କୃତି ମୂଳରେ ରହିଛି ଜଗନ୍ନାଥ ଚେତନା । ଏହି ଚେତନା ହିଁ ସମଗ୍ର ବିଶ୍ୱରେ ଭାରତୀୟ ସଂସ୍କୃତିର ଶ୍ରେଷ୍ଠ ଅବଦାନ । ଏହି ଚେତନା ହିଁ ମାନବୀୟ ସଂସ୍କୃତିର ଶ୍ରେଷ୍ଠ ଅଭିବ୍ୟକ୍ତି । ଜଗନ୍ନାଥ ଚେତନା ମଣିଷଠାରୁ ମଣିଷକୁ ଦୂରରେ ରଖେନାହିଁ । ଅଯୋଗ୍ୟକୁ ଉପେକ୍ଷା କରେନାହିଁ । ପାପୀକୁ ଘୃଣା କରେନାହିଁ । ଏହି ଚେତନାରେ ନାହିଁ ସାମାନ୍ୟ ଓ ଅସାମାନ୍ୟର ଭେଦଭାବ । ଏଥିରେ ରହିଛି ଆଧ୍ୟାତ୍ମିକ ସାମ୍ୟବାଦ !

ଆନନ୍ଦ ଓ ଆଶାପ୍ରଦ ବିଷୟ ଯେ ଶ୍ରୀଜଗନ୍ନାଥ ଚେତନା ସଂପ୍ରତି କେବଳ ଭାରତରେ ନୁହେଁ, ବିଦେଶରେ କ୍ରମଶଃ ପ୍ରସାରିତ ହେଉଅଛି । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନେକ ଦେଶରେ କରାଯାଉଅଛି । କେବଳ ରଥଯାତ୍ରାରେ ସୀମିତ ରଖାନଯାଇ, ଦେଶବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ, ଏହାର ପ୍ରାଚୀନତା ସଂପର୍କରେ ଆଲୋଚନା ସହ ପୁସ୍ତକ ଓ ପତ୍ରପତ୍ରିକାର ପ୍ରକାଶନ ହେବା ଦରକାର । ମିଶର, ଗ୍ରୀସ୍ ପ୍ରଭୃତି ପ୍ରାଚୀନ ସଭ୍ୟତାର ଦେଶମାନଙ୍କର ଅବଲୁପ୍ତ ଧର୍ମପୀଠମାନଙ୍କର ଓ ଶ୍ରୀମନ୍ଦିର ପୁରୀରେ ପ୍ରଚଳନ ଥିବା ଉପାସନା ପଦ୍ଧତି ତଥା ଧର୍ମାଚାରର ତୁଳନାତ୍ମକ ଅଧ୍ୟୟନକଲେ ଅନେକ ଚିତ୍ତାକର୍ଷକ ସାଦୃଶ୍ୟ ପରିଲକ୍ଷିତ ହୁଏ । ଏଥିରୁ ପ୍ରମାଣ ମିଳେ ଯେ ଶ୍ରୀକ୍ଷେତ୍ର ପୁରୀ ହେଉଛି ପୃଥିବୀର ଏକ ପ୍ରାଚୀନ ଧର୍ମପୀଠ ଓ ମହାପ୍ରଭୁ ଜଗନ୍ନାଥ ଏକ ଅତି ପ୍ରାଚୀନ ଦେବତା ।

କେବଳ ପୁରାଣଭିତ୍ତିକ ଆଲୋଚନା କରାନଯାଇ, ଇତିହାସ ଏବଂ ପ୍ରତ୍ନତତ୍ତ୍ୱକୁ ଆଧାରକରି ବସ୍ତୁନିଷ୍ଠ ବିଶ୍ଳେଷଣପୂର୍ବକ ଗବେଷଣାକଲେ ଏହି ମହାଦେବତାଙ୍କ ପ୍ରାଚୀନତା ପ୍ରମାଣିତ ହୋଇପାରିବ । ଏହା କରାଗଲେ ଦେଶବିଦେଶରୁ ବହୁସଂଖ୍ୟକ ଭକ୍ତ, ଏହି ସଂସ୍କୃତି ପ୍ରତି ଆକର୍ଷିତ ହେବେ ।

ଇତିହାସ ଏବଂ ପ୍ରତ୍ନତତ୍ତ୍ୱକୁ ଆଧାରକରି ବସ୍ତୁନିଷ୍ଠ ବିଶ୍ଳେଷଣପୂର୍ବକ ଗବେଷଣାକଲେ ଏହି ମହାଦେବତାଙ୍କ ପ୍ରାଚୀନତା ପ୍ରମାଣିତ ହୋଇପାରିବ ।


ବିଶିଷ୍ଟ ଲେଖକ ପ୍ରଫେସର ଚନ୍ଦ୍ରଶେଖର ରଥ ଯଥାର୍ଥରେ ଲେଖିଛନ୍ତି - ‘‘ଭକ୍ତି ଓ ବିଶ୍ୱାସଠାରୁ ଅଧିକତର ଏହା ବରଂ ଏକ ଦର୍ଶନ, ଏକ ଆଭିମୁଖ୍ୟ । ମଣିଷକୁ ଈଶ୍ୱରଙ୍କର ନିକଟତର କରିବାର ଏହା ଏକ ମାନବୀୟ ସଂସ୍କୃତି ।” ମହାପ୍ରଭୁଙ୍କ ଅନ୍ୟ ଏକ ନାମ ପୁରୁଷୋତ୍ତମ । ମହାପ୍ରଭୁ ଜଗନ୍ନାଥଙ୍କ ଏହି ନାମ ପୃଥିବୀର ସମଗ୍ର ମାନବ ସଂପ୍ରଦାୟକୁ ଏକ ବାର୍ତ୍ତା ଦିଏ - ‘ସବୁମଣିଷ ଉତ୍ତମ ମଣିଷ ହୁଅନ୍ତୁ ।’

ପ୍ରଖ୍ୟାତ ଲେଖକ ମନୋଜ ଦାସ ଲେଖିଛନ୍ତି - “ଭାରତୀୟ ସଂସ୍କୃତିର ମର୍ମକଥା ଜୀବନର ଦିବ୍ୟତା ଉପରେ ଆସ୍ଥା । ଏହି ସତ୍ୟ ସାରା ପୃଥିବୀ ନିମନ୍ତେ ମଙ୍ଗଳମୟ ।” (‘ଆଗାମୀ ଶତାବ୍ଦୀ’, ଅକ୍ଟୋବର, ୨୦୦୨) । ଏହି ଉକ୍ତିର ଢାଞ୍ଚାରେ କୁହାଯାଇପାରେ - ‘ଉତ୍କଳୀୟ ସଂସ୍କୃତିର ମର୍ମକଥା ହେଉଛି ଜଗନ୍ନାଥଙ୍କ ଦିବ୍ୟତା ଉପରେ ଆସ୍ଥା !’ ଜଗନ୍ନାଥ ସଂସ୍କୃତିର ଉତ୍ତରୋତ୍ତର ଗବେଷଣା, ପ୍ରଚାର ତଥା ପ୍ରସାର କରାଗଲେ ଜଗତର ମଙ୍ଗଳ ନିଶ୍ଚୟ ହେବ ।

ବିଶିଷ୍ଟ କବି ଗୁରୁପ୍ରସାଦଙ୍କ ଭାଷାରେ - “କରୁଣା ଓ ବିଶ୍ୱାସର ଦୁଇଟି ଜ୍ୱଳନ୍ତ ଆଖି । ସେ ହିଁ ଆମର ଏ ସମୟର ଏକମାତ୍ର ସାନ୍ତ୍ୱନା ଓ ନିର୍ଭୟ ଆଶ୍ରୟ ଆର ଶତାବ୍ଦୀକୁ !” ଶ୍ରୀପୁରୁଷୋତ୍ତମଙ୍କର ଏହି କରୁଣା ଓ ବିଶ୍ୱାସ ହିଁ ମାନବଜାତିକୁ ଏକ ଦିବ୍ୟଜୀବନ ପ୍ରଦାନ କରିବାରେ ସହାୟତା କରିବ ।

□□

ଲେଖକଙ୍କ ଇ-ମେଲ ଠିକଣା:
mahimohantripathy@gmail.com



ଏ ସଂଖ୍ୟାର ମଲାଟ ଚିତ୍ର

ଚଳିତ ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଚିତ୍ରଟି ଅଙ୍କନ କରିଛନ୍ତି ଚିତ୍ରଦେବ ଭାବରେ ସୁପରିଚିତ, ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ ଶ୍ରୀ ବଳଦେବ ମହାରଥା ।

ଏହି ଚିତ୍ରରେ ଶ୍ରୀ ମହାରଥା ତିନି ଦିଅଁଙ୍କର ପାରମ୍ପରିକ ରଥ ପରିବର୍ତ୍ତେ ତିନୋଟି ସ୍ୱର୍ଣ୍ଣ ରଥର ପରିକଳ୍ପନା କରିଛନ୍ତି । ଚିତ୍ରଟିକୁ ଅଙ୍କନ କରିବା ସମୟରେ ନିଜ ମନରେ ଉଦ୍ରେକ ହୋଇଥିବା ଭାବକୁ ବ୍ୟକ୍ତ କରିବାକୁ ଯାଇ ସେ କହନ୍ତି:

“ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଦେବଦେବ ସର୍ବଦେବ । ଯୋଗମାୟାଙ୍କ ମାୟାରେ ସଚରାଚର ପ୍ରକୃତିର ସ୍ରଷ୍ଟା । ତେଣୁ ସେ ହିଁ ପ୍ରକୃତି; ସେ ରୂପ ସର୍ବଭୂତ ବିଶ୍ୱରୂପ । ତାଙ୍କର ଆକାର ଅନାକଳିତ । ଆର୍ତ୍ତୀର ଦୁଃଖଦାହ ଓ ଅନ୍ତର୍ଦାହକୁ ସତତ ଲାଘବ କରିଥାନ୍ତି ସେ । ଆଖିରେ ଆଖିଏ ଲୁହ ଭରି ତାଙ୍କୁ ଚାହିଁଲେ ସେ ଚକାଆଖିରେ ହିଁ ଦୃଶ୍ୟ ହୋଇଥାନ୍ତି । ଶଶୀ ଓ ସୂର୍ଯ୍ୟ ତାଙ୍କ ଚକ୍ଷୁରେ ଗ୍ରହିତ । ସେ ପରିବ୍ୟାପ୍ତ ଦିଗ୍‌ବିଦିଗ, ପ୍ରଲମ୍ବିତ ତାଙ୍କ ଅବୟବ । ସାଧାରଣ ଦୃଶ୍ୟ ସଂସାରରେ ତାଙ୍କ ଦର୍ଶନ କ୍ଷଣ କ୍ଷଣକୁ ଆନ । ସତେ ଅବା ଘୋଷଯାତ୍ରାରେ ସୁବର୍ଣ୍ଣ ରଥାରୂଢ଼ ହୋଇ ମଣିମା ବିଜେ ବଡ଼ଦାଣ୍ଡରେ ପୁଣି କ୍ଷଣକେ ଆବର୍ତ୍ତିବେ ଚରାଚର ବିଶ୍ୱ ବ୍ରହ୍ମାଣ୍ଡ । ସେ ହିଁ କେବଳ ନୟନ ପଥଗାମୀ ଜଗନ୍ନାଥ ସ୍ୱାମୀ ।”



ରମ୍ୟରଚନା


କାଳିଆଠାକୁରଙ୍କ ଘଳିଆ ମେଲା

ଗୋପାଳକୃଷ୍ଣ ଆଚାର୍ଯ୍ୟ

ମନେ ପଡ଼ିଗଲା ହୋ ଭାଇ ! କବି ଦ୍ୱାରକା ଦାସଙ୍କର 'ପରଚେ ଗୀତା'ରୁ ପଦଟିଏ କେମିତି କୁଟି ହୋଇଗଲା ମଗଜରେ !

ସ୍ୱଭାବେ ବନ୍ଧ ସେ ଟଳଟଳିଆ ତଳରେ ତା'ର ଫିଟିଲା ଘଳିଆ ।

ଏ ଯେଉଁ ଜଗବନ୍ଧୁ ବୋଲି ଆମେ ଯାହାକୁ କହୁନେ, ତାଙ୍କର ଅସଲ ମଞ୍ଜିଟି ଠଉରେଇବା ତକଲିଫ୍ ବୋଲି ଆମ କଥା,କାହାଣୀ, ଗୀତ, କିଂବଦନ୍ତୀ ,ଲୋକକଥା ସବୁ ଗଳିଆ ବା ଘଳିଆ । ହିଡ଼ ତଳେ ବିଳ । ପାଣି ବୋହି ଚାଲୁଛି ଅନର୍ଗଳ ।



ପ୍ରଥମେ ଆସନ୍ତୁ ଅରୁଣଚକଡ଼ା'କୁ ।ସେଠି ବିନତା ମାତାଙ୍କର ବିଫଳତାର କ୍ରନ୍ଦନ, ବନ୍ଦନ, ଅଭିନନ୍ଦନ, ନନ୍ଦନ ପକ୍ଷୀସ୍ୱରୂପ ତରଣିସୂତ ଅରୁଣ । ସେ ଯେଉଁ ପଦୁଅଁପାଖୁଡ଼ିଆ ଖୁମ୍ଭ ଉପରୁ ସିଧା ଯୋଡ଼ହସ୍ତ ପ୍ରଣତ ହୋଇ ଟର୍ଚ୍ଚ୍ ମାରୁଛନ୍ତି ହେଡ୍‌ଲାଇଟ ଜରିଆରେ,ସେ ଯାଇ ପଡୁଛି ମାହାପ୍ରୁଙ୍କ କଳାବଦନରେ ।ଜଳି ଉଠୁଛନ୍ତି ତପନ ଡାହାଣ ଆଖିରେ, ଜହ୍ନ ବାଁ ଆଖିରେ । ଏଣୁ ସକାଳସୂରୁଯଙ୍କୁ ଆମେ କହିଲେ ବାଳାରୁଣ ।ତାହା କାଳେ ନନ୍ଦବାଳରୂପୀ ଦାରୁଦିଅଁଙ୍କ ପାଇଁ ପ୍ରଥମ ସମର୍ପଣ । ଏ ଅରୁଣ ଖୁମ୍ଭ ମହାଶୟ ଆସିଲେ ଅର୍କକ୍ଷେତ୍ରରୁ କାଳେ ମରହଟ୍ଟା ଅମଳରେ । ମନ୍ଦିର ଭାଜିଲା ବେଳାରେ । ଅରୁଣ ରାଜିଲା ଖଳାରେ । ସେ ପୁଣି ଯୋଡ଼ି ହୋଇଗଲା ନୀତି ସହିତ ନିତିନିତି । କିହୋ ସେଯାଏ ପୁଣି କେମିତି ଚାଲୁଥିଲା ! ହଉ ହେଲା । ଦୁଆରଫିଟା, ଶୋଧ, ମଇଲମ, ତଡ଼ପଲାଗି, ମଙ୍ଗଳ ଆଳତି ସହିତ ଯୋଡ଼ି ହୋଇଗଲା ସୂର୍ଯ୍ୟପୂଜା ଆଉଟିକେ ନିବିଡ଼ ଭାବରେ । ସୌର ହେଲେ ସୌରଭ । ବଢ଼ିଲା ଦେଉଳର ଗୌରବ ।

ଆଗରୁ ତ ଥିଲେ ପୁରୁଷୋତ୍ତମ । ନାମ ପୁରୁଷୋତ୍ତମ । ଧାମ ମଧ୍ୟ ପୁରୁଷୋତ୍ତମ । ପୁରୀ । ବୈଦିକ ରୀତି ଚାଲୁ ତ ଥିଲା । ଆସିଲେ ମହାବୀର ଜୀନନାଥ । ତାଙ୍କ ନାମରେ କାଳେ ନାଁ ବଦଳିଗଲା ଜଗନ୍ନାଥ । ନାଥ ଆସିଗଲା ପରେ ଅର୍ହତ ପହଞ୍ଚି କହିଲେ ସେ ତ ବୁଦ୍ଧ । ତଥାଗତ । ଦ୍ୱାଦଶ ଶତାବ୍ଦୀରେ ଶ୍ରୀଜୟଦେବ ଶ୍ରୀଗୀତଗୋବିନ୍ଦର ଦଶାବତାର ସ୍ତୋତ୍ରରେ ଖଞ୍ଜିଦେଲେ -କେଶବ ଧୃତ -ବୁଦ୍ଧ ଶରୀର । ଜୟ ଜଗଦୀଶ ହରେ ।

ତତ୍ତ୍ୱ ଓ ଜ୍ଞାନର ବୈଦିକ ଧାରା ହେଲା ପରେ ପରେ ସହଜୀୟା । ଜୟଦେବ ଗୋସ୍ୱାମୀ ଖଞ୍ଜିଲେ: ରତି ସୁଖ ସାରେ । ଗତମଭିସାରେ । ମଦନ ମନୋହର ବେଶଂ । ମାକୁରୁ ନିତମ୍ବିନୀ ଗମନ ବିଲମ୍ବନମନୁସରତଂ ହୃଦୟେଶଂ । ଧୀର ସମୀରେ ! ଯମୁନା ତୀରେ । ବସତି ବନେ ବନମାଳୀ । ପୀନ ପୟୋଧର ପରିସର ମର୍ଦ୍ଦନ ଚଞ୍ଚଳ କରଯୁଗଶାଳୀ ।

ଆହା ! ନିମାଇଁ ଗୌରାଙ୍ଗ ଆସିଲେ ଧାଇଁ । ପଛରେ ଅଛନ୍ତି ଗୌଡ଼ୀୟ ଭାଇ । ଏହି ସୂତ୍ରରେ ଛେଚି ଦେଇଗଲେ ଖୋଳ, କରତାଳ- ପ୍ରେମଦାତା ନିତାଇ ବୋଲେ ଗଉର ହରି ହରିବୋଲ ।

ଏଇଠି ବୋଲା ହେଉଥିଲା ତଦବିଷ୍ଣୁ ପରମଂପଦ,ସଦା ପଶ୍ୟନ୍ତି ସୂରୟଃ ! ଏଇଠି ବୋଲାହେଲା ଅଷ୍ଟାଦଶାକ୍ଷରୀ ଗୋପାଳମନ୍ତ୍ର - ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ନମଃ ।

ହାହା । କି ଖେଳ ! ବହୁତ ବଢ଼ିଆ । ଚାଲିଲା ତାଥେଇ ଥେ । ଚଅଁର ହଲୁଚି ଝାଞ୍ଜ ମୃଦଙ୍ଗ ଛେ ଛେ ଛେ ଛେ ।

ଏଇଠି ଦାରୁଦିଅଁଙ୍କ ଆବିର୍ଭାବ ପାଷାଣକଳେବର ପରିବର୍ତ୍ତେ। ଓଡ଼ିଆ ଖୋଜିଲା ତାର ମୂଳସ୍ଥିତି। ଅଧିକାଂଶ ଆଦିବାସୀ। ଶବର ପ୍ରକୃତିପ୍ରିୟ। କେତୁମ ଦେବତା ଗଛଠାକୁର। ଗଛର ଗଣ୍ଡିରେ ଆଖି। ଗୋଲଗୋଲ ଆଖି। ଝରଣାରେ ଏମାନେ ଦେଖିଥିବେ ମାଛକୁ। ବନଚାରୀ ଏମାନେ। କୃଷି, ପଶୁପାଳନ ଓ ମତ୍ସ୍ୟଚାଷ ଏମାନଙ୍କର ଭାତହାଣ୍ଡି। ଏଣୁ ମାଛର ଆଖିକୁ ଦେଖି ଆଙ୍କି ଦେଇଥିବେ ଅଙ୍ଗାରରେ, ଖଡ଼ି ପଥରରେ ଆଖି। ମୀନର ଆଖି। ଏଥିପାଇଁ ଠାକୁରଙ୍କର ଅନ୍ୟନାମ 'ମୀନାକ୍ଷ', ରୋହିମାଛ ପରି ପତାବିହୀନ ଆଖି ବୋଲି 'ରୋହିତାକ୍ଷ'।

ନାଗାମାନେ ଏଠି ଶବରମାନଙ୍କ ସହ ଘୋର ଲଢ଼େଇ କରିଥିବେ। ଶେଷକୁ ରଜା ବା ଦଳପତିଙ୍କ ମଧ୍ୟସ୍ଥତାରେ ଠାକୁରଙ୍କ ଉପର କଳାନାଗ ପରି, ତଳ ଶବରର କାଠଗଡ଼ ପରି ଓ ଶେଷରେ ବଳି ପଡ଼ିଥିବା ଚଉପଟ ସୁଦର୍ଶନ ହୋଇ ଠିଆ ହୋଇ ଯାଇଥିବେ କଡ଼ିକିଆ। ମଜାକଥା ହେଲା ଜାକିରପେନୁ, ମୁରବୀପେନୁ ଓ ତାନାପେନୁର ପଥରକନ୍ଥ ଉପରେ ଆବରଣ ଥିବା ଆଉଖଣ୍ଡେ ପଥରକୁ ଅନୁକରଣ କରି ଏ ଦାରୁର ପରିକନ୍ଥନା ହୋଇଛି ବୋଲି ଆମ ଇତିହାସ ସୂଚେଇ ଦେଲା। ଏଣୁ ପୁରୁଷୋତ୍ତମଙ୍କର ପାଷାଣବିଗ୍ରହ ହୋଇଯାଇଥିବ ଦାରୁଭୂତ ମୁରାରୀ। ଯାହାକୁ ଦେଖି ନବମଶତାବ୍ଦୀର ପରିବ୍ରାଜକ ଆଦିଗୁରୁ ଶଙ୍କର ତଟସ୍ଥ ହୋଇଯାଇଥିବେ। ଏ ନିଶ୍ଚୟ ଆଧୁନିକ ଚିତ୍ରକଳା! ମଡର୍ଣ୍ଣ ଆର୍ଟ। ଅତଏବ ଏଥର ଧାମ ପୁରସ୍ତମ ନହୋଇ କିଛି ଗୋଟେ ହୋଇଯିବା କଥା। କିଛି ଯେତେବେଳେ ମୁଣ୍ଡକୁ ନଢୁକିଲା ସେତେବେଳେ ସକଳ ଜଗତର ନାଥ ହୋଇଗଲେ ଠାକୁରେ।

ପାହାଚ କଥା ଦେଖୁ ନାହାନ୍ତି। ବାହାରର ପାହାଚ। ବହିଃସ୍ଥ ପାବଚ୍ଛ। ତାକୁ ଆମ ବଡ଼ପୁରୁଷ କହିଲେ ବାଇଶିପାହାଚ।

ଯାଃ! ଜଗନ୍ନାଥ ଚକାନୟନ ନୀଳାଚଳବାଲେ। ତୁ ନ ସମାଲେ ତ ହମେ କୌନ ସମାଲେ।

ପୁଣି ଦେଖନ୍ତୁ। ଆହୁରି ଘଳିଆ।

ରୋହିଣୀକୁଣ୍ଡ। ରୋହିଣୀ ଶବ୍ଦ ରୋହଣୀ ବା ଆରୋହଣୀ ଶବ୍ଦରୁ ଆସିଥିବ। ଏଠି ପ୍ରଳୟ ଜଳର ରୋହଣ ବା ଉତ୍ପତ୍ତି ହୁଏ। ଏହା ଆରୋହଣ କରି ଯାଏ ବ୍ରହ୍ମଦାଣ୍ଡ ବ୍ରହ୍ମଲୋକକୁ। ପୁରାଣ କହିଲେ କାଳେ ବ୍ରହ୍ମା ଛାନିଆରେ ତାଙ୍କ ଧଳାହଂସ ଚଢ଼ି ଉପରକୁ ଉଡ଼ିଲେ। ସେପଟେ ଖଞ୍ଜି ଦିଆଗଲା ଅର୍ଦ୍ଧଶୋଷିଣୀ, ଅର୍ଦ୍ଧାଶନୀ ମାଆଙ୍କୁ ଦଇତାପଡ଼ା ସାହିର ଗ୍ରାମଦେବତୀ କରି। ସେ ପୁଣି ହୋଇଗଲେ ଠାକୁରଙ୍କ ମାଉସୀ ମାଆ ସ୍ଥାନୀୟ ଲୋକଙ୍କର ଠାକୁରଦେଖା ଆଳରେ ଫେରିଲା ବେଳକୁ। ବିମଳା ମାଆ କେତେବେଳେ ମାଆ ହୋଇ ବଳଭଦ୍ରଙ୍କ ପତ୍ନୀ ତ କେତେବେଳେ ବିମଳା ଭୈରବୀ ଯତ୍ର, ଜଗନ୍ନାଥସ୍ତୁ ଭୈରବ ହୋଇଗଲେ। ସୁଭଦ୍ରା ମାଆ କେତେବେଳେ ଯୋଗମାୟା, କେତେବେଳେ ଦୁର୍ଗା, କେତେବେଳେ ସ୍ୱୟଂ ମାଆ ଲକ୍ଷ୍ମୀ ତ କେତେବେଳେ ନିଜେ ମାଉସୀ ମାଆ। କି କଥା କହିଲ?

ଶୈବ ଆସିଲେ । ଆସିଲେ ବଳଦେବ। ଶାକ୍ତ ଆସିଲେ। ଆସିଲେ ଦେବୀ ସୁଭଦ୍ରା ଓ ମାଆ ଲକ୍ଷ୍ମୀ। ଗାଣପତ୍ୟ ଆସିଲେ ହେଲା ହାତୀଗାଧୁଆ। ଏମିତି ନାନାଦି ଯୁଗାଡ଼। ତୋଡ଼ ମୋଡ଼। ଶେଷକୁ ହରିବୋଲ। ତୁମେ ଭଲ ତ ଆମେ ଭଲ। କି ସୁନ୍ଦର ଶ୍ଲୋକଟିଏ ଲେଖି ହୋଇଗଲା ଦେଖୁନାହାନ୍ତି:

ଯଦ୍ଦାରୁବ୍ରହ୍ମମୂର୍ତ୍ତି ପ୍ରଣବ ତନୁଧରଂ
ସର୍ବ ବେଦାନ୍ତ ସାରଂ
ଭକ୍ତାନାଂ କଳ୍ପବୃକ୍ଷଂ ଭବଜଳ
ତରଣୀ ସର୍ବତତ୍ତ୍ୱାନତତ୍ତ୍ୱମ୍
ଯୋଗୀନାଂ ହଂସତତ୍ତ୍ୱଂ ହରିହର ନିମିତ୍ତଂ ଶ୍ରୀପତି ବେଷ୍ଣବାନାଂ
ଶୈବାନାଂ ଭୈରବାକ୍ଷଂ ପଶୁପତି ରୀତିଃ ଯା ଶକ୍ତି ତତ୍ତ୍ୱୋ ଚ ଶକ୍ତିଃ
ବୌଦ୍ଧାନାଂ ବୁଦ୍ଧରୂପଂ ଋଷଭ ଯତିବରଂ ଜୈନ ସିଦ୍ଧାନ୍ତ ସାରଂ
ସ ଦେବାନ୍ ପାତୁ ନିତ୍ୟଂ କଳିକୁଳଗୁହରଂ ଶ୍ରୀନୀଳଶୈଳାଧିନାଥଂ।

ପାହାଚ କଥା ଦେଖୁନାହାନ୍ତି। ବାହାରର ପାହାଚ। ବହିଃସ୍ଥ ପାବଚ୍ଛ। ତାକୁ ଆମ ବଡ଼ପୁରୁଷ କହିଲେ ବାଇଶିପାହାଚ। ଏଥର ଭଜୁଥାଅ ଜଗା ନାମ। କିଏ କହିଲା ଜୈନ ତୀର୍ଥଙ୍କର ମୁଖ୍ୟ ବାଇଶି ସନ୍ଥଙ୍କ ନାମାନୁସାରେ ହୋଇଛି। କିଏ କହିଲା ପାଞ୍ଚଜ୍ଞାନେନ୍ଦ୍ରିୟ, ପାଞ୍ଚ କର୍ମେନ୍ଦ୍ରିୟ, ପଞ୍ଚଭୂତ,ପଞ୍ଚବୀଜ ସହ ଜୀବ ଓ ପରମ ମିଶି ବାଇଶି। କିଏ କହିଲା ଦଶାବତାରଙ୍କ ଗୋଡ଼ ସଂଖ୍ୟା ମିଶି ବାଇଶି। ବାଇଶି ପ୍ରକାର ପାପ ଧୋଇଯାଏ ବୋଲି ବାଇଶି। ଆହୁରି ଅଷ୍ଟବୈକୁଣ୍ଠ, ଚଉଦଭୁବନ ମିଶି ବାଇଶି।

କୁହନା କୁହନା। ମୁଣ୍ଡ ଟିଣ। ଆମ ବାଣୀସେବକଙ୍କୁ

ଭାଷିବାକୁ ଭେଳା ମିଳିଗଲା। ସାବାସ।

ଆପଣ ଜାଣିଛନ୍ତି ନା -ମରହଟ୍ଟାମାନେ ଆମ ଜଗା ଭାବନାକୁ ଆଘାତ ଦେବେନି ବୋଲି ଭଲେଇ ହେଲେ, ସେତେବେଳେ ଆମଠାରୁ ଛୟାଳିଶି ହଜାର କରି ବାର୍ଷିକ ଯାତ୍ରୀ କର ଆଦାୟ କରି। ଆସିଲା ଇଷ୍ଟ ଇଣ୍ଡିଆ କମ୍ପାନୀ । ସେ ବି ସେଇଆ କଲା। ଆମରି ଧନ ଆମଠୁ ନେଇ। ଆମ ଆଗରେ ଦାନୀ ବୋଲାଇ ଏମାନେ ଆମକୁ ଭୁଆଁ ବୁଲେଇଲେ। ଆସିଲେ ଖ୍ରୀଷ୍ଟିଆନ ଧର୍ମଯାଜକ ରେଭରେଣ୍ଡ ଗ୍ଲାଡିୟସ ବୁକାନନ ୧୮୦୬ରେ ପୁରୀ।ରଥଯାତର ଏତେ ବଡ଼ ସୁଆଙ୍ଗ ଦେଖି ସେ ତୁ କିନା ମୁଣ୍ଡ ପିଟିଦେଲେ। ଏଠା ଗୋରାଙ୍କୁ ପାନେ ଚଖେଇବାକୁ ଚିଠି ଲେଖିଲେ ତତ୍କାଳୀନ ବଡ଼ଲାଟ ଲର୍ଡ ମିଣ୍ଟୋଙ୍କୁ।

ଶେଷକୁ ଶ୍ରୀମନ୍ଦିରକୁ ଆର୍ଥିକ ଅନୁଦାନ ବନ୍ଦ କରିଦେଲେ କମ୍ପାନୀ ସରକାର। ଭକ୍ତକବି ମଧୁସୂଦନ ରାଓ 'ନୀଳାଚଳ' ନାମରେ ଗୋଟିଏ ଅସମ୍ପୂର୍ଣ୍ଣ କାବ୍ୟ ଲେଖି ଅଧାରୁ ରହିଗଲେ। ତାପରେ ବି ଏ ଜଗାପ୍ରାଣ ଓଡ଼ିଆ ଜଗିଲା ଠାକୁରଙ୍କର ଠିକଣା।

ଜଗତ ଯାଉ ପଛେ ଭାସି। ଜଗନ୍ନାଥ ମୋ ଥା'ନ୍ତୁ ବସି।
ଜାତିର ଗତି ମୁକ୍ତି ଦାତା। ଜଗନ୍ନାଥ ଜାତି ଦେବତା ॥

ଜଗାନ୍ତି ବୋଲି ସିଏ ଜଗା। ଜାଗା ପାଇଁକି ତହିଁ ଆଗା ॥

ଜଡ଼ିତ ନରହନ୍ତି ବୋଲି। ଜଡ଼ ଚେତନ ଛ'ନ୍ତି ମେଲି ॥

ଆମର ପରା ଢଗର ପସରା ମେଲିଛି ଜଗା ପାଇଁ। ଓଡ଼ିଆଙ୍କ ମାଲିକେ ସିଏ। ସେଇଥିପାଇଁ ପୁରୀଟୋକା ଯାହାକୁ ଦେଖନ୍ତି ଚିଲାନ୍ତି: ହୋ ମାଲିକେ। ଆସୁନ। ଜଗା ଅବଢ଼ା ଚାଖୁନ।

ଆମ ଓଡିଆଣୀ ମାଇପେ ଛଳଛଳ ହୋଇ ପଦ ପକାନ୍ତି: ଶିବା ପଥର ଜଗା କାଠ, ଆଉ ସବୁ ଦିଅଁ କାଟ ଛାଣ୍ଡ।

ଏଇକଥା ଭିତରେ ଥିବା ରଞ୍ଜାଟିକୁ ଅନାନ୍ତୁ। ଏଠି ପାଠ ହେଉଛି ହରିହର ଭେଟ। ଦେଖୁନାହାନ୍ତି ଶ୍ରୀ ଲିଙ୍ଗରାଜ ଠାକୁରଙ୍କୁ। ତାଙ୍କ ନାମ ହେଲା ତ୍ରିଭୁବନେଶ୍ୱର। ଏଇଠୁ ନାମ ଆସିଲା ଭୁବନେଶ୍ୱର। ତାଙ୍କ ପାଖରେ ନୈବେଦ୍ୟରେ ପଡ଼େ ବେଲପତ୍ର ଓ ତୁଳସୀ। ଆଗରେ ଅଛନ୍ତି ଉଭୟ ନନ୍ଦୀ ଓ ଗରୁଡ଼। ନେତ ତଳେ ଚକ୍ର ହେଉଛି ଶୂଳାର୍ଦ୍ଧଚକ୍ର। ଅଧା ତ୍ରିଶୂଳ ଅଧାଚକ୍ର। ସେମିତି ଶ୍ରୀ ଜଗନ୍ନାଥଙ୍କ ପୀଠରେ କ୍ଷେତ୍ରପାଳ ହୋଇଗଲେ ଲୋକନାଥ। ପଞ୍ଚପାଣ୍ଡବ ପାଞ୍ଚ ମହାଦେବ। ଖୋଦ ପାଖରେ ଅଛନ୍ତି କାମପାଳ, ହଳାୟୁଧ, ରେବତୀରମଣ ସାକ୍ଷାତ ଆଦିଶେଷ ମହାଦେବ ବଳଭଦ୍ର। ଦି'ଜଣ କାଳେ ଛଡ଼ାଛଡ଼ି ହୋଇଥିବେ, ମଝିରେ ଗୋଟିଏ ଫେଭିକଲ୍ କା ଯୋଡ୍, ସଂଯୋଜିକା, ମଧ୍ୟେ ଦେବୀ ପରାପୂରା ଭଗବତୀ ମାଆ ପ୍ରକୃତିରୂପିଣୀ ଅଛନ୍ତି। ସେଇକଥାକୁ ଆମ ବିଦ୍ୱାନଗଣ କହିଲେ ସେ ହେଉଛନ୍ତି ଯୋଗମାୟା, ନିଦ୍ରାଦେବୀ। ମାୟାପଟଳ ଟଳଟଳ।

ବିଜ୍ଞଜନ ପ୍ରମାଣ ଥାପିଲେ: ଯୋଗମାୟା ମାଆ ସୁଭଦ୍ରା କାଳରାତ୍ରି। ଘୋରକୃଷ୍ଣକାନ୍ତା। ଆପଣମାନେ ସିନା ମାୟା ହେତୁ କଳାକୁ ହଳଦିଆ କହୁଛନ୍ତି, ନହେଲେ ତାଙ୍କର ଗୁଣ କୃଷ୍ଣବର୍ଣ୍ଣା। ନୀଳ ବର୍ଣ୍ଣ ଉପରେ କଳାରଙ୍ଗ ପଡ଼ିଲେ କେମିତି ଦିଶିବ କହୁନାହାନ୍ତି।

ସେ ଗହନକଥା ହେଲା। ଘୋରକଳି ! ଘୋରକଳି ! ନୀଳ ଉପରେ ମାଡ଼ିଯାଇଛି ଘନତମିସ୍ରାର ମାୟା। ଏଣୁ ତାଙ୍କର ମୁହଁ କଳା। ସେପଟେ କଳାନାଗ ଫଣା ପରି ତାଙ୍କ ମୁହଁ ବୋଲି ନାଗାମାନଙ୍କର ସେ ଦେବତା। ଏପଟେ ଭକ୍ତାନାଂ କଳ୍ପବୃକ୍ଷ ହୋଇ ତତ୍ତ୍ୱରେ ତାଙ୍କୁ ବୈଷ୍ଣବଗଣ ମାୟାବୃତ କରି କାଳିଆ କରିଦେଲେ। କି ଗହନପାଠ ଉତୁରିଲା ଦେଖନ୍ତୁ !

କବିସମ୍ରାଟ ଉପେନ୍ଦ୍ର 'ସୁଭଦ୍ରା ପରିଣୟ' ଗ୍ରନ୍ଥ ଆରମ୍ଭ କରୁକରୁ କି ମାଠିମୁଠି ଦେଇଛନ୍ତି ଏ କ୍ଷେତ୍ରକୁ ଦେଖନ୍ତୁ ତ !

ଏ କାଠପାଠ ବଡ଼ ଭଜକଟ।

କବିସମ୍ରାଟ ଉପେନ୍ଦ୍ର ସୁଭଦ୍ରା ପରିଣୟ ଗ୍ରନ୍ଥ ଆରମ୍ଭ କରୁକରୁ କି ମାଠିମୁଠି ଦେଇଛନ୍ତି ଏ କ୍ଷେତ୍ରକୁ ଦେଖନ୍ତୁ ତ।

ସିନ୍ଧୁତଟେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରାଜ
ସାଧୁଜନେ ଅଛି ତହିଁ ଅନେକ ଆଶ୍ଚର୍ଯ୍ୟ ଯେ।
ସେ ଭୂମି ପ୍ରବେଶେ ବ୍ରହ୍ମହତ୍ୟା ପାପ ହରେ
ସାକ୍ଷାତ ହୋଇଛି ଏ କପାଳମୋଚନରେ ॥

ଏ କପାଳମୋଚନ ପ୍ରସଙ୍ଗଟି ବି ବଡ଼ କଉତୁକିଆ। ଆପଣଙ୍କର ଜାଗା କୁଳଉନି। ପଛରେ ବାଡ଼ିବା। ରହି ଯାଆନ୍ତୁ।

ଜଗା ପାଇଁ ଓ ନିଜର ଜାଗା ପାଇଁ କେତେ କଦର୍ଥନ ନ ଭୋଗିଛି ଏ ଓଡ଼ିଆ ଜାତି। କେତେ ଘଳିଆକୁ ସହିଛି। ପ୍ଲାବନ ଭୋଗିଛି। ତଥାପି କାଳିଆ ତା'ର ଅମୂଲ୍ୟ ସମ୍ପତ୍ତି। ଆହୁରି ଅନେକ କଥା ଅଛି। କୃପା ଥିଲେ ପଛକୁ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
gacharyalulu@gmail.com

କବିତା

ବ୍ରହ୍ମଦାରୁଂ ସ୍ମରାମି

କୁଳମଣି ଓଝା





ବିନ୍ଦୁ ବିନ୍ଦୁ, ଅର୍ବୁଦ ବିନ୍ଦୁରେ ଫୁଟି ଦିଶେ
ମାଟି ଓ ଆକାଶ; ଜଳ ଅବା ଅନଳ, ଅନିଳ
ଅପ୍ରମେୟ ଆର୍ତ୍ତି; ଆଶାନ୍ୱିତ ଦିବ୍ୟତାର ଆଖି
ଜଳ-ସ୍ଥଳ-ଅନ୍ତରୀକ୍ଷେ, ତଳାତଳ ପାତାଳରେ
ଅପଲକେ ଦୃଶ୍ୟମାନ୍ ବିଶ୍ୱାସର ସୃଜ୍ୟମାନ୍ ରୂପ
ସୂକ୍ଷ୍ମାତୀତ ଛବି, ଛବି ଖାଲି ଛବି ନୁହେଁ;
କଳ୍ପ-କଳ୍ପ-ମନ୍ୱନ୍ତର ଅନନ୍ତ ଅକ୍ଷରରେ ଅଙ୍କା
ଅବିକଳ୍ପ ଆଖି, ଅନ୍ତହୀନ ଅପଲକ ଦୃଷ୍ଟି-ଅବୟବ
ଏକଇ ବିନ୍ଦୁରୁ ଉତ୍ସାରିତ କୋଟିଏ ନୟନ
ଅର୍ବୁଦ-ଅର୍ବୁଦ, ନିଖର୍ବ-ନିଖର୍ବ ଅଗଣନ ନେତ୍ର
ପରିପୂର୍ଣ୍ଣ ପଟଳରେ ଭାସମାନ୍ ବିନ୍ଦୁ ଆଉ ବ୍ରହ୍ମ
କି ଅପୂର୍ବ ଦୈବତ ସେ ଲୀଳା ମାନବୀୟ
ସେ ନେତ୍ରରେ ଜୀବ-ପରମଙ୍କ ରୂପାତୀତ ରୂପ
ଅହୋରାତ୍ର ଉଚ୍ଚାରିତ କୋଟିକଳ୍ପ ଅଣିମା-ଅନନ୍ତ ।

ଏକଇ ଆଖିରେ ସୃଷ୍ଟି-ସ୍ଥିତି-ପ୍ରଳୟର ପ୍ରମୂର୍ତ୍ତ ପ୍ରଲେପ
ଭକ୍ତି ଆଉ ବିଶ୍ୱାସର କରୁଣାର୍ଦ୍ର ଲୁହ, ଛଳଛଳ ପ୍ରେମ
ଆଦ୍ୟ ଆଷାଢ଼ର ମେଘଝରା ଆଞ୍ଜୁଳାଏ ଶୀତଳ ପରଶ
ଶ୍ୟାମ-ସ୍ନିଗ୍ଧ-ଶାନ୍ତ-ସମାହିତ, ବିଶ୍ୱାସର ସୁବିଶାଳ ନେତ୍ର
ଝରୁଥାଏ ଅବିରତ ପ୍ରେମ ଆଉ କରୁଣାର
କମନୀୟ-କଲ୍ଲୋଳିତ ଦିବ୍ୟ ଦିବ୍ୟ ମଧୁସ୍ରାବୀ ସ୍ରୋତ ।

ମହାନେତ୍ର କୋଟିସୂର୍ଯ୍ୟ କାନ୍ତି, କୋଟିଏ ଅନଙ୍ଗ
ନିବର୍ତ୍ତିବେ ଅନିମେଷେ ସେ ଆଖିର ଅପାଙ୍ଗ-ଆଲୋକେ
ସ୍ୱୟଂ ସେ ତ ଯୋଗମାୟା ଦାରୁମୟ ବ୍ରହ୍ମ
ପରା ଆଉ ଅପରା ପ୍ରକୃତି, ଅକଳ୍ପିତ ମୂର୍ତ୍ତିମନ୍ତ ରୂପ
କିଏ ବା ବର୍ଣ୍ଣିବ ସେଇ ଚକା ଚକା ଆଖିର ମାହାତ୍ମ୍ୟ !
ସକଳ ଘଟରେ ଉଭା ରୂପାତୀତ ସତ୍ତା ଅନୁପମ
ସର୍ବଘଟେ ସମ ସରି, ସର୍ବଦେବ ସ୍ୱୟଂ ଜଗନ୍ନାଥ ।

କି ଆକାର ଦେବ ଶିଳ୍ପୀ ? ଅରୂପ ସେ ସର୍ବରୂପ
ଦିଗ୍-ବିଦିଗ ପରିବ୍ୟାପ୍ତ; ଏକଇ ଆଖିରେ ପୁଣି
'ଅ + ଉ + ମ = ଓଁକାର'ର କୋଣାର୍କୀୟ ଲାସ୍ୟ
କିଏ ବା କଳିବ ସେଇ ବିଶ୍ୱଚକ୍ଷୁ, ବିଶ୍ୱାସର ନେତ୍ର
କଟାକ୍ଷ ପାତକେ ନାଶ ଜୀବାତ୍ମାର କୋଟିଜନ୍ମ ପାପ ।
ଲୀଳାମୟ ଲୀଳାର ଦେବତା, ବ୍ରହ୍ମାଣ୍ଡ ଠାକୁର...
ବିରାଜିବେ ବଡ଼ଦାଣ୍ଡେ ବରଷକେ ଚତୁର୍ଦ୍ଧା ମୂରତି
ଆର୍ତ୍ତି ଆଉ ଅର୍ଥୀଜନେ ଯେତେ ଯେତେ ଅନ୍ତର୍ଦାହ,
ଅଚଳ ପ୍ରମାଣେ ଉଭା ଯାତନା ଓ ଯନ୍ତ୍ରଣାର ସ୍ତୂପ
ପୋଛିଦେବେ ଦୁଃଖାର୍ଦ୍ର ନେତ୍ରରୁ କେଇ ଧାର ଲୁହ
ଯେତେ ଯେତେ ଲେଉଟି ଚାହିଁଲେ ନ ଫେରିବ ନେତ୍ର
ଏକଇ ନେତ୍ରରେ ଦିଶେ କୋଟିକଳ୍ପ ଚରାଚର ବିଶ୍ୱ
ନିମିଷକେ ଭିନ୍ନ ରୂପ, ଭିନ୍ନ ଦୃଷ୍ଟି କ୍ଷଣେ କ୍ଷଣେ ଆନ
ଆଷାଢ଼ ଶୁକ୍ଳ ଦ୍ୱିତୀୟା ଘୋଷଯାତ୍ରା ଅମୃତ ଅୟନେ
ହେ ଆରାଧ୍ୟ ବିଶ୍ୱନେତ୍ର, ବିଶ୍ୱରୂପ, ବିଶ୍ୱାତ୍ମା-ପୁରୁଷ !
ଥରେ ମାତ୍ର ପହଁରେଇ ନିଅ ଦିବ୍ୟଦୃଷ୍ଟି ତୁମ
ନିସ୍ତରିବେ ଅବହେଳେ ଦେବ, ଯକ୍ଷ, ଗନ୍ଧର୍ବ, କିନ୍ନର
ନର ଓ ଦାନବ, ପଶୁ-ପକ୍ଷୀ-କୀଟ-ସରୀସୃପ
ଗଛଲତା-ତରୁତୃଣ-ପଞ୍ଚଭୂତ, ପ୍ରପଞ୍ଚ ଏ ପୃଥ୍ୱୀ
ତୁମେଇ ତ ଈପ୍ସିତ ଆରାଧ୍ୟ, ଭାଗବତ ପୋଥି ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
ojhakulamani1966@gmail.com



ପ୍ରବନ୍ଧ

ଜି.ପି.ଆର ସର୍ବେକ୍ଷଣ ଓ ଶ୍ରୀଜଗନ୍ନାଥ ମନ୍ଦିର

ପୂର୍ଣ୍ଣଚନ୍ଦ୍ର ମିଶ୍ର

ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ହେଉଛି ଏକ ପ୍ରାଚୀନ ତଥା ବିସ୍ମୟକର ବିଚିତ୍ର ବୈଭବମଣ୍ଡିତ କାଳଜୟୀ କୀର୍ତ୍ତି। ଏହାର ଉଭା ଯେତିକି ପୋତା ମଧ୍ୟ ସେତିକି। ଏହା ଏକ ଅମ୍ଲାନ କୀର୍ତ୍ତି ହୋଇଥିବାରୁ ଯୁଗେଯୁଗେ ସାଧୁ, ସନ୍ଥ, ଧର୍ମପ୍ରଚାରକ, ଦର୍ଶକ, ପର୍ଯ୍ୟଟକ, ଐତିହାସିକ, ଦାର୍ଶନିକ ତଥା ଗବେଷକମାନଙ୍କୁ ଆକର୍ଷିତ କରିପାରିଛି। ବିଭିନ୍ନ ଧର୍ମଶାସ୍ତ୍ର ଏହାର ମହିମାଗାନରେ ସହସ୍ରଜିହ୍ୱ ହୋଇଥିବା ସମୟରେ ପ୍ରତିମା ବିଧ୍ୱଂସକାରୀ ମୋଗଲମାନଙ୍କ ଆକ୍ରମଣ ସହ ଲୁଣ୍ଠନ ଏବଂ ବିଭିନ୍ନ ଧର୍ମପ୍ରଚାରକ ବିଶେଷ କରି ମିଶନାରୀମାନେ ଏହାର କୁତ୍ସାରଟନାରେ ପଶ୍ଚାତ୍‌ପଦ ହୋଇନାହାନ୍ତି। ତଥାପି ଏହି ଅବିସ୍ମରଣୀୟ କୀର୍ତ୍ତି ସଗର୍ବରେ ତା'ର ଶିଖରଦେଶରେ ପତିତପାବନ ବାନା ଉଡ଼ାଇ ମଥାଟେକି ରହିପାରିଛି, ଏହାହିଁ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥ ଚେତନାର ରହସ୍ୟମୟ ତଥା ବିସ୍ମୟପ୍ରଦ ମହିମା।



ପ୍ରାଚୀନ କାରୁକାର୍ଯ୍ୟ ବିମଣ୍ଡିତ ଏହି ମନ୍ଦିର ନିର୍ମାଣର ପ୍ରାୟ ୩୦୦ବର୍ଷ ମଧ୍ୟରେ ଏହାର ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ପ୍ରାଚୀନ ଗ୍ରନ୍ଥ, ଦଲିଲ ଦସ୍ତାବିଜ ପ୍ରଭୃତି ନୀରବତା ଅବଲମ୍ବନ କରିଥିବାବେଳେ ପରବର୍ତ୍ତୀ ସମୟରେ ଅର୍ଥାତ୍ ସପ୍ତଦଶ ଶତାବ୍ଦୀଠାରୁ ଶ୍ରୀମନ୍ଦିରର ସୁରକ୍ଷା ତଥା ସଂରକ୍ଷଣ ନିମିତ୍ତ ବାରମ୍ବାର ପ୍ରୟାସ କରାଯାଇଥିବାର ସୂଚନା ମାଦଳାପାଞ୍ଜି, ଉତ୍କଳଦେଶ ରାଜବଂଶାବଳୀ, କଟକ ରାଜବଂଶାବଳୀ, ବିଭିନ୍ନ ପତ୍ରପତ୍ରିକା ତଥା ସରକାରୀ ନଥିପତ୍ରାଦିରୁ ଉପଲବ୍ଧ ହୋଇଥାଏ। ଅତୀତରେ ଏହି ସଂରକ୍ଷଣ କାର୍ଯ୍ୟରେ ରାଜପରିବାର, ବଦାନ୍ୟ ବ୍ୟକ୍ତିମାନେ ସହଯୋଗର ହାତ ବଢ଼ାଇଥିବାର ସୂଚନା ମିଳୁଥିବା ସମୟରେ ୧୯୭୩ ମସିହାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଶ୍ରୀମନ୍ଦିରର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ୧୯୭୫ ମସିହାରେ ଏହାର ଦାୟିତ୍ୱ ଗ୍ରହଣ କରିବା ସହିତ ଏହାକୁ ଏକ 'ସଂରକ୍ଷିତ ସ୍ମାରକୀ' (ପ୍ରୋଟେକ୍‌ଟେଡ୍ ମନୁମେଣ୍ଟ) ଭାବରେ ଘୋଷଣା କରାଯାଇଥିଲା। ଫଳରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରକୁ ସୁନ୍ଦର କରିବା ସହ ଏହି ପୁରାତନ ଐତିହ୍ୟକୁ ସୁରକ୍ଷା ପ୍ରଦାନ କରିବା, ଭକ୍ତମାନଙ୍କ ଯାତାୟାତକୁ ସହଜ ତଥା ସୁଗମ କରିବା ଓ ପର୍ଯ୍ୟଟନକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ୨୦୧୬ ମସିହାରେ 'ପୁରୀ ହେରିଟେଜ କରିଡ଼ର'ର ପରିକଳ୍ପନା କରାଯିବା ସହିତ ୨୦୧୯ ମସିହାରୁ ଏହା କାର୍ଯ୍ୟକାରୀ ହୋଇଥିଲା। ଏଥି ନିମିତ୍ତ ଶ୍ରୀମନ୍ଦିରର ଚତୁର୍ପାର୍ଶ୍ୱରେ ଅନ୍ୟୂନ ୭୫ ମିଟର ମଧ୍ୟରେ ଥିବା ମଠ, ମନ୍ଦିର ଓ ବାସଗୃହାଦିକୁ କ୍ଷତିପୂରଣ ଦିଆଯାଇ ଉଚ୍ଛେଦ କରାଯିବା ସହ ପ୍ରକଳ୍ପଟିର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରାଯାଇଥିଲା।

ଶ୍ରୀମନ୍ଦିରର ଭୂଗର୍ଭ

ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ସମୟରେ ପୂର୍ବରୁ ଏହି ସ୍ଥାନର ଭୂଗର୍ଭରେ କ'ଣ ଥିଲା ତାହା ଅନୁଧାନ କରିବା ନିମିତ୍ତ ଆଧୁନିକ ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ଓ ସହଯୋଗ ମଧ୍ୟ ନିଆଯାଇଥିଲା। ଶ୍ରୀମନ୍ଦିର ଏକ ପ୍ରାଚୀନ ତଥା ପ୍ରତ୍ନତାତ୍ତ୍ୱିକ ମନ୍ଦିର ହୋଇଥିବାରୁ ଏଠାରେ କୌଣସି ଖନନ କାର୍ଯ୍ୟ କରା ନ ଯାଇ ଉକ୍ତ ଅନୁଧାନ କାର୍ଯ୍ୟର ସର୍ବେକ୍ଷଣ କରିବା ନିମନ୍ତେ ଗୁଜରାଟର ଗାନ୍ଧୀନଗରସ୍ଥିତ 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି'କୁ ରାଜ୍ୟ ସରକାରଙ୍କ 'ଓଡ଼ିଶା ବ୍ରିଜ୍ ଆଣ୍ଡ

କନ୍‌ଷ୍ଟ୍ରକସନ୍ କର୍ପୋରେସନ୍ ଲିମିଟେଡ୍' ମାଧ୍ୟମରେ ଅନୁରୋଧ କରାଯିବା ସହିତ ଦାୟିତ୍ୱ ଦିଆଯାଇଥିଲା। ଏହି ଅନୁଷ୍ଠାନ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା 'ମେଘନାଦ ପ୍ରାଚୀର'ର ବାହାରେ ପ୍ରାୟ ୬୦,୦୦୦ ବର୍ଗମିଟର ସ୍ଥାନର ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ପ୍ରତ୍ନତାତ୍ତ୍ୱିକ ଭିତ୍ତିର ଅନୁଶୀଳନ ନିମନ୍ତେ 'ଜିଏସ୍‌ଏସ୍‌ଆଇ ଏସ୍‌ଆଇଆର୍-୪୦୦୦' ସହ '୨୦୦ ଏମ୍‌ଏଚ୍‌ଜେଡ୍ ସେଣ୍ଟର ଫ୍ରିକୁଏନ୍ସି ଆଣ୍ଟିନା' ପ୍ରଭୃତି ଯେଉଁ କେତେକ ଅତ୍ୟାଧୁନିକ ଯନ୍ତ୍ରପାତିର ସାହାଯ୍ୟ ନେଇଥିଲେ, ତନ୍ମଧ୍ୟରେ 'ଜିପିଆର୍' ବା 'ଗ୍ରାଉଣ୍ଡ ପେନିଟ୍ରେଟିଙ୍ଗ ରାଡ଼ାର' ବା 'ରେଡ଼ିଓ ତରଙ୍ଗ ଦ୍ୱାରା ଚିତ୍ରଣ ଓ ଦୂରତା ମାପକ ଯନ୍ତ୍ର' ହେଉଛି ଅନ୍ୟତମ।

ଏହି ଯନ୍ତ୍ରଦ୍ୱାରା ଭୂମି ଭେଦନକାରୀ ରେଡ଼ିଓ ତରଙ୍ଗକୁ ପଠାଯାଇ ତାହା ମାଧ୍ୟମରେ ବସ୍ତୁର ଚିତ୍ରଣ, ଅବସ୍ଥିତି ଓ ଦୂରତାଦିର ସୂଚନା ସଂଗ୍ରହ କରାଯାଇଥାଏ। ଏହା ହେଉଛି ଭୂଗର୍ଭ ଅନୁସନ୍ଧାନ ନିମିତ୍ତ ବ୍ୟବହୃତ ଏକ ଅବିନାଶକ (ନନ୍ ଡେଷ୍ଟ୍ରକଟିଭ୍) ଭୂ ଭୌତିକ ପ୍ରଣାଳୀ ମଧ୍ୟରୁ ଅନ୍ୟତମ। ଏହା ବିଦ୍ୟୁତଚୁମ୍ବକୀୟ (ଇଲେକ୍ଟ୍ରୋମ୍ୟାଗ୍‌ନେଟିକ୍) ପ୍ରଯୁକ୍ତି ଉପରେ ଆଧାରିତ ଏକ ଉଚ୍ଚ ବିବରଣୀଯୁକ୍ତ ଭୂଗର୍ଭର ରେଖଚିତ୍ର (ପ୍ରୋଫାଇଲ୍) ପ୍ରଦାନ କରିଥାଏ। ଅର୍ଥାତ୍ ଏହା ଭୂଗର୍ଭସ୍ଥ ଗୁପ୍ତବସ୍ତୁର ଅବସ୍ଥିତି ବା ଗଠନାଦି ଚିତ୍ରଣ କରିବାରେ ବ୍ୟବହୃତ ହୋଇଥାଏ। ଏହାକୁ ମାଟି, ପାଣି, ବରଫ ଓ କଂକ୍ରିଟ ପରି ବିଭିନ୍ନ ମାଧ୍ୟମରେ ଥିବା ଧାତୁମୟ ଓ ଧାତୁବିହୀନ ବସ୍ତୁକୁ ଚିତ୍ରଣ କରିବା ନିମିତ୍ତ ମଧ୍ୟ ବ୍ୟବହାର କରାଯାଇଥାଏ। ଏହାର ଉଚ୍ଚ ତରଙ୍ଗ ବିଶିଷ୍ଟ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗକୁ ବ୍ୟବହାର କରେ ଏବଂ ବିଦ୍ୟୁତ ଚୁମ୍ବକୀୟ ବର୍ଣ୍ଣାଳୀର ଏକ ନିର୍ଦ୍ଦିଷ୍ଟ ଅଂଶକୁ ଆବର୍ତ୍ତକରେ। ଏହା ପ୍ରାୟ ଭୂପତ୍ତନର ସର୍ବନିମ୍ନ ୧ ସେଣ୍ଟିମିଟରରୁ ଆରମ୍ଭକରି ପ୍ରାୟ ପ୍ରାୟ ୧୫-୨୦ ମିଟର ପର୍ଯ୍ୟନ୍ତ ଅନୁଧ୍ୟାନ କରିଥାଏ।

ରାଡାର ଯନ୍ତ୍ର ଦ୍ୱାରା ଭୂମି ଭେଦନକାରୀ ରେଡ଼ିଓ ତରଙ୍ଗ ପଠାଯାଇ ଭୂଗର୍ଭସ୍ଥ ବସ୍ତୁର ଚିତ୍ରଣ, ଅବସ୍ଥିତି ଓ ଦୂରତାଦିର ଆକଳନ କରାଯାଇଥାଏ।

ଭୂଗର୍ଭର ଅନୁସନ୍ଧାନ

ଉକ୍ତ କାର୍ଯ୍ୟ ଉଦ୍ଦେଶ୍ୟରେ ସେମାନେ ମନ୍ଦିର ଚାରିପାଖର ପ୍ରାୟ ୭୫ ମିଟର ବ୍ୟାସ ବିଶିଷ୍ଟ ଅଞ୍ଚଳ ମଧ୍ୟରୁ ୯ ଗୋଟି ସ୍ଥାନକୁ ଅନୁସନ୍ଧାନ ପାଇଁ ନିଷ୍ପତ୍ତି ନେବା ସହ ତାହାକୁ ଇଂରାଜୀ ଲିପି ଏ, ବି, ସି, ଡି, ଇ,ଏଫ୍, ଜି, ଏଚ୍ ଓ ଆଇ ନାମରେ ନାମିତ କରିଥିଲେ। ଏଥିପାଇଁ ସେମାନେ ଉକ୍ତ ସ୍ଥାନର ଭୂପତନଠାରୁ ପ୍ରାୟ ୫ ମିଟର ପର୍ଯ୍ୟନ୍ତ ଗଭୀରତା ମଧ୍ୟରେ ମାଟି ତଳେ ଚାପିହୋଇ ରହିଥିବା ପୁରାତତ୍ତ୍ୱୀୟ ଉପାଦାନର ସୂଚନାକୁ ରେଖାଚିତ୍ର ମାଧ୍ୟମରେ ଅନୁଧ୍ୟାନ ନିମିତ୍ତ ସଂଗ୍ରହ କରିଥିଲେ।

ପ୍ରଥମେ ମନ୍ଦିରର ଦକ୍ଷିଣପଶ୍ଚିମ କୋଣରେ ଥିବା ପଞ୍ଜାବୀ ମଠ, କପାଳମୋଚନ ଶିବ ମନ୍ଦିର, ଲୋକନାଥ ମନ୍ଦିର ରାସ୍ତାର କିଛି ଅଂଶ ଓ ମଥୁରା ରୋଡ ଭୂପତନର ୧.୧ ମିଟରରୁ ୧.୪ ମିଟର ଗଭୀରତା ପର୍ଯ୍ୟନ୍ତ ଅଞ୍ଚଳର ଅନୁଧ୍ୟାନକରି ତନ୍ମଧ୍ୟରେ ଗୋଟିଏ ବୃହତ୍ ନିର୍ମାଣର ଅଂଶ ଓ ଗୋଟଏ କାନ୍ଥର ଅବଶେଷ ଥିବାର ସମ୍ଭାବନା କହି ଏହାକୁ 'ଏରିଆ ଏ' ଭାବରେ ସୂଚିତ କରିଛନ୍ତି।


ସେହିପରି ଶ୍ରୀମନ୍ଦିରର ଦକ୍ଷିଣପଶ୍ଚିମ ଦ୍ୱାର, ପଞ୍ଜାବୀ ମଠ, କପାଳମୋଚନ ଶିବ ମନ୍ଦିର, ଲୋକନାଥ ମନ୍ଦିର ରାସ୍ତାର କିଛି ଅଂଶ ଓ ମଥୁରା ମାର୍ଗ ଅଞ୍ଚଳସ୍ଥ ଭୂପତ୍ତନର ୧.୧ ମିଟରରୁ ୨.୫ ମିଟର ଗଭୀରତା ମଧ୍ୟରୁ ପ୍ରାପ୍ତ ୩୦ ଗୋଟି ପୁରାତତ୍ତ୍ୱୀୟ ଉପାଦାନରୁ ୨୯ଟି ହେଉଛି ଫିଚର, ଯାହା ମଣିଷ ହସ୍ତକଳାର ଚିହ୍ନ ଅଥବା ନିର୍ମାଣର ଅଂଶ ଭାବରେ ଅନୁମିତ। ଏହା କାଳର କରାଳ ସ୍ପର୍ଶରେ କିମ୍ବା ପାରିବେଶିକ ପରିବର୍ତ୍ତନରେ ବା ତିଆରି ସମୟର ଅର୍ଦ୍ଧନିର୍ମିତ ହେତୁ ନଷ୍ଟପ୍ରାୟ ହୋଇଥିବାର ଅନୁମାନ କରିବା ସହ ଏହାକୁ 'ଏରିଆ ବି' ଭାବରେ ସୂଚିତ କରିଛନ୍ତି।

'ଏରିଆ ସି' ଭାବରେ ସୂଚିତ ସ୍ଥାନ ମଧ୍ୟରେ ମନ୍ଦିରର ଉତ୍ତରପଶ୍ଚିମ କୋଣର ଖୋଲା ପଡ଼ିଆ, ମଥୁରା ରାସ୍ତାର ଅଂଶ, ନିକଟସ୍ଥ ଅଧିକାଂଶ ଗଳି ଓ ଭଗବତୀ ମନ୍ଦିର ପ୍ରଭୃତିକୁ ଗ୍ରହଣ କରାଯାଇ ତାହାର ଭୂପତନର ୦.୭ମିଟରରୁ ୧.୯ ମିଟର ଗଭୀରତା ମଧ୍ୟରୁ ୪ଟି ପୁରାତାତ୍ତ୍ୱିକ ମଣିଷ ହସ୍ତ ନିର୍ମିତ ଉପାଦାନର ସନ୍ଧାନ ମିଳିଥିବାର ସୂଚନା ରହିଛି। ତନ୍ମଧ୍ୟରୁ ସ୍ୱଳ୍ପ ଗଭୀରତା ୦.୭ ମିଟରରୁ ୧.୯ ମିଟର ପର୍ଯ୍ୟନ୍ତ ଓ ମଥୁରା ରାସ୍ତାର ୧.୧ ମିଟରରୁ ୨.୦ ମିଟର ମଧ୍ୟରେ ମାଟିତଳେ

ଦୁଇଟି ଲେଖାଏଁ ଫିଚର ଚାପିହୋଇ ରହିଥିବା ଜଣାଯାଏ।

'ଏରିଆ ଡି' ଭାବରେ ସୂଚିତ ସ୍ଥାନ ମଧ୍ୟରେ ମନ୍ଦିରର ଉତ୍ତରଦ୍ୱାର ସମ୍ମୁଖସ୍ଥ ଖୋଲା ପଡ଼ିଆ, ପାଣିଟାଙ୍କି ଅଞ୍ଚଳ, ତ୍ରିମାଳୀ ମଠ ପାଖ ଓ ମଙ୍ଗଳାହାଟ ରାସ୍ତାର ଅଂଶ ବିଶେଷକୁ ପରୀକ୍ଷା କରି ତନ୍ମଧ୍ୟରେ ୨୦ଟି ପ୍ରତ୍ନତାତ୍ତ୍ୱିକ ଉପାଦାନ ଥିବା ବିଷୟରେ ସୂଚନା ଦିଆଯାଇଛି। ଏହା ଭିତରୁ ସ୍ୱଳ୍ପ ଗଭୀରତା (୦.୬ମି.ରୁ ୧.୦ମି) ମଧ୍ୟରେ ଅବ୍ୟବସ୍ଥିତ ପାଞ୍ଚଗୋଟି ପୁରାତାତ୍ତ୍ୱିକ ବସ୍ତୁ, ୧.୧ମିଟରରୁ ୧.୭ ମିଟର ଗଭୀରତାରେ ୬ ଗୋଟି, ୨.୩ମି.ରୁ ୪.୫ମି. ଗଭୀରତା ମଧ୍ୟରୁ ୯ ଗୋଟି ପ୍ରତ୍ନତାତ୍ତ୍ୱିକ ଉପାଦାନର ସମ୍ଭାବନା ରହିଛି। ଏହି ଉପାଦାନଗୁଡ଼ିକ ଇତସ୍ତତଃ ତଥା ବିକ୍ଷିପ୍ତ ଭାବରେ ରହିଥିବାର ଜଣାଯାଏ। ଏତଦ୍‌ବ୍ୟତୀତ ଉକ୍ତ ସ୍ଥାନର ଭୂପତନର ୦.୭ମି.ରୁ ୨.୨ମି. ଗଭୀରତା ମଧ୍ୟରେ ୮ ଗୋଟି ପୁରାତତ୍ତ୍ୱୀୟ ବସ୍ତୁ ଥିବା କଥା ମଧ୍ୟ ସୂଚିତ ହୋଇଛି।

ସେହିପରି 'ଏରିଆ ଇ' ଭାବରେ ସୂଚିତ ସ୍ଥାନ ମଧ୍ୟରେ ମନ୍ଦିରର ଉତ୍ତର ପଶ୍ଚିମ କୋଣସ୍ଥ ଖୋଲା ପଡ଼ିଆ, ମଙ୍ଗଳାହାଟ ରାସ୍ତାର କିଛି ଅଂଶ, ଉତ୍ତରପାର୍ଶ୍ୱ ମଠକୁ ନିଆଯାଇ ତନ୍ମଧ୍ୟରୁ ୨୨ଟି ପୁରାତାତ୍ତ୍ୱିକ ଉପାଦାନ ୦.୮ମି.ରୁ ୪.୨ମି. ଗଭୀରତାରେ ଉପଲବ୍ଧ ଥିବାର ସୂଚନା ଦିଆଯାଇଛି। ଏହା ଭିତରୁ ଦୁଇଟି ଖୋଲା ପଡ଼ିଆର ସ୍ୱଳ୍ପ ଗଭୀରତା (୦.୮ମି.)ରୁ ୧୦ଟି, ୧.୧ମି.ରୁ ୨.୩ମି. ଗଭୀରତାରୁ ୧୦ଟି, ୨.୧ମି.ରୁ




ଗ୍ରାଉଣ୍ଡ୍ ପେନିଟ୍ରେନିଙ୍ଗ୍ ରାଡାର୍ (ଜି.ପି.ଆର୍) ଦ୍ୱାରା ଶ୍ରୀମନ୍ଦିର ଅଞ୍ଚଳର ସର୍ବେକ୍ଷଣ

୫.୦ମି.ରେ ଅବ୍ୟବସ୍ଥିତ ଭାବରେ ଥିବାର ଜଣାଯାଏ। ଏହା ମଧ୍ୟରେ ୩.୩ମି.ରେ ୨.୩ମି.ର ମଣ୍ଡପ ସଦୃଶ ପ୍ରାଚୀନ ପିଣ୍ଡିଟିଏ ରହିଛି, ଯାହା ଦୁଇଦିଗକୁ ଅପ୍ରଶସ୍ତ ସମ୍ପ୍ରସାରିତ (ନ୍ୟାରୋ ଏକ୍ସଟେନସନ୍) ଥିବାର ପରିଲକ୍ଷିତ ହେଉଛି। ଏତଦ୍‌ବ୍ୟତୀତ ପ୍ରାୟ ୨୧ମିଟର ଦୀର୍ଘ ଗୋଟିଏ କାନ୍ଥର ଭଗ୍ନାବଶେଷ ରହିଛି, ଯାହାକୁ ଏକପ୍ରାଚୀନ କୀର୍ତ୍ତିର ମୂଳଦୁଆ ବା କାନ୍ଥର ଅଂଶାବଶେଷ ରୂପେ ବିବେଚନା କରାଯାଇପାରେ। ଉକ୍ତ ଅଞ୍ଚଳର ୧.୧ମି.ରୁ ୨.୦ମି. ଗଭୀରତାରୁ ୧୦ଟି ଓ ୨.୧ମି.ରୁ ୫.୦ମି ଗଭୀରତାରୁ ୧୦ଟି ଅବ୍ୟବସ୍ଥିତ ତଥା ଇତସ୍ତତଃ ଭାବରେ ରହିଥିବା ଚଳନଶୀଳ ବସ୍ତୁର ସନ୍ଧାନ ମିଳିଥିବା ଜଣାଯାଏ।

ସେହିପରି 'ଏରିଆ ଏଫ୍' ଭାବରେ ଚିହ୍ନିତ ସ୍ଥାନ ମଧ୍ୟରେ ମନ୍ଦିରର ଉତ୍ତରପୂର୍ବ କୋଣ, ରଥଖଳା, ବଡ଼ଦାଣ୍ଡର ଅଂଶ ଓ ଛତାମଠ ଅଞ୍ଚଳର ୧.୦ମି.ରୁ ୩.୦ମି. ଗଭୀରତା ମଧ୍ୟରେ ୧୮ଟି ଓ ୧.ମି.ରୁ ୧.୯ମି. ଗଭୀରତାରୁ ୧୨ଗୋଟି ଫିଚର ବା ମାଟିତଳେ ଚାପିହୋଇ ରହିଥିବା ପ୍ରତ୍ନତାତ୍ତ୍ୱିକ ସଙ୍କେତ ବା ଗଠନ ମିଳିଛି। ବିକ୍ଷିପ୍ତ ଭାବରେ ଉପଲବ୍ଧ ହେଉଥିବା ୫ ଗୋଟି ଫିଚରକୁ ଏକ ବୃହତ୍ କୀର୍ତ୍ତିର ଅଂଶାବଶେଷ ରୂପେ ଅନୁମାନ କରାଯାଏ।

'ଏରିଆ ଜି' ଭାବରେ ଚିହ୍ନିତ ସ୍ଥାନ ମଧ୍ୟରେ ମନ୍ଦିରର



ପୁରୀ ଐତିହ୍ୟ କରିଡ଼ର ପ୍ରୋଜେକ୍ଟ

ପୂର୍ବଦ୍ୱାର ବା ସିଂହଦ୍ୱାରର ସାମ୍ନାରେ ଥିବା ଲଙ୍ଗୁଳି ମଠ, ଶ୍ରୀରାମଦୟା ପରିଷଦ, ଛାଉଣି ମଠ ଓ ବଡ଼ଦାଣ୍ଡର ଅଂଶ ବିଶେଷରୁ ପ୍ରାପ୍ତ ୩୭ଟି ବିଭିନ୍ନ ପ୍ରକାରର ପୁରାତତ୍ତ୍ୱୀୟ ବସ୍ତୁର ସୂଚନା ମିଳିଛି। ଏ ସମସ୍ତ ବସ୍ତୁ ପ୍ରାୟ ୧.୦ମି.ରୁ ୪.୦ମି. ଗଭୀରତା ମଧ୍ୟରେ ଉପଲବ୍ଧ। ଭୂପତନର ୦ମି.ରୁ ୧.୦ ମି. ମଧ୍ୟରେ ୨ଟି ଓ ୧.୧ମି.ରୁ ୨.୦ମି. ଗଭୀରତାରେ ୨୮ଟି ଫିଚର ଉପଲବ୍ଧ ହୋଇଥାଏ। ତନ୍ମଧ୍ୟରେ କିଛି ଭିତ୍ତିଭୂମିର ଅଂଶ ହୋଇଥିବାବେଳେ ଦୁଇଟି ଜଳ ନିଷ୍କାସନ ନିମନ୍ତେ ଭୂଗର୍ଭସ୍ଥ ପୟଃପ୍ରଣାଳୀ ବା ନଳା ରୂପେ ଅନୁମାନ କରାଯାଇପାରେ। ଏଗୁଡ଼ିକ ପ୍ରାୟ ଭୂପତ୍ତନଠାରୁ ୦.୬ମି.ରୁ ୧.୮ମି. ଗଭୀରତାରେ ଦେଖିବାକୁ ମିଳୁଛି।

ସେହିପରି 'ଏରିଆ ଏଚ୍' ଭାବରେ ଚିହ୍ନିତ ସ୍ଥାନ ମଧ୍ୟରେ ମନ୍ଦିରର ଦକ୍ଷିଣପୂର୍ବ କୋଣସ୍ଥ ଏମାର ମଠ, ନୃସିଂହ ମନ୍ଦିର, ବୁଢ଼ୀମା ମନ୍ଦିର ଓ ଜଗନ୍ନାଥ ମନ୍ଦିର ମାର୍ଗକୁ ସର୍ବେକ୍ଷଣର ଅନ୍ତର୍ଭୁକ୍ତ କରାଯାଇ ତନ୍ମଧ୍ୟରୁ ପ୍ରାୟ ସାନ ବଡ଼ ୪୩ଟି ପୁରାତାତ୍ତ୍ୱିକ ବସ୍ତୁର ସନ୍ଧାନ ମିଳିଥିବାର ସୂଚନା ଦିଆଯାଇଛି। ଏ ସମସ୍ତ ବସ୍ତୁ ଭୂପତ୍ତନଠାରୁ ୦.୬ମି.ରୁ ୪.୮ମି. ଗଭୀରତା ମଧ୍ୟରେ ଥିବା ସୂଚିତ ହୋଇଛି। ଏହା ମଧ୍ୟରୁ ଭୂପତ୍ତନରୁ ୧.୦ମିଟର ଗଭୀରତା ମଧ୍ୟରେ ଥିବା ୫ଟି ଫିଚର ଭିତରେ ଗୋଟିଏ ଜଳ ନିଷ୍କାସନ ସୁଡ଼ଙ୍ଗ ମନ୍ଦିରଠାରୁ ସମୁଦ୍ର ପର୍ଯ୍ୟନ୍ତ ଥିବା କଥା ଅନୁମାନ କରାଯାଇପାରେ। ଭଗ୍ନ ଏମାର ମଠ ନିକଟରେ ଖୋଦନ ସମୟରେ କେତେଗୁଡ଼ିଏ ପ୍ରତ୍ନତାତ୍ତ୍ୱିକ ପଦାର୍ଥ ଓ ଭୂପତ୍ତନର ୦.୯ମି ଗଭୀରତା ମଧ୍ୟରେ ଏକ ପ୍ରାଚୀନ କୀର୍ତ୍ତିର ଭିତ୍ତିଭୂମି ଓ କାନ୍ଥ ଦେଖିବାକୁ ମିଳିଛି। ଏଠାରେ ଏକ ବୃହତ୍ କୀର୍ତ୍ତି ଥିବା କଥା ଅନୁମାନ କରାଯାଇପାରେ।

ଭଗ୍ନ ଏମାର ମଠ ନିକଟରେ ଖୋଦନ ସମୟରେ କେତେଗୁଡ଼ିଏ ପ୍ରତ୍ନତାତ୍ତ୍ୱିକ ପଦାର୍ଥ ଓ ଏକ ପ୍ରାଚୀନ କୀର୍ତ୍ତିର ଭିତ୍ତିଭୂମି ଓ କାନ୍ଥ ଦେଖିବାକୁ ମିଳିଛି।

'ଏରିଆ ଆଇ' ଭାବରେ ଚିହ୍ନିତ ସ୍ଥାନ ମଧ୍ୟରେ ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର ସାମ୍ନାରେ ଥିବା ଦୂଷିତ ବର୍ଜ୍ୟଜଳ ଶୋଧନ କେନ୍ଦ୍ର (ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ), ଦକ୍ଷିଣପାର୍ଶ୍ୱ ମଠ, ହନୁମାନ ମନ୍ଦିର ଓ ଲୋକନାଥ ମନ୍ଦିର ମାର୍ଗର କିଛି ଅଂଶର ସର୍ବେକ୍ଷଣ ଭୂପତ୍ତନର ୦.୯ ମିଟରରୁ ୪.୧ ମିଟର ଗଭୀରତା ମଧ୍ୟରେ ୧୯ଗୋଟି ପ୍ରତ୍ନତାତ୍ତ୍ୱିକ ବସ୍ତୁର ସନ୍ଧାନ ଉପଲବ୍ଧ ହୋଇଛି। ତନ୍ମଧ୍ୟରୁ ୪ଟି ବସ୍ତୁ ୦ମି.ରୁ ୧.୦ମି. ଗଭୀରତାରେ, ୧୩ଟି ବସ୍ତୁ ୧.୧ମି.ରୁ ୨.୦ମି. ମଧ୍ୟରେ, ୨ଟି ବସ୍ତୁ ୨.୬ମି. ଓ ୪.୧ମି.ରେ ରହିଛି। ଏଗୁଡ଼ିକ ମଧ୍ୟରେ ଭିତ୍ତିଭୂମି, ଭଗ୍ନ ପ୍ରାଚୀରର ଅଂଶାବଶେଷ, ନିର୍ମାଣ ସମ୍ପର୍କିତ ଚଳନଶୀଳ ବସ୍ତୁ (ଆର୍ଟିଫ୍ୟାକ୍ଟ) ଆଦି ଅନ୍ତର୍ଭୁକ୍ତ।

ପରିକ୍ରମା ମାର୍ଗର ବିବରଣୀ

ମୋଟ ଉପରେ କହିବାକୁ ଗଲେ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱସ୍ଥ ମେଘନାଦ ପାଚେରି ବାହାରେ ଥିବା ୭୫ ମିଟର ପରିକ୍ରମା ମାର୍ଗରେ ଏ ସମସ୍ତ ରହିଥିବାର ସୂଚନା ପ୍ରାରମ୍ଭିକ ବିବରଣୀ (ଡ୍ରାଫ୍ଟ ରିପୋର୍ଟ)ରୁ ଜଣାଗଲେ ମଧ୍ୟ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ, ଅନୁଧାନ, ଅନୁଶୀଳନର ଆବଶ୍ୟକତା ଯଥେଷ୍ଟ ରହିଛି। କାରଣ ଏହି ବିବରଣୀରେ ଯେହେତୁ ସର୍ବୋଚ୍ଚ ୫ ମିଟର ଗଭୀରତା ପର୍ଯ୍ୟନ୍ତ ସର୍ବେକ୍ଷଣ କରାଯାଇଛି ଓ ତାହାର ନିମ୍ନରେ କିଛି ଅଛି କି ନାହିଁ ସେ ବିଷୟରେ ନୀରବତା ଅବଲମ୍ବନ କରାଯାଇଥିବାରୁ ଅଧିକ ଅନୁଧାନ କରାଯିବାର ଆବଶ୍ୟକତା ରହିଛି ବୋଲି କୁହାଯାଇପାରେ। ପୁନଶ୍ଚ ଉକ୍ତ ସୂଚନାରୁ ଏତିକି ଅନୁମାନ କରାଯାଇପାରେ ଯେ ମନ୍ଦିରର ଦକ୍ଷିଣ ଓ ପୂର୍ବ ଦିଗରେ ମିଳୁଥିବା ମୂଳଦୁଆ ବା ଭିତ୍ତିଭୂମି ଓ ପୁରାତତ୍ତ୍ୱାଦିକୁ ପ୍ରାଚୀନ ମନ୍ଦିରର ଅଂଶାବଶେଷ ବା ମନ୍ଦିର ନିର୍ମାଣ କାର୍ଯ୍ୟରେ ନିୟୋଜିତ ସ୍ଥପତିମାନଙ୍କର ଅସ୍ଥାୟୀ ବାସଗୃହ ହୋଇପାରେ। ତେଣୁ ମନ୍ଦିରର କୌଣସି କ୍ଷତି ନ ପହଞ୍ଚାଇ ଏ ଅଞ୍ଚଳର ଖନନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଏକାନ୍ତ ଆବଶ୍ୟକ।

ପ୍ରାରମ୍ଭିକ ବିବରଣୀରେ ପ୍ରଦତ୍ତ ସୂଚନାରୁ ଅନୁମାନ କରାଯାଇପାରେ, ପୂର୍ବରୁ ଏଠାରେ କିଛି କୀର୍ତ୍ତି ଥିଲା ଏବଂ ସେ କୀର୍ତ୍ତି ଭଗ୍ନ ହେବାରୁ ବା ବିଘ୍ନ ହେବାରୁ ପରବର୍ତ୍ତୀ ସମୟରେ ନୂତନ ମନ୍ଦିରର ନିର୍ମିତ ହୋଇଥିଲା। ପୁରାଣ ଓ ଜନଶ୍ରୁତିରୁ ଜଣାଯାଏ ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ ପରେ ଏହାର ପ୍ରତିଷ୍ଠା ନିମନ୍ତେ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ ସ୍ୱର୍ଗପୁରକୁ ଯାଇଥିଲେ ଓ ସେତେବେଳେ ବ୍ରହ୍ମା ଆହ୍ନିକ କର୍ମରେ ବ୍ୟସ୍ତ ଥିବାରୁ ବହୁ ସମୟ ଅତିକ୍ରାନ୍ତ ହୋଇଯାଇଥିଲା। ଏହି ସମୟ ମଧ୍ୟରେ ମନ୍ଦିର ବାଲିରେ ପୋତି ହୋଇଯାଇଥିଲା। ଏଥି ସହିତ

ମନ୍ଦିର ନିର୍ମାଣ ସମ୍ପର୍କିତ ବିଭିନ୍ନ ପୁରାଣ ବର୍ଣ୍ଣିତ ଉପାଖ୍ୟାନ, ଜନଶ୍ରୁତି ଓ ଲୋକାଚାରକୁ ଆଲୋଚନାର ଅନ୍ତର୍ଭୁକ୍ତ କରିବା ସହ ବିଚାର ବିଶ୍ଳେଷଣକରି ଶେଷ ନିଷ୍କର୍ଷରେ ଉପନୀତ ହେବା ପାଇଁ ପ୍ରୟାସ କରାଯିବା ଆବଶ୍ୟକ। ଉଦାହରଣ ରୂପେ ଦୃଶ୍ୟମାନ ଶ୍ରୀମନ୍ଦିରର ନିର୍ମାଣ ପୂର୍ବରୁ ସେଠାରେ ମନ୍ଦିର ଥିଲା କି ନାହିଁ, ଗବେଷକ ଓ ପ୍ରବଚକାଦି ଦେଉଥିବା ବିଭିନ୍ନ ମତ ଓ ମନ୍ତବ୍ୟ, ଯଥା - ଏଠାରେ ଏକାଧିକ ଥର ମନ୍ଦିର ନିର୍ମାଣ ହୋଇଥିଲା, କେତେକଙ୍କ ମତରେ ବୌଦ୍ଧମାନଙ୍କର ସ୍ତୂପ ଥିଲା, ତନ୍ତ୍ର ସାଧନାର ପୀଠ ଥିଲା ପ୍ରଭୃତିର ପ୍ରତ୍ନତାତ୍ତ୍ୱିକ, ଧାର୍ମିକ ଓ ଐତିହାସିକ ପ୍ରମାଣ ଆଧାରରେ ବିଚାର ବିଶ୍ଳେଷଣ କରାଗଲେ, ତାହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରାଚୀନତା, ଐତିହ୍ୟାଦି ସମ୍ପର୍କିତ ସନ୍ଦେହ ଓ ସଂଶୟାଦି ଉପରୁ ପ୍ରବଞ୍ଚନାର ଯବନିକା ଅପସାରଣ କରିପାରିବ କହିଲେ ସତ୍ୟର ଅପଳାପ ହେବନାହିଁ।

ଅନୁମାନ କରାଯାଏ ଯେ ପୂର୍ବରୁ ଏଠାରେ କିଛି କୀର୍ତ୍ତି ଥିଲା ଏବଂ ସେ କୀର୍ତ୍ତି ଭଗ୍ନ ହେବାରୁ ପରବର୍ତ୍ତୀ ସମୟରେ ନୂତନ ମନ୍ଦିର ନିର୍ମିତ ହୋଇଥିଲା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
purnachandramishra.99@gmail.com

'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ। କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।

୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୬. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୭. ପତ୍ରିକାଟି ପ୍ରତିମାସ ନିୟମିତ ଭାବରେ ପ୍ରକାଶ ପାଏ। ଏଣୁ ଲେଖା ପଠାଇବାର ଶେଷ ତାରିଖ କିଛି ନାହିଁ।

୮. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୯. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୧୦. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୧୧. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।


୧୨. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୩. ଲେଖା ପଠାଇବାର ଦୁଇ ମାସ ମଧ୍ୟରେ ଆମଠାରୁ କୌଣସି ସୂଚନା ନ ପାଇଲେ ତାହା ପ୍ରକାଶନ ପାଇଁ ମନୋନୀତ ହୋଇନାହିଁ ବୋଲି ଧରିନେବାକୁ ଅନୁରୋଧ।

୧୪. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୫. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୬. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।



ଧାରାବାହିକ ବ୍ୟଙ୍ଗ

ଅପରେସନ୍ ‘ଳ’

ଅଜୟ କୁମାର ମିଶ୍ର

ଅଘଟ ଘଟୁଆ, ଅଧଘଟ ଘଟୁଆ ଉଭୟ ମିଶି ତାମ୍ପେଡ଼ା ପୁଲିସ୍, ଠାଉଆ ଚୋରକୁ ଜେରାକଲା ପ୍ରକାରେ ଘଟଘଟୁଆକୁ ଫୁଲ୍ ଜେରାକଲେ । ତଥାପି ଠୋସ୍ ପ୍ରମାଣ ଆଦାୟ କରିବାରେ ବିଫଳ । ମୁହଁଟାଣ ନ ଥିଲେ ଜଣେ ଚୋର ହେଇପାରିବ କି ? ଚୋରିକରି ଟ୍ରିପଲ୍ ଗାଲୁଆମିପଣଟାକୁ ପୂରା ନିଜର ନ କରିପାରିଲେ, ସେ ଠାଉଆ କି ଠାବକରା ହେଇପାରେ, ସଚ୍ଚା ଖଣ୍ଡ ହେଇପାରେନି । କଥାରେ ଅଛି, ‘ନେଇ ଆଣି ଥୋଇ ଜାଣିଲେ ଚୋରି ବିଦ୍ୟା ଭଲ ।’ ଏ ନିଆଅଣା କଥା ପଛକୁ ଥାଉ, ଚୋରିକୁ ଗୋଟାଏ ବିଦ୍ୟାର ସାର୍ଟିଫିକେଟ୍ ମିଳିଛି ନା !



ଅଘଟଘଟୁଆ ବୋଇଲେ, ଯେକୌଣସି କ୍ଷଣରେ, ଏପରିକି ଆଖିପିଛୁଳାକେ କ’ଣ କ’ଣ କାଣ୍ଡ ଘଟେଇପାରେ । ବିନା କାରଣରେ ଘଡ଼ଘଡ଼ି ଛେଚି ଦେଇପାରେ । ଘଟଘଟୁଆ ଘଟଣା ନ ଥାଇ ଘଟଣା ଘଟାଇପାରେ । ଦିହେଁ ମିଶି ଘଟଘଟୁଆ ଘଣ୍ଟୁର କାଣ୍ଡକାରଖାନା ନିରୀକ୍ଷଣ କରିଆସିଛନ୍ତି । ହେଲେ ଫୁଣ୍ଡାଏ ପ୍ରମାଣେ ବି ଟେର୍ ପାଇନାହାନ୍ତି । ଘଣ୍ଟୁର ବିଦ୍ୟା ଦିହିଁଙ୍କର ବିଦ୍ୟାଠାରୁ ଆହୁରି ଗାଢ଼ା । ଏମାନେ ହୁଏତ ପାଣିରେ ସର ପକେଇପାରନ୍ତି, କିନ୍ତୁ ଘଣ୍ଟୁ ପବନରେ ସର ପକେଇପାରେ । ବେଳେବେଳେ ନିଜ ବୁଦ୍ଧିବିଦ୍ୟା ବଳରେ ପବନକୁ ଟାଇଟ୍ ଟୁଇଟ୍‌କରି ରୁମାଲରେ ବାନ୍ଧି ପକେଟସ୍ଥ କରିଥାଏ, ବେଳ ପାଇଲେ ପକେଟ୍ ଖୋଲି ପବନଗୁଡ଼ାକୁ ଖୋଲିଦିଏ ।

ବାରମାସରେ ତେର ପରବ

ଆମ ହୋଡ଼ିଶା ଏ, ଏଠି ବାରମାସରେ ଆଉ ତେର ପରବ କାହିଁକି, ବାସ୍ତରି ପରବ । ବଡ଼ସାଆନ୍ତ ଜଗନ୍ନାଥଙ୍କୁ ଟପିଯାଇ ଏମାନେ ବର୍ଷରେ ବାସ୍ତରି ପର୍ବ ଭେଇଛନ୍ତି । ଗଣିତର ଚକ୍ରବୃଦ୍ଧି ସୁଧ ଓ ପୌନଃପୌନିକ ଗୁଣନ ହାରରେ ହୋଡ଼ିଆଏ ପର୍ବ ପାଳନ୍ତି । ବେଳେବେଳେ ପରବ ଭିଆଣ ହେବା ବେଳକୁ ଥଇଥାନିଆଁମାନେ, ବର୍ଷକୁ ନିଜ ବାର୍ଥ ଡେ’ ତିନି / ଚାରି ଡେଟ୍‌ରେ ପାଳନ୍ତି । ଏପରିକି ନିଜ ମଲା ବାପା-ମାଆଙ୍କ ଜନ୍ମଦିନକୁ ବି ପାଳନ୍ତି । ଯମଙ୍କ ସେକ୍ରେଟେରିଏଟରୁ ମଡ଼ାମାନଙ୍କ ଫଅଟ୍ ଆଣି ଟଙ୍ଗେଇ ନାନା କୀର୍ତ୍ତନ କରାନ୍ତି । ବୁଢ଼ାଗାରଦରେ ବାପାକୁ ଥୟ କରାଇଥିବା କେଇଜଣ ଠିକ୍ ମରିବା ଦିନ ଚୋରାରେ ବାପାଙ୍କୁ ନିଜ ବହୁତଳ ବାସଭବନରେ ଥାପନା କରି, ଭଡ଼ାରେ କାନ୍ଦୁରାକାନ୍ଦୁରୀମାନଙ୍କୁ ଅଣାଇ ଶୋକ ଘଳିଆ ପକାଇ, ଖବରକାଗଜ, ସାମାଜିକ ମାଧ୍ୟମରେ ଯାବତୀୟ ଫଅଟ୍ ଓ ଭିଡିଓମାନ ଲୋକ ଲଗେଇ ଛଇ କରେଇ ଦିଅନ୍ତି । ଏମନ୍ତ ଅଘଟଘଟୁଆ ଓ ଘଟଘଟୁଆଙ୍କ ନାଡ଼ି ଚିପିଥିବା ଘଣ୍ଟୁ ଏମାନଙ୍କୁ ଏମନ୍ତ ସମୟରେ କାନ୍ଦୁରା, କାନ୍ଦେଇ, ତାଳିମରା, ତାଳିମରେଇଙ୍କୁ ଯୋଗାଡ଼କରି ପହଞ୍ଚାଇଦେଇ ଯାହାକିଛି ପାଇ ତା’ ସଂସ୍ଥା ବଞ୍ଚାଏ ।

ଆଗକୁ ଦିଅଁଙ୍କ ବଡ଼ ଯାତରା, ରଥଯାତରା । କାଗଜ କି କ୍ୟାମେରା ନ ଥିବାବେଳେ ରଥଯାତ୍ରା ହଉ ନ ଥିଲା ବୋଧେ ? କେତେ ବରଷ ହେବ, ରଥକାଠ କାଟଣଠାରୁ ଆରମ୍ଭକରି କାଠଚିରଟ, କାଠ ବିନ୍ଧାଣ, କିଳାମାରଣ, କଣ୍ଢାବସାଣ, ରଥ ମଣ୍ଡଣାଦି ଯାବତୀୟ ଘଟଣା କାଗଜରେ ଛାପା, ଭିଡିଓରେ ଦେଖା । ପୂର୍ବର ଭାବଭଗତିଆଙ୍କ ଭାବ ସାଦାବୁନ୍ଦି ହେଲେ, ଏବେକାର ଭଗତିଆ ଭଗତିଆଣିଙ୍କ ଭାବଭଗତି ଦାନାବାନ୍ଧି ଲଡୁ ପାଲଟିଛି । ରଥଯାତକୁ ଲୋକେ ଆଗରୁ ଚାଲିଚାଲି ଯାଉଥିଲେ, ଦିଅଁ ଦେଖୁଥିଲେ, ଯାତରା

ବୁଲାବୁଲିକରି ପୁରସ୍ତମରେ ଦି'ଚାରିଦିନ କଟେଇ ଫେରୁଥିଲେ । ଏବେ ଭାବ ଅଲଗା, ଭଗତି ମଧ୍ୟ ଅଲଗା । ଏବେ ଭଗତଙ୍କ ହାତରେ ଦିଆନିଆଁଣୀଙ୍କ ପାଇଁ ଟିପେ ବି ସମୟ ନାହିଁ, ବରଂ ଜଗନ୍ନାଥଙ୍କୁ ନିଜନିଜ ଦର୍ଶନ ଦେବାକୁ ସମସ୍ତେ ଆଗଭର । ନିଜ ପୋଷାକପଟା, ଆଇଅଳଙ୍କାର ଫେସନମଣ୍ଡଣି ଦେଖାଇବାକୁ ଘୋର ପ୍ରତିଯୋଗିତା ।

ଲୋକବିଜ୍ଞାନୀ

ଘଣ୍ଟୁ ଗୋଟେ ବଡ଼ ଲୋକବିଜ୍ଞାନୀ । ଲୋକଙ୍କ ଏଇ ଦେଖାଇହେବା ପଣକୁ ସେ ବାରବାର ଜିତି ସାରିଚି, ମାପି ବି ସାରିଚି । ରଥ କଥାରେ ସମସ୍ତେ ଭାବଭଗତିଆ । ରଥ ଭିଡ଼ରେ ନିଜନିଜ ବଡ଼ତିପଣ ସାବ୍ୟସ୍ତ କରିବାକୁ ଗୋଟାଏ ବଡ଼ ଦୌଡ଼ । ସାଧାରଣ ଭଗତ, ଆଇପି ଭଗତ, ଭିଆପି ଭଗତ, ଭିଭିଆପି ଭଗତ, ଭିଭିପିଆଣି ଭଗତ - ଏମିତି ନାନା କିସମର । ମନ୍ତ୍ରୀ ମୁତୁରା, ଅଫିସରିଆ, ଏମାନେ ଭିଭିଆପି ଦଳରେ । ତଳତଳକୁ ତଳ ପାହାଚ ଖସେ, ବାଇନ, ଘଣ୍ଟୁ ଓ ବାଙ୍କାଅଜା, ମଦନାଜେଜେ, ଚେମୀ ଦେଠେଇ, ଟିମାଦାଦି, ବଇଦା ବଡ଼ାପା, ମନ୍ଦୁରୀ ଆଇ, ନୋକାମାମୁ - ଏମାନେ ସବୁ ମାଳେଇ, ନିମ୍ନ ମାଳେଇରେ ଗଣା । ରଥ ଯାତରା ପାଇଁ କିଏ କେମନ୍ତେ ନିଜ ଜିନିଷ ବନ୍ଧାଛନ୍ଦା ଦେଇ, ଦିଅଁ ଦର୍ଶନକୁ ପୁରୀରେ ଭିଡ଼ ଜମାନ୍ତି ।

ରଥ ଯାତରା ପାଇଁ କିଏ କେମନ୍ତେ ନିଜ ଜିନିଷ ବନ୍ଧାଛନ୍ଦା ଦେଇ, ଦିଅଁ ଦର୍ଶନକୁ ପୁରୀରେ ଭିଡ଼ ଜମାନ୍ତି ।

ପୁଲିସିଆ, ଅଧାପୁଲିସିଆ, ଜଗୁଆ, ରଖୁଆ, ଠାଉକା, ଢାଉକା, କାନିକଟା, ପାକିଟ୍ କଟା, ଲୁଟିଆ, ବଟିଆ, ଚନ୍ଦୁଆ, ବନ୍ଦୁଆ - ଏମିତି ନାନା କିସମର ଅଗାଡ଼ି ବି ଧାନରେ ମିଶିବା ଭଳିଆ ମିଶି ଭିଡ଼କୁ ଆଉ ବହଳିଆ କରନ୍ତି । କେତେକଙ୍କ ପାଇଁ ଏ ଯାତ୍ରା ଗୋଟାଏ ରୋଜଗାରିଆ ଉଚ୍ଛବ । ୟା' ବାଆଦ କେତେ ଦାନୁଆଁ ଧାନୁଆଁ ବି ଅଛନ୍ତି । କିଏ ଭଗତଙ୍କୁ ଫରକ ଫରକ ସେବା ଯୋଗାନ୍ତି । ଏସବୁକୁ ନେଇ ଘଣ୍ଟୁଆ ଗୋଟାଏ ମନଚିତ୍ର ଆଙ୍କିଲା । ରାଇଜ ଭିତର ଓ ରାଇଜ ବାହାରର ଲୋକେ ବିଭିନ୍ନ ସେବା ଯୋଗାନ୍ତି । କେହି କେହି ବରଫ ପାଣି, କେହିକେହି ଖେଚୁଡ଼ି ବାଣ୍ଟନ୍ତି । କେତେ ଲୋକଙ୍କୁ ଏଗୁଡ଼ାକ ଅକୁଳାଣ । ବିଲୁଆ ପରିକା ଚତୁରିଆ ଲୋକେ ଠା ଦେଖି ଏସବୁ ମାରିନିଅନ୍ତି, ଆଉ ଦଳେ ଚାହିଁ ଜଳକା ।

ଘଣ୍ଟୁ ଏସବୁ ଦେଖି, ମନେମନେ ସୁମାରିକଲା, ଏଠି ଗୋଟା 'ଏ ରୁ ଜେଡ୍' ସେବା ଯୋଗାଇବ । ତା' ନିଜ ପୁରୁଣା ପଲଟଣଙ୍କୁ ଡକେଇ ହକେଇ ଇଲମଦେଲା । ରଥଯାତ୍ରାରେ ଆରମ୍ଭ କରିବ ଅପରେସନ 'ଳ' । ବାଇନ, ମକୁଆ, ଟିମା, ରବିନା, ଅପର୍ତ୍ତିଆ ଏକାଠିହେଲେ ସତ, ମାତ୍ର ଘଣ୍ଟୁଙ୍କ ଏ ଅପରେସନ 'ଳ' କାହା ମୁଣ୍ଡରେ ପଶିଲାନି । କଡ଼ା ଗଣିତ ମାଷ୍ଟ୍ରଙ୍କୁ ଓ ଟାଣୁଆ ଇଂରେଜୀ ସାଆରଙ୍କୁ ମୂର୍ଖ ପିଲାଏ ଅନେଇବା ଭଳିଆ ଅନେଇଲେ ଘଣ୍ଟୁ ପଲଟଣ । ଆଗଚଲା ବାଇନ ବୋଇଲା - "ଏ 'ଳ' କ'ଣ ଅପରେସନ୍ ହବ । ବଡ଼ କଷ୍ଟିଆ କାମ ତ । ମତେ କାଇଁ ଲାଗୁଚି ମୁଁ ହରଗିଜ୍ ପାରିବିନି । ବତିପେଲା ଅପର୍ତ୍ତିଆ ବି ସେଇକଥା ବୋଇଲା । ଘଣ୍ଟୁ ଏଥର ପିଲାନଟା ବତେଇଲା । ଆରେ, ବୋକାସୁରଙ୍କ ପଣଜେଜେମାନେ ଏଠି 'ଳ' ଅପରେସନ ହବନି । 'ଳ' ଆଗରୁ ବହୁକଥା ଅଛି । ଟୁଶୁଟୁଣା ଟିମା ବୋଇଲା 'କିଓ ଘଣ୍ଟୁଆଇ ! ଖୋଲି କହୁନା, ଜାଇଁଲେ ସିନା ଆମେ ଡେଇଁବୁ, କୁଦିବୁ, ଆଉ କ'ଣ କ'ଣ କରିପକେଇବୁ ।'


ଘଣ୍ଟୁଙ୍କ 'ଳ' ଥିଓରୀ

ପାଲା ପାଳିଆ ବାୟକଙ୍କ ଅର୍ଦ୍ଧାଳିଆ ଝାଂଜମୃଦଙ୍ଗ ମାଡ଼ ପରେ ଗାୟକ ସଭାରେ ବିଜେହେଇ ଶୋଳଖ ଗାଇବା ଭଳିଆ, ଘଣ୍ଟୁ ତାଙ୍କ ନନଷ୍ଟପିଆ ତୁଣ୍ଡରେ ଗଳା ଚାପିଚୁପି ଅରଗଳିଆ ଗାଇଗଲେ ତାଙ୍କ 'ଳ' ଥିଓରୀ । କହିଲେ, "ହଇୟେ ଗୁଡ଼ବୋକେ, ହଇରେ ଅଣଓଲାଏ - କ'ଣ ଜାଣିପାରୁନ, ଖବରକାଗଜ ପଢୁଚ ନା ନାଇଁ, ଟି.ଭି. ଫିଭି ଦେଖୁଚ ନା ନାଇଁ ବେ ? ଖରାଦିନ, ଛକେଛକେ ସରକାରୀ 'ଳ' ସେବା-ମାନେ ଜଳସେବା । ବ୍ୟାନର୍ ଦେଖିଚ ନା ନାଇଁ । ସେଠି ବ୍ୟାନର୍ ଥାଏ, ନିର୍ଜଳମାଠିଆମାନେ ତଳମୁହାଁ ହେଇ ଗଡୁଥାନ୍ତି। ପଚାରିବ କାହାକୁ ? ଖୋଳତାଡ଼ କଲାବେଳକୁ ଜାଇଁଲି ଯେ ମାଠିଆ ଥିଲା, ପାଣିଥିଲା, ଛାମୁଡ଼ିଆ ବି ଥିଲା, ମାତ୍ର କାଳ ଅହନ୍ତାକୁ ବଳ କାହାର ? ଆଇଲା କାଳ ବଇଶାଖୀ, ଚିରିଲା ବ୍ୟାନର୍, ଭାଙ୍ଗିଲା ମାଠିଆ, ଛାମୁଡ଼ିଆକୁ ଭୂଇଁରେ ଲୋଟେଇଦେଲା । ଏସବୁକୁ ରୋକିହେବ କି ? ସେ ଦିନୁ ମାଠିଆଗୁଡ଼ାକ ପାଣିଘଟ ଭଳିଆ ଅନାଥହେଇ ଗଡୁଛନ୍ତି ।

ଛକେଛକେ ଏଇ ଲୀଳା, ପାଟି ଫିଟେଇଲେ କିଳା, ଫାଟିବ ତମର ନୋଳା । ଏ ସରକାରୀ ଘର ଲୀଳା । ସବୁ ଛକରେ ଏମନ୍ତ ଜଳଯୋଗାଣ କେନ୍ଦ୍ରେରଗୁଡ଼ିକ ସରକାରୀ ସୁମାରିଲେ ଅଛି, ଯା' ପାଇଁ ବଡ଼ବାବୁମାନେ ବି ବିଲ୍ ପାଆସ୍ କରିଦେଇଛନ୍ତି । କାଳଥିଲା, ବେଳଥିଲା, ମାଠିଆରେ ଜଳଥିଲା, କାହୁଁ ଏ ବଇଶାଖୀ କାଳହେଲା, ମାଠିଆ ଖପରାମାଳ ହେଲା । କଳସେବା ଏଠି କାଳହେଲା, ଛାମୁଡ଼ିଆ ଗୁଡ଼ା ଫାଳହେଲା ।

ପହିଲେ ଜଳସେବା

ତେଣୁ ଆମର ରଥଯାତ୍ରାରେ ଅପରେସନ 'ଳ' ସେବା ହେବା ଆରମ୍ଭିବା । ପହିଲେ 'ଳ' ସେବା ମାନେ ଜଳସେବା । ପୁରୀ ବଡ଼ଦାଣ୍ଡ ଯାକ ଚବିଶ ପହରିଆ ପାଣି, ଏସବୁକୁ ଭାଣ୍ଡରେ ଭରିବା, ବୋତଲରେ ଭରିବା, ତାତୁଣିଆଁ ଲୋକଙ୍କୁ ଯୋଗେଇଦେବା । ସରସା ଭଗତଙ୍କୁ ଜରିପୁଡ଼ିଆରେ ଜଳ ଯୋଗେଇବା, ଠିଆ ଦେଖି କୁହାଟିବା ସବୁଆଡ଼େ ପାଣି ବନ୍ଦ । ଲୋକେ ଆତୁରିଆ ହେଇ ବୋତଲଗୁଡ଼ାକ କିଣି ପକେଇବେ । ସରକାରୀ ଯୋଗାଣିଆଁ, ଇଚ୍ଛା ସେବକିଆଙ୍କ ପାଖରୁ ଆମଦାନୀ ହେବ ଏମନ୍ତ ଜଳ । କିନ୍ତୁ ଜଳସେବା ବେଳେ ଗହଳି ଦେଖି ଘାଣ୍ଟୁଥିବ, ଜଳ ଦେବାଠାରୁ ଜଳଦିଆର ଫଅଟ, ଭିଡିଓମାନ କରିବା ଜରୁରି । ସେତକ ନ ହେଲେ ଜଳବଣ୍ଟା ଅଯଥା ଯିବ, ଜଳକା ଅନେଇବା ସାର ।



ମକୁଆ ପୁଛିଲା - ଆଉ 'ଳ' ସେବା ପୁଣି କ'ଣ ଘଣ୍ଟୁଆଇ ? ଘଣ୍ଟୁ ଉତ୍ତରେ ଆର 'ଳ'ଟି ହେଉଚି ଫଳସେବା । ତମେ କାଗଜରେ ପଢ଼ିଥିବ, ମହାମାନ୍ୟ ଡ୍ୟାସ୍ ସାହେବ ତାଙ୍କ ନାତି ଜନ୍ମ ଦିନରେ ଅନାଥାଶ୍ରମରେ, ମେଡିକାଲରେ ଫଳ ବଣ୍ଟନକଲେ । ବଜାରରେ କୁଇଣ୍ଟାଲିଆ ଦରରେ ମିଳୁଥିବା ଅଧାପଚା, ଦରପଚା, ଗଅଁଠପଚା ଫଳମାନ ସଂଗ୍ରହକରି ଅତି ଆଦରରେ ରୋଗୀଙ୍କ ହାତରେ ଦେଇ ଧରାଇ ଦିଅନ୍ତି । ଧରାଇବା ବେଳେ ରୋଗୀଆଡ଼େ ନୁହେଁ, ଫଅଟ ଉଠାଣିଆଆଡ଼େ ମୁହଁଥାଏ । ଦାନରେ ଏମାନେ କର୍ଣ୍ଣଙ୍କ ମଳାଶୁର, ବଳିଙ୍କ ଦେଠାଶୁର । ପୁଣି ନିଜ ନାତିକୁ ଚନ୍ଦନଚର୍ଚ୍ଚିତ କରାଇ ବାର୍ଥ ଡେ'ରେ ନାତି ବଅସ କି ତା'ଠାରୁ ସାନବଡ଼ ପିଲାଙ୍କ ପାଖରେ ନେଇ ହାଜର କରାଇ ନାନା ଭଙ୍ଗିଚାର ଫଅଟମାନ ଉଠେଇ ଜୁନିଅର୍ କର୍ଣ୍ଣ ବା ବଳି ପାର୍ଟ କରାଇପାରନ୍ତି । ଖବରକାଗଜରେ ଏମନ୍ତ ଦାନୀପଣର ଫଅଟମାନ ଛାପା କରାନ୍ତି । ସୋସାଲ ମେଡିଆରେ ଲୋକ ଲଗେଇ ଛାଇ କରିଦିଅନ୍ତି । ଧନ୍ୟ ଏମାନେ ।

ବଡ଼ଦାଣ୍ଡରେ ବି ରଥଯାତ୍ରାରେ ଆମେ ଅପରେସନ 'ଳ'ରେ ଏ ଫଳସେବା କରାଇବା । ତମେମାନେ ଠିଆକୁଠିଆ ଗହଳି ଦେଖି ଫଳ ଖାଉଥିବ । ମକୁଆ ଖାଇଲେ ବାଇନ ଫଅଟ ଉଠେଇବ, ବାଇନ ଖାଇଲେ ଟିମା ଫଅଟ ଉଠେଇବ । ମାଗଣାରେ ବାଣ୍ଟିବନି, ଆତୁରିଆ ଛୁଆଙ୍କ ଆଗରେ ଦେଖେଇ ଦେଖେଇ ଖାଉଥିବ । ଛୁଆଏ ଆତୁରରେ ତାଙ୍କ ବାପା-ମାଆଙ୍କୁ ଉଠାପକା କରିବେ, ଏତେବେଳେ ସେମାନଙ୍କଠାରୁ ଚୋରାରେ ପଇସା ଆଣିବ, ଫଳ ବି ଦେଇଦେବ । ଦେବା ବେଳର ଫଅଟ୍ ଉଠେଇବାରେ ଯେମିତି ହେଲା ନକର । ଗହଳିଆ ଥାନ ବୁଲିବୁଲି ଏମନ୍ତ ଭାବରେ ଲୋକଙ୍କୁ ଦେଖେଇଦେଖେଇ ଖାଉଥିବ । ଧଳା ଜରିରେ ଫଳ ପୁଡ଼ାକରି ଓଲିଆ ଗୋରୁଙ୍କୁ ଘାସ ଦେଖେଇ ଲୋଭିଲା କଲା ପ୍ରକାରେ, ତମେ ଯେତେ ଓଲିଆ କରୁଥିବ, ଆତୁରିଆଏ, ଭୋକବାଉଳିଆଏ ବାଧ୍ୟହେଇ ନାଲୁଆତୁଣ୍ଡ ଉପରୁ ଲଗାମ ହରେଇ ତମର ଶରଣ ପଶିବେ । ଏତେବେଳେ ଛ'ଟଙ୍କା ଫଳକୁ ନ'ଟଙ୍କାରେ ଖସେଇଦେବ । ବୁଝି ସାବଧାନ, ଫଅଟ୍ ଓ ଭିଡିଓରେ ଟିପେ ବି କୁରୁପଣ ହବନି ।

ଅସରନ୍ତି ସେହି 'ଳ' ସେବା

ଅଥୟ ହେଇ ଅପର୍ତ୍ତିଆ କାକୁସ୍ଥରେ ବୋଇଲା - "ଜଳ, ଫଳ - ଏସବୁ ତ 'ଳ' - ଆଉ 'ଳ' ଅଛି ନା, ଏତିକିରେ ଇତିଶ୍ରୀ ? ପୁଣି ଯୋଜନାବାଜ୍ ଘଣ୍ଟୁ 'ଳ'ର

ଗୋଟାଏ ପରେ ଗୋଟାଏ ଯୋଜନାକୁ ଜ୍ୟାମିତିର ଉପପାଦ୍ୟ ଶୈଳୀରେ ବୁଝାଇବାକୁ ଲାଗିଲେ । ମାଠିଆରୁ ପାଣି ଢାଳିହେବା ଭଳିଆ ତାଙ୍କ ତୁଣ୍ଡ ମାଠିଆରୁ ବାହାରି ପଡୁଥାଏ ଜଳସେବା, ଦଳସେବା, ବାଳସେବା, ମାଳସେବା, ଫାଳସେବା, ଆଳସେବା, ଢାଳସେବା, ଡାଳସେବା, ତାଳସେବା, ଚାଳସେବା - ଏମିତି କିସମକିସମର 'ଳ' ସେବା । ମାଛରଙ୍କା ଧ୍ୟାନୁଆଁ ବଗ ପ୍ରକାରେ ଚାହିଁ ଜଳକା ହେଇ ଅନେଇଥାନ୍ତି ଚେମା, ସୋବନା, ଟିମା, ବାଇନ ହେରିକା ।

ଚଞ୍ଚୁ ଖୋଲିଲା ବଳେପଶା ଅପର୍ତ୍ତିଆ । କହିଲା, ଏମନ୍ତ 'ଳ' ସେବାଗୁଡ଼ାକ ଆମ ମୁଣ୍ଡରେ ପଶୁନି । ଦୟାକରି ଖୋଲି କହିଦିଅ ଘଣ୍ଟୁଆ'ଇ । ଚିଲମିଆଁ, ଅଫିମିଆଁ, ଚରସିଆ, ବ୍ରାଉନସୁଗାରିଆ, ମାଲୁଆମାନଙ୍କ ଭିତରେ ନିଶା ଚରିବା ଭଳିଆ - ଏମନ୍ତ ପଲଟଣଙ୍କ ଭିତରେ ନିଶାଠୁଁ ଆଉ ମାଦକିଆ ହେଲା ଏଇ 'ଳ' ସେବାର ପ୍ରକାର । ଏତିକିରେ ସେଦିନର ବଇଠକ ପ୍ରାୟ ଫୁଲ୍‌ଷ୍ଟପ୍ ହେଲା ।

ରଥ ଉପରକୁ ଫିଙ୍ଗା ନଡ଼ିଆଫାଳ ସଂଗ୍ରହକରି ଏଥିରୁ ଟିପେଟିପେ ଭଗତ ଭଗତାଣୀଙ୍କି ବାଣ୍ଟିବା ହେଲା ଫାଳସେବା ।

ରଥଯାତରା ଯେତେ ପାଖେଇ ଆସୁଥାଏ, ଏ ପଲଟଣଙ୍କ ଭିତରେ ସେତେସେତେ ଆଗ୍ରହର ପାରଦ ଖାଲି ବଢୁଥାଏ । ସେଦିନ ବାଇନର ନେତୃତ୍ୱରେ ବସିଲା ସଭା । ଶ୍ରୀପାଳିଆ ପାଳି ଧଇଲା ଭଳିଆ, ଆଗେ ବାଇନ ବଇଠକରେ 'ଳ' ସେବାକଥା ଆରମ୍ଭିଲା । କିଛିକ୍ଷଣ ପରେ ଘଣ୍ଟୁଙ୍କର ଆବିର୍ଭାବ, ସମୂହ ଟ୍ରେନିଂ ଆରମ୍ଭ । ପହିଲେ ଥିଓରି ବୁଝାଇଦେଲେ, ଏମାନେ 'ଧ' କହିଲେ ବାନ୍ଧି ଆଣିବା ଭଳିଆ କାମକରନ୍ତି । ଘଣ୍ଟୁ ସବଜେକ୍ଟ ଏକସ୍‌ପାର୍ଟ ପଲଟଣଙ୍କୁ ଇଣ୍ଟର୍ଣ୍ଣସିପ୍ ଆରମ୍ଭ କରାଇଲେ । ଗୋଟିଗୋଟି କରି 'ଳ' ସେବା ଆରମ୍ଭ କରିଦେଲେ ।

କଳ ସେବା

କଳସେବା ହେଲା, ଖଇନି, ଗୁଟୁକା ଓ ତାମୁଳସେବା । ଏଗୁଡ଼ିକ ପାନୁଆ ଓ ନନ୍‌ପାନୁଆଙ୍କ କଳ ଆମୋଦରେ ଲାଗେ । ଦଳ ଭିତରୁ ଜଣେ ଦି'ଜଣ ଏଇ ସେବା ଆଦରିନେଇ, ପାନାକୁଳିଆଙ୍କ ଆଗରେ ଛେଳି ଆଗରେ ସାହାଡ଼ାପତ୍ର ହଲେଇବା ଭଳିଆ ହଲେଇ, ଚଢ଼ା ଦରରେ ସେମାନଙ୍କୁ ଯୋଗାଇଦେବେ । ମାଳସେବା କହିଲେ ଭଗତେ ରଥ ଉପରକୁ ନିଜ ହାତଗୁନ୍ଥା ଆଉ କିଣା ଫୁଲମାଳ ଫିଙ୍ଗନ୍ତି । ରଥରେ ଦିଅଁ ତ ସେବକଙ୍କ ଘେରରେ । ମାଳ ସେବକଙ୍କ ଉପରେ ପଡ଼େ, ସେମାନେ ବି ରଥ ତଳିଆଙ୍କୁ ବଢ଼ାଇ ଦିଅନ୍ତି । ରଥରୁ ତଳକୁ ଖୁସୁଥିବା ମାଳମାନ ହାତେଇ, ପୁନଃଚକ୍ରଣ ଶୈଳୀରେ ଘଣ୍ଟୁ ପଲଟଣ, ନିକଟସ୍ଥ ଭକ୍ତଙ୍କୁ ପାଖୁଡ଼ାଏ ଫୁଲ, ଟିକେ ତୁଳସୀକୁ ଶହଶହ ଟଙ୍କାରେ ବିକେଇଦେଇ ମାଳସେବା କରିବେ ।

ଏମନ୍ତ ପ୍ରକାରେ ଢାଳସେବା ହେଲା, କୀର୍ତ୍ତନ ଭିତରେ କାଉଳିଆଙ୍କ ସହିତ ମିଶି କୀର୍ତ୍ତନକୁ ବେତାଳିଆ କରାଇ ଉଦ୍ଦଣ୍ଡ ଡିଆଁ ଝପଟ କରିବା, ହାତରୁ ଝାଂଜ ଛଡ଼େଇ ବାଡ଼େଇବାଡ଼େଇ ଫଟେଇଦେଇ ବଡ଼ ଭଗତ ସାଜିବା । ଯା'ପରେ ଆରମ୍ଭିବା ଚାଳସେବା । ମହିଳାଙ୍କ ରହଣି କଥା ଭୁଲିଯାଇଥିବା ଭଗତକୁ ଭଡ଼ାଘର ଯୋଗାଇବା ହେଲା ଚାଳସେବା । ଆତୁରିଆଏ ତ ଯେମିତି ହେଲେ ରହିବେ, ଏମାନଙ୍କୁ ସୁଲଭରେ ଭଡ଼ାଘର ଯୋଗାଇଦେବା ବାହାନାରେ ତିନିଗୁଣା ଅସୁଲ କରାଇବା ବି ଗୋଟାଏ ଅସଲକାମ ।

ରଥ ଭିଡ଼ରେ କେତେକଙ୍କୁ ଥାଳମାନ ଧରାଇଦେଇ, କେତେକଙ୍କଠାରୁ ମାଲ୍ ଲୁଟିବା ଏମନ୍ତ ସେବାର ମୂଳ ମଞ୍ଜିକଥା । ଏ ଦାୟିତ୍ୱ ବି ପଲଟଣରେ ଦି'ଜଣ ନେଇଗଲେ । ରଥ ଉପରକୁ ଫିଙ୍ଗା ନଡ଼ିଆଫାଳ ସଂଗ୍ରହକରି ଏଥିରୁ ଟିପେଟିପେ ଭଗତ ଭଗତାଣୀଙ୍କି ବାଣ୍ଟିବା ହେଲା ଫାଳସେବା । ଏମିତି ପ୍ରକାରେ ଘଣ୍ଟୁ ସବୁ ବ୍ୟାଖ୍ୟା କରିଦେଲେ । ପଲଟଣେ ଏଣିକି କାମରେ ଲାଗିବେ । ଏମିତି ପ୍ରକାରେ କୋଡ଼ିଏ ସରିକି ବ୍ୟାନର ତିଆରି ହେଲା । ଲେଖାଥିଲା 'ଅପରେସନ 'ଳ' । ତଳକୁତଳ ସବୁ ସେବାର ନାମ ସହିତ ସଂକେତିଆ ଚିତ୍ର ମଧ୍ୟ କରାଗଲା । ବ୍ୟାନର ଧରି ଘଣ୍ଟୁର ପଲଟଣ ରଥଯାତ୍ରା ଭିଡ଼ରେ ପଇଁତରା ମାରିଲେ । ଲୋକଙ୍କ ଚାହିଦା ଅନୁଯାୟୀ ସେବା ବି ଯୋଗାଇଦେଲେ । ଲୋକେ ଟଙ୍କାଏ ଜାଗାରେ ଦି'ଟଙ୍କା ନେଇ ବି ଏ ସେବା ନେଲେ । ଗୁଣ୍ଡିଚା ମନ୍ଦିରଆଡ଼େ ରଥଗଡ଼ିବା ବେଳକୁ ଘଣ୍ଟୁର ପଲଟଣ 'ଳ' ସେବା ଦେଇ ଯାହାକିଛି ଭେଇଥିଲେ ଘଣ୍ଟୁ ପାଖରେ ଆଣି ପଇଠକଲେ । ରଥ ଭିଡ଼ରେ ଗଣାଗଣି କରିବାକୁ ତରକା ଘଣ୍ଟୁ ଅନୁଚିତ ମଣିଲେ । ଥଳିଆରେ ନୋଟ୍ ଓ ଖୁଚୁରା ଧରି

ଭିଡ଼ ବାହାରକୁ ଆସିବା ବେଳକୁ ଗୋଟେ ବଡ଼ ପଥରରେ ଛେଚି ହେଇଗଲା ଘଣ୍ଟୁଙ୍କ ଗୋଡ଼ । ଖବୁରା ଗୋଇଠି ଖାବରା ହେଇଗଲା; ଧାରଧାର ରକତ ନିଗୁଡୁଚି, ହେଲେ ଯିବାକୁ ହବ ନା । ଟିମାକୁ ଥଳିଆ ଧରେଇ ଥମ୍ କିନା ବସିପଡିଲା ଘଣ୍ଟୁ ।

ଘଣ୍ଟୁଙ୍କ ଏଇ ନୂଆ ସେବା ପାଇନଥିବା ଲୋକେ ଭିତରେ ଭିତରେ ପସ୍ତେଇ ହେଉଥିଲେ ।

ଅଇଲେ କନିଷ୍ଠବଳ

ନଟିଆ ହେଲା ଘଣ୍ଟୁର ପୁରୁଣା ବିରାଦର । ଉଣ୍ଡିଉଣ୍ଡି ଦିଇଟା କନିଷ୍ଠବଳକୁ ଆଣି ଘଣ୍ଟୁ ପାଖକୁ ପେଲିଦେଲା । ପକେଟ୍‌ମାରୁ ବୋଲି ଚିହ୍ନଟକରି କନିଷ୍ଠବଳ ଘଣ୍ଟୁକୁ ଥଳିଆ ସହିତ କାବୁ କରିନେଲେ । ଟିମା ଥଳିଆ ଥୋଇ ଛୁ । ଘଣ୍ଟୁ କେଉଁ ଛାଡ଼ିବା ଲୋକ । କନିଷ୍ଠବଳଙ୍କୁ ପାକଳାପାକଳି କଲା । କହିଲା, ଦି'ଜଣ ଏତକ ନେଇଗଲେ କେମିତି ହବ ? ରଥ ସରିନି, ଆଗକୁ ଆଉ ଥାଳିଆ ଆସିବ । ତହୁଁ କିଛି ନେଇ ତେମେ ଥୟପଡ଼, ନ ହେଲେ, ଆମକୁ ବିନା କାରଣରେ ମାରି ଲହୁ ବୁହାଇଚ - ତମ ଉପର ଅଫିସରଙ୍କୁ ନିଶ୍ଚେ ଜଣେଇବି । ଦିନସାରା ଅଖିଆ ଅପିଆରେ ଡ୍ୟୁଟି କରୁଥିବା କନିଷ୍ଠବଳେ ବି ଅଗତ୍ୟା କିଛି ପାଇ ଖୁସ୍ । ଏଥର 'ଅପରେସନ 'ଳ' ପ୍ଲାକାର୍ଡମାନ ଧରି ପ୍ଲାଟୁନ ସଦସ୍ୟମାନେ ଆସିବାରୁ ଘଣ୍ଟୁ ସମସ୍ତଙ୍କ ସହ ଫଅଟ ଉଠେଇ ଚାଲିଥିଲେ, ମିଡିଆକୁ ବାଇଟ୍ ଦେଉଥିଲେ ।


ଘଣ୍ଟୁର ଏମନ୍ତ ପ୍ରକାର 'ଅପରେସନ୍- 'ଳ'ସେବା'- ମେଡ଼ିଆ ଚାହାଳି ମାଡ଼ିବା ବେଳଠାରୁ କେହି ବି ମେଡ଼ିଆ ପାର୍ଟି ବିନ୍ଦୁ ବିସର୍ଗ ଜାଣିନଥିଲେ। ସେମାନଙ୍କ ଚାଣେଲ୍ ପାଇଁ ଘଣ୍ଟୁଙ୍କ ଏମନ୍ତ ବାଇଟ୍ ସେମାନଙ୍କୁ ଚକିତ କରୁଥିଲା । କାଳେ କଥାଟାକୁ ମେଡ଼ିଆରେ ପ୍ରଘଟ କରିଦେବ, ସେଥିପାଇଁ କନିଷ୍ଠବଳ ଯୁଗଳ ଘଣ୍ଟୁଙ୍କୁ ବିକଳରେ ନିଘା କରୁଥିଲେ ।

ସେଦିନର ରାତି ନ୍ୟୁଜରେ 'ଅପରେସନ୍ -ଳ-ସେବା' ଘଟଣାଟା ବହୁ ଘଣ୍ଟାଚକଟ କରିଦେଲା । ଘଣ୍ଟୁଙ୍କ ଏଇ ନୂଆ ସେବା ପାଇନଥିବା ଲୋକେ ଭିତରେ ଭିତରେ ପସ୍ତେଇ ହେଉଥିଲେ । ଆରସନ ରଥଯାତରେ ଏ ସେବା ଆଗରୁ ଆଦରି ନେବେ ବୋଲି ମନେ ମନେ ସଂକଳ୍ପ କରୁଥିଲେ ।

ବାଇଟ୍ ଦେଇସାରି ଘଣ୍ଟୁ ନିଜ 'ଳ' ଆୟକୁ ଟାଇଟ୍ କରି ଭିଡ଼ ଆଡ଼େଇବାକୁ ଫାଇଟ୍ କରୁଥିଲେ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamishraodia@gmail.com



ପଢ଼ନ୍ତୁ !

ଲୋପାମୁଦ୍ରା ମହାନ୍ତିଙ୍କ କଲମରୁ ଝରିଆସିଥିବା ତାଙ୍କର ପିତା କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କର ଏକ ମର୍ମସ୍ପର୍ଶୀ ସ୍ମୃତିଚାରଣ

ଲୋକାପୁଅ ସୁରିଆ

ଲେଖିକା: ଲୋପାମୁଦ୍ରା ମହାନ୍ତି

ସମସ୍ତ ପୁସ୍ତକ ବିକ୍ରୟ କେନ୍ଦ୍ର ଓ ଆମାଜନରେ
ଉପଲବ୍ଧ । ମୂଲ୍ୟ: ଟ.୧୯୯

ବି.କେ. କ୍ଲାସିକ୍ସ

ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର

ପ୍ରବନ୍ଧ

ପଶ୍ଚିମ ଓଡ଼ିଶାର ଲୋକଗୀତରେ ଶ୍ରୀଜଗନ୍ନାଥ



ଦୋଳଗାବିନ୍ଦ ବିଶୀ

ଜଗନ୍ନାଥ ଧର୍ମ କହିଲେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ତ୍ରିଶକ୍ତି ଗୋଟିଏ ବୃତ୍ତ ମଧ୍ୟରେ ରହନ୍ତି। ଲୋକଦୃଷ୍ଟିରେ ଏମାନେ ସାଧାରଣ ଜନତାର ପ୍ରତିନିଧିତ୍ୱ କରନ୍ତି। ତେଣୁ ଲୋକ ଜଗନ୍ନାଥଙ୍କୁ ଆଦରରେ 'ଜଗା' ଓ ବଳରାମଙ୍କୁ 'ବଳିଆ' ବୋଲି ସମ୍ବୋଧନ କରିଥାନ୍ତି। 'ଜଗା' ହିଁ ପ୍ରତି ଗ୍ରାମୀଣ ଜନତାର ପ୍ରାଣ ଓ ପ୍ରେରଣାର ଉତ୍ସ। ଏ ଜାତି ସହ ତାଙ୍କର ରହିଛି ସାମାଜିକ ସମ୍ପର୍କ, ଜାତିଆଣ ସମ୍ବନ୍ଧ। ଏ ଜାତି ପାଇଁ ସେ ନିଜେ ଆଗଭର ହୋଇ ବାହାରନ୍ତି। ଜାତିର ମାନମର୍ଯ୍ୟାଦାର ଅପଚୟହେଲେ ତାହା ତାଙ୍କ ନିଜର ମାନମର୍ଯ୍ୟାଦାର ହାନି ବୋଲି ମଣନ୍ତି। ତେଣୁ କବି ଲେଖିଛନ୍ତି:

"ନିଜେ ନିରଞ୍ଜନ ଜଗତ ଈଶ୍ୱର
ଧରିଣ ସୈନିକ ନର କଳେବର
ଉତ୍କଳର ଯଶ ପ୍ରତିଷ୍ଠା ରକ୍ଷଣେ
ବିଜେକଲେ ଘୋର ସମର ପ୍ରାଙ୍ଗଣେ"।

ସମାଜରେ ପ୍ରଚଳିତ ବିଭିନ୍ନ ଲୋକଗୀତରେ ଜଗନ୍ନାଥଙ୍କର ମହିମା ବିସ୍ତାର ଏକ ସାଧାରଣ ବ୍ୟାପାର।

ଓଡ଼ିଶାର ଧର୍ମଜୀବନ ଓ ଜନଜୀବନ ସହିତ ଜଗନ୍ନାଥ ଓତପ୍ରୋତ ଭାବରେ ଜଡ଼ିତ। ବିଭିନ୍ନ ସମୟରେ ଏହି କ୍ଷେତ୍ର ଓ କ୍ଷେତ୍ରାଧିପତିଙ୍କୁ କେନ୍ଦ୍ରକରି ବହୁ ସାହିତ୍ୟିକ କୃତି ସୃଷ୍ଟିଲାଭ କରିଛି। ଓଡ଼ିଆସାହିତ୍ୟର ପଞ୍ଚସଖାଯୁଗ ଅର୍ପିତ ସାରସ୍ୱତ ସମ୍ଭାରନିଚୟ ଜଗନ୍ନାଥ ତତ୍ତ୍ୱର ସାହିତ୍ୟିକ ରୂପ ମାତ୍ର । କେବଳ ସର୍ଜନଶୀଳ ସାହିତ୍ୟରେ ନୁହେଁ, ଲୋକଜୀବନକୁ ପ୍ରଭାବିତ କରିଥିବା ଓ ଲୋକଜୀବନ ଉପରେ ପ୍ରଭାବ ବିସ୍ତାର କରିଥିବା ଜଗନ୍ନାଥ, ଓଡ଼ିଶାରେ ପ୍ରଚଳିତ ଲୋକଗୀତଗୁଡ଼ିକରେ ମଧ୍ୟ ଅଖଣ୍ଡ ପ୍ରଭାବ ବିସ୍ତାର କରିଛନ୍ତି। ଜନଜୀବନ ସହିତ କ୍ଷୀରନୀର ସମ୍ପର୍କ ରକ୍ଷାକରି ଲୋକଗୀତଗୁଡ଼ିକର ଆତ୍ମପ୍ରକାଶ ଘଟିଥାଏ। ଏଣୁ ସମାଜରେ ପ୍ରଚଳିତ ବିଭିନ୍ନ ଲୋକଗୀତରେ ଜଗନ୍ନାଥଙ୍କର ମହିମା ବିସ୍ତାର ଅତି ସାଧାରଣ ବ୍ୟାପାର। ସଚେତନ ଭାବେ ସିଂହାବଲୋକନ କଲେ ଜଣାପଡ଼େ ଯେ ଏ ଜାତି ପରି ଲୋକଗୀତଗୁଡ଼ିକ ମଧ୍ୟ ଜଗନ୍ନାଥଙ୍କୁ ଛାଡ଼ି ରହିପାରିନାହିଁ।

ପ୍ରାଣୀଙ୍କ ଗତି ନିୟାମକ

ସର୍ଜନଶୀଳ ସାହିତ୍ୟର ଜଗନ୍ନାଥଙ୍କ ପରି ଲୋକଗୀତର ଜଗନ୍ନାଥ ମଧ୍ୟ ପ୍ରାଣୀଙ୍କ ଜନ୍ମମୃତ୍ୟୁ ଓ ଜୀବନକାଳର ଯାବତୀୟ ଅବସ୍ଥାର ଗତି ନିୟାମକ । ତାଙ୍କର ଆଦେଶରେ ଜୀବର ଜଠରବାସ ହୁଏ, ପୁଣି ଭୂମିଷ୍ଠ ହୁଏ । ଜୀବାତ୍ମା ଅତି ଦୁର୍ବଳମନା। ସେ କାଳିଆ ଠାକୁରଙ୍କ ଆଦେଶରେ ମର୍ତ୍ତ୍ୟକୁ ଆସେ, ମାତ୍ର ଭୂମିଷ୍ଠ ହେବାର ପରମୁହୂର୍ତ୍ତରେ ସେହି ଦାରୁଦର୍ପଣଙ୍କୁ ପାସୋରି ଯାଏ । ଅକସ୍ମାତ୍ ଭାବେ ଦିନେ ସେ ଅତୀତକୁ ସ୍ମରଣକରେ ଓ ଭବିଷ୍ୟତ କଥା ଚିନ୍ତାକରି ଦୁଃଖରେ ମ୍ରିୟମାଣ ହୋଇପଡ଼େ । ଲୋକଗୀତରେ ଏହି ଅଭିବ୍ୟକ୍ତି ଅତି ସୁନ୍ଦର ଭାବରେ ରୂପାୟିତ ହୋଇଛି । ପଶ୍ଚିମ ଓଡ଼ିଶାର ଛୋଟଛୋଟ ପିଲାମାନେ 'ବାଙ୍ଗରୀ' ନାମକ ଏକ ଖେଳରେ 'ବାଙ୍ଗରୀ ଗୀତ' ଗାନ କରିଥାନ୍ତି । ସେଥିରୁ ପଦଟିଏ ଉଦାହରଣ ସ୍ୱରୂପ ନିଆଯାଇ ପାରେ -

"ବାଙ୍ଗରୀରେ,
ଯାଆ ବଏଲାକେ ଗଲିଁ, ବାଙ୍ଗରୀରେ..
ଦାରୁଦରପନ ହେଜଇ ଦେଲି... ବାଙ୍ଗରୀରେ
ଶିଖା ବୁଦ୍ଧିକେ ଧଏଲିଁ ..ବାଙ୍ଗରୀରେ..।"

ଅବଶ୍ୟ କଅଁଳବୟସର ପିଲାଙ୍କ ମନରେ ଏପ୍ରକାର ପରମାର୍ଥିକ ଚିନ୍ତା ପ୍ରବେଶ କରିବା ସମ୍ଭବ ନୁହେଁ। ଏହା କୌଣସି ଜଣେ ଲୋକକବିଙ୍କ ମାନସରୁ ଜାତ ପଦଟିଏ ହୋଇପାରେ, ଯେଉଁମାନେ ଏହି ଖେଳର ନିର୍ଦ୍ଦେଶକ ହୋଇଥାଇପାରନ୍ତି। ଭକ୍ତକବି ଦୀନକୃଷ୍ଣ ଦାସ ନିଜର ଜନ୍ମ ଓ ସାଂସାରିକ ସଙ୍କଟ ସମ୍ପର୍କରେ ଜଗନ୍ନାଥଙ୍କୁ ହିଁ ଦାୟୀ କରିଛନ୍ତି:

"କିମ୍ପାଇ ମୋତେ ସଂସାର ଲଟ
ଭିତରେ ପ୍ରଭୁ କଲ ସଂଘଟ
କିମ୍ପା ନ କଲ ଶ୍ରୀପଦ୍ମପାଦ
କୁସୁମ ଲିଟ ହେ ?"

ମୂଲିଆ ଜୀବନଠୁଁ ବଳି ଆହୁରି ଦୁଃଖମୟ ଜୀବନ ବା କାହାର ?

"ନିଃସ୍ୱତାର ମୂର୍ତ୍ତିଧରି ଠିଆ ଯେ ଧରା ଆଗେ
ତାହାରି ଯୋଗେ ନୁଖୁରା ମାଟି ହସଇ ଶ୍ୟାମ ରାଗେ
ତାହାରି ସ୍ୱେଦ ରକତ ଦାନ, ବଢ଼ାଏ ଜାତିଦେଶର ମାନ,
ତାହାରେ ଦେଖି ଅଳସ ରବି ଉଠଇ ପ୍ରାଚୀ ଭାଗେ ?"

ଏହାହିଁ ତା'ର ପରିଚୟ। ତାହାର ମହାନ ତ୍ୟାଗ ଓ ମହାର୍ଘ୍ୟ ଦାନକୁ କେନ୍ଦ୍ରକରି ବିଶ୍ୱର ସାଜସଜ୍ଜା, ମାତ୍ର ସେ ପେଟକୁ ଗଣ୍ଠିଏ ଓ କଟିକୁ ଖଣ୍ଡିଏ ନିୟମିତ ଯୋଗାଡ଼ କରିପାରେନି। କେଡ଼େ ଯାତନାମୟ ତା'ର ଜୀବନଧାରଣ ପନ୍ଥା ସତେ ! ସେ କହେ, "ଏଇଥିପାଇଁ ଆଉ କେହି ଦାୟୀ ନୁହନ୍ତି। ସବୁ ଜଗନ୍ନାଥଙ୍କର ବଡ଼େଇ, କାହାକୁ ଦିଅନ୍ତି ଖଟପଲଙ୍କ, କାହାକୁ ଦିଅନ୍ତି ଗଡ଼େଇ।"



ହଳିଆ ଗୀତ

ପଶ୍ଚିମ ଓଡ଼ିଶାର "ହଳିଆ ଗୀତ" ବା "ଚଷା ଗୀତ"ରେ ଏହି ମାର୍ମିକ ସ୍ୱର ଅତି ସୁସ୍ପଷ୍ଟ। "ଏ...
କାଲିଆ ଠାକୁର ହୋ ! କଲୁ ନଟଖୁଟ
ପିଠି ନାଇଁ ମାରିରେ.. ମାରି ଦେଲୁ ପେଟ
ମାନେ ଜନମ୍ ଯେବେ ଆର୍ ଦେଲୁରେ କାଲିଆ...
କରୁଛୁ ଛଟପଟରେ...
(ଆର)ଥରେ ତା'ରି ଦେବୁ କାଏଁ ପର୍ ଭୁ ହୋ ଭୋ ନାଥ...
ସଁସାରୁ ଝଟପଟରେ... ରେ...।"
(କାଞ୍ଚି ବିଜୟରେ ଜଗନ୍ନାଥଙ୍କର ଭୂମିକା)

ଓଡ଼ିଶାର ଜନଶ୍ରୁତିରେ କାଞ୍ଚିକାବେରୀ କିଂବଦନ୍ତୀ ବା ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କର କାଞ୍ଚି ବିଜୟ, ଜୟଲକ୍ଷ୍ମୀ ରୂପେ ରାଜକୁମାରୀ ପଦ୍ମାବତୀଙ୍କୁ ଓଡ଼ିଶା ଆନୟନ ତଥା ମନ୍ତ୍ରୀଙ୍କର କୌଶଳତା ଯୋଗୁଁ ରାଜା ଓ ପଦ୍ମାବତୀଙ୍କର ଶୁଭ ପରିଣୟ କଥା ଅତି ସୁପ୍ରାଚୀନ। ସମୟକ୍ରମେ ଏହି କିଂବଦନ୍ତୀକୁ ଅବଲମ୍ବନ କରି ଓଡ଼ିଆସାହିତ୍ୟର ବିଭିନ୍ନ ବିଭାବରେ କୃତିମାନ ସୃଷ୍ଟି ହୋଇଛି । ପୁରୁଷୋତ୍ତମ ଦାସଙ୍କର "କାଞ୍ଚିକାବେରୀ" କାବ୍ୟ ଏହି ଜନଶ୍ରୁତିକୁ ବହନ କରିବାରେ ଏକ ଉଲ୍ଲେଖନୀୟ ମଧ୍ୟଯୁଗୀୟ କୃତି। ଏତଦବ୍ୟତୀତ "ମାଦଳାପାଞ୍ଜି"ର ରାଜଭୋଗ ଭାଗ, ବଳରାମ ଦାସଙ୍କର "ବେଢ଼ା ପରିକ୍ରମା", ରାମ ଦାସଙ୍କର "ଦାର୍ଢ୍ୟତା ଭକ୍ତି ରସାମୃତ"ର ବଡ଼ବିପ୍ର ଛୋଟବିପ୍ର ସମ୍ବାଦ ଓ "ଚକଡ଼ା ବସାଣ" ଆଦି ଏହି ଜନଶ୍ରୁତିର ଚିତ୍ରକୁ ସର୍ବାଙ୍ଗସୁନ୍ଦର କରି ଆମ ଆଗରେ ଉପସ୍ଥାପିତ କରିଥାନ୍ତି। ଓଡ଼ିଶା ବାହାରେ ମଧ୍ୟ ଏହାର ପ୍ରସାର ଘଟିଥିବା ଲକ୍ଷ୍ୟ କରାଯାଇଥାଏ। ବହୁକାଳରୁ ପ୍ରଚଳିତ ହୋଇଆସୁଥିବା ଏହି ସର୍ବଜନଜ୍ଞାତ କିଂବଦନ୍ତୀଟି ସମୟାନ୍ତରେ ଲୋକଗୀତରେ ମଧ୍ୟ ସ୍ଥାନ ପାଇଆସିଛି । ପଶ୍ଚିମଓଡ଼ିଶାର ପାଟଣା ଷ୍ଟେଟ୍ ବା ବଲାଙ୍ଗିର ଜିଲ୍ଲା ପୂର୍ବେ କୋଶଳ ରାଜ୍ୟ ରୂପେ ପରିଚିତ ଥିଲା ଓ ବହୁ ସମୟରେ ଓଡ଼ିଶା ସହ ଏହାର ଯୋଗସୂତ୍ର ପ୍ରାୟ ଅବିଚ୍ଛିନ୍ନ ରହୁଥିଲା । ଏହି ଜନଶ୍ରୁତି ସେହି ସମୟରେ ଓଡ଼ିଶାରୁ ଆସି ଏଠାରେ ପ୍ରସାର ଲାଭ କରିଥିବା କଥା କେତେକ ଲୋକଗୀତ ମାଧ୍ୟମରେ ପ୍ରମାଣିତ ହୁଏ। ପଶ୍ଚିମ ଓଡ଼ିଶାର ପ୍ରମୁଖ ଲୋକଗୀତ (ବଲାଙ୍ଗିର ଜିଲ୍ଲାର ବିଜେପୁର ଗ୍ରାମରୁ ସଂଗୃହୀତ) "ଡାଲ୍‌ଖାଇ"ରୁ ଏଠାରେ ଗୋଟିଏ ଦୃଷ୍ଟାନ୍ତ ଉଦ୍ଧୃତ କରାଯାଇପାରେ:

"ଡାଲ୍‌ଖାଇରେ...
ବାଜୁଛେ ନାଗରା ବାଜୁଛେ ବଜା,
ଯୁଧ୍ୟେକ ଯିବେ ଗଜପତି ରଜା
କାଁଚିର ରଜା ଦେଲା ବେଢ଼ ଗାଲି
ଶୁନି ରିସା କାନୁ ଆର୍ ହଲ୍‌ଧାରୀ
ଭଗତର ଲାଗି ଧାଏଁଲେ
ଘୁଡ଼ାଥିଁ ଚଢ଼ି, ଘୁଡ଼ାଥିଁ ଚଢ଼ି, କାଏଁ ଡାଲ୍‌ଖାଇରେ...
ଡାଲ୍‌ଖାଇରେ...

ବାଟେ ଗଉରେନର୍ ଦହି ଖାଏଲେ
ମୁଦି ବନ୍ଧାକରି, ଯୁଧେ ଜିତିଲେ
ଘିଚି ଆନିଲେ ପଦ୍ମାବତୀ ଜେମା
ରଜା ବଏଲା ଆଚ୍ଛା ପାନେ ଦେମା
ଘାଁସି ଗୁଟେ ବିହା କରି ଗା...

କଥା ସୁଝିମା, ସୁଝିମା କାଏଁ... ଡାଲ୍‌ଖାଇରେ...।"

କେବଳ ବଲାଙ୍ଗୀର ଜିଲ୍ଲାରୁ ସଂଗୃହୀତ ଲୋକଗୀତରେ ନୁହେଁ, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼ ଆଦି ପଶ୍ଚିମଓଡ଼ିଶାର ବହୁ ଅଞ୍ଚଳର ବହୁ ଲୋକଗୀତରେ ଏହି କିଂବଦନ୍ତୀ ମର୍ମରିତ ହୋଇଛି। ପୁନଶ୍ଚ କେବଳ ଡାଲ୍‌ଖାଇରେ ନୁହେଁ, ଆହୁରି ବହୁ ଲୋକଗୀତରେ ସୁଲଳିତ ପଦାବଳୀରେ ମଧ୍ୟ ଏହି "ଜଗନ୍ନାଥ ମହିମା" ପ୍ରକ୍ଷ୍ୟାପକ କିଂବଦନ୍ତୀର ଖଣ୍ଡାଂଶ ବା ପୂର୍ଣ୍ଣାଂଶର ଅସ୍ତିତ୍ୱ ରହିଛି। ନିମ୍ନରେ କଳାହାଣ୍ଡି ଜିଲ୍ଲାରୁ ସଂଗୃହୀତ "ହଲିଆ ଗୀତ"ରୁ ଗୋଟିଏ ଦୃଷ୍ଟାନ୍ତ:

"ଏ...
ଚାଲତ ଚାଲ ବଲଦରେ ହଲ ଢିଲି ଦେମା
ଉଡ଼ିଶା ରଜାରରେ ଯୁଧ କାଏଁ ଦେଖିଯିମା
କଲିଆ ବଲିଆ ଦୁଇ ଭାଏରେ ଲଢୁଆ
ଦେଖି କାଏଁ ତରିଯିମା ରେ..।"

ଜଗନ୍ନାଥ 'ସାମନ୍ତ' ଓ 'ଠାକୁର ରାଜା' ନୁହନ୍ତି । ସେ ଆମ ସମାଜର ଜଣେ ସକ୍ରିୟ ସଭ୍ୟ।

ବାଙ୍ଗରୀ ଗୀତରେ-
"ବାଙ୍ଗରୀରେ..
ହଲଦି ଦୁଇ ଖଣ ଗଜା.. ବାଙ୍ଗରୀରେ...
ନଦୀ ଖଣିଖଣି ବାଜୁରେ ବଜା..
ଆସୁଛନ୍ ଗଜପତି ରଜା..." ଇତ୍ୟାଦି।

ଜନଜୀବନ ସହ ଜଗନ୍ନାଥଙ୍କର ସମ୍ପର୍କ

ସାଧାରଣ ଜନତାଙ୍କ ଦିଅଁ


"ଲୋକଗୀତରେ ଜଗନ୍ନାଥ" ଆଲୋଚନାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି "ଜନସମାଜ ଓ ଜନଜୀବନ ସହ ଜଗନ୍ନାଥଙ୍କର ଅଙ୍ଗାଙ୍ଗୀ ସମ୍ପର୍କ"ର ଚିତ୍ର । ଏହି ପରିପ୍ରେକ୍ଷୀରେ- ଜଗନ୍ନାଥ ଆଉ "ସାମନ୍ତ" ଓ "ଠାକୁର ରାଜା" ନୁହନ୍ତି । ସେ ଆମ ସମାଜର ଜଣେ ସକ୍ରିୟ ସଭ୍ୟ। ତାଙ୍କର ଜୀବନଯାପନ ପ୍ରଣାଳୀ "ବଡ଼ ଦେଉଳ"ର ନିର୍ଦ୍ଧାରିତ କର୍ମସୂଚୀ ଅନୁସାରେ ପାଳିତ ହୁଏନାହିଁ । ସେ ଏହି ଧୂଳି ଧରଣୀର ସାଧାରଣ ଜନତାଙ୍କ ସଙ୍ଗେ ସମତାଳ ଦେଇ ଗତିକରନ୍ତି। ଏହି ପରିପ୍ରେକ୍ଷୀରେ ଜଗନ୍ନାଥଙ୍କର 'ଦିବ୍ୟତ୍ୱ' ନ ଥାଏ । ସେ ପୁରାଣ ପୁରୁଷ ନୁହନ୍ତି। ଅଲୌକିକ ଶକ୍ତିଧର ରୂପେ ତାଙ୍କୁ ପରିଗଣିତ କରାଯାଇନାହିଁ। ସେ ଗ୍ରାମୀଣ ସମାଜର ଏକ ସାଧାରଣ ମଣିଷ । ଜଗନ୍ନାଥଙ୍କୁ ଜନପଦର ଏକ କର୍ମଜୀବୀ ମାନବ ରୂପେ ଚିତ୍ରଣକରି ଗାଇବାରେ ହିଁ "ଲୋକଗୀତ"ର ଯଥାର୍ଥ ମୌଳିକତା ରହିଛି । ପଶ୍ଚିମଓଡ଼ିଶାର କୃଷକ ଓ ସମାଜର ପୂର୍ଣ୍ଣାଙ୍ଗ ପ୍ରତିଚ୍ଛବି ପ୍ରତିବିମ୍ବିତ ହୋଇଥାଏ ଏହି ଅଞ୍ଚଳର 'ହଲିଆ ଗୀତ' ବା 'ଚଷା ଗୀତ'ରେ । ଏଠାରେ ଜଗନ୍ନାଥ ଓ ବଳଭଦ୍ର କୃଷକ ସମାଜର ଦୁଇଭାଇ ରୂପେ ଓହ୍ଲାଇ ଆସିଛନ୍ତି । ଭଗିନୀ ସୁଭଦ୍ରା "ଆଦରଣୀୟା" କିନ୍ତୁ ସୁକୁମାରୀ ନୁହନ୍ତି । ସେ ବଳିଷ୍ଠ ଭୁଜ କୃଷକ ଭ୍ରାତୃଦ୍ୱୟଙ୍କର ଯୋଗ୍ୟା ଭଗିନୀ । ସେ ମଧ୍ୟ ଭାଇଙ୍କ ସାଙ୍ଗରେ କେଦାରରେ କଠୋର ପରିଶ୍ରମ କରନ୍ତି । ସେହି ପଦଟି-

"ଏ...
କାନୁ ବଳରାମ ହୋ, ବଲି ଦୁଇଭାଇ
ଏକ ଫାନ୍ଦେ ନଙ୍ଗଲରେ ଏକ ଫାନ୍ଦେ ଆଡ଼ମୁହିଁ
(ଆର)ଡୁଲି ପଶି ଲୁଲା ମୋ'ର ଖେଲାଏ
ସୁଭଦ୍ରା ଚାନ୍ଦ ମୁହିଁରେ..."

ଏଠାରେ ଜଗନ୍ନାଥ ଓ ବଳଭଦ୍ରଙ୍କର କାର୍ଯ୍ୟକଳାପ ମାଧ୍ୟମରେ ଆମେ ଆମ ଚିରପରିଚିତ ଏକ କୃଷକ ପରିବାରର ଦୈନିକ କର୍ମ ସମ୍ବନ୍ଧରେ ସଚେତନ ହେଉ । କୃଷିକର୍ମ ହିଁ କୃଷକର ପ୍ରାଣ । ଏଠାରେ ଜଗନ୍ନାଥ କୃଷକ ରୂପେ ଦେଖାଦେଇଛନ୍ତି । ଚକ୍ର ଛାଡ଼ି ସେ ଲଙ୍ଗଳ କଣ୍ଢିକୁ ଧାରଣ କରିଛନ୍ତି। ଲୋକଗୀତ ମାଧ୍ୟମରେ ଲୋକସମାଜର ବୋଧେ ଜଗନ୍ନାଥଙ୍କୁ ପରାମର୍ଶ "ହେ ଜଗା ! କେବଳ ଶଙ୍ଖ ଗର୍ଜନ ଓ ଚକ୍ର ପେଷଣକରି ଧରାକୁ ସୁଧାରି ପାରିବନି । ଜଗତରେ ସୁଖଶାନ୍ତି ଆଣିବାକୁ ହେଲେ ଲୋଡ଼ା କୃଷିକର୍ମର ଉତ୍ତରୋତ୍ତର ଉନ୍ନତି । ଏହି କର୍ମ ବିନା ଦେଶର ପ୍ରଗତି ଅସମ୍ଭବ । ସର୍ବନିୟନ୍ତା ସ୍ୱୟଂ ଜଗନ୍ନାଥଙ୍କୁ ମଧ୍ୟ ଏଥିପାଇଁ ଲୋକଗୀତ ମାଧ୍ୟମରେ ଆସି କୃଷିକର୍ମରେ ନିଯୁକ୍ତି ହେବାକୁ ପଡିଛି। ବଳଭଦ୍ରଙ୍କୁ ତାଙ୍କର ନିଷ୍କ୍ରିୟ ହଳାୟୁଧକୁ ଚାଷୋପକରଣ

ଲଙ୍ଗଳରେ ପରିଣତ କରିବାକୁ ପଡ଼ିଛି । ଏହି ପଦଟିରେ ପଲ୍ଲୀଚିତ୍ରର ଅପରୂପ ଛଟା ମଧ୍ୟ ପ୍ରଶଂସନୀୟ । ମହାଲକ୍ଷ୍ମୀ ଶ୍ରୀମନ୍ଦିରର ସୁବର୍ଣ୍ଣ ପିଢ଼ା, ସୁବର୍ଣ୍ଣ ଥାଳି, ରତ୍ନଝରିରେ ସ୍ୱାମୀଙ୍କର ଠା' ନ ବଢ଼ାଇ ସେ ମୁଣ୍ଡ ଉପରେ 'ପଖାଳ' ବୋହି କେଦାରକୁ ପ୍ରତିଦିନ ଗମନ କରୁଛନ୍ତି । ପରୋକ୍ଷରେ ଆମେ ଏହି ପଦ ମାଧ୍ୟମରେ- କୃଷକ ଜୀବନର ନିତ୍ୟକର୍ମ ସମ୍ପର୍କରେ ଅବଜ୍ଞାତ ହେଉ-

"ଏ...
କାନୁ ବଳରାମରେ ଫାନ୍ଦିଲେ ନଙ୍ଗଳ
ପଲ୍‌ହାପକା ବେଳେ କାଏଁ
ଗାଗରୁ ଫୁଟେ ଝାଲ
(ଆର) ବାସି ଧରି ଆସେରେ
ଭାରିଜା କମଲା...
କମଲାରେ.. କଁଷି ମରିଚା
ଲାଲରେ...।"



ଜଗନ୍ନାଥ ଯେହେତୁ କୃଷକ, ତେଣୁ ବାରମାସ ଚାଷକର୍ମରେ ଲାଗିଥାନ୍ତି । ବିହନ ବୁଣା ପରେ ମଧ୍ୟ ସେ ଅବ୍ୟାହତି ପାଇନାହାନ୍ତି । ଚାଷୀର ବାରମାସ ବ୍ୟାପୀ କର୍ମବ୍ୟସ୍ତତା ନିତାନ୍ତ ବାସ୍ତବ କଥା । ଧାନବୁଣା ପରେ ତାର ଯତ୍ନ ଓ ସୁରକ୍ଷା ବିଧାନ, ପୁଣି ମାର୍ଗଶୀର ପୌଷ ଆଡ଼କୁ କଟାକଟି ଓ ଅମଳ କରିବାରେ ଲାଗିଛନ୍ତି-

"ଲାଗିଛେ ଧାନକଟାରେ ମଗଶୀର ମାସ
ଧାନ କାଟୁଥିଲେ ହୋ କାନୁ ମୋର ପୀତବାସ
ଭରା ବାନ୍ଧୁଥିଲେ ହୋ ଭାଇ ବଳରାମ...
ଗହଦେ ଫସ ଫସ ହୋ..."

ଲୋକଗୀତରେ ଚିତ୍ରିତ 'ଜଗନ୍ନାଥ'ଙ୍କର ଏହି 'କୃଷକ' ରୂପ ଅତ୍ୟନ୍ତ ହୃଦ୍ୟ ଓ ଚିତ୍ତାକର୍ଷକ । ଏହାର ଭାବ ଓ ସାମାଜିକ ବୈଶିଷ୍ଟ୍ୟ ଉଚ୍ଚକୋଟୀର ।

ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରରେ ବାରମାସକୁ ତେର ଯାତ୍ରା ଲାଗି ରହିଥାଏ, ଜଗନ୍ନାଥଙ୍କର ଯାବତୀୟ ଯାତ୍ରା ମଧ୍ୟରୁ-

"ତିନି ଯାତ୍ରା ସାର ଦୋଳ, ସ୍ନାନ, ଶ୍ରୀଗୁଣ୍ଡିଚା
ସକଳ ଜୀବର ଅବଲୋକନରେ ପାତକସମୂହ ମୁଞ୍ଚା"

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ହେଉଛି ସର୍ବଶ୍ରେଷ୍ଠ ଓ ବିଶ୍ୱପ୍ରସିଦ୍ଧ ଯାତ୍ରା ।

ରଥଯାତ୍ରାର ମହତ୍ତ୍ୱ

ଓଡ଼ିଶାର ପ୍ରାୟ ପ୍ରତ୍ୟେକ ପୁରପଲ୍ଲୀରେ ଏହିଦିନ ରଥଟଣା ହୁଏ । କେବଳ ଓଡ଼ିଶାରେ ନୁହେଁ, ଅନ୍ୟାନ୍ୟ ଭାରତୀୟ ପ୍ରଦେଶରେ ମଧ୍ୟ ରଥଯାତ୍ରା ଦିବସର ଗୁଣଗାନ ଓ ବର୍ଣ୍ଣନା ଅନେକାଂଶରେ ପରିଦୃଷ୍ଟ ହୁଏ । ଏହିଦିନ ତିନି ଦିଅଁଙ୍କର ରଥ ତ୍ରୟୀ, ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ବଡ଼ଦାଣ୍ଡର ସ୍ୱାଭାବିକ ଶୋଭାକୁ ସ୍ୱର୍ଗୀୟଶୋଭାରେ ରୂପାନ୍ତରିତ କରି ଅଗଣିତ ଭକତଜନ ନେତ୍ର ଆକର୍ଷଣ କରନ୍ତି । "ପାତକ ତାରିବା ପାଇଁ" କାଳିଆ କାହ୍ନୁ ବରଷକେ ଥରେ ରଥରେ ବିଜୟହୋଇ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ମନ୍ଦିରକୁ ଗମନ କରନ୍ତି-

ସହସ୍ରସହସ୍ର ଭକ୍ତଜନ କର୍ଣ୍ଣ, ମନ,
ନେତ୍ରରେ ଜଗନ୍ନାଥଙ୍କର ନାମାମୃତ ଓ
ରୂପାମୃତ ପାନ କରନ୍ତି । ଓଡ଼ିଶାର
ପ୍ରତ୍ୟେକ ପଲ୍ଲୀର କ୍ଷୁଦ୍ର ଦାଣ୍ଡ ସେହି
ଦିନ ବଡ଼ଦାଣ୍ଡରେ ପରିଣତ ହୋଇ
ତଦ୍‌ରୂପ ଉଚ୍ଛୁଳିପଡ଼େ । ପଶ୍ଚିମ ଓଡ଼ିଶାର
ଲୋକଗୀତମାନଙ୍କରେ ରଥଯାତ୍ରା ଦିବସର
ପବିତ୍ରତା, ରଥର ଚଳନ୍ତି ଶୋଭା, ଦାରୁଙ୍କର
ଚିତ୍ତ ଚମତ୍କାରୀ ରୂପ, ଯାତ୍ରାର ଅପୂର୍ବ
ଲୋଭନୀୟ ଚିତ୍ର ଓ ମହିମା ତଥା ଛେରାପହଁରା (ଏ କ୍ଷେତ୍ରରେ ଗାଁର ମୁଖିଆ ବା ଗଉଁଟିଆ (ଗୌତ୍ତିଆ) ଗଜପତିଙ୍କର ଏହି କାର୍ଯ୍ୟ କରିଥାନ୍ତି । କାରଣ ପ୍ରତ୍ୟେକ ରଥଯାତ୍ରାରେ ତ ଆଉ ପୁରୀ ରାଜା ପ୍ରତିନିଧିତ୍ୱ କରିପାରିବେ ନାହିଁ। ତାଛଡ଼ା ସେହି ଗାଁର ଉଦ୍ୟୋକ୍ତା ଭାବେ ସେ ଗାଁର "ଗଜପତି" ରୂପେ ସମ୍ମାନିତ। କେତେକ ଗୀତରେ 'ଗଜପତି ରାଜା' ଥିବାବେଳେ, କେତେକ ଗୀତରେ "ଗଅଁଟିଆ ରଜା" ଥାଏ ।) ଆଦିକୁ କେନ୍ଦ୍ରକରି ବହୁ ପଦମାନ ପ୍ରଚଳିତ। ପ୍ରସିଦ୍ଧ ଲୋକଗୀତ ରସରକେଲୀରୁ ପଦଟିଏ-

"ରସରକେଲୀରେ ..
ରଥଚାଲେ ଘିଡ଼ି ଘିଡ଼ି ଗାଆଁ ଖୁଲିଁ ମାଡ଼ି
ଦୁଇ ଆଁଖି ଦେଖିଦେଲେ ପାପ ଯାଏ ଛାଡ଼ି
(କେତେକାଂଶରେ 'ବଡ଼ଡ଼ାଣ ମାଡ଼ି' ବୋଲି ଗାଆନ୍ତି)
ଫର ଫର ଉଡୁଛେରେ ଦେଖ ରଥର ଧଜା
ଛେରା ପଇଁରା କରୁଛେ ଗଅଁଟିଆ ରଜା
ଆଘେ ବଲରାମ ମଝି ସୁଭଦ୍ରା ବହନୀ
ଜଗତରନାଥ ପଛେ ଲଗାଏ ମୁହୁନୀ
ଦେଖି ମନ ନରଦିଯାଏ ରସ ହୋ..
ଜଞ୍ଜାଲ ନିମାନି, ରସ ମାଡ଼ିବସ ହୋ...
ଘିନ ଖିରିସା ବଡ଼ ଦଉଲେଁ ମନୁଆ, ରଥର ଉପରେଁ ବସା...
ରସ ଯା' ଚାଲିଯାରେ...
ଯା ଚାଲିଯା କେଡ଼େ ମଜା ଭଗତ, ରଥ ଦେଖା ରସ...
ରସ ସରଲା ଦେଶ ହୋ..
ଆଏଜ ଥିଲା ବାସି କାଞ୍ଜି
ତୁରେନ କାଲ୍‌କେନାଇଁ ଆସ..."

ଘୁମୁରା ଗୀତରେ -

"ରଥେ ଦୁତୀୟ ଦିନେ
ବିଜେ କାଲିଆ, ଦେଖି ଯିମାରେ
ଧୀରେ ଧୀରେ ଚାଲିଆ"

ସାରଳା ଦାସ ତାଙ୍କ ଅମରସାହିତ୍ୟ ମାଧ୍ୟମରେ ଗୋପ-ଗୋବିନ୍ଦ-ଜଗନ୍ନାଥ ଏକ ଓ ଅଭିନ୍ନ ବୋଲି ବର୍ଣ୍ଣନା କରିଯାଇଛନ୍ତି।

ଓଗାଳ ଲୋକନୃତ୍ୟ

ପ୍ରଶ୍ନୋତ୍ତର ପ୍ରସଙ୍ଗ ବା ଓଗାଳ 'ଲୋକନୃତ୍ୟ' ଘୁମୁରାର ଏକ ବିଶେଷ ଆକର୍ଷଣ । ଏହି ପଚାର-ଉଚାର କ୍ରମରେ ରଥଯାତ୍ରାର ଐତିହାସିକତା ପ୍ରତିପାଦନ କରିବାକୁ ଚେଷ୍ଟା କରାଯାଇଛି ଓ ସୃଷ୍ଟି ରହସ୍ୟ ସଂପର୍କରେ ଆଲୋକପାତ କରାଯାଇଛି ।

"ଦେଖ ଝଟଝଟ ଦେ ଉତ୍ତର
ପଚ୍‌ରେଇ ଦେଲେ ଘୋଙ୍ଗୋ ଆନ୍‌ଲାକାଏଁ ଜରରେ...
ଆଷାଢ଼ ମାସେ ଯେନ୍ ରଥ ଦେଖି ଯିବୁ କେତାକେ ପର୍ଥମେ
କଲା ବାହାର ।
ଜଗରନାଥର ବହେନ୍ ସୁଭଦ୍ରା ସୁନ୍ଦେରୀ ।
କହ କହ କେ ବୁଆଁ ତାହାରରେ..."

ଗୋପ-ଗୋବିନ୍ଦ-ଜଗନ୍ନାଥ

କେତେକଙ୍କ ମତରେ ଶ୍ରୀ ଜଗନ୍ନାଥ ପ୍ରାକ୍-ସାରଳା ଯୁଗରେ "କଦାଚିତ୍ କାଳିନ୍ଦୀତଟ ବିପିନ"ର ନନ୍ଦନନ୍ଦନ ଥିଲେ ହେଁ ସାରଳା ଦାସ ତାଙ୍କ ଅମରସାହିତ୍ୟ ମାଧ୍ୟମରେ ଗୋପ-ଗୋବିନ୍ଦ-ଜଗନ୍ନାଥ ଏକ ଓ ଅଭିନ୍ନ ବୋଲି ବର୍ଣ୍ଣନା କରିଯାଇଛନ୍ତି । ମୁଷଳୀ ପର୍ବ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଅପୋଡ଼ା ପିଣ୍ଡ ନୀଳଗିରିରେ ଶ୍ରୀଜଗନ୍ନାଥ ରୂପେ ରହିଲେ । ସାରଳା ଦାସଙ୍କ ବର୍ଣ୍ଣିତ ଏହି ଆଖ୍ୟାନ ଜଗନ୍ନାଥପ୍ରେମୀ ଜନମାନସକୁ ଏପରି ମହାମୋହିନୀ ଶକ୍ତିରେ ବାନ୍ଧି ରଖିଛି ଯେ ଜଗନ୍ନାଥ ତତ୍ତ୍ୱର ଉନ୍ମେଷ ଓ କ୍ରମବିକାଶର ଚର୍ଚ୍ଚା ପ୍ରସଙ୍ଗରେ ଆମେ ଶାରଳା-ମହାଭାରତକୁ ହିଁ ପରମ ପ୍ରାମାଣିକ ଗ୍ରନ୍ଥ ବୋଲି ଧରିନେଇଥାଉ । ମହାଭାରତର ଅନ୍ୟାନ୍ୟ ଉପାଖ୍ୟାନ ଓ ସମ୍ବାଦ ତୁଳନାରେ "ଶ୍ରୀକୃଷ୍ଣଙ୍କ ଅପୋଡ଼ା ପିଣ୍ଡରୁ ଜଗନ୍ନାଥ ହେବା" ଉପାଖ୍ୟାନ ହିଁ ଲୋକସମାଜରେ ଅଧିକ ପ୍ରଭାବ ପକାଇ ପାରିଛି । ସାରଳା ଦାସଙ୍କ ଏହି ସମନ୍ୱୟ ଧର୍ମୀ କାହାଣୀ ସଂଯୋଜନା ପରବର୍ତ୍ତୀ ସମୟରେ ବହୁ ସାହିତ୍ୟରେ ଅନୁସୃତ ହୋଇଆସିଛି । କାଳକ୍ରମେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଆଉ ପ୍ରଭେଦ ରହିନାହିଁ । ଏହି ଏକୀକରଣ ଫଳରେ ସର୍ଜନଶୀଳ ଓଡ଼ିଆ ସାହିତ୍ୟ ଓ ଲୋକସାହିତ୍ୟ ଉଭୟ କ୍ଷେତ୍ରରେ ଗୋପ-ଗୋବିନ୍ଦ-ଜଗନ୍ନାଥ ଏକ ଓ ଅଭିନ୍ନ ଭାବେ ଚିତ୍ରିତ ହୋଇଛନ୍ତି। ଉଭୟ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ଯାତ୍ରା ଅବକାଶରେ କବିମାନେ କୃଷ୍ଣଲୀଳାର ଅନେକ ଚିତ୍ର ଦେଖିପାରିଛନ୍ତି । ପଶ୍ଚିମଓଡ଼ିଶାର ଲୋକଗୀତରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କୁ ଅଭିନ୍ନ ରୂପେ କଳ୍ପନା କରାଯିବାର ବହୁ ଦୃଷ୍ଟାନ୍ତ ରହିଛି । ଏପରିକି ଏକ ଲୋକଗୀତର ବର୍ଣ୍ଣନା ଅନୁସାରେ ଶ୍ରୀକ୍ଷେତ୍ର ରୂପକ ଗୋପଦାଣ୍ଡରେ ଗୋପାଳଙ୍କ ଦ୍ୱାରା ଅନୁଷ୍ଠିତ ଭକ୍ତିନର୍ତ୍ତନରେ ସ୍ୱୟଂ ଚନ୍ଦ୍ରସେଣା ନାୟକତ୍ୱ କରିଛନ୍ତି। ଯଥା, ହଲିଆ ଗୀତରେ-

"କୁହୁକ କାଁକର ସେ ଯେ କେତେଦିନ ଥିବ
(ଆର) ରଥ ସଜ ହେଲେ ଯେ ଉଡ଼ିଶାକୁ ଯିବ
ଉଡ଼ିଶା ଦେଶଲୁକେରେ ଉଡ଼ାଉଥିବେ ବାନା
ନାଚୁଥିବେ ଗୁପେ ଦେଖ, ଗୁପି କାଏଁ ଗୁପାଲ
ଗୁପାଲ ହୋ..ମଝିଥିଁ ଚନ୍ଦ୍ରସେନାରେ..."

ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣଙ୍କ ରୂପାନ୍ତର ହେଲେ ମଧ

ସହଜିଆ କୃଷ୍ଣଙ୍କର ପ୍ରତିନିଧିତ୍ୱ କରନ୍ତି ନାହିଁ। ସେ ପୁରୁଷୋତ୍ତମ ଦାରୁବ୍ରହ୍ମ । ଏଣୁ ଶ୍ରୀକ୍ଷେତ୍ରରେ ଗୋପାଳ ନୃତ୍ୟରେ ମଜ୍ଜମାନ ଚନ୍ଦ୍ରସେଣା ପୂର୍ବର ରାଧାକୃଷ୍ଣ ପରକୀୟା ପ୍ରେମ ପ୍ରତି ପଦପଦକେ ଆଖି ରଖିଥିବା ସାଧାରଣ ଗୃହସ୍ଥ ନୁହେଁ। ଏଠାରେ ଚନ୍ଦ୍ରସେଣା ଜୀବନରେ ଆସିଛି ଆଧ୍ୟାତ୍ମିକ ଉତ୍ତରଣ। ସେ ଚିହ୍ନିପାରିଛି ରାଧାଙ୍କୁ, ପରମପୁରୁଷ କୃଷ୍ଣ-ଜଗନ୍ନାଥଙ୍କୁ।

ସେ ଉପଲବ୍ଧି କରିପାରିଛି ନିଜର ସୀମିତତାକୁ ଓ ଭଗବାନଙ୍କର ଭାବଗ୍ରାହୀ ରୂପକୁ । ଅତୀନ୍ଦ୍ରିୟ ସ୍ତରରେ ଥିବା ନପୁଂସକ ଚନ୍ଦ୍ରସେଣା ବି ଶେଷରେ କାଳିଆ ଭୂତର ଆୟତ୍ତରେ ପଡ଼ିଯାଇଛି-

"ଚନ୍ଦ୍ରସେନ ବଏଲା ମୋର ଘର ବୁଡ଼ିଗଲା
ଭୂତ କି ପିଶାଚ ହୋ, ରାଧା କେ ଗିଲୁଥିଲା ।
ରାଧା କେ ଗିଲୁଁ ଗିଲୁଁ ଯେ ନ ପୂରିଲା ତାର ପେଟ
ମୋତେ ଗିଲିବାକେ ଦେଖ ବସିଛେ
ଶ୍ରୀଖଣି କଲା ଭୂତରେ... ।"

ତ୍ରିମୂର୍ତ୍ତି ବର୍ଣ୍ଣନା

ରଥାରୂଢ ତ୍ରିମୂର୍ତ୍ତି ବର୍ଣ୍ଣନା ସମୟରେ ଲୋକଗୀତରେ ଜଗନ୍ନାଥଙ୍କୁ ନନ୍ଦନନ୍ଦନ ରୂପେ ବର୍ଣ୍ଣନା କରାଯାଇଛି, "ନନ୍ଦିଘୋଷ ରଥେ ଯେ ନନ୍ଦର ନନ୍ଦନ
ତାଲଧଜ ରଥେଁ ଦେଖ ବିଜଏ ବଲରାମ
ବିଜୟା ରଥରେ ଦେଖ ସୁଭଦ୍ରା
ଗୁଣ୍ଡିଚା ଯାତ୍ରା ଦିନ ହୋ ।" (ହଲିଆଗୀତ)

ଶ୍ରୀକୃଷ୍ଣଙ୍କ ଗୋପଲୀଳା, ବୃନ୍ଦାବନ ଲୀଳା ଓ ମଥୁରା ଲୀଳା ପାଇଁ ବହୁ ଲୋକଗୀତରେ ଶ୍ରୀଜଗନ୍ନାଥଙ୍କୁ ଲୀଳା ପୁରୁଷ ଭାବେ ବର୍ଣ୍ଣନା କରାଯାଇଛି ।

ଶ୍ରୀକୃଷ୍ଣଙ୍କ ଗୋପଲୀଳା, ବୃନ୍ଦାବନ ଲୀଳା ଓ ମଥୁରା ଲୀଳା ପାଇଁ ବହୁ ଲୋକଗୀତରେ ଶ୍ରୀଜଗନ୍ନାଥଙ୍କୁ ହିଁ ଲୀଳା ପୁରୁଷ ଭାବେ ବର୍ଣ୍ଣନା କରାଯାଇଛି ଏବଂ ଗୋବିନ୍ଦ-ଜଗନ୍ନାଥଙ୍କ ମଧ୍ୟରେ ଏକତ୍ୱ ସ୍ଥାପନ କରାଯାଇଛି। ନିମ୍ନରେ ସେଥିରୁ କେତୋଟି ଉଦାହରଣ ଦିଆଗଲା ।

(କ) ଆହାରେ କଳିଆଧନ ବାଙ୍ଗରୀଗୋ
ରଥେଁ ବିଜେ କଲେ ନନ୍ଦନନ୍ଦନ ଗୋ
ରଥର୍ ପଛେଁ ଧାଏଁ ମନ ଗୋ
(ବାଙ୍ଗରୀ ଗୀତ)

(ଖ) କଳିଆ ଭୂତକେ ସଖୀ ଚାଲ ଯିମା ଦେଖି
ଦହି ମହି ଖାଇ ଖାଇ ଢିମା ଢିମା ଆଖି
ମାଏଲା ପୂତନା ବକା ଅଘା ତ ଅସୁର
କୁଜିକେ ରସିଲେ ମାରି ମାମୁଁ କଁସାସୁର
ସବୁ ପାପ ଆଏଜ୍ ମାରି ଯାଉଛ, ରଥର ଉପର...
(ରସରକେଲୀ)

ଲୋକଗୀତରେ ଗୋପ-ଗୋବିନ୍ଦ-ଜଗନ୍ନାଥଙ୍କର ଅଭିନ୍ନ ବର୍ଣ୍ଣନା ଅତ୍ୟନ୍ତ ହୃଦ୍ୟ । ପ୍ରଦତ୍ତ ଉଦାହରଣମାନଙ୍କରେ ଭକ୍ତ ହୃଦୟର କାତର ଭାବ, ଉଦାର ଧର୍ମୀ ସମନ୍ୱୟବାଦିତା ପ୍ରକାଶିତ ହେବା ସଙ୍ଗେସଙ୍ଗେ ତୃଣପରି ବୈଷ୍ଣବଜନ ସୁଲଭ ସରଳତା ମଧ୍ୟ ପ୍ରକାଶ ପାଇଛି। ଶେଷୋକ୍ତ ଉଦାହରଣର ସୁଲଳିତ ଭାଷା, ମନଛୁଆଁ ଭାବ ଏକମୁଖୀ ମନର ବିଭୁ ପ୍ରାପ୍ତି ପାଇଁ କାତରତା ଓ ସର୍ବୋପରି ପାରମାର୍ଥିକ ମୂଲ୍ୟବୋଧକୁ ଯେକୌଣସି ଉଚ୍ଚକୋଟୀର ରଚନା ସଙ୍ଗେ ସମାନ କରାଯାଇପାରେ । କେବଳ କୃଷ୍ଣ ଓ ଜଗନ୍ନାଥ ନୁହନ୍ତି ଲୋକଗୀତର ସମସ୍ତ ଭଗବାନ ବା ଅବତାର ଏକ ଏବଂ ଅଭିନ୍ନ ରୂପେ ଚିତ୍ରିତ ହୋଇଥାନ୍ତି। ଲୋକଗୀତର ସ୍ଥାନେ ସ୍ଥାନେ ଜଗନ୍ନାଥଙ୍କୁ ଅବତାରୀ ରୂପେ ଗ୍ରହଣ କରାଯାଇଛି-

ଡାଲ୍‌ଖାଇରେ...
ଜୟ ଜଗନାଥ ଜଗତର୍ ସାଇଁ
ଜୟ ଜୟ ହରି କଲା କନେଇଁ
କୃଷ୍ଣ ଅବତାରେଁ ରମିଲ ଗୁପି
ବଲିକେ ପାତାଲେଁ ଦେଇଛ ଚାପି
ରାମ ଅବତାରେଁ ରାବନ ମାରି
କଲି କାଳେଁ ଆସି ରହିଛ ଶୀନୀଲଗିରି...

ପଶ୍ଚିମଓଡ଼ିଶାର ଲୋକଗୀତରେ ଏପରି ଭାବରେ ଜଗନ୍ନାଥଙ୍କ କଥା ବହୁ ଭାବରେ ବର୍ଣ୍ଣିତ ହୋଇଛି । ଏଅଞ୍ଚଳର ଲୋକଗୀତରେ ପ୍ରତିଫଳିତ ତ୍ରିରଥ ବର୍ଣ୍ଣନା ଓ ଜଗନ୍ନାଥଙ୍କ ଆବିର୍ଭାବ ରହସ୍ୟ ଆହୁରି ହୃଦ୍ୟ। ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ପ୍ରବନ୍ଧରେ ଏ ବିଷୟକୁ ଆଲୋଚନା କରିବାର ବାସନା ରହିଲା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
dgbkoshalayana@gmail.com

ଗଳ୍ପ

ପୁତୁଲୀର ରାତି



ସୁମିତା ବେହେରା

'ଜେଜେମା ! ଆଉ କେତେଦିନ ପରେ ରବିବାର ଆସିବ ?' କମଳିନୀଙ୍କ ଗଳାରେ ହାତଛନ୍ଦି ପଚାରୁଥିଲା ପୁତୁଲୀ।

'କାହିଁକିରେ ମାଆ ? ରବିବାରରେ କ'ଣ ହେବ କି ? ସ୍କୁଲ୍ ତ ତୋ'ର ଛୁଟି ନା ସେଦିନ !' ନିଦୁଆ ଆଖିରେ ଉତ୍ତର ଦେଲେ କମଳିନୀ ।

'ଜଲଦି ରବିବାର ଆସିଲେ ସିନା ପାପାମାମାଙ୍କୁ ଦେଖିବି।' ଆଶାଭରା କଣ୍ଠରେ କହିଲା ପୁତୁଲୀ ।

ଦୀର୍ଘଶ୍ୱାସ ଛାଡ଼ିଲେ କମଳିନୀ। କ'ଣ କହି ବୁଝେଇବେ ସାଢ଼େ ତିନି ବର୍ଷର ଏଇ କୁନି ଝିଅଟିକୁ। ଆଜିର ମଣିଷ ଏତେ କାର୍ଯ୍ୟବ୍ୟସ୍ତ ଯେ ରାତି ପାହିଲେ ପଡ଼ି-ଉଠି ଊର୍ଦ୍ଧ୍ୱଶ୍ୱାସରେ ଧାଉଁଛି । ପଛରେ କାହା ଛାତିରେ ପାଦ ଚାପି ଚାଲିଯାଉଛି, ବୁଲିପଡ଼ି ଦେଖିବା ପାଇଁ ଆଉ ସମୟ ନାହିଁ । ଯୁଗ ସହିତ ତାଳଦେଇ ନ ଧାଇଁଲେ ପଛରେ ରହିଯିବ ଯେ!!! ସେଇଥିପାଇଁ ତ ଆଜିର ପିଢ଼ି ପାଇଁ ବିବାହ କରିବା କିମ୍ବା ବିବାହ କରିଥିଲେ, ସନ୍ତାନ ଜନ୍ମ କରିବା ପାଇଁ ଆଗ୍ରହ ନାହିଁ । କେତେଜଣ ତ ଏବେ ମଣିଷ ଛୁଆ ନୁହେଁ, କୁକୁର ପାଳି ମାତୃତ୍ୱର ଅନୁଭବ ପାଉଛନ୍ତି ବୋଲି କହି ବୁଲୁଛନ୍ତି ।



ପୁତୁଲୀର ମାତାପିତା ମଲ୍ଟି ନ୍ୟାସନାଲ୍ କମ୍ପାନୀରେ ଚାକିରି କରୁଛନ୍ତି। ଅଫିସ୍ ଗାଡ଼ି ସକାଳ ସାତଟାରେ ଆସି ସେମାନଙ୍କୁ ଘରୁ ନେଇଯାଏ । ଫେରୁଫେରୁ ରାତି ସାଢ଼େ ନଅ କି ଦଶଟା । ବଡ଼ବଡ଼ ସହରରେ ଏମିତି ହିଁ ହୁଏ । ସବୁ ଦୂରଦୂରରେ । ଯିବା ଆସିବାରେ ହିଁ ଚାରି ପାଞ୍ଚ ଘଣ୍ଟା ଚାଲିଯାଏ। ଜୀବନକୁ ଉପଭୋଗ କରିବା କଥା ତ ସେମାନେ ଏକଦମ୍ ପାସୋରି ଯାଇଛନ୍ତି । ସେଥିରେ ନିଜର ସନ୍ତାନ ବା ବୃଦ୍ଧ ମାତାପିତାଙ୍କର ଦାୟିତ୍ୱ ଆଉ କେତେବେଳେ ନେବେ ?

'ଜେଜେମା ! କିଛି କହୁନ କାହିଁକି ଯେ ? ଆଉ କେତେଦିନ ପରେ ରବିବାର ଆସିବ ?' ନାତୁଣୀ ପୁଣିଥରେ ନିଜ ପ୍ରଶ୍ନ ଦୋହରାଇଲା ।

'ଆଜି ତ ମାତ୍ର ମଙ୍ଗଳବାରରେ ମାଆ। ଆହୁରି ଚାରିଦିନ ବାକି ଅଛି ।'

'ଓଃ ! ମୁଁ ଭାବିଲି କାଲି ଆସିବ। ଉଦାସ ସ୍ୱରରେ କହିଲା ପୁତୁଲୀ।' ନିଜ ଆଙ୍ଗୁଳିରେ ଗଣୁଥିଲା ମଙ୍ଗଳବାରରୁ ରବିବାର ପାଇଁ ଆଉ କେତେ ଦିନ ରହିଲା ।

ନାତୁଣୀକୁ ଆଉ ଟିକେ ଭିଡ଼ି ଆଣିଲେ କୋଳକୁ। କହିଲେ, 'ମୁଁ ଆଜି ବଡ଼ିଆ ଗପଟେ କହିବି। ମୋ' ଧନ ଶୁଣିକି ଶୋଇପଡ଼ିବ।'

'ଆଜି ମୁଁ ଶୋଇବିନି । ଚେଇଁକି ରହିବି । ସବୁଦିନ ଗପ ଶୁଣେଇ ମୋତେ ଶୁଆଇ ଦଉଚ, ଆଉ ମୁଁ ମାମା-ପାପାଙ୍କୁ ଦେଖିପାରୁନି ।'

'ହଉରେ ମାଆ । ତୋ' ଇଚ୍ଛା।'

କମଳିନୀ ଜାଣିଛନ୍ତି, ସବୁଦିନ ସେ ଏମିତି କହେ ଆଉ ଶୋଇପଡ଼େ । ପିଲାଲୋକ ଆଉ କେତେ ବିଳମ୍ବ ପର୍ଯ୍ୟନ୍ତ ଚେଇଁପାରିବ ? ବିଚାରୀ ସକାଳେ ଶୋଇଥିବା ଅବସ୍ଥାରେ ତା' ମାଆବାପା ଅଫିସ୍ ଚାଲିଯାଆନ୍ତି ଆଉ ଫେରିବା ବେଳକୁ ଝିଅ ନିଦରେଥାଏ । ରାତିରେ ଫେରି ବାପାମାଆ ତାକୁ କେତେ ଗେହ୍ଲାକଲେ ମଧ୍ୟ ସିଏ ତ ଜାଣିପାରେନି !! ସେ ଦେଖିଛନ୍ତି ତାଙ୍କ ବୋହୂ ହୃଦୟର କୋହ ଆଉ ଆଖିର ଲୁହ। ଜନ୍ମିତ

ସନ୍ତାନ ପାଇଁ କିଛି ନ କରିପାରିବାର କ୍ଷୋଭ । କେବଳ ଟଙ୍କା ରୋଜଗାର କରିବା ବ୍ୟତୀତ ଆଉ କ'ଣ ବା ସେମାନେ ପିଲା ପାଇଁ କରିପାରିବେ ? ଆଜିକାର ଦିନରେ ବେସରକାରୀ ଚାକିରିର ଭବିଷ୍ୟତ ମଧ୍ୟ ଅନିଶ୍ଚିତ । ପେନସନ୍ ତ ଦୂରର କଥା । ସ୍ୱାମୀ-ସ୍ତ୍ରୀ ଦୁଇଜଣ ପଦାକୁ ନ ବାହାରିଲେ ନଚଳେ । ସତରେ କେତେ ଅସହାୟ ଆଜିର ପିଢ଼ି !!!

ସେମାନଙ୍କ ପାଇଁ ହାତରେ କେବଳ ଗୋଟିଏ ରବିବାର । ସେଦିନ ବାହାରେ ଖାଇବା, ପାର୍କରେ ଖେଳିବା, ମଲ୍ ବୁଲିବାରେ ସମୟ ଯାଏ । ମାତାପିତାଙ୍କ ସହିତ ଛୁଆଙ୍କର ମଧ୍ୟ ଅପେକ୍ଷା ଥାଏ ସେଇ ଗୋଟିଏ ରବିବାରକୁ ।

ଏଇଟା କେବଳ କମଳିନୀଙ୍କ ନାତୁଣୀ କଥା ନୁହେଁ, ବଡ଼ବଡ଼ ସହରରେ ସମସ୍ତଙ୍କ ସହିତ ଏମିତି ହୋଇଥାଏ । ସବୁ ଛୁଆଙ୍କ ଭାଗ୍ୟ ପୁତୁଲୀ ପରି ବି ନୁହେଁ ଯେ, ସେମାନଙ୍କ ସହିତ ଅଜା-ଆଈ କିମ୍ବା ଜେଜେ-ଜେଜେମା ରହିଥିବେ । ଆୟା ସହିତ ସେମାନଙ୍କୁ ରହିବାକୁ ହୁଏ । ଏଇଟା ଆଜିର ପିଢ଼ି ପାଇଁ ଆଉ ଏକ ଯନ୍ତ୍ରଣା ।

ସବୁ ଛୁଆଙ୍କ ଭାଗ୍ୟ ପୁତୁଲୀ ପରି ବି ନୁହେଁ ଯେ, ସେମାନଙ୍କ ସହିତ ଅଜା-ଆଈ କିମ୍ବା ଜେଜେ-ଜେଜେମା ରହିଥିବେ ।

'ଏଇ ରବିବାର ଆମେ ଚିଡ଼ିଆଖାନା ଯିବା ନା ? ପାପା କହୁଥିଲେ ଯେ ?'

'ହଁ, ଯିବା । ମୋ' ସୁନା ମାମା ତ ସବୁ ବୁଝିପାରେ । ଆଜି ଶୋଇପଡ଼ । ଆଜି ଗୋଟେ ନୂଆ ଗପ କହିବି ।'

'ଉଁ.. ଜମା ଶୋଇବିନି । ଆଜି ଯେମିତି ହେଲେ ପାପାମାମାଙ୍କୁ ଦେଖିବି ।'

ନାତୁଣୀ ମୁଣ୍ଡକୁ ସାଉଁଳେଇ ଦେଉଦେଉ କମଳିନୀ କହିଲେ, 'ହଉରେ ମାଆ, ସେଇଆ ହେବ ।'

ପୁତୁଲୀର ବଡ଼ବଡ଼ ଆଖି ଧୀରେ ଧୀରେ ଛୋଟହୋଇ ଆସୁଥିଲା । ଜୋର୍‌କରି ଆଖି ଖୋଲା ରଖିବାକୁ ସିଏ ଚେଷ୍ଟା କରୁଥିଲା । ଜେଜେମାଙ୍କର ନରମ ସ୍ପର୍ଶରେ ବୁଜି ହୋଇଯାଉଥିଲା ତା'ର ନିରୀହ ଆଖିଯୋଡ଼ିକ । ନିଦରେ ଥାଇ ସିଏ କହୁଥିଲା, 'ଆଜି ମୁଁ ଜମାରୁ ଶୋଇବିନି ।'

□□

ଲେଖକଙ୍କ ଇ-ମେଲ୍ ଠିକଣା:
beherasumita2@gmail.com



ପ୍ରକାଶ ପାଇଲା !

ଆମ ସମୟର ଶ୍ରେଷ୍ଠ କଥା:

କଥା ଦଶକ

ଲେଖିକା: ବନଜ ଦେବୀ

ଲେଖିକାଙ୍କର ୧୦ଗୋଟି ମୂଳ ଗଳ୍ପ ସହିତ ବିଶିଷ୍ଟ ସମୀକ୍ଷକମାନଙ୍କ ଦ୍ୱାରା ପ୍ରତ୍ୟେକଟି ଗପର ମନୋଜ୍ଞ ସମୀକ୍ଷା ।

ପ୍ରକାଶକ: ଅନନ୍ୟ ପ୍ରକାଶନ
ଭୁବନେଶ୍ୱର, ମୋ: ୯୪୩୯୪୭୭୯୯୯
ମୂଲ୍ୟ: ଟ. ୧୦୦/- ମାତ୍ର


ଅନୁଭୂତି

କେତେ ଅଜଣାରେ...



ବନଜ ଦେବୀ

ଆଜି ମୋ' ବାସ୍ତବ ଜୀବନର ଅନୁଭୂତିରୁ ଚେନାଏ ପରଖିଦେବାକୁ କଲମ ଧରିଛି । ମୋ' ମନ ତ ଗୋଟାଏ ବୁଲା ବାଟୋଇର ଝୁଲାମୁଣି । ବାଟ ଚାଲିଲାବେଳେ ଯାହାଯାହା ଆଖିରେପଡ଼େ ଓ ମନକୁ ଛୁଏଁ ତାକୁ ସାଉଁଟିଆଣି ସାଇତି ରଖିଥାଏ । ଏମିତିଏମିତି ମୋ' ଝୁଲାମୁଣିରେ କେତେ ଜିନିଷ । ବସ୍ତୁ ନୁହଁ, ଭାବର ସ୍ଫଟିକ ବିନ୍ଦୁ । ଭୋର୍ ବେଳାର ରଙ୍ଗମାଖି ଗୋଦାବରୀ ନଦୀର ଛାତିରେ ଉଡ଼ିଯାଉଥିବା ଚିକି ଚଢ଼େଇଟି, ଚୈତ୍ର ଅପରାହ୍ଣର ନାରଙ୍ଗୀଖରାରେ ପବନରେ ଦୋହଲୁଥିବା ଗୋଟିକିଆ କାଠଚମ୍ପାଟି, ଘନଘୋର ବର୍ଷାରେ କନିଅର ଗଛ ଡାଳରେ ବସିଥିବା କାକୁସ୍ଥ କଜଳପାତିଟି ଯେମିତି ଏବେ ବି ମୋ' ମନରେ ଜାଗା ମାଡ଼ିବସିଛି । ଠିକ୍ ସେମିତି ଜରି ଗୋଟାଉଥିବା ଅସହାୟ ବୃଦ୍ଧାଟି । ରାସ୍ତାକଡ଼ରୁ ଦୋକାନମାନଙ୍କରେ ହାତପାତି ଠିଆହୋଇଥିବା ଅସହାୟ ବାଳକସବୁ । ପେଟକୁ ମୁଠାଏ ଦାନା ପାଇଁ ଯେଉଁମାନଙ୍କର ନିରନ୍ତର ସଂଗ୍ରାମ, ଏମାନେ ସବୁ ମୋ' ଭିତରେ କୋଳାହଳ କରନ୍ତି । ଏମାନଙ୍କୁ କ'ଣ କିଏ ଅବିକଳ ଉତାରିପାରିଲାଣି ଶବ୍ଦରେ ? ଶବ୍ଦ କ'ଣ ସତରେ ଅବିକଳ ଭାବକୁ ଧାରଣ କରିବାକୁ ସମର୍ଥ ? ମୁଁ ବା କିବା ଛାର !



ଫୁଲ ଓ କଣ୍ଟା

ଜୀବନ ବାଟରେ ଫୁଲ ଭେଟିଛି । କଣ୍ଟା ବି ଭେଟିଚି । ବଡ଼ ମଣିଷର ଛୋଟପଣ ଦେଖିଛି । ଛୋଟ ମଣିଷର ବଡ଼ପଣ ବି ଅନୁଭବ କରିଚି । ହେଲେ ଏଇଠି ମୁଁ ଅଟକି ରହିଛି । ଚେଷ୍ଟା କରିଛି ସେମାନଙ୍କୁ ଉତାରିବାକୁ ଶବ୍ଦରେ । ହଁ, ମୁଁ ସେମାନଙ୍କୁ ଲେଖୁନାହିଁ, ଉତାରୁଛି ମାତ୍ର । ଘାସଫୁଲ ଉପରେ କେତୋଟି କାକରବିନ୍ଦୁ ଢଳଢଳ ହେଉଛି । ଆଜି ସେଇ ଅମଳିନ କାକର ଫୁଲରୁ କେତୋଟି ।

ସେତେବେଳେ ଆମେ କଟକର ତାଳଦଣ୍ଡା କେନାଲ ଧାରରେ ଏକ ଭଡ଼ାଘରେ ରହୁଥାଉ । ସବୁଦିନ ଅପରାହ୍ଣରେ ଚାକର ଚପରାସୀଟି ଝିଅକୁ ବୁଲାଇବାକୁ ନିଏ । ସେତିକିବେଳେ ରାସ୍ତାରେ କେଉଁ ବିସ୍କୁଟ କମ୍ପାନୀର କର୍ମଚାରୀଟି ତା' କାଚଲଗା ଟ୍ରଲିବାକ୍ସରେ ଭଲିଭଲି ବିସ୍କୁଟ୍, କେକ୍ ଓ ନାନକଟାଇ ସଜେଇରଖି ଯାଉଥାଏ । ଝିଅ ତାକୁ ଆଙ୍ଗୁଠି ଦେଖାଇ ଠାରେ, ବିଷ୍ଣୁ (ଚପରାସୀ) ତା'ଠୁ ଗୋଟିଏ ନାନକଟାଇ କିଣି ତାକୁ ପଇସା ନେଇ ଦେଇଦିଏ । ଏମିତି ସବୁଦିନ । ପ୍ରାୟ ଦୁଇବର୍ଷ ପରେ ଆମେ ସେ ଜାଗା ଛାଡ଼ିଲୁ । ଗାଡ଼ିରେ ଜିନିଷପତ୍ର ଲଦାହେଲା । ଏତିକିବେଳେ ସେଇ କେକ୍‌ବାଲାଟି ଆସି ପହଞ୍ଚିଲା । ଝିଅକୁ କାଖକରି ବହୁତ ଆଦରକଲା । ତା'ପରେ ତା'ହାତରେ ଧରାଇଦେଲା ଗୋଟେ ପ୍ୟାକେଟ୍ । ଦି'ଗଜ ରିବନ୍ । ତା'ର ଏତାଦୃଶ ବ୍ୟବହାର ମୋତେ ଅଭିଭୂତ କଲା । ସେ ବିକ୍ରେତା, ଝିଅ ଗ୍ରହୀତା... ଅଥଚ ଏତେ ଶ୍ରଦ୍ଧା । ମୁଁ ହଠାତ୍ ଭାବିଲି ବିଚରା କେକ୍‌ବାଲାଟି ମାଲିକଠାରୁ ଜିନିଷ ହିସାବକରି ଆଣୁଥିବ ଓ ପଇସା ପଇଠ କରୁଥିବ । ଏତେବଡ଼ ପ୍ୟାକେଟ୍‌ଟା ତାକୁ ବଡ଼ ବାଧୁଥିବ । ଝିଅ ବିସ୍କୁଟ ପ୍ୟାକେଟ୍‌ଟି ଧରିସାରିଥିଲା । ମୁଁ କିଛି ଟଙ୍କା କେକ୍‌ବାଲା ହାତକୁ ବଢ଼ାଇଦେଲି । ବିସ୍କୁଟର ଦାମ୍ ହିସାବରେ । ସେ ଏକ ମଳିନ ହସ ହସିଲା । ଟଙ୍କାକୁ ଫେରାଇଦେଇ କହିଲା, ଝିଅ ମୋ'ର କୁନି ଗରାଖଟିଏ । ସବୁଦିନ ଚାରିଟାବେଳେ ସେ ଖେଳୁଥିବ, ମତେ ଦେଖି ଦଉଡ଼ି ଆସିବ । ମୁଁ ତାକୁ ନାନକଟାଇ ଗୋଟେ ଧରାଇଦିଏ । କେତେ ଖୁସିରେ ସେ ନିଏ । କାଲିଠାରୁ ସେ ସେ ଆଉ ଗେଟ୍ ପାଖରେ ନଥିବ ।

ଏଇବାଟେ ଗଲାବେଳେ ଜାଗାଟା ମତେ ଖାଲିଖାଲି ଲାଗିବ । ଏଇ ଖାଲି ଆଖିକୁ ଦିଶିବ ସତ, ହେଲେ ମନକୁ ବି ଛୁଇଁବ । ମୁଁ ତାକୁ କ'ଣ ଦେଇପାରିବି ? ମାଆ, ବିସ୍କୁଟର ଦାମ୍ ଦେଇ ମତେ ଛୋଟ କରିଦିଅନ୍ତୁ ନାହିଁ ।

ପାହାରଟାଏ ବସିଲା କି ମୋ' ଅନ୍ତଃକରଣରେ । ଏଇ ବିସ୍କୁଟବାଲା ପାଖରେ ମୁଁ ସତରେ କେତେ ଛୋଟ ହେଇଗଲି ।

ତା'ର ସ୍ମୃତି ଓ କଥାତକ ଏବେ ମନରେ ସଜୀବ ଅଛି ।

ସେମିତି ଆଉଜଣେ ଲୋକ । ତାଙ୍କୁ ମୁଁ ଜାଣିନି କିମ୍ବା ଚିହ୍ନିନି । ଅଥଚ ସେ ଏବେବି ସ୍ମରଣୀୟହୋଇ ଅଛନ୍ତି । ଅବୋଧ ମଧ୍ୟ ।

କଟକରୁ ଯାଇ ଆମେ ଝାରସୁଗୁଡ଼ାରେ ରହିଲୁ । ନୂଆଜାଗା, ନୂଆଲୋକ । ସେପଟର ଲୋକମାନେ ଉପକୂଳ ଅଞ୍ଚଳର ଲୋକମାନଙ୍କୁ 'କଟକିଆ' ବୋଲି କହନ୍ତି । କିନ୍ତୁ ଶ୍ରଦ୍ଧା ଆନ୍ତରିକତାରେ ଟିକେ ବି ଉଣା ନଥାଏ ।

ଝୁଟ୍ ମତ୍ ବୋଲୋ

ଭଡ଼ାଘର । ଦିନେ ଦି'ପହରେ କବାଟ ଖଡ଼ଖଡ଼ହେଲା । ମୁଁ ଖୋଲିଲି । ଦେଖିଲି, ବାରଣ୍ଡାରେ ଠିଆହୋଇଛନ୍ତି ଜଣେ ପ୍ରୌଢ଼ । ଗୋରାଦେହ । ପିନ୍ଧିଛନ୍ତି ଦରମଇଳା ଧୋତିଗୋଟେ । ଆକାଶ ରଙ୍ଗର ହାଫ୍ ସାର୍ଟ । ସେ ସିଧାସଳଖ ମତେ ନ ଚାହିଁ, ଅନର୍ଗଳ କହିଚାଲିଲେ, "ହମେଶା ସତ୍ ବୋଲୋ, ଝୁଟ୍ ମତ୍ ବୋଲୋ, ଗଲତ ମତ୍ କହୋ, ମତ୍ ଦେଖୋ, ମତ୍ ଶୁନୋ ।"

ଏତିକି କହି ସେ ବାରଣ୍ଡାରୁ ତଳକୁ ଓହ୍ଲେଇଗଲେ ଓ ପାଖ ଘରର ବାରଣ୍ଡାକୁ ଉଠି ପୁଣି ଏମିତି କହି ଚାଲିଲେ । ସେଇ କଲୋନୀର ସବୁଘରେ ସେ ଏହି ବାର୍ତ୍ତା ବାଣ୍ଟି ଚାଲିଥିଲେ । ସେ ପ୍ରାୟ ମାସକୁ ଥରେ ଆସି ଏମିତି ସତ୍ୟର ବାର୍ତ୍ତା ବାଣ୍ଟି ଚାଲିଥାନ୍ତି । ମୁଁ ଆଶ୍ଚର୍ଯ୍ୟ ହେଉଥିଲି । ତାଙ୍କର ଏହି ସତ୍ୟ ବାର୍ତ୍ତା ବାଣ୍ଟିବାର ଭିତ୍ତିଟି କ'ଣ ? ସ୍ଥାନୀୟ ଲୋକ ତାଙ୍କ ସଂପର୍କରେ ଠିକ୍ ଭାବରେ କିଛି କହିପାରିଲେନାହିଁ । ତାଙ୍କ ଘର କେଉଁଠି, ତାଙ୍କ ପରିଚୟ କ'ଣ ଏହା ସମସ୍ତଙ୍କର ଅଜଣାଥିଲା ଏବଂ ସେ ସମସ୍ତଙ୍କ ପାଇଁ ଏକ ଅବୋଧ ବିସ୍ମୟହୋଇ ରହିଲେ । ମୁଁ ମନେମନେ ଭାବିଲି, ବୋଧହୁଏ ମିଥ୍ୟା ଦ୍ୱାରା ସେ ଚରମ ବିପର୍ଯ୍ୟୟ ଭୋଗ କରିସାରିଛନ୍ତି । ତେଣୁ ସତ୍ୟର ବାର୍ତ୍ତା ବାଣ୍ଟିଚାଲିଛନ୍ତି । ସମାଜ ସୁଧାରିବାର ନଗଣ୍ୟ ପ୍ରୟାସଟିଏ । ନା', ନଗଣ୍ୟ ନୁହଁ । ଏହା ମତେ ଏତେ ଆଚ୍ଛନ୍ନକଲା ଯେ ମୁଁ ତାଙ୍କୁ ନେଇ 'ସୂର୍ଯ୍ୟ ସାରଥୀ' ନାମରେ ଗଳ୍ପଟିଏ ଲେଖିଥିଲି ।

ସେମିତି ଆଉଜଣେ ମହିଳା । ମାମୁଲି ସାଧାରଣ । କିନ୍ତୁ ତାଙ୍କ କଥା ନ ଲେଖିଲେ ମୋ'ର ଅବସୋସ ରହିଯିବ । ଗୋଟିଏ ଦଶକର ଶେଷଭାଗ । ଆମେ ବାଙ୍କୀରେ ଏକ ଚାଳଘରେ ଭଡ଼ା ଥାଉ । ସେତେବେଳେ ବାଙ୍କୀ ଏକ ଗ୍ରାମ୍ୟ ସହରମାତ୍ର । ଯାତାୟାତ ପାଇଁ ସକାଳୁ ଗୋଟିଏ ବସ୍ ଯାଏ କଟକ । ସଂଧ୍ୟାରେ ଫେରେ । ଗମନାଗମନ ପାଇଁ ବାରଙ୍ଗକୁ ବସ୍ ଯାଏ ଟ୍ରେନ୍ ଧରିବା ପାଇଁ । ବସ୍‌ଷ୍ଟାଣ୍ଡରେ ଛୋଟ ଏକ ବଜାର । ପୃଷ୍ଟି ଜଳଖିଆ ଦୋକାନ ଓ ଏକ ଲୁଗାଦୋକାନ । ଗୋଟିଏ ଫଟୋ ଷ୍ଟୁଡିଓ । ଏତିକିମାତ୍ର ।

ସେ ପ୍ରାୟ ମାସକୁ ଥରେ ଆସି ଏମିତି ସତ୍ୟର ବାର୍ତ୍ତା ବାଣ୍ଟି ଚାଲିଥାନ୍ତି । ମୁଁ ଆଶ୍ଚର୍ଯ୍ୟ ହେଉଥିଲି; ତାଙ୍କର ଏହି ସତ୍ୟ ବାର୍ତ୍ତା ବାଣ୍ଟିବାର ଭିତ୍ତିଟି କ'ଣ ?

ଆମେ ରହୁଥାଉ 'ସାହାଡ଼ାପଦା' ନାମରେ ଏକ ଅଞ୍ଚଳରେ । ବାଉଁଶଗଛ ଓ ଅନ୍ୟ ଗଛ ଗହଳରେ ବୁଦିବୁଦିକା ଘର କେତୋଟି । ସବୁଦିନ ଚାରିଟାବେଳେ ବରା ଛଣାହେବାର ବାସ୍ନା ପବନରେ ଭାସିଆସେ । ମୁଁ ଆଶ୍ଚର୍ଯ୍ୟ ହୁଏ । ଏଠିତ କେଉଁଠି ଦୋକାନଟିଏ ନାହିଁ । ଏ ବରାଛଣାର ବାସ୍ନା ଆସୁଚି କେଉଁଠୁ ? ଦିନେ ମୋ' ପ୍ରଶ୍ନର ଉତ୍ତର ମିଳିଲା । କାମବାଲି କହିଲା, ଆମ ଗାଁର ଗୁଡ଼ିଆ ଘରର ମାଣିକ ମା' ନିତି ଏଇବାଟେ ଯାଏ । ତା' ହାତରେଥାଏ, ବାଉଁଶିଆ ଭର୍ତ୍ତି ସଦ୍ୟଛଣା ବରା । ସେ ନେଇ ସ୍କୁଲ, କଲେଜ ଗେଟ୍ ପାଖରେ ସବୁଦିନ ବିକ୍ରିକରେ । ମୁଁ ବୁଝିଗଲି ।

ଦିନେ ଚାରିଟାବେଳେ ଝିଅ ଶାଳପତ୍ରରେ ଦି'ଟା ବରାଧରି ଆସିଲା । ମୁଁ ତାକୁ ପଚାରିବା ଆଗରୁ ହିଁ ସେ କହିଲା, ମା' ମାଉସୀ ମତେ ଏଇ ବରା ଦେଲେ, ଖାଇବି ?

ତା' କଥା ସରୁସରୁ ଘର ଭିତରକୁ ଆସିଲେ ମଧ୍ୟବୟସ୍କା ନାରୀଟିଏ । ପିନ୍ଧିଥାନ୍ତି ଖଇରିଆ ରଙ୍ଗର ରଗଡ଼ିକପ୍ତା ଶାଢ଼ିଟିଏ । କମକୁଟ ହୋଇ ଚିତାକୁଟା ହେଇଚି । ହସିହସି ମତେ କହିଲା, ଏ ବରା ମୁଁ ଦେଇଛି ମା' । ଝିଅ ସବୁଦିନ


ମୋତେ ଦେଖେ । କାଳେ ତା'ର ମନଥିବ, ତେଣୁ ତାକୁ ଦେଲି । ଭଲ ତେଲରେ ଛାଣିଚି ମା' ।

ମୁଁ ତାଙ୍କୁ ପଇସାଦେଇ କହିଲି, ସବୁବେଳେ ଦବନାହିଁ । ହେଲା ?

ସେ ନିଜ ବରା ଓ ତେଲର ପ୍ରଶଂସାକଲା । କହିଲା, ଏଇ ସ୍କୁଲ, କଲେଜ ପିଲାଗୁଡ଼ାକ ହିଁ ମୋ'ର ଗରାଖ । ପୁଅପିଲା ସବୁ ଭାରି ହରକତ କରନ୍ତି । ବରା ଖାଆନ୍ତି, ପଇସା ଦିଅନ୍ତି ନାହିଁ । କ'ଣ କରିବି, ଛୁଆଗୁଡ଼ାକ ତ, ଖାଇଲେ ଖାଆନ୍ତୁ ।

ବଢ଼ିଲା ସମ୍ପର୍କ

ସେଇଦିନ ପ୍ରଥମ । ତା'ପରଠାରୁ ଫେରିଲାବେଳେ ମୋ' ପାଖରେ ବସିଯାଏ ଘଡ଼ିଏ । ଦୁଃଖସୁଖ ହୁଏ । କେଉଁଦିନ ଖାଲି ପାଣି ପିଏ ତ କେଉଁଦିନ ଦହିପାଣି । ମତେ ପଚାରିଲା, ତମ ପାଟିରେ ତ ପାନଅଛି । ତମେ ପାନ ଖାଅଟି ? ମତେ ଦେଉନ ?



ମୁଁ ହସିଲି । କହିଲି, ହଁ, ମୁଁ ପାନଖାଏ । ପାନଖିଆ ଘର ଝିଅ ତ । ହେଲେ କିଣିକରି । ଦିନକୁ ୫ଖଣ୍ଡ । କାମ ବେଶିହେଲେ, ବହିଟେ ହାତରେ ପଡ଼ିଲେ, ଆଉଟିକେ ଅଧିକା ହେଇଯାଏ । ହେଲେ ମୋ' ପାନ ସାଦା ଓ ସ୍ୱେଶାଲ । ସେଥିରେ ଲବଙ୍ଗ, ଜାୟତ୍ରୀ, ପିପରମେଣ୍ଟ ନିଶ୍ଚୟ ପଡ଼ିବ । ଅଛି ଖଣ୍ଡେ ନେବ ?

ସେ କହିଲା, ନାଇଁ ମା' । ମୁଁ କଡ଼ାପାନ ଖାଏ । ଏଇ ପାନ ଓ ଗୁଡ଼ାଖୁଟି ଅମଳ କରିଛି ବୋଲି ମୋ' ବୁଢ଼ା କ'ଣ କମ୍ ଖିଟ୍‌ଖିଟ୍ ହୁଏ ମା' ।

ସେଦିନ ମୁଁ ପଚାରିଦେଲି, ତମେ ଏମିତି ବୁଲିକରି କାହିଁକି ବିକୁଛ ? କେବିନଟିଏ ପକଉନ ?

ସେ କହିଲା, ମାଆ, ମୋ' ଦୁଃଖ ଶୁଣିଲେ ତମେ କାବା ହେଇଯିବ । ପେଟ ପୋଷିବା ପାଇଁ ମୁଁ ବରା ବିକୁନି । ମୋ'ର ଖାଇଲା ପିଇଲା ଘର । ଜମିର ଧାନରୁ ବରଷକ ଭାତଯାଇ ବିକ୍ରିବଟା ହୁଏ । ମୁଗ, ବିରି, କୋଳଥ, ବାରିର ପନିପରିବା, ପୋଖରୀଭର୍ତ୍ତି ମାଛ, କେଉଁଥିରେ ଭଗବାନ ଉଣା କରିନାହାନ୍ତି । ହେଲେ ମୋ' ବୁଢ଼ା ଜବର କାମିଟାଏ । ହାତମୁଠା ତା'ର ଖୋଲିବ ନାହିଁ । ମୁଗ, ବିରି, କୋଳଥ ସବୁ ବିକ୍ରିହେବ । ଆମେ କୋଳଥକୁ ଡାଲିକରି ଖାଇବୁ । ମୁଗ କି କାନ୍ଦୁଲ ନୁହଁ । ପୋଖରୀର ରୋହି, ଭାକୁର, ଶେଉଳ, ମାଗୁର ସବୁ ବେପାରୀଙ୍କୁ ହୁଣ୍ଡା ମୂଲରେ ଦେଇଦେବ, ହେଲେ ଆମେ ଖାଉ ଚୁଙ୍ଗୁଡ଼ିଶୁଖୁଆ ପୋଡ଼ା କିମ୍ବା ବାଲି କୋକଲିର ରାଇ । ପରିବା ଯାହାଫଳେ, ସବୁଯାଏ ବେପାରିଙ୍କ ହାତକୁ । ବୁଢ଼ା କାହାକୁ ପଇସାଟିଏ ଛାଡ଼େନି । ଝିଅଟାକୁ ବାହାଦେଲି ଯେ ଜ୍ୱାଇଁ ମାଗିଲା ଘଣ୍ଟା, ସାଇକେଲ । ବୁଢ଼ା ଜମା ମଙ୍ଗିଲା ନାହିଁ । ଜ୍ୱାଇଁ ମୋର ତୁଳସୀପୁର ବ୍ଲକ୍ ଅଫିସ୍‌ରେ ପିଅନ । ସରକାରୀ ଚାକିରି । ବଡ଼ ଝକ୍‌ଝକ୍‌ରେ ଦେଲା । ଝିଅକୁ ପୁଆଣିସଜ ଦେବାକୁ ପଡ଼ିବ ବୋଲି ତାକୁ ଜମା ଆଣୁନି । ଝିଅ କାନ୍ଦି ଖବର ପଠାଉଚି । ମୋ'ର କେତେ ସାଧ ଯେ ମୁଁ ପୁଆଣିସଜ ଦେଇପାରିବି ? ମା' ବୁଢ଼ାର ଏକା ଜିଦି, ସିଏ ପକ୍କାଘର କରିବ । ମୁଁ କହିଲି, ପକ୍କାଘର କିଏ ଭୋଗ କରିବ ? ଆମର କୋଉ ପୁଅ ଅଛି ? ଝିଅଟା ପାଇଁ ମନ ଡହଳବିକଳ ହଉଚି । ବୁଢ଼ାକୁ ଲୁଚାଇ ଧାନ, ମୁଗ ବିକ୍ରିକରି ମୁଁ ଝିଅ ଘରକୁ ଯାଏ । ପୂନିଅଁପରବ କେମିତି କରିବି ନାହିଁ ? ମାଆ, ଏ ଅଜାଗା ଘାଆ କାହାକୁ ଦେଖାଇବି ?

ସେଇଦିନଠୁ ମାଣିକ ମା' ଫେରିବାବେଳେ ଘଡ଼ିଏ ବସେ । ସୁଖଦୁଃଖ ହୁଏ । ଘରେ ପିଠାପଣା ହେଲେ ମୁଁ ତା' ପାଇଁ ରଖିଥିଲେ, ସେ ଖାଏନାହିଁ । କାନିରେ ବାନ୍ଧି ବୁଢ଼ାପାଇଁ ନିଏ ।

ସମୟକ୍ରମେ ଆମେ ବାଙ୍କୀ ଛାଡ଼ିଲୁ । ଏ ଭିତରେ ତେରବର୍ଷ ବିତିଗଲା । ବଦଳି ଚାକିରିକୁ ନେଇ ଆମେ ପୁଣି ବାଙ୍କୀ ଆସିଲୁ । ଏଥର ରହିଲୁ ଖମାରଙ୍ଗରେ, ବ୍ୟାଙ୍କ କଲୋନୀରେ । ଦିନେ ଖରାବେଳେ କବାଟ ଖଡ଼ଖଡ଼ ହେଲା । ମୁଁ ଦେଖିଲି, ଠିଆହେଇଛି ମାଣିକ ମା' । ବୟସ୍କା ଦିଶୁଚି । କେମିତି ଜାଣିଲା ଆମେ ଆସିଚୁ ବୋଲି ? କାହାଠୁ ଶୁଣି ଘର ଖୋଜିଖୋଜି ଆସିଚି । ଆମକୁ ମନେରଖିଚି ।

ଆଇଲା ମାଣିକ ମା'

ଭିତରକୁ ଡାକିଲି । ସେ ଆସି ବସିଲା । ଚା' ବିସ୍କୁଟ

ଦେଲି ଖାଇଲା । କହିଲା, ଶୁଣିଲି ବାବୁ ପୁଣି ଆସିଛନ୍ତି । ହେଲେ ଦିନେ ଦେଖାହେଇଗଲା ବଜାରରେ । ବଜାର ଉପରେ କ'ଣ କଥା ହେଇଥାନ୍ତି । ପଡ଼ିଶାଘର ପୁଅକୁ କହି ଏଇ ଠିକଣା ଖୋଜି ଆଣିଲି । ଖୋଜିଖୋଜି ଆସୁଚି ତ । ମୁଁ ତା'ର ଭଲମନ୍ଦ ବୁଝିଲି । ବୁଢ଼ାକଥା ପଚାରିବାମାତ୍ରେ ବଡ଼ ନିର୍ଲିପ୍ତ ସ୍ୱରରେ କହିଲା, ବୁଢ଼ା ଆଉ ନାହିଁ ମା' । ପାଞ୍ଚବର୍ଷ ହେବ ଗଲାଣି । ହେଲେ ତା' ଇଚ୍ଛା ପୂରଣକଲା । ଦାଣ୍ଡ ସାହାଲା କୋଠାଘର କରି ହିଁ ଗଲା । ଘର ପ୍ରତିଷ୍ଠାକୁ ହାତଖୋଲି ଖର୍ଚ୍ଚ କରିଥିଲା ମା' । ଗାଁ'ଯାକ ଲୋକ ଭୋଜି ଖାଇଥିଲେ । ଝିଅ-ଜ୍ୱାଇଁ ଆସିଥିଲେ । ତାଙ୍କୁ ବି ଭଲ ଲୁଗାପଟା, ପୁଆଣିସଜ ଦେଇଥିଲା । ନାତି ଏକୋଇଶାକୁ ନାତି ପାଇଁ ସୁନାଚେନ୍, ମୁଦି ନେଇ ଯାଇଥିଲା । ମା'ଗୋ, ଯିବଭାରି ବୋଲି କ'ଣ ଶେଷ ବେଳକୁ ଏମିତି ବଦଳିଗଲା ସେ ? ନାତି ଏକୋଇଶାରୁ ଫେରି ତ ଦୁଇଦିନ ଜରରେ ଶେଷ । ଏତେବଡ଼ ପକ୍କାଘରେ ମୁଁ ଏକୁଟିଆ ମାଇପିଟା ଟଙ୍ଗଟଙ୍ଗ ହେଉଚି ଖାଲି । ସେମିତି ଖିଟ୍‌ଖିଟ୍ ହେଉଥାନ୍ତା ପଛେ ବଞ୍ଚିଥାନ୍ତା କି ?

ମୁଁ ମନଇଚ୍ଛା ଖରଚ କରୁଚି ସତ, ହେଲେ ବୁଢ଼ାର ସେଇ ଖିଟ୍‌ଖିଟିଆ କଥାତକ ନାହିଁ ବୋଲି ଘରଟା କ'ଣ ଘରପରି ଲାଗୁଚି କି ମା' ?

ମାଣିକ ମା' ଶାଢ଼ି କାନିରେ ଆଖି ପୋଛିଲା । କହିଲା, ତମକଥା ସବୁବେଳେ ମନେପଡ଼େ ମା' । ପୁଣି ଦେଖିବି ବୋଲି ପରତେ ନଥିଲା । ରମାବୋଉ କେଉଟୁଣୀ ଠୁ ଶୁଣିଲି, ବାବୁଘର ପୁଣି ଆସିଲେଣି । ନଇକୂଳ କ୍ୱାର୍ଟରରେ ଅଛନ୍ତି । ସେଇଠୁ ତ ଖୋଜିଖୋଜି ଆସୁଚି ।

ମୁଁ ତାକୁ ଜଳଖିଆ ଦେଲି । ଖାଇସାରି ସେ ଫେରିଲାବେଳେ କହିଲା, ମା' ଏବେ ମୁଁ ମନଇଚ୍ଛା ଖର୍ଚ୍ଚକରୁଚି । ପାଞ୍ଚଥର ଗୁଡ଼ାଖୁ ଘଷୁଛି । ଗୋପାଳଜର୍ଦ୍ଦା ପାନ ଖାଉଚି । ବାରିର ସବୁ ଫଳଫୁଲ ମୁଁ ବାଣ୍ଟିଦେଉଚି । ସବୁ । କିଛି ରଖୁନି । ବୁଢ଼ାଟା ଖାଲି ଆମ୍ପୁଡ଼ି ହେଉଥିଲା ଯେ କ'ଣଟା ନେଇକରି ଗଲା ? ମୁଁ ମନଇଚ୍ଛା ଖରଚ କରୁଚି ସତ, ହେଲେ ବୁଢ଼ାର ସେଇ ଖିଟ୍‌ଖିଟିଆ କଥାତକ ନାହିଁ ବୋଲି ଘରଟା କ'ଣ ଘରପରି ଲାଗୁଚି କି ମା' ?

ମାଣିକ ମା' ଉଠିଲା । କହିଲା, ମା' ଆସୁଚି । ନିଜ ଭିତରେ ଏକ ଆଲୋଡ଼ନ ଅନୁଭବ କଲି ।

ଏକ ନିଷ୍ଠୁର ଅନ୍ତ

ଏହାର ଠିକ୍ ମାସକ ପରେ ୟା'ଙ୍କର ପିଅନ ରାଧୁ କହିଲା, ମା' ଜାଣିଛ, ବାଲି ନଈସୁଅରୁ ଏକ ଜରିଅଖା ମିଳିଛି । ଭାରି ଓଜନିଆ । ଲୋକେ ସୁଅରୁ ଛାଣି ଅଖା ଫିଟାଇ ଦେଖିଲାବେଳକୁ ଖଣ୍ଡଖଣ୍ଡ ହେଇଥିବା ମୁଣ୍ଡନଥିବା ଏକ ମାଇପିର ଦେହ । ଦେହରେ ଖଇରିଆ ଶାଢ଼ି, ହାତରେ ରୂପାଖଡୁ, ଗୋଡ଼ରେ ରୂପାପାହୁଡ଼ । ସେ କିଏ ବୋଲି ଖୋଜି ହେଲାବେଳେ ସାଇପଡ଼ିଶା ଚିହ୍ନିଲେ ଯେ ସେ ମାଣିକ ମା' । ସେ ଦୁଇଦିନ ହେଲା ନଥିଲା । ସମସ୍ତେ ଭାବୁଥିଲେ ଝିଅଘରକୁ ଯାଇଥିବ ।

ରାଧୁ ମୁହଁଟା ବିକଳିଆ ଦିଶିଲା । ମୁଁ ଲଥକରି ବସିପଡ଼ିଲି ଚଟାଣରେ । ଏ ଦୁନିଆରେ ଏମିତି ବି ହୁଏ ? ନିରୀହ ମାଇପିଟା କାହାର କ'ଣ କରିଥିଲା ଯେ ଏତେ ନୃଶଂସ ଭାବେ ତାକୁ ହାଣିଦିଆଗଲା ।

ରାଧୁ କହିଲା - ଲୋକେ କୁହାକୁହି ହେଉଛନ୍ତି, ଏ କାମ ତା' ପୁତୁରାମାନେ ହିଁ କରିଛନ୍ତି । କାରଣ ମାଣିକ ମା' ହିଁ ପୁତୁରାକୁ କହୁଥିଲା, ଏ ଜାଗାବାଡ଼ି ମାଣିକ ନାଁରେ କେମିତି ହେବ, ମତେ ଟିକେ ସାହାଯ୍ୟ କରିବୁ ।

ମୁଁ ଦୀର୍ଘଶ୍ୱାସ ଛାଡ଼ିଲି । ମନ କ'ଣ ହେଇଯାଉଥିଲା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
banajadevi2012@gmail.com



ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ

ଧାରା ଶ୍ରୀରାଧା


କବି – ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST
Regd. No.: 410817053688
Bhubaneswar, Odisha

ସାକ୍ଷାତକାର

ବରିଷ୍ଠ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ

ବୟୋଜ୍ୟେଷ୍ଠ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି (ବୟସ- ୮୭ ବର୍ଷ) ଓଡ଼ିଆ ଶିଶୁସାହିତ୍ୟ ଜଗତର ଜଣେ ସୁବିଦିତ ବ୍ୟକ୍ତିତ୍ୱ। ବିଗତ ଦିନର ସୁପ୍ରସିଦ୍ଧ ଶିଶୁପତ୍ରିକା 'ମନପବନ'ର ସମ୍ପାଦନା ସହିତ ସେ ବହୁବର୍ଷ ଧରି ଜଡ଼ିତ ଥିଲେ। କଟକସ୍ଥିତ ଖ୍ରୀଷ୍ଟ କଲେଜରେ ବହୁବର୍ଷ ଧରି ଅଧ୍ୟାପନା କରି ସେ ଅବସର ଗ୍ରହଣ କରିଛନ୍ତି। ସେ ନିଜର ଉଚ୍ଚକୋଟୀର ଶିଶୁସାହିତ୍ୟ ପାଇଁ ଉଭୟ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରାଜ୍ୟ ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। କଟକଠାରେ ଥିବା ତାଙ୍କର ବାସଭବନରେ ତା'ଙ୍କ ସହିତ ସାକ୍ଷାତ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।



ସାହିତ୍ୟ ଚର୍ଚ୍ଚା: ଶିଶୁ ସାହିତ୍ୟିକମାନେ ସୃଷ୍ଟି ହୁଅନ୍ତି ସମୟକ୍ରମେ ନିଜର ରୁଚି ଓ ପରିବେଶକୁ ନେଇ। କିନ୍ତୁ ମନେହୁଏ, ଆପଣ ତ ଶୈଶବରୁ ହିଁ ଥିଲେ ଜଣେ ସ୍ୱଭାବଗତ ଶିଶୁ ସାହିତ୍ୟିକ। ସ୍କୁଲ୍‌ରେ ପଢ଼ିବା ବେଳେ ମହତାବଙ୍କ 'ମୀନାମଣ୍ଡଳୀ'ରେ ଆପଣ 'ପ୍ରଧାନମନ୍ତ୍ରୀ' ଭାବରେ ନିଯୁକ୍ତ ହୋଇଥିଲେ। ସେହିଠାରୁ ପ୍ରବେଶ କରିଥିଲେ କି ଶିଶୁ ସାହିତ୍ୟ ଭିତରକୁ ?

ମହେଶ୍ୱର ମହାନ୍ତି: ସେ ସାହିତ୍ୟ ହେଉ, ସଂଗୀତ ହେଉ, ନୃତ୍ୟ ହେଉ କି ଚିତ୍ର ହେଉ - ସବୁ ଗୋଟିଏ ଗୋଟିଏ କଳା। ମୋ' ବିଚାରରେ ଏହା ଈଶ୍ୱରଦତ୍ତ କଳା। କେହି ଜଣେ ଚାହିଲେ ସାହିତ୍ୟ କରିପାରିବନି। ପିଲାଦିନୁଁ, ସ୍କୁଲ୍‌ରେ ପଢ଼ିବା ବେଳେ ସାହିତ୍ୟ ପ୍ରତି ମୋ'ର ଗୋଟିଏ ଶ୍ରଦ୍ଧା ଥିଲା। ସେତିକିବେଳୁ କବିତା ଲେଖୁଥିଲି।

ସାହିତ୍ୟ ଚର୍ଚ୍ଚା: ସେତେବେଳେ କେଉଁଠି ବି ଛପା ହେଉଥିଲା କି ସେହି କବିତା ?

ମହେଶ୍ୱର ମହାନ୍ତି: ମୁଁ ସେତେବେଳେ ସାପ୍ତାହିକ 'ମୀନାବଜାର'ରେ ଲେଖୁଥିଲି। ଏହି ଅନୁଷ୍ଠାନ ତରଫରୁ ଓଡ଼ିଶାର ପ୍ରାୟ ସାତ ଶହ ସ୍ଥାନରେ 'ମୀନାମଣ୍ଡଳୀ' ଗଢ଼ା ହୋଇଥିଲା। ହରେକୃଷ୍ଣ ମହତାବଙ୍କର ଭାରି ଉଚ୍ଚମାନର ଚିନ୍ତା ଇଏ। ସେତେବେଳେ ଆମର ବାଲିକୁଦାରେ ମଧ୍ୟ ଗୋଟିଏ ମୀନାମଣ୍ଡଳୀ ଗଠନ କରାଯାଇଥିଲା ।

ସାହିତ୍ୟ ଚର୍ଚ୍ଚା: ସେଥିରେ 'ପ୍ରଧାନମନ୍ତ୍ରୀ' ବୋଲି ପଦଟିଏ ଥିଲା ନା କ'ଣ !

ମହେଶ୍ୱର ମହାନ୍ତି: ସେତେବେଳେ ପ୍ରତି ମୀନାମଣ୍ଡଳୀରେ ଜଣେ ଜଣେ ପିଲା ପ୍ରଧାନମନ୍ତ୍ରୀ ଭାବରେ

ରହୁଥିଲେ। କେବଳ ସେତିକି ନୁହେଁ, ଶିକ୍ଷାମନ୍ତ୍ରୀ, ଅର୍ଥମନ୍ତ୍ରୀ କି ଅମୁକ ମନ୍ତ୍ରୀ, ସମୁକ ମନ୍ତ୍ରୀ ଇତ୍ୟାଦି ମଧ୍ୟ ରହୁଥିଲେ।

ସାହିତ୍ୟ ଚର୍ଚ୍ଚା: ପିଲାମାନଙ୍କୁ ଆମ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସହିତ ଅଭ୍ୟସ୍ତ କରାଇବା ପାଇଁ ବୋଧହୁଏ ଏହା ଥିଲା ମହତାବଙ୍କର ଏକ ପ୍ରୟାସ।

ମହେଶ୍ୱର ମହାନ୍ତି: ହଁ, ଠିକ୍ ସେଇଆ। ଯେଉଁମାନେ ମୀନାମଣ୍ଡଳୀରେ ସଭ୍ୟ ହେଉଥିଲେ ସାପ୍ତାହିକ 'ମୀନାବଜାର'ରେ ସେମାନଙ୍କର ନାଁ ବାହାରୁଥିଲା। ଛପା ଅକ୍ଷରରେ ନିଜର ନାଁ'ଟି ଦେଖିଲେ ସେତେବେଳେ ଆମକୁ ଭାରି ଖୁସି ଲାଗୁଥିଲା।

ସାହିତ୍ୟ ଚର୍ଚ୍ଚା: ଶୁଣିଛୁ ଯେ ଆପଣ ଯେଉଁ ମୀନାମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଥିଲେ ଆଜିର ବିଶିଷ୍ଟ ଲେଖିକା ପ୍ରତିଭା ରାୟ ଥିଲେ ସେଥିର ଶିକ୍ଷାମନ୍ତ୍ରୀ।

ମହେଶ୍ୱର ମହାନ୍ତି: ହଁ, ସେ ଆମର ଶିକ୍ଷାମନ୍ତ୍ରୀ ଥିଲେ। ଆମ ସମସ୍ତଙ୍କର ତ ଲେଖା ବାହାରୁଥିଲା ମୀନାବଜାରରେ। ସେତେବେଳେ ନିଜର ଶିଶୁଲେଖା ପାଇଁ ମୋତେ ଦୁଇଥର ପୁରସ୍କାର ମିଳିଥିଲା ବିଷୁବ ମଣ୍ଡପରେ।

ସାହିତ୍ୟ ଚର୍ଚ୍ଚା: ଆମେ ମଧ୍ୟ ଶୁଣିଛୁ ଯେ ଯେତେବେଳେ ହରେକୃଷ୍ଣ ମହତାବ ବମ୍ବେର ରାଜ୍ୟପାଳ ହେଲେ, ତାଙ୍କର ପ୍ରଥମ ଓଡ଼ିଶା ଆଗମନ ବେଳେ ଗୋଟିଏ ସଭାରେ ତା'ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହି ସଭାରେ ଜଣେ ସ୍କୁଲଛାତ୍ର ହୋଇଥିବା ସତ୍ତ୍ୱେ ଆପଣଙ୍କୁ ବକ୍ତୃତା ଦେବାପାଇଁ ଚୟନ କରାଯାଇଥିଲା। ଏହି କାର୍ଯ୍ୟ ତୁଲାଇବା ପାଇଁ ସେମାନଙ୍କ ନଜରକୁ ଆପଣ କେମିତି ଆସିଲେ ?

ମହେଶ୍ୱର ମହାନ୍ତି: ଆପଣ ଏକଥା ଜାଣିଲେ କେମିତି ?

ସାହିତ୍ୟ ଚର୍ଚ୍ଚା: ଆମେ ଗୋଟିଏ ସାକ୍ଷାତ୍‌କାର ନେବାକୁ ଆସିବା ପୂର୍ବରୁ ଏଥିପାଇଁ କିଛି କିଛି ରିସର୍ଚ୍ଚ ମଧ୍ୟ କରିଥାଉ ବିଭିନ୍ନ ସୂତ୍ରରୁ।

ମହେଶ୍ୱର ମହାନ୍ତି: ମୁଁ ଆପଣଙ୍କୁ ଏ ବିଷୟରେ ସୂଚନା ଦେଉଛି; ମହତାବଙ୍କର ଗୋଟିଏ ଭାରି ଭଲ ଗୁଣ ଥିଲା, ସେ ଲୋକସମ୍ପର୍କ ରଖନ୍ତି। ମୀନାବଜାରରେ ଯେଉଁମାନେ ଟିକିଏ ବେଶି ଲେଖୁଥିଲେ ତା'ଙ୍କୁ ସେ ଚିଠି ମଧ୍ୟ ଲେଖୁଥିଲେ।

ମହତାବଙ୍କର ଗୋଟିଏ ଭାରି ଭଲ ଗୁଣ ଥିଲା, ମୀନାବଜାରରେ ଯେଉଁମାନେ ଟିକିଏ ବେଶି ଲେଖୁଥିଲେ ତା'ଙ୍କୁ ସେ ଚିଠି ଲେଖୁଥିଲେ।

୧୯୫୬ ମସିହାରେ ଯେତେବେଳେ ମହତାବ ଆସିଲେ ବମ୍ବେରୁ। ସେତେବେଳେ ଜଗତସିଂହପୁର ହାଇସ୍କୁଲରେ ସଭା ହେଲା ଏବଂ ତାଙ୍କୁ ସମ୍ବର୍ଦ୍ଧନା ଦିଆଗଲା, ଯେଉଁଠି ମୁଁ ଭାଷଣ ଦେଇଥିଲି। କାରଣ ମୀନାମଣ୍ଡଳୀରେ ମୁଁ ଥିଲି ଟିକିଏ ଆଗୁଆ।

ସାହିତ୍ୟ ଚର୍ଚ୍ଚା: ଆପଣ କେବଳ ଜଣେ ଶିଶୁ ସାହିତ୍ୟିକ ହିଁ ନ ଥିଲେ, ସେ କାଳର ପ୍ରଖ୍ୟାତ ଶିଶୁ ପତ୍ରିକା 'ମନପବନ'ର ସମ୍ପାଦକ ମଧ୍ୟ ଥିଲେ। ଏହି ପତ୍ରିକା ଜରିଆରେ ଆପଣ ବହୁ ଶିଶୁ ସାହିତ୍ୟିକଙ୍କୁ ସୃଷ୍ଟିକରିବା ବା ସେମାନଙ୍କୁ ଉତ୍ସାହିତ କରିବାର ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ସେଭଳି କିଛି ଲେଖକଙ୍କ ନାମ ଏବେ ମନେପଡ଼େ କି ଆପଣଙ୍କର ?

ମହେଶ୍ୱର ମହାନ୍ତି: ଗୋଟିଏ ମିନିଟ୍ ରୁହନ୍ତୁ ! (ପାଖ କୋଠରୀକୁ ଯାଇ ଗୋଟିଏ ବହି ଆଣିଲେ, ଯାହାର ନାମ ଥିଲା 'ଓଡ଼ିଆ ଶିଶୁ ସାହିତ୍ୟର ସାମାଜିକ ଇତିହାସ'।) ଦେଖନ୍ତୁ, ଏହି ବହିରେ ମୁଁ ସେମାନଙ୍କର ନାମ ଲେଖିଛି। ସେ ସମୟରେ ତ ଏତେ ସଂଖ୍ୟକ ପତ୍ରିକା ନ ଥିଲା, କି ଲେଖା ଛପାଇବା ପାଇଁ ବିଶେଷ ସୁବିଧା ନ ଥିଲା। ମନପବନ ପୃଷ୍ଠାରେ ଲେଖି ପରବର୍ତ୍ତୀ କାଳରେ ଯେଉଁମାନେ ସବୁ ବିଶିଷ୍ଟ ସାହିତ୍ୟିକ ହୋଇଛନ୍ତି, ସେମାନଙ୍କର ନାମ ଏଥିରୁ ପଢ଼ି ଶୁଣାଉଛି, ଯେମିତିକି କୁଞ୍ଜବିହାରୀ ଦାଶ, ଗୋପାଳ ମିଶ୍ର, ଜୟକୃଷ୍ଣ ମିଶ୍ର, ଶ୍ରୀରାମଚନ୍ଦ୍ର ଦାଶ, ବସନ୍ତ କୁମାର ବେହେରା, ଗୋକୁଳାନନ୍ଦ ମହାପାତ୍ର, ଜାନକୀ ବଲ୍ଲଭ ମହାନ୍ତି, ଉଦୟନାଥ ଷଡ଼ଙ୍ଗୀ, ଉପେନ୍ଦ୍ର ତ୍ରିପାଠୀ ଓ ବ୍ରଜନାଥ ରଥ ଆଦି।

ସାହିତ୍ୟ ଚର୍ଚ୍ଚା: ତେବେ ଏମାନେ ଏକଦା 'ମନପବନ'ରେ ଲେଖୁଥିଲେ !


ମହେଶ୍ୱର ମହାନ୍ତି: ହଁ, ଏମାନେ ସେତେବେଳେ ଲେଖୁଥିଲେ।

ସାହିତ୍ୟ ଚର୍ଚ୍ଚା: 'ଗୋଟିଏ ଘାସଫୁଲର ଜୀବନ କଥା' ହେଉଛି ଆପଣଙ୍କର ବହୁଚର୍ଚ୍ଚିତ ଆତ୍ମକଥା। ତାହାର ପଛ ମଲାଟ ପୃଷ୍ଠାରେ ଲେଖାହୋଇଛି ଯେ 'ଜୀବନରେ ଘଟିଥିବା ସମସ୍ତ ଅନ୍ତରଙ୍ଗ ଘଟଣାକୁ ପ୍ରକାଶ କରିବାର ନୈତିକ ସାହସ ସମସ୍ତଙ୍କର ନାହିଁ।' ଯଦି ସମସ୍ତଙ୍କର ନୈତିକ ସାହସ ନାହିଁ, ଆପଣ ଏହାର ଜଣେ ବ୍ୟତିକ୍ରମ ହୋଇପାରିଲେ କେମିତି ?

ମହେଶ୍ୱର ମହାନ୍ତି: ସେ ବହିରେ ଅଛି କି ଏହି ଧାଡ଼ି ? (ବହିଟିକୁ ହାତରେ ଧରି ପଢ଼ିବାକୁ ଉଦ୍ୟତ ହେଲେ।)

ସାହିତ୍ୟ ଚର୍ଚ୍ଚା: ଆପଣ ଆଉ ଦେଖିବା ଆବଶ୍ୟକ ନାହିଁ; କାରଣ ଆମେ ପଢ଼ିଛୁ ସେଇଟା। ଏହା ବହିର ପଛପଟ ପୃଷ୍ଠାରେ ଲେଖାହୋଇଛି ପ୍ରକାଶକଙ୍କ ତରଫରୁ।

ମହେଶ୍ୱର ମହାନ୍ତି: ଅନେକଙ୍କର ନୈତିକ ସାହସ ନାହିଁ ସତକଥା କହିବାକୁ। ଏଇଆ ତ ଲେଖାହୋଇଛି ସେଠି ? ଅନେକ ଆତ୍ମଜୀବନୀ ମୁଁ ପଢ଼ିଛି; ଏପରିକି ମୋ'ର ଅତି ପାଖ ଓ ଯୋଗ୍ୟ ଲୋକଙ୍କର ଜୀବନୀ ମଧ୍ୟ ପଢ଼ିଛି। ସେମାନେ ଅତ୍ୟନ୍ତ ଅତିରଞ୍ଜିତ ଭାବରେ ନିଜ କଥା କହିଛନ୍ତି; ଅନେକ ମିଛ କଥା ବି କହିଛନ୍ତି। କିନ୍ତୁ ମୁଁ ସେହି ଦିଗକୁ ଯାଇନାହିଁ। ପିଲାଟି ଦିନରୁ ମୁଁ ଟିକିଏ ସ୍ପଷ୍ଟବାଦୀ। ପଢ଼ିବାବେଳେ ଓ ଚାକିରି କରିବା ବେଳେ ଯେଉଁମାନେ ମୋ' ସଂସ୍ପର୍ଶରେ ଆସିଛନ୍ତି, ସମସ୍ତେ କହନ୍ତି ଯେ ମୁଁ ସ୍ପଷ୍ଟବାଦୀ। ମୁଁ ଏହି ଧର୍ମରେ ଦୀକ୍ଷିତ ଏବଂ ସବୁବେଳେ ସତ କଥାଟା ହିଁ କହିବାକୁ ଚାହିଁଛି।



ସାହିତ୍ୟ ଚର୍ଚ୍ଚା: ଆପଣଙ୍କ ଲେଖକୀୟ ଜୀବନର ଅନ୍ୟ ଏକ ମାଇଲ୍ ଖୁଣ୍ଟ ହେଲା, ଆପଣଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଗ୍ରନ୍ଥାବଳୀ। ଏଥିରେ ମନୋନିବେଶ କରିବା ପାଇଁ ଆପଣ କାହିଁକି ଚିନ୍ତା କଲେ ?

ମହେଶ୍ୱର ମହାନ୍ତି: ଉପେନ୍ଦ୍ର ତ୍ରିପାଠୀଙ୍କର ଜନ୍ମ ୧୯୦୩ ମସିହାରେ; ସେ ମୋ'ର ପିତୃତୁଲ୍ୟ ହେବେ। ସେ ସେତେବେଳେ ବରାବର 'ମନପବନ' ଅଫିସକୁ ଆସୁଥିଲେ। ଏହି କ୍ରମରେ ମୋ'ର ତା'ଙ୍କ ସହିତ ପରିଚୟ ହେଲା। ସେ ଯାହାସବୁ ଲେଖିଥିଲେ ତାହା ଆମେ ଛାପିଲୁ। ପରେ ସେହି ବହିଗୁଡ଼ିକୁ ଏକାଠି କରି ଗ୍ରନ୍ଥାବଳୀଟି ପ୍ରକାଶିତ ହେଲା।

ସାହିତ୍ୟ ଚର୍ଚ୍ଚା: ଏହା ତ ଏକ ସାମାନ୍ୟ ବହି ନୁହେଁ; ବରଂ ଏକ ବିଶାଳ ପ୍ରକାଶନ। ଏହାକୁ ସଂଗ୍ରହ କରି ସମ୍ପାଦନା କରିବା ନିଶ୍ଚୟ କାଠିକର ପାଠ।

ମହେଶ୍ୱର ମହାନ୍ତି: ମୁଁ ବହୁଦିନ ଧରି, ଅର୍ଥାତ୍ ୫୦ ବର୍ଷ କାଳ ପ୍ରେସ୍ ସହିତ ସଂପୃକ୍ତ ହୋଇ ରହିଯିବା ଫଳରେ ଏହି ବିଦ୍ୟାରେ ଅଭ୍ୟସ୍ତ ହୋଇଯାଇଥିଲି। ଏଣୁ କିଛି ଅସୁବିଧା ହେଲାନାହିଁ। ଏହାପରେ ଉପେନ୍ଦ୍ର ତ୍ରିପାଠୀଙ୍କ ଏକ ମନୋଗ୍ରାଫ୍ ମଧ୍ୟ ସମ୍ପାଦନା କଲି।

ସାହିତ୍ୟ ଚର୍ଚ୍ଚା: ଆପଣ କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରୁଥିବା ବେଳେ 'ମନପବନ'ର ସମ୍ପାଦନା କରୁଥିଲେ। ଏ ଦୃଷ୍ଟିରୁ ପତ୍ରିକା ପାଇଁ ଯଥେଷ୍ଟ ସମୟ ଦେବାକୁ ଆପଣଙ୍କୁ ଅସୁବିଧା ହେଉନଥିଲା କି !

ମହେଶ୍ୱର ମହାନ୍ତି: ମୁଁ ଯେତେବେଳେ ଖ୍ରୀଷ୍ଟ କଲେଜରେ ଯୋଗଦେଲି, ସେତେବେଳେ ଏହି କଲେଜରେ ବଦଳି ହେବାର ବ୍ୟବସ୍ଥା ନ ଥିଲା। ତେଣୁ ଗୋଟିଏ ସ୍ଥାନରେ ହିଁ ରହିଲି; ଲିଜର୍ ସମୟ ଆମର ବହୁତ ଥିଲା। ଖରାଛୁଟି ଆମେ ଦୁଇମାସ ପାଉଥିଲୁ। ତେଣୁ ପତ୍ରିକା ପାଇଁ ସମୟ ଦେବାକୁ ମୋତେ କିଛି ଅସୁବିଧା ହୋଇନାହିଁ।

ସାହିତ୍ୟ ଚର୍ଚ୍ଚା: ସେତେବେଳେ ସେହି ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶ ପାଉଥିବା ଓଡ଼ିଶାର ସେତେବେଳର ଏକମାତ୍ର ଇଂରାଜୀ ସମ୍ବାଦପତ୍ରର ସମ୍ପାଦନା ବିଭାଗରେ ଆପଣଙ୍କ ସାମନାରେ ବସିଥିବା ଏହି ସାକ୍ଷାତ୍‌କର୍ତ୍ତା ମଧ୍ୟ ନିଯୁକ୍ତଥିଲା। ତେଣୁ ଆମେ ଜାଣୁ ଯେ ଆପଣ ସେତେବେଳେ 'ମନପବନ'ର କେବଳ ସମ୍ପାଦନା କରିବା ବ୍ୟତୀତ ଆଉ କିଛି ଦାୟିତ୍ୱ ବୁଝୁନଥିଲେ। ସବୁ ପରିଚାଳନାଗତ ଦାୟିତ୍ୱ ମୁଣ୍ଡାଉଥିଲେ ପ୍ରକାଶକ ନବକିଶୋର ମହାପାତ୍ର। ନା, କ'ଣ !

ମହେଶ୍ୱର ମହାନ୍ତି: ଆପଣ ଠିକ୍ କଥା ଧରିଛନ୍ତି; ପତ୍ରିକାର ବିକ୍ରୟ ଓ ବ୍ୟାବସାୟିକ ଦିଗ ସବୁ ସେ ହିଁ ବୁଝୁଥିଲେ। କିନ୍ତୁ ପତ୍ରିକା ସମ୍ପାଦନାରେ ମୋ'ର ସ୍ୱାଧୀନତା ରହୁଥିଲା; ସେ ସେଥିରେ ଦଖଲ ଦିଅନ୍ତି ନାହିଁ। ପତ୍ରିକାଟି ପୂରା ପ୍ରସ୍ତୁତ କରିଦେଇ ଛାପିଦେଲା ପରେ ମୋ'ର କାମ

ସରିଲା। ବାକି ସବୁ କାମ ସିଏ ବୁଝନ୍ତି।

ସାହିତ୍ୟ ଚର୍ଚ୍ଚା: ଆପଣ ଥରେ ଗୋଟିଏ ସମ୍ବାଦପତ୍ରକୁ ସାକ୍ଷାତକାର ଦେବାବେଳେ କହିଥିଲେ ଯେ ଆମ ଶିଶୁସାହିତ୍ୟ ବୌଦ୍ଧିକ ଅପେକ୍ଷା, ଅଧିକ ମନୋରଞ୍ଜକ ହେବା ଆବଶ୍ୟକ। ତେବେ ଶିଶୁ ସାହିତ୍ୟିକମାନେ ଏହି ବୌଦ୍ଧିକତା ଆଡ଼କୁ ଢଳିବାର ମୁଖ୍ୟ କାରଣ କ'ଣ ହୋଇଥାଇପାରେ ବୋଲି ଆପଣ ଭାବନ୍ତି ?

ମହେଶ୍ୱର ମହାନ୍ତି: ଶିଶୁ ସାହିତ୍ୟର ତିନୋଟି ପ୍ରଧାନ ଆଭିମୁଖ୍ୟ ରହିବା ଉଚିତ୍, ଏଡୁକେଶନ୍, ଇନ୍‌ଫର୍ମେଶନ୍ ଓ ଇଣ୍ଟରଟେନ୍‌ମେଣ୍ଟ। ପ୍ରଥମ କଥା ହେଲା, ପିଲା ଏଥିରୁ କେମିତି କିଛି ଶିକ୍ଷା ପାଇବ, ଦୁଇରେ କିଛି ତଥ୍ୟ ପାଇବ, ତୃତୀୟତଃ ଏଥିରୁ ତା'ର ମନୋରଞ୍ଜନ ମଧ୍ୟ ହେଉଥିବ। ଅବଶ୍ୟ ଗୋଟିଏ ଉତ୍କୃଷ୍ଟ ମାନର ଶିଶୁ ସାହିତ୍ୟରେ ତିନୋଟି ଯାକ ରହିବ ବୋଲି କିଛି ବାଧ୍ୟବାଧକତା ନାହିଁ। କିନ୍ତୁ ଯେଉଁଟି ଏକାନ୍ତ ଦରକାର, ତା'ହେଲା ଇଣ୍ଟରଟେନ୍‌ମେଣ୍ଟ।

ସାହିତ୍ୟ ଚର୍ଚ୍ଚା: ଶିଶୁସାହିତ୍ୟରେ ବୌଦ୍ଧିକ ଦିଗଟା ବଢ଼ିବାର ଆଉ ଏକ କାରଣ ଏହା ହୋଇପାରେ କି ଯେ, ଏବର ତଥାକଥିତ ଓଡ଼ିଆ ଶିଶୁସାହିତ୍ୟ ଆଉ ପିଲାମାନେ ପଢୁନାହାନ୍ତି; ଏହା ପଢ଼ାହେଉଛି ବଡ଼ମାନଙ୍କ ଦ୍ୱାରା !

ମହେଶ୍ୱର ମହାନ୍ତି: ମୋ' ମତରେ, ବୟସ୍କମାନଙ୍କ ପାଇଁ ଯେଉଁ ବହି ସବୁ ଲେଖାହେଉଛି, ତା'କୁ ମଧ୍ୟ ବୟସ୍କମାନେ ପଢୁନାହାନ୍ତି। ଆପଣ ଦେଖନ୍ତୁ ଆଧୁନିକ କବିତା ଓ ଆଧୁନିକ ଗଳ୍ପକୁ କେତେଜଣ ଅବା ପଢୁଛନ୍ତି ?

ସାହିତ୍ୟ ଚର୍ଚ୍ଚା: ଆପଣ ପିଲାମାନଙ୍କର ଶିକ୍ଷା ଉପଯୋଗୀ ବହି ମଧ୍ୟ ଅନେକ ଲେଖିଛନ୍ତି। ବିଶେଷକରି ଆପଣଙ୍କର 'ଛାତ୍ରସାଥୀ ପ୍ରବନ୍ଧ ଓ ପତ୍ରମାଳା' ନାମକ ବହିଟି ଏକଦା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ଥିଲା। ତେବେ ପିଲାଙ୍କର ପାଠବହି ଓ ଶିଶୁସାହିତ୍ୟ ମଧ୍ୟରେ ପ୍ରଭେଦଟି କ'ଣ ହେବା କଥା ବୋଲି ଆପଣ ଭାବନ୍ତି ?

ମହେଶ୍ୱର ମହାନ୍ତି: ଯେଉଁ 'ଛାତ୍ରସାଥୀ ପ୍ରବନ୍ଧମାଳା'ର କଥା ଆପଣ କହିଲେ, ମୁଁ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଚାରୋଟି ପ୍ରବନ୍ଧ ପୁସ୍ତକ ଲେଖିଛି; କଲେଜ ପିଲାଙ୍କ ପାଇଁ ମଧ୍ୟ ପ୍ରବନ୍ଧମାଳା ଲେଖିଛି। କିନ୍ତୁ ସେଇଟା ହେଉଛି ଗୋଟିଏ ଗାଇଡ୍ ବୁକ୍ ବା ହେଲ୍‌ପ୍ ବୁକ୍। ଆପଣ ଯେ ପାଠ୍ୟପୁସ୍ତକ ଓ ଶିଶୁସାହିତ୍ୟ ମଧ୍ୟରେ ପ୍ରଭେଦର କଥା କହିଲେ, ରବିନ୍ଦ୍ରନାଥ ମଧ୍ୟ ସ୍ୱୀକାର କରିନାହାନ୍ତି ଯେ ପାଠ୍ୟପୁସ୍ତକଟା କେବେ ନିରୋଳା ଶିଶୁ ସାହିତ୍ୟରେ ଯିବ। ପାଠ୍ୟପୁସ୍ତକ ଗୋଟିଏ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଚାହିଁ ନିର୍ଦ୍ଦିଷ୍ଟ ଫର୍ମାଟ୍ ଭିତରେ ଲେଖାଯାଏ। ପିଲାମାନେ ତାହାକୁ ପଢ଼ିବାକୁ ଓ ଘୋଷିବାକୁ ବାଧ୍ୟ। କିନ୍ତୁ ନିରୋଳା ଶିଶୁସାହିତ୍ୟ ହେଲା ତାହା, ଯାହା ପିଲା ସ୍ୱତଃ ପଢ଼ିବ; ସ୍ୱତଃ ସେଥିରୁ ଆନନ୍ଦ ପାଇବ।

ସାହିତ୍ୟ ଚର୍ଚ୍ଚା: ଆପଣଙ୍କର 'ବେଲୁନ୍ ଗଲା ଉଡ଼ି' ନାମକ ଯେଉଁ ବହିଟି ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା, ସେଥିରେ ଶିକ୍ଷା ଓ ମନୋରଞ୍ଜନ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ଆପଣ କେତେଦୂର ସମର୍ଥ ହୋଇଛନ୍ତି ବୋଲି ଭାବନ୍ତି ?

ମହେଶ୍ୱର ମହାନ୍ତି: 'ବେଲୁନ୍ ଗଲା ଉଡ଼ି'ରେ ଆମ ସୋଲାର୍ ସିଷ୍ଟମ୍ ବିଷୟରେ କିଛି ଧାରଣା ଗୀତିକବିତା ଓ ଛନ୍ଦ ଆକାରରେ ଦିଆଯାଇଛି। ସେଥିରେ ବିଜ୍ଞାନ ଅଛି, ନୀତିଶିକ୍ଷା ଅଛି, ବ୍ୟଙ୍ଗ ଅଛି ଓ ହାସ୍ୟରସ ବି ଅଛି। ସେଥିରେ ଗ୍ରହଜଗତର ବିଭିନ୍ନ କଥା ମନୋରଞ୍ଜକ ଶୈଳୀରେ ପରିବେଷଣ କରାଯାଇଛି, ଯାହା ପିଲାଟିଏ ଖୁସିରେ ପଢ଼ିପାରିବ।

ମୋ' ମତରେ, ବୟସ୍କମାନଙ୍କ ପାଇଁ ଯେଉଁ ବହି ସବୁ ଲେଖାହେଉଛି, ତା'କୁ ମଧ୍ୟ ବୟସ୍କମାନେ ପଢୁନାହାନ୍ତି।

ସାହିତ୍ୟ ଚର୍ଚ୍ଚା: ଆପଣଙ୍କୁ ବୟସ ତ ଏବେ ୮୭ ବର୍ଷ ହେଲାଣି। ଏହି ବୟସରେ ବି ନୂଆ ରଚନା କିଛି ଲେଖିବାପାଇଁ ଆପଣ ସମର୍ଥ ହୋଇପାରୁଛନ୍ତି କି ?

ମହେଶ୍ୱର ମହାନ୍ତି: ଲେଖିବାଟା ହେଲା ଗୋଟିଏ 'ଇନ୍‌ଷ୍ପିଂକ୍ଟ'ର କଥା। ଏହାକୁ ପ୍ରବୃତ୍ତି ବୋଲି କହିପାରନ୍ତି, କି କଳା ବା ହବି ମଧ୍ୟ କହିପାରନ୍ତି। ତେଣୁ ବୟସ ହୋଇଗଲେ ଆଉ ବାଜା ନ ବଜାଇପାରିଲେ ମଧ୍ୟ ଟେବୁଲ୍ ଉପରେ ହାତ ବାଡ଼ଉଛି। ବୃଦ୍ଧ-ଜୀବନ ହେଲା ସେଇଆ। ଯେହେତୁ ବୟସ ହେଲାଣି ଏବଂ ସ୍ୱାସ୍ଥ୍ୟ ଅନୁକୂଳ ରହୁନି, ଲେଖିବା ପାଇଁ ଆଉ ଆଗ୍ରହ ଓ ଉତ୍ସାହ ସେତେ ନାହିଁ।

ସାହିତ୍ୟ ଚର୍ଚ୍ଚା: ଆଜିର ଏହି ମନୋରମ ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ।


ଗଳ୍ପ

ସୁନନ୍ଦାର ସ୍ୱପ୍ନଭଙ୍ଗ



ଚୌଧୁରୀ ବରଦାପ୍ରସନ୍ନ ଦାସ

ସୁନନ୍ଦାର କଥାଗୁଡ଼ାକ କଣ୍ଠାପରି ଗଳି ଯାଉଥିଲା ଶୁଭମ୍ ଦେହରେ। ଫୋନ୍‌ରେ ହସି ହସି ଆମେରିକାରେ ରହୁଥିବା ଭଉଣୀକୁ ଶୁଣାଉଥିଲା ପାରାଡାଇଜ୍ ଏନ୍‌କ୍ଲେଭ୍‌ରେ ପାଳିତ ହେଉଥିବା 'ପଖାଳ ଦିବସ'ର କାହାଣୀ। ପ୍ରସ୍ତୁତି ଚାଲିଛି, ଭୁବନେଶ୍ୱରର ଜଣେ ନାମୀ ଶେଫ୍ ଆସିଛନ୍ତି। ସେ ଦେଖାଇଥିବା ତିନିଶହ ପଂଚଷଠି ପ୍ରକାର ବ୍ୟଞ୍ଜନ ଭିତରୁ ବାଛି ବାଛି କେତୋଟି ରନ୍ଧାଯାଇଛି। ପାଟିରେ ବାଟୁଳି ବାଜୁନଥିଲା ତା'ର। ହାଣ୍ଡି ଚାଉଳ, କଳାଚାଉଳ, ନାଲି ଚାଉଳ, ପୁସା ଚାଉଳପରି ପନ୍ଦର ପ୍ରକାର ଚାଉଳରେ ପଖାଳ ତିଆରି ହୋଇଛି। ଏଇ ନାମୀ ଶେଫ୍‌ଙ୍କ ପରାମର୍ଶରେ ସାଦା ପଖାଳ ବାଦ୍ ପ୍ରସ୍ତୁତ ହେଉଛି ଦହି ପଖାଳ, ଚିପୁଡ଼ା ପଖାଳ, ଲେମ୍ବୁ ପଖାଳ, ଛୁଙ୍କ ପଖାଳ, ବାସି ପଖାଳ ପରି ଅନେକ ପ୍ରକାରର ପଖାଳ।



ସୁନନ୍ଦା ଆଧୁନିକା। ନା ବରଂ କୁହାଯିବ ଉଗ୍ର ଆଧୁନିକା। କଥାରେ, ଚାଲିରେ, ବେଶପୋଷାକରେ, ଖାଦ୍ୟରେ ...। ଭାବନାର ସୁଅ ଧକ୍କା ଖାଇଲା ବିଦେଶୀ ପାନୀୟର ଅଙ୍କାବଙ୍କା ରଙ୍ଗୀନ୍ ଗ୍ଲାସରେ। ସୁନନ୍ଦା କୁହନ୍ତି, ମଦ ପିଇବା ପାପ ନୁହେଁ ବରଂ ଆଭିଜାତ୍ୟ। ଭାରତ ଦେହରେ ସେ ସବୁବେଳେ ବୋଳିଦିଅନ୍ତି ପାଶ୍ଚାତ୍ୟର ରଙ୍ଗ। ସେଇଥିପାଇଁ ରାଜଧାନୀର ଏଇ ସଂଭ୍ରାନ୍ତ ଆପାର୍ଟମେଣ୍ଟରେ ସେ ପଖାଳ କଂସାରେ ଦେଇଛନ୍ତି ବିଦେଶୀ ରଙ୍ଗ, କରାଇଛନ୍ତି ବିଦେଶୀ ଛୁଙ୍କ। ପ୍ରସ୍ତୁତ ହୋଇଛି ଲେମନ୍ ଟ୍ରି ପଖାଳ, ଆସାମ ଓଡ଼ିଶା ପଖାଳ, ମିଂଟୋ ଫ୍ରେସ୍ ପଖାଳ, ଅରେଞ୍ଜ୍ ମାଣ୍ଡାରିନ୍ ପଖାଳ ଏମିତି ଏମିତି। ତାଙ୍କ ଆଡ଼କୁ ମୁଁ ଟିକିଏ ଉସୁକହୋଇ ଚାହିଁବାରୁ ଅଟକିଯାଇ ମୋ' ଆଡ଼େ ଚାହିଁ କହିଲେ, ଜାଣିଛ ଆମର ଏଇ ପଖାଳ ଅନ୍ତର୍ଜାତୀୟ ସ୍ତରର ପଖାଳ।

ଅନେକ ସମୟରେ ମୁଁ ସୁନନ୍ଦାଙ୍କର ଏଇ ପାଶ୍ଚାତ୍ୟପ୍ରୀତି ଆଉ ଆଭିଜାତ୍ୟଭରା କାହାଣୀକୁ ଗ୍ରହଣ କରି ନ ପାରିଲେ ବି ତାଙ୍କ କଥାରେ ହଁ ମାରେ। ଉପରେ ହେଲେ ବି ଖୋଲା ହସର ଛଳନା କରେ। ତା' ପସନ୍ଦର ପୋଷାକ ପିନ୍ଧେ, ସେ ଭଲ ପାଉଥିବା ବିଦେଶୀ କୁକୁରକୁ ବି କୋଳାଏ। କାରଣ, ମୁଁ କେବେ ସୁନନ୍ଦାକୁ ଆହତ କରିବାକୁ ଚାହେଁ ନାହିଁ। ପରସ୍ପରକୁ ଭଲପାଇ ଘର କରିଥିଲୁ। ସଂସାର ଭିତରେ ଛୋଟିଆ ସଂସାରଟିଏ କରିଥିଲୁ ଆମେ। ରୁଚିରେ ମୁଁ ଟିକିଏ ଅଲଗା ହେଲେ ବି ମୋ' ମନକୁ କେବେ ତାଙ୍କ ଉପରେ ଲଦି ଦେଇପାରିନି; କାରଣ ସୁନନ୍ଦା ଅନ୍ତରରେ ଥିଲେ ପବିତ୍ର ଗଙ୍ଗୋତ୍ରୀ।

କଥା ଭିତରେ ମୋ' ଆଡ଼କୁ ଚାହିଁ କହିଲେ, ଏ ହେଉଛି ପଖାଳରେ ଫ୍ୟୁଜନ୍। ଜାଣିଛ ଆଜି ସାନ୍‌ଫ୍ରାନ୍‌ସିସ୍‌କୋରୁ ଓଡ଼ିଆ ସମାଜ ବି ଆଭାସୀରେ ଯୋଡ଼ି ହେବେ ଆମ ସାଙ୍ଗରେ। କଥାଟା ଭଲ ଲାଗିଲା, ଯେତେବେଳେ କହିଲେ, ଜାଣିଛ ରବିନ୍‌ହୁଡ୍ ଆର୍ମି ଭଳି ଆର୍ନ୍ତଜାତିକ ସଂଗଠନ ପରାମର୍ଶରେ ଆମେ ପ୍ରଚାର କରିବୁ ପଖାଳ କିପରି ଖାଦ୍ୟ ନଷ୍ଟ ନ କରିବାର ଏକ ମାଧ୍ୟମ। 'ବିଲରୁ ବେଲା' ଥିମ୍‌ରେ ଗୋଟିଏ ପ୍ରଦର୍ଶନୀ ମଧ୍ୟ କରାଉଛନ୍ତି।

ହଠାତ୍ ରୟାଲ ଏନ୍‌କ୍ଲେଭ୍ ଜାଗାରେ ଦେଖାଗଲା ଶାରଳା ମଣ୍ଡଳର ଗୋଟାଏ ଉପକୂଳିଆ ଗାଆଁ। ଭିତର ଘରେ

ଗୋଟେ ମାଟିର ଭରାଣ୍ଡି ଉପରେ ଥୁଆହୋଇଛି ମାଟିର ବଡ଼ ହାଣ୍ଡିଟିଏ। ଏଇ ବଡ଼ ହାଣ୍ଡିରେ ରାତିର ବଳକା ଭାତକୁ ଦିଇ / ତିନି ଧୁଆକରି ପାଣି ମିଶେଇ ରଖିଛି ବୋଉ। ବାସ୍ନାଟା ଚହଟିଗଲା ଚାରିପାଖରେ। ଭିତର ଘର ନାମରେ କଥିତ ଏଇ ରୋଷେଇ ଘରଟି ଟିକିଏ ଅଲଗା। ସେଠି ଥାଏ ତିନିଟି ଝିଙ୍କା ଥିବା ଗୋଟିଏ ଯୋଡ଼ିଏ ଚୁଲି। ତା' ପାଖକୁ ହାଣ୍ଡି ଧୋଇବା ପାଇଁ ଭରାଣ୍ଡି। ଶେଷରେ ମାଟିରେ ଗଢ଼ା ଟିକି ଗାଦିଟିଏ। ଶୁଣିଛି ତା' ଭିତରେ ମାଟିରେ କ'ଣ ପବିତ୍ର ଜିନିଷଟିଏ ପୋତା ହୋଇଛି। ତା'ର ନାମ ବଡ଼ ବତୁଆ। ଆମ ପୂର୍ବପୁରୁଷଙ୍କର ପ୍ରତୀକ ସିଏ।

ସକାଳ ହେଲେ ବୋଉ ସେଇ ପଖାଳକୁ ବାଢ଼ିଦିଏ ବିଲକୁ ହଳନେଇ ଯାଉଥିବା କୋଠିଆମାନଙ୍କ ଆଗରେ। ସାଥୀରେ ଟିକିଏ ଆଳୁ ଚକଟା। ତା' ସାଂଗରେ ଲଙ୍କା ମରିଚ ଆଉ ଛୋଟଛୋଟ କୋଲି ପିଆଜ। ପୁଣି ବିଲରୁ ଫେରି ସେମାନେ ଖାଆନ୍ତି ପଖାଳ। ହେଲେ ପଖାଳ ଖାଇଲା ବେଳେ ସେମାନଙ୍କର ଚନ୍ଦ୍ରଉଦିଆ ମୁହଁ ମୋତେ ଆଶ୍ଚର୍ଯ୍ୟକରେ। ବୋଉ ବି ଟିକିଏ ଖରା ଆଇଲା ପରେ ଠାକୁର ବସେଇସାରି ଖାଏ ସେଇ ପଖାଳ। ଆଶ୍ଚର୍ଯ୍ୟର କଥା ମୁଁ ଯେତେ ମାଗିଲେ ବି ସେ ମୋତେ ଦିଏନି ପଖାଳ। ଗତ ରାତିରେ ଖାଇଲା ବେଳେ ପାଖରେ ବସି ଆଉ ଦିଇଟା ଖାଆ, ଆଉ ଦିଇଟା ଖାଆ ବୋଲି କହୁଥିବା ବୋଉ ଏ ଭାତକୁ ମୋତେ ସକାଳୁ ଦିଏନି କାହିଁକି, ସେ କଥା ମୁଁ ବୁଝିପାରେନି। ଏଇ ଭିତରେ କାଇଁକି ପଖାଳ ପାଇଁ କି ମୋ'ର ମନରେ ବଢ଼ିବଢ଼ି ଯାଉଥାଏ ଆକର୍ଷଣ।

ଗାଆଁରେ ପରିବାର ପରିବାର ଭିତରେ ଆର୍ଥିକ ଆଉ ସାମାଜିକ ବୈଷମ୍ୟ ଥିଲେ ବି ଲୋକେ ଗୋଟାଏ ମମତାର ଅନ୍ତର୍ସୂତାରେ ବନ୍ଧା।


ଭଉଣୀ ସାଥୀରେ ସୁନନ୍ଦାଙ୍କର ଅସରନ୍ତି ଗପ ସରୁନଥାଏ। "ଜାଣିଛୁ ବହୁତ କଷ୍ଟ କରି ଗୋଟାଏ ଦୂର ଗାଆଁରୁ ମଗାଇଛି କନିଶିରି ଶାଗ"। କନିଶିରି, କନିଶିରି ଶାଗ ଶବ୍ଦଟା ବୋଳି ହୋଇଗଲା ମୋ ଅନ୍ତରରେ। "ଚୁପ୍, କହିଲା ନ'ଅଙ୍କ ଦୁର୍ଭିକ୍ଷ କଥା ଆଲୋ ପଖାଳ କଂସାକୁ ଗାଆଁର ରଙ୍ଗ ଦେବାକୁ ମଗେଇଛି କନିଶିରି ଶାଗ।" ଭଉଣୀ ପ୍ରାୟ ସେପଟୁ କହୁଥିଲା ନ'ଅଙ୍କ ଦୁର୍ଭିକ୍ଷ ବେଳେ ଲୋକେ ଏଇ ଶାଗ ଖାଉଥିଲେ ବୋଲି।

ଅଜାଣତରେ ଆଖିରୁ ଲୁହ ଗଡ଼ିପଡ଼ିଲା ମୋର। ଆମ ବାଡ଼ିପଟର ଅସର ପୋଖରୀ କୂଳରେ ଅଯତ୍ନବର୍ଦ୍ଧିତ ଅନେକ କନିଶିରି ଶାଗର ଗଛ। ଆମଘରେ ସେ ଶାଗ ପଶୁ ନ ଥିଲା। ଶୁଣିଥିଲି ସେ ଶାଗ ଲୋକେ ବିକଳରେ ଖାଆନ୍ତି। ସବୁଦିନେ ଦେଖେ ଗାଆଁର ସୁନାବୋଉ ମାଉସୀ ସେଇ ଶାଗ ତୋଳି ଅଣ୍ଟିରେ ପୂରାଇ ନେଉଛନ୍ତି। ଆଉରି କେତେ ଲୋକ ବି ନେଉଛନ୍ତି। ଲୁଚି ଲୁଚି ପଛେ ପଛେ ଯାଇ ତାଙ୍କ ଘରେ ପହଞ୍ଚି ଦେଖିଲି ସେଇ ଶାଗକୁ ଖରଡ଼ି ସିଏ ଦି'ପହରରେ ପଖାଳ ଖାଉଛନ୍ତି। ଗୋଟାଏ କଂସାରେ ମାଆ ଝିଅ ଖାଉଛନ୍ତି। ଇଚ୍ଛାହେଲା ସାଥୀରେ ବସିପଡ଼ିବାକୁ।

"ଇଲୋ ବୋପା, ତମେ ବାବୁଘର ପୁଅ, ପୁଣି ଏ କନିଶିରି ଖାଇବ" ବୋଲି କହି ମୋ' କଥାରେ ଚମକିପଡ଼ିଲେ ସୁନାବୋଉ ମାଉସୀ। ଟିକିଏ ଶାଗ ଖାଇବାକୁ ମାଗିଥିଲି ମୁଁ। ଗାଆଁରେ ପରିବାର ପରିବାର ଭିତରେ ଆର୍ଥିକ ଆଉ ସାମାଜିକ ବୈଷମ୍ୟ ଥିଲେ ବି ଲୋକେ ଗୋଟାଏ ମମତାର ଅନ୍ତର୍ସୂତାରେ ବନ୍ଧା। ସୁନା ଥିଲା ମୋ'ର ସମ ବୟସର। ସୁନାପରି ଝିଅଟିଏ ହେଲେବି ତୃତୀୟ ଶ୍ରେଣୀରୁ ଘରକାମ କରିବ ବୋଲି ପାଠ ଛାଡ଼ିଥିଲା। ମାଉସୀ, ମଉସା ବିଲକୁ ଗଲାପରେ ଘର ଓଳେଇଲା, ହାଣ୍ଡି ଧୋଇଲା ପୁଣି ଭାତ ରାନ୍ଧିଲା। ସେଦିନ କନିଶିରି ଶାଗ ଖାଇବାକୁ ମୋର ଜିଗର ଦେଖି କହିଲା, ବୋଉ ଦଉନୁ ତା' ପାଟିରେ ଟିକିଏ କନିଶିରି ଶାଗ ଦେ, ସେ ଚାଖୁ। ଝିଅ ମୁହଁକୁ ଚାହିଁ ଟିକିଏ ଆଖି ବଡ଼କରି ମୋ' ପାଟିରେ ଦେଇଥିବା ଶାଗର ମହକ ମୋର ଆଜି ଯାଏ ମନେଅଛି। ଏପଟସେପଟ ଚାହିଁ ସୁନା ବି ପଖାଳ ତାଟିଆଏ ଥୋଇଥିଲା ମୋ' ଆଗରେ। ଶାଗ ଟିକକ ପଛରେ ଥିଲା ସ୍ନେହ ଆଉ ଆବେଗର ଧାରା ନିଶ୍ଚୟ।

ଗାଆଁରେ ଥିବା ଭିତରେ ବୁଝିଥିଲି ଲୋକେ ପ୍ରାୟତଃ ଅଭାବରେ ପଡ଼ି ପଖାଳ ଶାଗ ଖାଆନ୍ତି। ବୋଉ ପରି କେତେଲୋକ ବଳକା ଅନ୍ନକୁ ନଷ୍ଟ ନ କରିବାକୁ ପଖାଳ ଖାଆନ୍ତି। କାହାର ବା ମନ ନୁହେଁ ପଖାଳ ସାଥୀରେ ସାତ ଭଜା ଖାଇବାକୁ। ହେଲେ ମନର ଆଶାକୁ ଅଭାବ ଦଳିଦିଏ। ଆମ ଗାଆଁ ପଛପଟେ ମା'ଶାରଳାଙ୍କ ଆଡ଼କୁ ଲମ୍ବିଥିବା ଗହୀର ବିଲର ନାଁ ଘଇତାମାରି ପାଟ। କେବେ କେଉଁ ସ୍ତ୍ରୀ ବିଲରେ

ସକାଳୁ ଯାଇ ହଳ କରୁଥିବା ସ୍ୱାମୀ ପାଇଁ ଖାଇବା ଆଉ ପାଣିଢ଼ାଳ ନେଇ ଯିବାକୁ ଡେରି ହୋଇଥିବ ଆଉ ପୁରୁଷଟିର ତଣ୍ଟିଶୁଖି ସେ ଖରାରେ ଟଳିପଡ଼ିଥିବ ନିଶ୍ଚୟ। ଲୋକମୁଖରେ ସେତିକିବେଳେ ଏଇ ଗହୀରର ନାଁ ପାଲଟିଥିବ ଘଇତାମାରି ପାଟ। କେତେଥର ଛପି ଛପି ବିଲକୁ ଯାଉଥିବା ସୁନା ପଛରେ ଯାଇ ମୁଁ ଶାଗ ଖାଇଛି ହେଲେ ଏ ନାଟକ ସରିଗଲା ଯେଉଁଦିନ ଶାଗ ଖାଉଖାଉ, ଜହର ଜହର ବୋଲି ମୁଁ ନାଚିଗଲି ଆଉ ସୁନା ହସିହସି ଗଡ଼ିଗଲା। ପରେ ସୁନା କହିଲା, ମୋ'ର ଶାଗ ପଖାଳ ଖିଆ ନିଶା ଛଡ଼େଇବ ବୋଲି ଶାଗ ଭିତରେ ଟିକି ଚଢ଼େଇ ଆଖିଆ ଲଙ୍କାଟାଏ ରଖିଥିଲା। ଯେଉଁଦିନ ସୁନା ମୋତେ କହିଲା, ମୁଁ ତତେ ବାଟରେ ଶାଗ ପଖାଳ ଖୁଆଉଚି ବୋଲି କିଏ ଦେଖିଲେ ମୋ' ନାଁ ପଡ଼ିବ। ତୁ ବଡ଼ଘର ପୁଅ, ଲୋକେ କହିବେ, ଖୁସିରେ ଚାଉଳ ଚୋବଉଛୁ ହେଲେ ଆମେ ପରା ପେଟ ବିକଳରେ ଚାଉଳ ଚୋବଉଛୁ। ସେଇଥିପାଇଁ ତତେ ଧାନୁଆ ଲଙ୍କା ଖୁଆଇଲି। ଖିଲିଖିଲି ହସି ଗହୀର ଭିତରକୁ ଅପସରି ଯାଇଥିଲା ସୁନା। ତା'ର ନାଁ ପଡ଼ିବା କଥା ଶୁଣି ବହୁତ କଷ୍ଟ ପାଇଥିଲି ମୁଁ।



ସୁନନ୍ଦା ଫୋନ୍‌ରେ କହୁଥିବା କଥା ପଦକ ବାରବାର କାନକୁ ଶୁଭୁଥିଲା "ଆଲୋ, ପଖାଳ କଂସାକୁ ଗାଆଁର ରଙ୍ଗଦେବାକୁ ମଗେଇଛି କନିଶିରି ଶାଗ।" ଆଜି ଆମ ଆପର୍ଟମେଣ୍ଟରେ ପାଳନ ହେଉଛି ପଖାଳ ଉତ୍ସବ। ସୁନନ୍ଦା ଏଠିକାର ମହିଳା ସଂଘର ସଭାନେତ୍ରୀ। ସହରର ବହୁନାମୀ ନେତା, ଓକିଲ, ଅଫିସର, ପ୍ରଫେସର, ସାମ୍ବାଦିକ, ଇଂଜିନିୟରଙ୍କୁ ସସ୍ତ୍ରୀକ ଡକାଇଛନ୍ତି ପଖାଳ ଖାଇବାଲାଗି। କେତେ ଯେ ଠା ହୋଇଛି ଗଣି ହେବନି। ସମସ୍ତଙ୍କୁ ସ୍ୱାଗତ କରିବା ଲାଗି ଛୋଟିଆ ଭାଷଣଟିଏ ଲେଖିଛନ୍ତି। ମୋତେ ଟିକିଏ ଚକିତ କଲାପରି କହିଲେ, ଜାଣିଛ, ଜଗନ୍ନାଥ ଓଡ଼ିଆ ଜାତିର ନେତା। ସେ ଘିଅ ପଖାଳ, ମିଠା ପଖାଳ ଏମିତି କେତେ ପ୍ରକାର ପଖାଳ ଖାଆନ୍ତି। ଜଗନ୍ନାଥଙ୍କ ରୋଷଘରେ ଗୋଟାଏ ପଖାଳ କୁଣ୍ଡ ଅଛି। ସେଇଥିପାଇଁ ଆମେ ବି ଆଜି ଏଠି କରିଛୁ ଘିଅ ପଖାଳ, ମିଠା ପଖାଳ ଭଳି ଭିନ୍ନ ଭିନ୍ନ ସୁଆଦର ପଖାଳ। ବଡ଼ବଡ଼ ବ୍ୟାନର ଚମକୁଛି ରାଜରାସ୍ତାରେ। ଖବରକାଗଜରେ ମାଳ ମାଳ ସମ୍ବାଦ।

ସୁନନ୍ଦା ସହରର ବଡ଼ଘରର ଝିଅ। ପେସାରେ ଅଧ୍ୟାପିକା। ତା' ସାଥିରେ ଗାଳ୍ପିକା, ସମାଜସେବୀର ମୁକୁଟ। ସବୁ କଥାରେ ତାଙ୍କର ମନମାନିକୁ ମୁଁ ସହିନିଏ। ସେ ସୁନ୍ଦରୀ, ସେ ଆଧୁନିକା ଆଉ ସ୍ୱନାମଧନ୍ୟା। ଦୁଆର ପାଖରେ ଠିଆହୋଇଥିବା ସିକ୍ୟୁରିଟି ଗାର୍ଡକୁ ଦେଖି ବିରକ୍ତିରେ ଫୋନ୍ ଛାଡ଼ିଲେ ସୁନନ୍ଦା। ଟିକିଏ ଚଢ଼ା ଗଳାରେ କହିଲେ "କ'ଣ ହେଲା"। ମା' ସେ ମୂଲିଆଣୀ ବସି କାନ୍ଦୁଛି। ବାଟରେ ସେମିତି ପଖାଳ କଂସାଟା ବିଂଚି ହୋଇ ପଡ଼ିଛି, ଓଳେଇବାକୁ ଦେଉନି। କହିଲେ ଯାଉନି। ଆଉ କ'ଣ କହି ଆସୁଥିଲା ହେଲେ ତୁଣ୍ଡ ଖୋଲୁନଥିଲା। ତା' ଭାବରୁ ବୁଝିଲି ସେ ଯେମିତି କହୁଛି "ଗରିବର ନିଃଶ୍ୱାସ ପଡ଼ିବ ମା"। ନିଜର ଉଦଣ୍ଡ ରୂପ ଦେଖେଇ ସୁନନ୍ଦା କହିଲେ ସେ କ'ଣ ଜାଣିନାହିଁ କିଏ ସବୁ ଆଜି ଏଠିକି ପଖାଳ ଖାଇବାକୁ ଆସିବେ। ତୁ କେୟାରଟେକରଙ୍କୁ କହ ସେ ଥାନାକୁ ଫୋନ୍ କରିଦେବେ। ପୁଲିସ୍ ଆସି ତା' ମଜା ଛଡ଼ାଇଦେବ।

ଆମ ଆପାର୍ଟମେଣ୍ଟ୍ ଚାରି ପାଖରେ ଅନେକ ନୂଆ ନୂଆ ଆକାଶଛୁଆଁ ଘର ତୋଳାହେଉଛି। ସକାଳ ବେଳା ବୁଲିବାକୁ ଗଲାବେଳେ ମୁଁ ଦେଖେ ମାଳମାଳ ସ୍ତ୍ରୀ ଲୋକ ମୁଣ୍ଡରେ ଠେକା ଉପରେ ଟିଫିନ୍ କ୍ୟାରିଅର ଥୋଇ କାମକୁ ଆସନ୍ତି। ଟିକିଏ ଖରା ଆସିଲେ ଆମ ଆପାର୍ଟମେଣ୍ଟ୍ ସାମନା ଗଛତଳେ ଶାଗ, ପଖାଳ, ଲଙ୍କା ଆଉ ପିଆଜର ପସରା ଖୋଲି ଖାଇବସନ୍ତି। ଆଜି ପଖାଳ ଉତ୍ସବ ପାଇଁ ବଡ଼ବଡ଼ ଲୋକ ଆସିବେ ବୋଲି ସୁନନ୍ଦାଙ୍କ କଥାରେ ସିକ୍ୟୁରିଟି ଗାର୍ଡ ସେଠି ଖାଇବାକୁ ବାରଣ କରିଥିଲା ସେମାନଙ୍କୁ। ହେଲେ କଥା ନ ମାନି ସେଠି ଖାଇବାରୁ ବାଡ଼ି ଧରି ଗୋଡ଼ାଇଥିଲା ତାଙ୍କୁ।

ଟିଫିନ୍ କ୍ୟାରିଅର ଧରି ଦଉଡୁ ଦଉଡୁ ଅଧାବୁଢ଼ୀ ସ୍ତ୍ରୀ ଲୋକଟିଏ ଝୁଣ୍ଟି ପଡ଼ିଯାଇଥିଲା, ଆଉ ବିଛାଡ଼ି ହୋଇପଡ଼ିଥିଲା ଭାତ ମୁଠାକ। ଛିଟିକି ଯାଇଥିଲା ପିଆଜ ଆଉ ଲଙ୍କା। ହସିଥିଲେ କିଟିପାର୍ଟିର ଅନ୍ୟ ସଦସ୍ୟାମାନେ।

ପୁଅ ବାବୁନ୍ ଥିଲା ଅଲଗା। ଠିକ୍ ମୋ' ବୋଉର ମନପରି ମନ ପାଇଛି ସେ। ମଣିଷର ଆଖିର ଲୁହକୁ ସେ ବୁଝିପାରେ।

ସୁନନ୍ଦା ସବୁ ସହନ୍ତି କିନ୍ତୁ ତାଙ୍କ କଥାର କେହି ପ୍ରତିବାଦ କଲେ ଅସ୍ଥିର ହୋଇଉଠନ୍ତି। ସିକ୍ୟୁରିଟି ଗାର୍ଡ଼ର କଥା ଶୁଣି ଆପାର୍ଟମେଣ୍ଟ ଗେଟ୍ ପାଖକୁ ଚାଲିଗଲେ ସୁନନ୍ଦା। ରାଗରେ ପୁଣି କ'ଣ କାଳେ କହିବେ ବୋଲି ମୁଁ ପଛେପଛେ ଯାଇ ଗେଟ୍ ପାଖରେ ପହଞ୍ଚି ଯାହା ଦେଖିଲି ଚମକି ପଡ଼ିଲି । ସ୍କୁଲରୁ ଫେରୁଥିବା ପୁଅ ବାବୁନ୍ ବସିଛି ସେଇ ସ୍ତ୍ରୀ ଲୋକର କୋଳରେ। "ତମେ, କାନ୍ଦନା ଆଈ, ଭାତ ବିଞ୍ଚିଯାଇଛି ତ ମୁଁ ଖାଇବା ନେଇଆସୁଛି।" ପୁଣି ଅଭୁକ୍ତା ସେଇ ନାରୀଟି ବାବୁନ୍ ମୁଣ୍ଡରେ ହାତ ରଖି କହୁଛନ୍ତି, ଠାକୁରେ ତୋର ବଡ଼ତିରୁ ବଡ଼ତି କରନ୍ତୁରେ ପୁଅ। ଝରିପଡୁଥିଲା ଆଶିଷର ଗଙ୍ଗାଧାରା। ବିସ୍ମୟରେ ଚାହିଁଥିଲେ ସୁନନ୍ଦା। ସୁନନ୍ଦାଙ୍କ ରକ୍ତର ସଂକେତ ଧରି ଜନ୍ମିଥିଲେ ବି ପୁଅ ବାବୁନ୍ ଥିଲା ଅଲଗା। ଠିକ୍ ମୋ' ବୋଉର ମନପରି ମନ ପାଇଛି ସେ। ମଣିଷର ଆଖିର ଲୁହକୁ ସେ ବୁଝିପାରେ। ଦୁଃଖ ଦେଖିଲେ ତରଳିଯାଏ। ମୂଲିଆଣୀ ସ୍ତ୍ରୀ ଲୋକର ଭୋକିଲା ମୁହଁ ଆଉ ବିଛାଡ଼ି ହୋଇ ପଡ଼ିଥିବା ଭାତକୁ ଦେଖି ସେ ତା' ପାଖକୁ ଚାଲି ଯାଇଥିଲା। କାହା ଆଖିର ଲୁହକୁ ସେ ସହି ପାରେନି। ଆଈର ବୟସର ଲୋକକୁ ଦେଖି ଆଈ ବୋଲି ଡ଼ାକୁଛି।

ମୁଁ ସୁନନ୍ଦାଙ୍କର ମୁହଁକୁ ବୁଲି ଚାହିଁଲା ବେଳକୁ ସେ ପହଞ୍ଚି ସାରିଥିଲେ ସେଇ ମୂଲିଆଣୀ ସ୍ତ୍ରୀ ଲୋକ ପାଖରେ। ବାବୁନ୍‌ର ଅପାପବିଦ୍ଧ ମନଟା ପ୍ରାୟ ଲେପି ହୋଇଯାଇଥିଲା ସୁନନ୍ଦାଙ୍କ ଉପରେ। ମମତାର ବାଦଲଫଟା ବର୍ଷାପାଣିର ସୁଅରେ ସେ ପାଲଟି ଯାଇଥିଲେ ଖଣ୍ଡେ ଉପଳ ମାତ୍ର। ତମେ ବ୍ୟସ୍ତ ହୁଅନା ମାଉସୀ ବୋଲି ଆବେଗାତ୍ମକ ଶବ୍ଦ କେତୋଟି କେମିତି ତାଙ୍କ ମୁହଁରୁ ବାହାରିଲା ମୁଁ ବୁଝିପାରୁ ନଥିଲି। "ନାଇଁଲୋ ମା' ତୋ ପୁଅକୁ ଭଗବାନ ଆଇଷ ଦିଅନ୍ତୁ, ସେ ବଡ଼ରୁ ବଡ଼ ହଉ", କହୁଥିଲେ ସେ ସ୍ତ୍ରୀ ଲୋକ ଜଣକ। କଥାରେ ପ୍ରାୟ ପେଟ ପୂରିଯାଇଥିଲା ତାଙ୍କର। ତା'ପରଠାରୁ ଭିନ୍ନ ଏକ ସୁନନ୍ଦାଙ୍କୁ ମୁଁ ଆବିଷ୍କାର କଲି। ଏ କ'ଣ ଉମାସଖୀ ଦୟାମୟୀ ସୁନନ୍ଦା! ଅଙ୍ଗିରାଙ୍କର କ୍ଷୁଧାହାରିଣୀ କାମଧେନୁ ସୁନନ୍ଦା! ଲାଗିଲା, ଗାଆଁରୁ ଶାଗ ପଖାଳ କଂସା ସାଥୀରେ ବୋଉ ଆଉ ସୁନାବୋଉ ମାଉସୀଙ୍କର ହଜିଯାଇଥିବା ମନକୁ ବି ସହରକୁ ନେଇ ଆସିଛନ୍ତି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
barada.das@gmail.com

PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com


ପ୍ରବନ୍ଧ

ବିଦେଶରେ ସାରଳା ମହାଭାରତ: ଗବେଷଣା ଓ ସମ୍ଭାବନା



ଉଦୟନାଥ ସାହୁ

ମହାଭାରତ ହେଉଛି ଭାରତୀୟ ସଂସ୍କୃତିର ଆଦିଉତ୍ସ । ଏହାର କଥା ଓ ଚରିତ୍ର ଭାରତବର୍ଷର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନାର ବାହକ । ଏହା ଭାରତବର୍ଷର ଜାତୀୟ ମହାକାବ୍ୟ । ଏଥିରେ ସମଗ୍ର ଭାରତବର୍ଷର ଜନଜୀବନର ଚିତ୍ର ପ୍ରତିଫଳିତ । ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ଗୋଷ୍ଠୀର ଲୋକମାନେ ଭାରତବର୍ଷରେ ପ୍ରାଗ୍ ଐତିହାସିକ ଯୁଗରୁ ଏକତ୍ର ବସବାସ କରିଆସୁଛନ୍ତି । ସମସ୍ତଙ୍କୁ ଏହି ବିଶାଳ ଭୂଖଣ୍ଡରେ ବିବିଧତା ସତ୍ତ୍ୱେ ଏକତାର ସୂତ୍ରରେ ବାନ୍ଧି ରଖିବାରେ ଏହି ଜାତୀୟ ମହାକାବ୍ୟ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ଭାରତୀୟମାନଙ୍କର ଜାତୀୟ ଚରିତ୍ର ଗଠନ କରିବାରେ ମହାଭାରତ ଗ୍ରନ୍ଥ ପ୍ରଚୁର ପ୍ରେରଣା ଯୋଗାଇଛି । ତେଣୁ ମହାଭାରତୀୟ ଜାତୀୟ ସଂହତି ଗଠନ କରିବାରେ ସଂସ୍କୃତ ମୂଳ ମହାଭାରତ ସହିତ ଭାରତବର୍ଷର ପ୍ରାଦେଶିକ ଭାଷାରେ ରଚିତ ମହାଭାରତଗୁଡ଼ିକ ବହୁ ଭାବରେ ସହାୟତା କରିଛନ୍ତି । ଭାରତୀୟ ଧର୍ମ, ସାହିତ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସମାଜ, ନୃତ୍ୟ, ଗୀତ, ନାଟକ ଓ କାବ୍ୟ ପ୍ରଭୃତିକୁ ସମୃଦ୍ଧ କରିବାରେ ମହାଭାରତ ଯଥେଷ୍ଟ ପ୍ରେରଣା ଦେଇଆସିଛି । ତେବେ ଏହି ଗ୍ରନ୍ଥର ଅନ୍ତଃସ୍ୱର ହେଉଛି ବିବିଧତା ମଧ୍ୟରେ ଏକତା । ଏହି ଗ୍ରନ୍ଥ ମଧ୍ୟରେ ସାରା ଭାରତବର୍ଷର ଆତ୍ମା ।



ବୌଦ୍ଧିକ ପ୍ରଭାବ

ରାମାୟଣ ଓ ମହାଭାରତ ଭାରତୀୟ ଆର୍ଯ୍ୟ ସଭ୍ୟତାର କ୍ରମବିକାଶ ଧାରାରେ ଦୁଇଟି ମାଇଲଖୁଣ୍ଟ । ନୈତିକ ଓ ବୌଦ୍ଧିକ ପ୍ରଭାବ ଦୃଷ୍ଟିରୁ ବିଚାରକଲେ ଭାରତୀୟ ସମାଜ ଓ ସଭ୍ୟତା ଏହି ଦୁଇଟିଯାକ ମହାକାବ୍ୟ ଦ୍ୱାରା ପ୍ରଭାବିତ ହୋଇ ସଭ୍ୟ ଶିକ୍ଷିତ ହୋଇଛନ୍ତି । କିନ୍ତୁ ଭାରତୀୟମାନଙ୍କର ଜୀବନକୁ ଏକତା ଓ ସଂପ୍ରୀତି ଭାବରେ ବାନ୍ଧି ରଖିବାରେ ଏଇ ଦୁଇ ମହାକାବ୍ୟର ଯଥେଷ୍ଟ ଭୂମିକା ରହିଛି । ଭାରତୀୟମାନଙ୍କର ସ୍ୱତନ୍ତ୍ର ଆତ୍ମପରିଚିତି ସୃଷ୍ଟି କରିବାରେ ମହାଭାରତ ମହାକାବ୍ୟର ଯଥେଷ୍ଟ ଅବଦାନ ରହିଛି ।

ବିଦେଶରେ ମହାଭାରତର ଅଧ୍ୟୟନ ବିଶ୍ୱ ସାହିତ୍ୟିକ, ସାଂସ୍କୃତିକ, ଧାର୍ମିକ ଓ ତୁଳନାତ୍ମକ ଅଧ୍ୟୟନର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଲଟିଛି । ୟୁରୋପ, ଆମେରିକା, ରୁଷ୍ ଓ ଏସିଆର ବିଦ୍ୱାନମାନେ ପୌରାଣିକ, ଦର୍ଶନ, ଭାଷାବିଜ୍ଞାନ, ନୃତତ୍ତ୍ୱ, ନୀତିଶାସ୍ତ୍ର, ନାରୀବାଦ ଓ ତୁଳନାତ୍ମକ ସାହିତ୍ୟ ଦୃଷ୍ଟିରୁ ଏହି ମହାକାବ୍ୟ ଉପରେ ଗବେଷଣା କରୁଅଛନ୍ତି । ୟୁରୋପରେ ଉପନିବେଶବାଦୀ ଯୁଗର ପ୍ରାରମ୍ଭରେ ପ୍ରାଚ୍ୟବିଦ୍ ବିଦ୍ୱାନମାନେ ସଂସ୍କୃତ ପାଠ୍ୟ ଅନୁବାଦ କରିବା ଆରମ୍ଭ କରିଥିଲେ । ଫଳରେ ମହାଭାରତ ପ୍ରତି ପ୍ରାରମ୍ଭିକ ୟୁରୋପୀୟ ଆଗ୍ରହ ପ୍ରକାଶ ପାଇଥିଲା । ଚାର୍ଲ୍ସ ୱିଲକିନ୍ସ, ପ୍ରେଡିଚ୍ ମ୍ୟାକ୍ସ ଓ ମୋନିଅର୍ ୱିଲିୟମ୍ସ ଏହି ମହାକାବ୍ୟର ବ୍ୟାପକ ଅଧ୍ୟୟନ କରିଥିଲେ । ସେହିଭଳି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ, ଚିକାଗୋ ବିଶ୍ୱବିଦ୍ୟାଳୟ, କଲମ୍ବିଆ ବିଶ୍ୱବିଦ୍ୟାଳୟ ପ୍ରଭୃତିରେ ପ୍ରସିଦ୍ଧ ବିଦ୍ୱାନମାନଙ୍କ ଦ୍ୱାରା ପୁନାର ଭଣ୍ଡାରକର ପ୍ରାଚ୍ୟ ଗବେଷଣାରେ ପ୍ରସ୍ତୁତ ମହାଭାରତର ସମାଲୋଚନାମୂଳକ ସଂସ୍କରଣ ବହୁଳ ଭାବରେ ବ୍ୟବହୃତ ହୁଏ । ଏଠାରେ ଯେଉଁ ଦିଗଗୁଡ଼ିକ ପ୍ରତି ଗବେଷଣାର ପ୍ରମୁଖ କ୍ଷେତ୍ର ଅଲୋଚିତ ହୋଇଛି, ସେଗୁଡ଼ିକ ହେଲା, ଦ୍ରୌପଦୀଙ୍କ ନାରୀବାଦୀ ପାଠ, କୁରୁକ୍ଷେତ୍ର ଯୁଦ୍ଧରେ ରାଜନୈତିକ ନୀତିଶାସ୍ତ୍ର, ଆଖ୍ୟାନ ଗଠନ, ମୌଖିକ ପରମ୍ପରା

ଓ ପ୍ରଦର୍ଶନ ପ୍ରଭୃତି । ଫ୍ରାନ୍ସରେ ମାଡେଲିନ୍ ବିଆର୍ଡୋ ନୃବିଜ୍ଞାନ ଓ ପୌରାଣିକ କାହାଣୀ ମାଧ୍ୟମରେ ମହାଭାରତକୁ ପର୍ଯ୍ୟାଲୋଚନା କରି ମହାଭାରତରେ ସାମାଜିକ ଗଠନ ସଂପର୍କରେ ଅନୁସନ୍ଧାନ କରିଥିଲେ । ରୁଷୀୟ ଭାରତ ବିଜ୍ଞାନୀମାନେ ମହାଭାରତର ଅନୁବାଦ ଓ ବିଶ୍ଳେଷଣ କରିଥିଲେ । ଜର୍ମାନ ବିଦ୍ୱାନମାନେ ମୁଖ୍ୟତଃ ହାଇଡେଲବର୍ଗ ବିଶ୍ୱବିଦ୍ୟାଳୟ ଓ ହାମବର୍ଗ ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ପୌରାଣିକ କଥା, ଧର୍ମ ଓ ନୀତିଶାସ୍ତ୍ର, ରାଜନୀତିରେ କୃଷ୍ଣଙ୍କ ଭୂମିକା, ଯୁଦ୍ଧର ପ୍ରତୀକ ପ୍ରଭୃତି ବିଷୟରେ ଅଧ୍ୟୟନ ଓ ଗବେଷଣା କରିଥିଲେ । ପ୍ରମୁଖ ବିଶ୍ୱଭାଷାରେ ମହାଭାରତ ମହାକାବ୍ୟର ଅଧ୍ୟୟନ ଓ ଗବେଷଣା ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଚାଲିଆସିଛି । ଏହାର ଏକ ସ୍ୱତନ୍ତ୍ର ଇତିହାସ ରହିଛି । ବ୍ରିଟେନ୍‌ର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ, ଲଣ୍ଡନ ବିଶ୍ୱବିଦ୍ୟାଳୟରେ ମହାଭାରତ ଗବେଷଣାର ଆଧୁନିକ କ୍ଷେତ୍ର ଯଥା - ନାରୀବାଦୀ ଅଧ୍ୟୟନ, ଦ୍ରୌପଦୀ, କୁନ୍ତୀ, ଗାନ୍ଧାରୀ ପ୍ରଭୃତି ଚରିତ୍ରଗୁଡ଼ିକର ବିଶ୍ଳେଷଣ, ପିତୃସତ୍ତ୍ୱ, ଲିଙ୍ଗ ରାଜନୀତି, କ୍ଷମତା ଓ ଅପମାନ ପ୍ରଭୃତି ଉନ୍ମୋଚିତ ହୋଇଛି । ମହାଭାରତକୁ ଗ୍ରୀକ୍ ମହାକାବ୍ୟ, ସେକ୍‌ସପିଅରଙ୍କ ସୃଷ୍ଟି, ଆଧୁନିକ ଯୁଦ୍ଧ ସାହିତ୍ୟ ସହିତ ତୁଳନା କରାଯାଇଛି । ତତ୍‌ସହିତ ଭଗବତ୍ ଗୀତା, ଧର୍ମ, କର୍ମ, ଭାଗ୍ୟ ଏବଂ ସ୍ୱାଧୀନ ଇଚ୍ଛା, ଯୁଦ୍ଧର ନୀତିଶାସ୍ତ୍ର ପ୍ରଭୃତି ବିଷୟରେ ବିଶେଷ ଧ୍ୟାନ ଦିଆଯାଇଛି । ଭାରତୀୟ ସଭ୍ୟତାର ଏହି ଭିତ୍ତିଭୂମି ଦକ୍ଷିଣ-ପୂର୍ବ ଏସିଆରୁ ଆରମ୍ଭକରି ପାଶ୍ଚାତ୍ୟ ଦେଶ ପର୍ଯ୍ୟନ୍ତ ଗଭୀର ପ୍ରଭାବ ପକାଇଛି ।

ଭାରତ ବାହାରେ ଦକ୍ଷିଣ-ପୂର୍ବ ଏସିଆରେ ମହାଭାରତର ପ୍ରଭାବ ଅତି ଅଧିକ । ଇଣ୍ଡୋନେସିଆରେ ମହାଭାରତର ଜାଭାନିଜ୍ ସଂସ୍କରଣକୁ 'ଭାରତ ଯୁଦ୍ଧ (ଏହା ୯୯୦-୧୦୦୬ ଖ୍ରୀଷ୍ଟାବ୍ଦ ପୂର୍ବରୁ ପୁରୁଣା ଜାଭାନିଜ୍ ଭାଷାରେ ଅନୁବାଦ କରାଯାଇଥିଲା) ବୋଲି କୁହାଯାଏ । ଗବେଷକମାନେ 'ୱାୟାଙ୍ଗ କୁଲିଟ୍' (ଛାୟା ପୁତ୍ତଳିକା ନାଚ)ରେ ମହାଭାରତର ପ୍ରଭାବ ଅନୁଧ୍ୟାନ କରିଥାନ୍ତି । କାମ୍ବୋଡିଆର ବିଶ୍ୱପ୍ରସିଦ୍ଧ ଅଙ୍କୋର ୱାଟ୍ ମନ୍ଦିରର କାନ୍ଥରେ କୁରୁକ୍ଷେତ୍ର ଯୁଦ୍ଧର ଅନେକ ଦୃଶ୍ୟ ଖୋଦିତ ହୋଇଛି । କେତେକ ବିଦ୍ୱାନ ମହାଭାରତର ଯୁଦ୍ଧକୁ ଗ୍ରୀକ୍‌ର ଟ୍ରୋଜାନ୍ ଯୁଦ୍ଧ ସହିତ ତୁଳନାକରି ଗବେଷଣା କରୁଅଛନ୍ତି । ଚୀନ୍ ଓ ଜାପାନ୍‌ରେ ୧୯ଶ ଏବଂ ୨୦ଶ ଶତାବ୍ଦୀରେ ମହାଭାରତ କିଭଳି ସେମାନଙ୍କର ବୌଦ୍ଧିକ ଚିନ୍ତାଧାରାକୁ ପ୍ରଭାବିତ କରିଥିଲା, ସେ ନେଇ ଗବେଷଣା ପୁସ୍ତକ ପ୍ରକାଶ ପାଇଛି । ଇଣ୍ଡୋନେସିଆରେ ମହାଭାରତ ଏତେ ଲୋକପ୍ରିୟ ଯେ ସେଠାରେ ନକୁଳ ଓ ସହଦେବ ନାମରେ ଯମଜ ସନ୍ତାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଫାଉଣ୍ଡେସନ ମଧ୍ୟ ରହିଛି । ମହାଭାରତ ଆଧାରିତ ବିଶ୍ୱସ୍ତରୀୟ ଗବେଷଣାର ଏ ହେଉଛି ସାମାନ୍ୟ ସୂଚନା ମାତ୍ର ।


ଓଡ଼ିଆମାନଙ୍କର ସ୍ୱତନ୍ତ୍ର ଆତ୍ମପରିଚିତି ସୃଷ୍ଟି କରିବାରେ ସାରଳା ମହାଭାରତର ଯଥେଷ୍ଟ ଅବଦାନ ରହିଛି ।

ମାଟିର କବି

ସାରଳା ଦାସ ଓଡ଼ିଶା ମାଟିର ଆଦି ମହାକବି । ମହାଭାରତ ପରି ଏକ ବିରାଟ ଗ୍ରନ୍ଥ ରଚନାକରି ଓଡ଼ିଆ ଜାତିର ଐତିହ୍ୟକୁ ସେ ଯେପରି ଭାବରେ ସ୍ୱର୍ଶ କରିଯାଇଛନ୍ତି, ତାହା ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏକ ବିସ୍ମୟୋଦ୍ଦୀପକ ଘଟଣା । ସାରଳା ଦାସ ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମକାଳୀନ କବି । କପିଳେନ୍ଦ୍ର ଦେବଙ୍କ ଯୁଗ, ଓଡ଼ିଶା ଇତିହାସରେ ଯଥାର୍ଥତଃ ସୁବର୍ଣ୍ଣଯୁଗ । ଏହି ଯୁଗରେ ଓଡ଼ିଆଜାତି ପ୍ରଥମଥର ପାଇଁ ତା' ନିଜ ଦେଶର ଓ ନିଜ ଭାଷାର ଜଣେ ମହିମାନ୍ୱିତ ସମ୍ରାଟଙ୍କୁ ପାଇଲା । ଏହି ଯୁଗର ଶ୍ରେଷ୍ଠ ସୃଷ୍ଟି ପୁରୁଷ ହେଉଛନ୍ତି ମହାକବି ସାରଳା ଦାସ । ସାରଳା ମହାଭାରତ ଏକ ସାହିତ୍ୟିକ ଗ୍ରନ୍ଥ । ପୌରାଣିକ ପରିବେଶ ମଧ୍ୟରେ ଏହା ଗଢ଼ି ଉଠିଥିଲେ ହେଁ, ଏହା କିନ୍ତୁ ଯଥାର୍ଥରେ ଓଡ଼ିଶା ରାଜନୈତିକ ଇତିହାସ, ଆଧ୍ୟାତ୍ମିକ ଭାବନା ଓ ସାଂସ୍କୃତିକ ଚେତନାର ଏକ ବିରାଟ ଗନ୍ତାଘର । ସଂସ୍କୃତ ମହାଭାରତରେ ଧାର୍ମିକ, ନୈତିକ ଓ ଆଧ୍ୟାତ୍ମିକ ତତ୍ତ୍ୱର ଗଭୀର ବ୍ୟାଖ୍ୟା କରାଯାଇଛି । କିନ୍ତୁ ସାରଳାଙ୍କ ମହାଭାରତ ଏକ ସ୍ୱତନ୍ତ୍ର ସୃଷ୍ଟି । ସାରଳା ଦାସ ଓଡ଼ିଶାର ସାମାଜିକ ପୃଷ୍ଠଭୂମିକୁ ଆଧାରକରି ମହାଭାରତ ସୃଷ୍ଟି କରିଛନ୍ତି । ପ୍ରାନ୍ତୀୟ ଭାଷାରେ ବିରାଟ ମହାଭାରତ ରଚନାକରି ପ୍ରାନ୍ତୀୟ ଭାଷା ଯେ ଉଚ୍ଚକୋଟୀର ଗ୍ରନ୍ଥ ରଚନା କରିବା ପାଇଁ ଉପଯୁକ୍ତ ମାଧ୍ୟମ ତାହା ସାରଳା ଦାସ ପ୍ରମାଣ କରିଦେଲେ ।

ଓଡ଼ିଆମାନଙ୍କର ସ୍ୱତନ୍ତ୍ର ଆତ୍ମପରିଚିତି ସୃଷ୍ଟି କରିବାରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି ।

ଆଜି ସାରଳା ମହାଭାରତ ସହ ତାଙ୍କ ସାହିତ୍ୟ ସମଗ୍ର ବିଶ୍ୱରେ ପରିଚିତ । ବିଭିନ୍ନ ଦେଶରେ ସାରଳା ମହାଭାରତରେ ତାଳପତ୍ର ପାଣ୍ଡୁଲିପି ଆବିଷ୍କୃତ ହୋଇଛି । ପ୍ରାୟ ୩୫ବର୍ଷ ପୂର୍ବେ ଜାପାନରେ ସାରଳା ମହାଭାରତର ତାଳପତ୍ର ପୋଥିର ଅସ୍ତିତ୍ୱ ପ୍ରକାଶ ପାଇଥିଲା । ଏହାକୁ 'ସୁଶିମା ବାୟୋ' (ସୁଶିମା ତାଳପତ୍ର ପାଣ୍ଡୁଲିପି) ବୋଲି ନାମକରଣ କରାଯାଇଛି । କାରଣ ଯେଉଁଠାରେ ଏହା ଆବିଷ୍କୃତ ହୋଇଥିଲା, ସେହି ଗ୍ରାମର ନାମ ଅନୁସାରେ ଏହା ସୃଷ୍ଟି ହୋଇଛି । ୧୯୯୮ ମସିହାରେ ପ୍ରଫେସର ହୋକୁନ୍ ନାଗାସାକି (ଓଟାନି ବିଶ୍ୱବିଦ୍ୟାଳୟ, କିଟୋ), ଅଧ୍ୟାପକ ନୋବୁୟୁକି କାଶିୱାଭାରା ଓ ପ୍ରଫେସର ଶୋଭାରାଣୀ ଦାଶ ବ୍ୟାପକ ଗବେଷଣା କରିଥିଲେ । ଏହି ବିଷୟରେ ମାର୍ଚ୍ଚ ୨୦୦୧ରେ ଓଡ଼ିଶାରେ କ୍ଷେତ୍ର ଅଧ୍ୟୟନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏ ସଂପର୍କରେ ଜଣାଯାଏ ଯେ ୧୯୪୧ ମସିହାରେ ସୁଶିମୋ-ଚୋ ଗ୍ରାମର ଟୋମ୍ପିୟୋସି ମୋରିତୋ ନାମକ ଜଣେ ବ୍ୟକ୍ତି ଏହି ପାଣ୍ଡୁଲିପିକୁ ଉତ୍ସାଜମା ସହରର ଏକ ପୂଜା ଦୋକାନରୁ କିଛି ପୁରୁଣା ଦଲିଲ ସହ କିଣିଥିଲେ । ସେ ଏହାକୁ ଏକ ବୌଦ୍ଧ ଗ୍ରନ୍ଥ ବୋଲି ଭାବି ତାଙ୍କ ଘରେ ବୁଦ୍ଧଙ୍କ ସହିତ ପୂଜା କରୁଥିଲେ ଏବଂ ପ୍ରତିଦିନ ଧୂପ ଅର୍ପଣ କରୁଥିଲେ । ଏହି ଧୂପ ଅର୍ପଣ ପାଣ୍ଡୁଲିପିକୁ କୀଟପତଙ୍ଗରୁ ରକ୍ଷା କରିଥିଲା । ସେ ଓଟାନି ବିଶ୍ୱବିଦ୍ୟାଳୟ ଓ ଅନ୍ୟ କିଛି ବିଶ୍ୱବିଦ୍ୟାଳୟକୁ ଏହା ଉପରେ ଅଧ୍ୟୟନ ପାଇଁ ଅନୁରୋଧ କରିଥିଲେ ହେଁ କୌଣସି ବିଶ୍ୱବିଦ୍ୟାଳୟ ଆଗ୍ରହୀ ନଥିଲେ । ତା'ପରେ ୧୩ ଜାନୁଆରୀ ୧୯୯୩ ମସିହାରେ ଶ୍ରୀ ମୋରିତା ପାଣ୍ଡୁଲିପିକୁ ସୁଶିମା-ଚୋ'ର ସାମାଜିକ ଶିକ୍ଷା ବିଭାଗକୁ ଦାନ କରିଥିଲେ । ପରେ ଏହାକୁ ସହରର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ବିଭବ ଭାବରେ ଘୋଷିତ ପୂର୍ବକ ଏହାକୁ ଯତ୍ନର ସହିତ ସଂରକ୍ଷିତ ରଖାଯାଇଥିଲା ।




କରଣୀ ଲିପିରେ ମହାଭାରତ

ଏହା ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଲିପିବଦ୍ଧ ହୋଇଥାଇପାରେ ବୋଲି ମତପ୍ରକାଶ ପାଇଛି । ଏହା ମଧ୍ୟଯୁଗୀୟ ଓଡ଼ିଆ ଭାଷାରେ କରଣୀ ଲିପିରେ ଲେଖାଯାଇଛି । ଆରମ୍ଭରେ ଭଗବାନ ଗଣେଶଙ୍କୁ ସଂସ୍କୃତ ଭାଷାରେ କରଣୀ ଲିପିରେ ଆହ୍ୱାନ କରାଯାଇଛି । ଏହା ହେଉଛି ସାରଳା ଦାସଙ୍କ ଲୋକପ୍ରିୟ ମହାଭାରତର ଅଂଶବିଶେଷ । କେବଳ ସେତିକି ନୁହେଁ, ପାଣ୍ଡୁଲିପି ଫୋଲିଓ ୧ର ବାମ ପାର୍ଶ୍ୱରେ 'ଶ୍ରୀ ମହାଭାରତ ଆରଣ୍ୟକ ପର୍ବ ପ୍ରଥମ ଖଣ୍ଡ, ଲେଖନଃ' ଶୀର୍ଷକ ସହିତ ଆରମ୍ଭହୋଇ 'ଶ୍ରୀ ଆରଣ୍ୟକ ପର୍ବ' ପ୍ରଥମ ଖଣ୍ଡ ସଂପୂର୍ଣ୍ଣ ବାକ୍ୟ ସହିତ ଶେଷ ହୋଇଛି । ପାଣ୍ଡୁଲିପିରେ ଶ୍ରୀ ସାରଳା ଦାସ ନାମକୁ ଅନେକଥର ବ୍ୟବହାର କରାଯାଇଛି । ଏଥିରୁ ପ୍ରମାଣିତ ହୁଏ ଯେ 'ସୁଶିମୋ ବାୟୋ' ହେଉଛି ସାରଳା ଦାସଙ୍କ ଦ୍ୱାରା ଲିଖିତ ଓଡ଼ିଆ ମହାଭାରତର ଲିପିବଦ୍ଧ ପାଣ୍ଡୁଲିପି ମଧ୍ୟରୁ ଅନ୍ୟତମ ଏବଂ ଜାପାନରେ ଆବିଷ୍କୃତ ପ୍ରଥମ ଏବଂ ଏକମାତ୍ର ତାଳପତ୍ର ପାଣ୍ଡୁଲିପି ଯାହା କରଣୀ ଲିପି ବ୍ୟବହୃତ ଓଡ଼ିଆ ଭାଷାରେ ଲିଖିତ ହୋଇଛି । ପର୍ବ ବିଭାଜନ ଦୃଷ୍ଟିରୁ ବିଚାରକଲେ ଜଣାଯାଏ ଯେ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତରେ 'ବନପର୍ବ' ରହିଛି । କିନ୍ତୁ ଭଣ୍ଡାରକର ପ୍ରାଚ୍ୟ ଗବେଷଣା ପ୍ରତିଷ୍ଠାନ, ପୁନେ ଦ୍ୱାରା ପ୍ରକାଶିତ ସଂସ୍କୃତ ଭାଷାରେ 'ଆରଣ୍ୟକ ପର୍ବ'ରେ ହିଁ ରହିଛି । 'ସୁଶିମୋ ବାୟୋ'ରେ ବର୍ଣ୍ଣିତ ସମସ୍ତ ଚରିତ୍ର ଓ ସ୍ଥାନ ଓଡ଼ିଶାର । ପ୍ରଭୁ ଜଗନ୍ନାଥଙ୍କୁ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ହାତ ଓ ପାଦ ବିନା ଏବଂ ସୁରକ୍ଷା ଦେବତା ଭାବରେ ଚିତ୍ରଣ କରାଯାଇଛି । ସାରଳା ଦାସ ଓଡ଼ିଶାର ପରମ୍ପରା ଏବଂ ଐତିହ୍ୟକୁ ପ୍ରାଧାନ୍ୟ ଦେଇଅଛନ୍ତି । ଏହା ସଂସ୍କୃତ ମହାଭାରତର ଓଡ଼ିଆ ଅନୁବାଦ ନୁହେଁ, ବରଂ ଏହା ମହାଭାରତର ଓଡ଼ିଆ ସଂସ୍କରଣ ବୋଲି ଏହି 'ସୁଶିମୋ ବାୟୋ'ରେ ପ୍ରମାଣିତ ହୋଇଛି । ପ୍ରଫେସର ଶୋଭାରାଣୀ ଦାଶ ଏହି 'ସୁଶିମୋ ବାୟୋ' ଉପରେ

ଗବେଷଣା କରିଥିଲେ । ଗବେଷଣାର ବିଷୟ ଥିଲା । "ଜାପାନରେ ଆବିଷ୍କୃତ ଓଡ଼ିଆ ମହାଭାରତର ଏକ ଅଧ୍ୟୟନ ।" ଏ ପ୍ରବନ୍ଧର ଲେଖକ ମଧ୍ୟ ଏହି ଗବେଷଣାରେ ସଂପୃକ୍ତ ।

ଏପ୍ରିଲ୍ ୨୦୧୧ରୁ ମାର୍ଚ୍ଚ ୨୦୧୫ ପର୍ଯ୍ୟନ୍ତ ପୁଣି 'ସୁଶିମୋ ବାୟୋ' ସଂପର୍କରେ ଗବେଷଣା ଚାଲୁରହିଲା ପାଣ୍ଡୁଲିପିର ଜାପାନୀ ଓ ଇଂରାଜୀ ଅନୁବାଦ ପ୍ରସ୍ତୁତ କରିବା ପାଇଁ । କାରଣ ଜାପାନୀ ବିଦ୍ୱାନମାନେ ଏହାର ବିଷୟବସ୍ତୁ ସଂପର୍କରେ ଅବଗତ ହୋଇପାରିବେ । ଏହାର ଏକ ସମାଲୋଚନାତ୍ମକ ସଂସ୍କରଣ ପ୍ରସ୍ତୁତ ହୋଇଛି । 'ସୁଶିମୋ ବାୟୋ' କିପରି ଜାପାନକୁ ସ୍ଥାନାନ୍ତରିତ ହୋଇଥିଲା, ତାହା ଏପର୍ଯ୍ୟନ୍ତ ରହସ୍ୟମୟ । ଓଡ଼ିଶାରୁ ସମୁଦ୍ର ପଥରେ ଯାତ୍ରା କରିବାର ସମ୍ଭାବନା ଅଧିକ । ଏହା ସର୍ବଜନବିଦିତ ଯେ ଓଡ଼ିଶାର ଦକ୍ଷିଣ-ପୂର୍ବ ଏସିଆ ସହିତ ବାଣିଜ୍ୟିକ ସଂପର୍କଥିଲା । ବିଶେଷକରି ଇଣ୍ଡୋନେସିଆର ବାଲି, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଦ୍ୱୀପପୁଞ୍ଜ ସହିତ । ତେଣୁ ଏହା ସମ୍ଭବ ହୋଇପାରେ ଯେ 'ସୁଶିମୋ ବାୟୋ' ସମୁଦ୍ର ପଥରେ ଓଡ଼ିଶାରୁ ଇଣ୍ଡୋନେସିଆ ଏବଂ ତା'ପରେ ଇଣ୍ଡୋନେସିଆରୁ ଜାପାନ୍ ଯାତ୍ରା କରିଥିଲେ ।



(ସୂଚନା: 'ଅନ୍ ଦି ପାମ୍-ଲିଫ୍ ମାନୁସ୍କ୍ରିପ୍ଟ ଅଫ୍ ଦି ସାରଳା ମହାଭାରତ ଦି କଭରଡ୍ ଇନ୍ ଜାପାନ୍' - ଶୋଭାରାଣୀ ଦାଶ - ସମ୍ପାଦନା- ଉଦୟନାଥ ସାହୁ ଓ ଶୋଭାରାଣୀ ଦାଶ - ଗ୍ରେଟ୍ ଇଣ୍ଡିଆନ୍ ଏପିକ୍ସ୍ - ଇଣ୍ଟରନ୍ୟାସନାଲ୍ ପର୍ସ୍ପେକ୍ଟିଭ୍ସ୍ - ପୃ-୬୩-୭୬, ପ୍ରକାଶକ - ଜେଏନ୍ୟୁ ଓ ମନୋହର, ନୂଆଦିଲ୍ଲୀ-୨୦୨୧)

ପ୍ରାଚୀନ ଓଡ଼ିଆ ଜାତି ଜାଭା-ସୁମାତ୍ରା-ବାଲି-ବୋର୍ଣ୍ଣିଓରେ ଉପନିବେଶ ସ୍ଥାପନ କରିବା ଇତିହାସ ସମ୍ମତ । କଳିଙ୍ଗର ନୌବାଣିଜ୍ୟିକ କାହାଣୀ ବିଶ୍ୱ ଇତିହାସରେ ପ୍ରସିଦ୍ଧ । ଖ୍ରୀଷ୍ଟପୂର୍ବ ସମୟରୁ କଳିଙ୍ଗ ଅଧିବାସୀମାନଙ୍କର ବାଣିଜ୍ୟ ନିମିତ୍ତ ବିଦେଶ ଯାତ୍ରା ବହୁ ପୁରାତନ ଗ୍ରନ୍ଥରେ ମଧ୍ୟ ଲିପିବଦ୍ଧ । ନୌବାଣିଜ୍ୟ ମାଧ୍ୟମରେ ବ୍ରହ୍ମଦେଶ, ଥାଇଲାଣ୍ଡ, କାମ୍ବୋଡିଆ, ଶ୍ରୀଲଙ୍କା, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ଚୀନ, ରୋମ୍, ଜାପାନ ତଥା ଆଫ୍ରିକା ସହିତ ଓଡ଼ିଶାର ବାଣିଜ୍ୟିକ ଓ ସାଂସ୍କୃତିକ ସଂପର୍କ ରହିଥିଲା । କେତେଜଣ କଳିଙ୍ଗ ନାବିକ ଜାଭା ଉପକୂଳରେ ଉପନିବେଶ ସ୍ଥାପନ କରିଥିଲେ ଏବଂ ସେହିବର୍ଷଠାରୁ ସେଠାରେ ଏକ ନୂତନ ଅଙ୍କ ଚଳିଆସୁଛି । ସେମାନେ କଳିଙ୍ଗ ଉପାଧି ଦ୍ୱାରା ଜାଭା ଦ୍ୱୀପର ଅନ୍ୟାନ୍ୟ ବାସିନ୍ଦାଙ୍କଠାରୁ ଚିହ୍ନିତ ହେଉଛନ୍ତି । ଚୀନ୍ ଓ ଓଡ଼ିଶାର ରାଜାମାନଙ୍କ ମଧ୍ୟରେ ଉପଢ଼ୌକନ ଆଦିର ଆଦାନପ୍ରଦାନ ଚଳୁଥିଲା, ଯାହା ଦଇବଂଶ, ଲଳିତବିସ୍ତର ଓ ସିଭଙ୍କି ପ୍ରଭୃତି ବୌଦ୍ଧ ଗ୍ରନ୍ଥରେ ଏହାର ପ୍ରମାଣ ମିଳେ ।

ଜାଭାରେ ଓଡ଼ିଆ ପୋଥି

ଉତ୍କଳୀୟ ଲୋକମାନେ ଯେତେବେଳେ ଜାଭାକୁ ଆସିଲେ, ସ୍ୱାଭାବିକ ଭାବେ ନେଇଆସିଥିଲେ ସେମାନଙ୍କ ଧର୍ମଗ୍ରନ୍ଥ ସବୁ ପୋଥି ଆକାରରେ କିମ୍ବା ସ୍ମୃତିରେ । ଏସବୁ ମଧ୍ୟରେ ମହାଭାରତ ହିଁ ଜାଭାର ଲୋକମାନଙ୍କର ପ୍ରିୟତମ ହୋଇଉଠିଥିଲା । ମହାଭାରତର ୧୮ଟି ପର୍ବ ମଧ୍ୟ ଜାଭାରୁ ଲୋକନାଟକରେ ରୂପାନ୍ୱିତ ହୋଇଗଲା । ଜାଭାର ଏକାଦଶ ଶତାବ୍ଦୀର ରାଜା ଐରଲଙ୍ଗ (୧୦୧୯-୪୨ ଖ୍ରୀ)ଙ୍କ ଶାସନକାଳରେ ଏହି ନାଟକାୟିତ କଥାସବୁ ରାଜ୍ୟରେ ରଚିତ ହୋଇଥିଲା, ଯାହା ନିକଟ ଅତୀତରେ ଆବିଷ୍କୃତ ହୋଇଛି ଏବଂ ଡଚ୍ ବିଦ୍ୱାନମାନଙ୍କ ଦ୍ୱାରା ପ୍ରକାଶିତ ହୋଇଛି । ପ୍ରାଚୀନ ଜାଭା ଭାଷାରେ ମହାଭାରତର କଥା ସମୂହକୁ ନେଇ ରଚିତ ଅନେକ 'କାକୀବିନ୍' ମଧ୍ୟରୁ ୩୬ ଅଧ୍ୟାୟ ବିଶିଷ୍ଟ 'ଅର୍ଜୁନ ବିବାହ', କବି କଣ୍ୱଙ୍କ ଦ୍ୱାରା ରାଜା ଐରଲଙ୍ଗଙ୍କ ଶାସନ କାଳରେ ରଚିତ ହୋଇଥିଲା । 'ହରିବିଜୟ', 'ରନ୍‌ବିଜୟ' 'ଘଟୋତ୍କଚାଶ୍ରୟ', 'ଇନ୍ଦ୍ରବିଜୟ', 'କୃଷ୍ଣାନ୍ତକ' ପ୍ରଭୃତି ବହୁକଥା ପ୍ରମାଣିତ କରେ ଯେ ମହାଭାରତର ଏସବୁ କଥା ଜାଭାକୁ ଦ୍ୱୀପାନ୍ତରିତ ହୋଇଥିଲା ଭାରତରୁ ଏବଂ ଏହାର ପ୍ରଧାନ ସୂତ୍ରଧର ଥିଲେ କଳିଙ୍ଗର ଅଧିବାସୀମାନେ । କାରଣ କଳିଙ୍ଗ ବ୍ୟତୀତ ଅନ୍ୟ

କୌଣସି ଭାରତୀୟଙ୍କ ଉପନିବେଶ ସ୍ଥାପନ ଏସବୁ ଦ୍ୱୀପାଞ୍ଚଳରେ ଏପର୍ଯ୍ୟନ୍ତ ସାବ୍ୟସ୍ତ ହୋଇନାହିଁ। ମହାଭାରତର ସ୍ଥାନ ଓ ପାତ୍ର ଜାଭାର ଲୋକମାନଙ୍କ ପାଇଁ ପରିଚିତ ଥିଲା, ଯେପରିକି ଜାଭାରେ ଘଟିତ ଘଟଣା । ଜାଭାର ରାଜପୁରୁଷଗଣ ପାଣ୍ଡବ ଓ ଯାଦବ ବଂଶର ବୋଲି ମଧ୍ୟ ଦାବି କରିଥିଲେ, ଯେପରି ସାରଳା ମହାଭାରତରେ 'ପୁରୁ ମହୀପତି'ଙ୍କୁ କୁହାଯାଇଛି 'ଓଡ଼ିଆଣୀ ଭାରିଜାର ଅଟଇ ସନ୍ତତି' ବୋଲି ।

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଜାଭାରେ ଦେଖାଦେଇଥିଲା ଏକ ପୁନର୍ଜାଗରଣ ବା ରେନେସାଁ ଯାହା ଓଡ଼ିଶାରେ ପରବର୍ତ୍ତୀ ଶତାବ୍ଦୀ ଅର୍ଥାତ୍ ଊନବିଂଶ ଶତାବ୍ଦୀରେ ଘଟିଥିଲା । ଏହି ସମୟରେ ପ୍ରାଚୀନ ଯୁଗ ସମ୍ବନ୍ଧରେ ଏକ ଅନୁସନ୍ଧିତ୍ସା ଦେଖାଦେଇଥିଲା ଏବଂ ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ପାଇଁ ମୂଳପୋଥି ଅନ୍ତତଃ ଉପଲବ୍ଧ ଥିଲା, କିନ୍ତୁ ସାରଳା ମହାଭାରତର ମୂଳପୋଥି ବୋଲି କିଛିନାହିଁ । ଜାଭାର ଲକୋନ୍‌ଗୁଡ଼ିକ ମୂଳ ମହାଭାରତକୁ ଅବିକଳ ଅନୁସରଣ କରିନାହିଁ, ଯେପରି ସାରଳା ମହାଭାରତରେ ମଧ୍ୟ ତାହା ହିଁ ହୋଇଅଛି । ସାରଳା ମହାଭାରତ ଏକ ସ୍ୱତନ୍ତ୍ର ସୃଷ୍ଟି । ସେ ମୂଳଗ୍ରନ୍ଥର କ୍ରମକୁ ଭାଙ୍ଗି ଅନେକ ନୂତନ କଥାବସ୍ତୁ ଯୋଗ କରିଅଛନ୍ତି । ଯଥା - ସିଂହ ଶୃଗାଳ କଥା, ତୁଳସୀବଣ ବାଘ, ତୁଳାମୁହାଁ କାଙ୍କ, ବାବନାଭୂତ ପ୍ରସଙ୍ଗ, ଅଳସୁଆ ବିବରଣ ପ୍ରଭୃତି । ସତ୍ୟଆତ୍ମକଥା, ନବଗୁଂଜର କଥା, ରକ୍ତନଦୀ ସନ୍ତରଣ ପ୍ରଭୃତିକୁ ସାରଳା ଦାସଙ୍କ ମୌଳିକ ସୃଷ୍ଟି ରୂପେ ଗ୍ରହଣ କରିନେବା ଅପେକ୍ଷା ସେସବୁ ବିଷୟରେ ଅଧିକ ଅନୁସନ୍ଧାନ କରାଯାଇ ତାଙ୍କ ପୂର୍ବକାଳୀନ ଓଡ଼ିଶାର ଲୋକସମାଜର ସୃଷ୍ଟି ବୋଲି ଗ୍ରହଣ କରାଯାଇପାରେ । ତେବେ ସାରଳା ମହାଭାରତର ଲୋକକଥା ସହିତ ଜାଭାର ଲୋକକଥାଗୁଡ଼ିକର ସାମଞ୍ଜସ୍ୟ ରହିଛି । ଏସବୁ ବିଷୟ ଗବେଷଣାର ଅପେକ୍ଷା ରଖେ ।

ବିଦେଶୀ ବିଦ୍ୱାନମାନେ ସାରଳା ଦାସଙ୍କୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରନ୍ତି, କାରଣ ସଂସ୍କୃତ ମହାଭାରତଠାରୁ ଏହା ଅନେକ ଦୃଷ୍ଟିରୁ ଭିନ୍ନ ।

ଚୀନ୍‌ରେ ଓଡ଼ିଆ ପୋଥି

ସେହିପରି ନିକଟରେ ଚୀନ୍‌ରେ ପ୍ରାୟ ଏକ ହଜାର ଓଡ଼ିଆ ତାଳପତ୍ର ପୋଥି ଆବିଷ୍କୃତ ହୋଇଛି । ତନ୍ମଧ୍ୟରେ ରହିଛି, ସାରଳା ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ ପ୍ରଭୃତି ଅନେକ ପ୍ରାଚୀନ ଗ୍ରନ୍ଥ । ସେସବୁର ପୁନରୁଦ୍ଧାର ସହ ଭ୍ରମ ପ୍ରମାଦପୂର୍ଣ୍ଣ ସମ୍ପାଦନାରୁ ସାରଳା ଦାସଙ୍କ ମହାଭାରତକୁ ମୁକ୍ତକରି ତା'ର ଶୁଦ୍ଧ ସମ୍ପାଦନା ଓ ଶୁଦ୍ଧ ସଂସ୍କରଣ ପ୍ରକାଶ କରିବା ଆମର କର୍ତ୍ତବ୍ୟ । ଏବେ ଆମେରିକାର ଚିକାଗୋରେ ସାରଳା ମହାଭାରତ ସଂପର୍କରେ ସୁଚିତ୍ରା ଦାସ ଗବେଷଣା କାର୍ଯ୍ୟ ଆରମ୍ଭ କରିଅଛନ୍ତି । ଏହାସହିତ ୩୦ ଅଗଷ୍ଟ, ୨୦୨୫ ମସିହାଠାରୁ ସାରଳା ମହାଭାରତ ଆଲୋଚନା ସିରିଜ୍ ଆରମ୍ଭ କରିଅଛନ୍ତି । ଏହି ସିରିଜ୍ ଆମରଐତିହ୍ୟ ଓ ସାହିତ୍ୟକୁ ସଂରକ୍ଷଣ କରିବ ଏବଂ ଓଡ଼ିଆ ସାଧାରଣ ଲୋକଙ୍କ ମଧ୍ୟରେ ଏ ବିଷୟରେ ସଚେତନତା ପ୍ରସାର କରିବା ପାଇଁ ଉଦ୍ଦିଷ୍ଟ । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ପରିଶେଷରେ କୁହାଯାଇପାରେ ଯେ ସାରଳା ଦାସଙ୍କ ମହାଭାରତ ଓ ସାହିତ୍ୟ ସଂପର୍କରେ ବିଦେଶରେ ଯେଉଁସବୁ ବିଶେଷ ଗବେଷଣା ଜାରି ରହିଛି, ସେସବୁ କେବଳ ସାହିତ୍ୟିକ ଅଧ୍ୟୟନ ନ ହୋଇ ଏକ ସାଂସ୍କୃତିକ ଅଧ୍ୟୟନ ହେବା ଆବଶ୍ୟକ । ବିଦେଶୀ ବିଦ୍ୱାନମାନେ ସାରଳା ଦାସଙ୍କୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରନ୍ତି, କାରଣ ସଂସ୍କୃତ ମହାଭାରତଠାରୁ ଏହା ଅନେକ ଦୃଷ୍ଟିରୁ ଭିନ୍ନ । ଯଥା - ସ୍ଥାନୀୟ ଓଡ଼ିଆ ସଂସ୍କୃତିର ସଂପର୍କ, ମାନବୀୟ ଚରିତ୍ର, ଲୋକ କାହାଣୀ ପ୍ରକାଶରେ ନୂତନ ଶୈଳୀ, ସାମାଜିକ ଓ ନୀତିଗତ ଆଲୋଚନା ଏବଂ ଦୃଢ଼ ଆଞ୍ଚଳିକତା ବା ଆଞ୍ଚଳିକ ପରିଚୟ । ତେଣୁ ବିଦ୍ୱାନମାନେ ଭାରତୀୟ ସଂସ୍କୃତିର ମୂଳଉତ୍ସ, ଭାଷାଗତ ବିବିଧତା, ମୌଖିକ ପରମ୍ପରା, ସାମାଜିକ ବାସ୍ତବବାଦିତା, ଭକ୍ତି ପରମ୍ପରା ଓ ସ୍ଥାନୀୟ ଦର୍ଶନର ଗୁରୁତ୍ୱ ସଂପର୍କରେ ଅଧିକ ଗବେଷଣା ନିମିତ୍ତ ସାରଳା ମହାଭାରତ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ କରନ୍ତି । ବିଦେଶୀ ରାଷ୍ଟ୍ରଗୁଡ଼ିକରେ ସାରଳା ମହାଭାରତକୁ ଯେଉଁ ଆନ୍ତର୍ଜାତୀୟ ସ୍ୱୀକୃତି ମିଳିଛି, ସେଥିପାଇଁ ଆମେ ଗର୍ବିତ ଏବଂ ଏହାର ସମ୍ଭାବନା ମଧ୍ୟ ବେଶ୍ ଉଜ୍ଜ୍ୱଳ । ଏହାହିଁ ଆମର ପ୍ରକୃତ ଅସ୍ମିତା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
udayanath28@gmail.com



ଅନୁବାଦ

ଶୋକସନ୍ଦେଶ ଏକ୍ସପର୍ଟ



ମୂଳ ହିନ୍ଦୀ - ଲତିଫ୍ ଘୋଂଘି ଅନୁବାଦ : ମୀନାକ୍ଷୀ ରାଉତରାୟ

ଭାରତ ଏକ୍ସପର୍ଟ ପ୍ରଧାନ ଦେଶ ଅଟେ। ଏଠି ଏକ୍ସପର୍ଟ ଟେଲର ଅଛନ୍ତି, ଏକ୍ସପର୍ଟ ଡ୍ରାଇକ୍ଲିନର୍ ଅଛନ୍ତି, ଚମଡ଼ାର ଏକ୍ସପର୍ଟ ଅଛନ୍ତି ଆଉ ହୃଦୟର ମଧ୍ୟ ଏକ୍ସପର୍ଟ ଅଛନ୍ତି। ଯୁବକଗୋଷ୍ଠୀ ଛୁରୀ ମାରିବାରେ ଆଉ ଗୁଳି ଚଳାଇବାରେ ଏକ୍ସପର୍ଟ। ଏକ ବଡ଼ଶ୍ରେଣୀ ଉଧାର ଟଙ୍କାକୁ ବୁଡ଼ାଇବାରେ ଏକ୍ସପର୍ଟ ଆଉ କିଛି ଲୋକ ଉଧାର ନେବାରେ ଏକ୍ସପର୍ଟ।

ଏହି ଦେଶର ଏପରି ନଗରର ସେ ନାଗରିକ ଅଟନ୍ତି, ଦେଖିବାକୁ ଦୁର୍ବଳ କିନ୍ତୁ ନିଜକୁ ଏକ୍ସପର୍ଟ ବୋଲି ଭାବନ୍ତି, ଶୋକ-ସନ୍ଦେଶ ଏକ୍ସପର୍ଟ। ସେଠି କେହି ମରିଛି କି ନାହିଁ ସେ ଶୋକ-ସନ୍ଦେଶ ଲେଖିଦେବେ। ଆଉ ମଜାର କଥା ହେଲା ଯେ ନିଜ ଶୋକ-ସନ୍ଦେଶରେ ସେ ଏହି ପ୍ରମାଣପତ୍ର ନିଶ୍ଚୟ ଦେବେ ଯେ ମରିବା ଲୋକ ପାଇଁ ଯେଉଁ କ୍ଷତିହେଲା, ତାହା ଅପୂରଣୀୟ ଅଟେ। ପୂରାପୂରି ଭାବେ ଦେଖିଲେ ଶୋକ-ସନ୍ଦେଶ ଦେବା ତାଙ୍କର ଗୋଟେ ନିଶା। ସେ ଲୋକମାନଙ୍କୁ ସବୁବେଳେ ପଚାରୁଥାଆନ୍ତି ଆଜି କିଏ ମଲା। ବାସ୍ ଟିକେ ଜଣାପଡ଼ିଗଲେ, ସେ ଏମିତି ତାଗଡ଼ା ଶୋକ ସନ୍ଦେଶ ଦେବେ ଯେ ମରିବାବାଲା ମଧ୍ୟ ଖୁସି ହୋଇଯିବ। ବଦାନ୍ୟତାରେ ସମସ୍ତେ ପ୍ରସନ୍ନ ରୁହନ୍ତି।

> **ସେ ପ୍ରତିଦିନ ଖବରକାଗଜ ଦେଖନ୍ତି ଆଉ ତାଙ୍କର ଶୋକସନ୍ଦେଶ ଛପାହେବାର ପ୍ରତୀକ୍ଷା କରନ୍ତି।**

ମୁଁ ଯେତେବେଳେ ତାଙ୍କୁ ଭେଟିଲି ସେ ତାଙ୍କ ଦୋକାନରେ ବସିଥିଲେ। ତାଙ୍କ ଦୃଷ୍ଟି ଖାଲି କାଗଜ ଉପରେ ଥିଲା। ଜଣାପଡ଼ିଲା ଯେ ଗୋଟେ ଟାକ୍ସି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଆଉ ସେଥିରେ ବସିଥିବା ଜଣେ ବ୍ୟକ୍ତିର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଖବରକାଗଜରେ ତା' ନାଁ ନ ଥିଲା, ସେଥିପାଇଁ ସେ ଚିନ୍ତିତ ହୋଇପଡ଼ିଲେ। ମୋତେ ପଚାରିଲେ, କିଏ ହୋଇଥିବ ? ମୁଁ କହିଲି, ଆମ ଅଞ୍ଚଳର ନୁହେଁ, ହୋଇଥିଲେ ଶବଯାତ୍ରା ବାହାରି ସାରିଥାଆନ୍ତା। ସେ କହିଲେ, ତା'ହେଲେ କିଏ ହୋଇଥିବ ? ମୁଁ କହିଲି- ହିନ୍ଦୁସ୍ଥାନର କେହି ଲୋକ ହୋଇଥିବେ। ମରିବାବାଲାଙ୍କ ସଂଖ୍ୟା ଆମ ଦେଶରେ କିଛି କମ୍ ନୁହେଁ।

ତାଙ୍କ ଆତ୍ମା ଶୋକ-ସନ୍ଦେଶ ପାଇଁ ବ୍ୟାକୁଳ ହୋଇଉଠିଲା। ମୁଁ ଜାଣିଛି ଯଦି ତାଙ୍କୁ ମରିବାବାଲାର ନାମ ଠିକଣା ମିଳିଯିବ ତାହେଲେ ସେ ତୁରନ୍ତ ତାଙ୍କ ଘରେ ପହଞ୍ଚି ତାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇ କହନ୍ତେ- ଏହି ଦେଶରେ ମରିବା, ବଞ୍ଚିବାତ ଲାଗି ରହିଛି, କିନ୍ତୁ ଲୋକଟି ହୀରାଥିଲା, ହୀରା। ଭଗବାନ ମୃତାତ୍ମାକୁ ଶାନ୍ତି ଦିଅନ୍ତୁ।


ଏହିପରି ଭାବରେ ସେ ପ୍ରଥମେ ମୌଖିକ ଶୋକ-ସନ୍ଦେଶ ସମାଜରେ ପ୍ରସାରିତ କରିବାର ପ୍ରାକ୍ଟିସ କଲେ ଆଉ ଯେତେବେଳେ ତାଙ୍କର ଆତ୍ମବିଶ୍ୱାସ ବଢ଼ିଗଲା ତା'ପରେ ଖବରକାଗଜ ଆଡ଼କୁ ବଢ଼ିଲେ। ସେ ଦେଶର ସବୁ ପ୍ରମୁଖ ଖବରକାଗଜ ମଗାଇବାରେ ଲାଗିଲେ ଆଉ ଦେଖୁଥିଲେ କେଉଁ ସହରରେ କେଉଁ ଭାରତୀୟ ନାଗରିକ ମରିଲା। ସେ ତୁରନ୍ତ ଗୋଟେ ପୋଷ୍ଟକାର୍ଡ ନେଇ ସମ୍ପାଦକଙ୍କ ନାଁରେ ଶୋକ ସଂବେଦନା ପ୍ରକଟ କରି ଲେଖି ଦିଅନ୍ତି ଯେ, ଏହି ନାଗରିକଙ୍କ ମୃତ୍ୟୁରେ ସେ ଶୋକ ସନ୍ତପ୍ତ ଓ ତାଙ୍କ ତରଫରୁ ମୃତକଙ୍କ ପରିବାରର ଜୀବିତ ସଦସ୍ୟଙ୍କୁ ଈଶ୍ୱର ଏହି ଦୁଃଖ ସହିବାର ଶକ୍ତି ପ୍ରଦାନ କରନ୍ତୁ ବୋଲି ଜଣାଇ ଦିଆଯାଉ। ଦ୍ୱିତୀୟରେ ସେ ପ୍ରତିଦିନ ଖବରକାଗଜ ଦେଖନ୍ତି ଆଉ ତାଙ୍କର ଶୋକ ସନ୍ଦେଶ ଛପାହେବାର ପ୍ରତୀକ୍ଷା କରନ୍ତି। କିନ୍ତୁ ଦୁଃଖ ତାଙ୍କୁ ଏଥିପାଇଁ ଲାଗେ ଯେ, କୌଣସିଖବର କାଗଜରେ ତାଙ୍କୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହେବା ଦେଖାଗଲାନି।

ମୋତେ ନିଜର ପ୍ରକାଶିତ ନହେବାର ଦୁଃଖ ଜଣାଇ ସେ କହିଲେ- ଦେଶରେ ସହାନୁଭୂତି ନାମକ ଜିନିଷ ଆଉ

ନାହିଁ। କାହାର ମୃତ୍ୟୁରେ ନିଜର ଶୋକ ବ୍ୟକ୍ତ କରିଲେ ମଧ୍ୟ କେହି ଛପାଇବାକୁ ପ୍ରସ୍ତୁତ ନୁହନ୍ତି। ଏବେ ଏହି ଦେଶରେ ରହିବା ଅପେକ୍ଷା ମରିଯିବା ଭଲ।

ମୁଁ କହିଲି - ଏମିତି କିଛି କଥାନାହିଁ। ପ୍ରକୃତରେ ଆପଣ ତ' ଶୋକ ସନ୍ଦେଶକୁ ରାବିଡ଼ି ବନାଇ ଦେଉଛନ୍ତି। ଦେବା ଆଗରୁ ଦେଖିବା ଦରକାର ମରିବାବାଲା ଏହି ସନ୍ଦେଶର ଉପଯୁକ୍ତ କି ନାହିଁ।

ସେ ମୋ' କଥାକୁ ଗମ୍ଭୀରତାର ସହିତ ନେଲେ। କହିଲେ, ଆପଣ ତ ସାହିତ୍ୟ ସହିତ ଜଡ଼ିତ, ଦୟାକରି ମୋତେ କୁହନ୍ତୁ କି ଏମିତି କୌଣସି ପୁସ୍ତକ ମିଳିବ ଯେଉଁଥିରେ ଏହି କଥାର ପୂର୍ଣ୍ଣ ବିବରଣୀ ରହିଥିବ ଯେ ଶୋକ-ସନ୍ଦେଶ କେବେ ଆଉ କେମିତି ଦିଆଯାଏ।



ମୁଁ କହିଲି- ଏ ପର୍ଯ୍ୟନ୍ତ ମୋ' ନଜରରେ ଏମିତି କିଛି ପୁସ୍ତକ ଆସିନାହିଁ; କିନ୍ତୁ ଆପଣଙ୍କ କଥାରେ ପ୍ରଭାବିତ ହୋଇ ମୁଁ ଶୋକ ସନ୍ଦେଶ ରଚନାବଳୀ ଲେଖିବା ପାଇଁ ଭାବୁଛି। ଆପଣଙ୍କ ପରି ବହୁତ ଲୋକମାନଙ୍କୁ ଏହି ଦେଶରେ ଶୋକ-ସନ୍ଦେଶର ସଠିକ୍ ଜ୍ଞାନ ଦେବା ଜରୁରି ଅଟେ।

ସେ ତାଙ୍କର ଛୋଟଛୋଟ ହାତରେ ତମ୍ବାଖୁ ମଳି ଖଇନି କଲେ, ତାଳିମାରିଲେ ଆଉ ନିଜର ଛୋଟ ବାଁ ହାତ ପାପୁଲିକୁ ବଢ଼ାଇ କହିଲେ - ନିଅନ୍ତୁ।

ଠିକ୍ ତା'ପରେ କୌଣସି ଏକ ଚତୁଷ୍ପଦ ପଶୁପରି ମୁହଁର ତଳ ଓଠକୁ ବାହାରକଲେ, ଆଉ ଖଇନି ଓଠତଳେ ଦବାଇ କହିଲେ, ମୁଁ ଆପଣଙ୍କ ମାର୍ଗଦର୍ଶନ ନେବାକୁ ଚାହୁଁଛି। ଆପଣଙ୍କୁ ସତ କହୁଛି ଯେ ମୋ'ର କେବଳ ଏହି ଦେଶରେ ଗୋଟିଏ ମହତ୍ୱାକାଂକ୍ଷା ରହିଛି ଯେ ମୁଁ ଅଖିଳ ଭାରତୀୟ ସ୍ତରରେ ଶୋକ-ସନ୍ଦେଶ ଏକ୍ସପର୍ଟ ରୂପେ ନିଜର ପରିଚୟ ସୃଷ୍ଟି କରିବି... ଲୋକମାନେ ମରିବା ପରେ ମୋର ଶୋକ-ସନ୍ଦେଶକୁ ଅପେକ୍ଷା କରିରହିବେ ଆଉ ଯେପର୍ଯ୍ୟନ୍ତ ମୋର ଶୋକ-ସନ୍ଦେଶ ପ୍ରସାରିତ ବା ପ୍ରକାଶିତ ନ ହେବ ମରିବାବାଲାକୁ ନ ଲାଗିବ ଯେ ତା'ର ମୃତ୍ୟୁ ଏହି ଦେଶରେ ସାର୍ଥକ ହେଲା।

ଶୋକ-ସନ୍ଦେଶର ଏହି ବିଦ୍ୟା ପ୍ରତି ତାଙ୍କର ପ୍ରଚଣ୍ଡ ଆସ୍ଥା ଦେଖି ମୁଁ ପ୍ରଭାବିତ ହେଲି। ଏହି ବିଷୟରେ ସେ ମୋତେ ପ୍ରତିଭାରେ ବିଭବଶାଳୀ ଲାଗିଲେ। ଆମ ଦେଶରେ ପପୁଲାର ହେବା ପାଇଁ ଅନେକ ବିଦ୍ୟାରୁ ସେ ଏହି ବିଦ୍ୟାକୁ ଚୟନ କଲେ, ଏହା ତାଙ୍କର ପ୍ରଗତିଶୀଳ ବୁଦ୍ଧିମତାର ପରିଚାୟକ ଅଟେ।

ତାଙ୍କର ପୂରା ବ୍ୟକ୍ତିତ୍ୱ ଆଉ କୃତିତ୍ୱର ପରିଚୟ ଏହି ପ୍ରକାର ଯେ ସେ ପ୍ରଥମେ ଗୋଟେ ସାପ୍ତାହିକୀ ବାହାର କରୁଥିଲେ। ସେଠାରୁ ଶୋକଗ୍ରସ୍ତ ହୋଇ ସେ ରାସ୍ତାକୁ ଆସିଗଲେ ଆଉ ଗୋଟେ ପାନ ଦୋକାନ ଖୋଲିଲେ, ଚା'ର ଷ୍ଟଲ୍ ଖୋଲିଲେ ତ ସେଠାରୁ ମଧ୍ୟ ଶୋକଗ୍ରସ୍ତ ହୋଇଗଲେ। ତା'ପରେ କାଠର ଗୋଟେ ଠେଲା ତିଆରିକରି ପୁରୁଣା ଭଙ୍ଗାରୁଜା ଜିନିଷର ବ୍ୟବସାୟରେ ତାଙ୍କୁ କିଛି ସମ୍ଭାବନା ଦୃଷ୍ଟିଗୋଚର ହେଲା। କିନ୍ତୁ ବହୁତ ଶୀଘ୍ର ସେଠାରୁ ମଧ୍ୟ ଶୋକଗ୍ରସ୍ତ ହୋଇଗଲେ। ତା'ପରେ ସେ କଫିନ, ମହମବତୀ ଆଉ ଶବ-ସାମଗ୍ରୀର ଦୋକାନ ଖୋଲିଲେ, ତା'ପରେ ଯାଇ ସେ ଠିକ୍ ଲାଇନ୍‌ରେ ଆସିଲେ। ଗଲା ପାଞ୍ଚବର୍ଷ ହେଲା ସେ ଏହି ବ୍ୟବସାୟ କରିଆସୁଅଛି। ନିଜର ପୂର୍ବ ଉଦ୍ୟୋଗଗୁଡ଼ିକର ପ୍ରେରଣାରୁ ତାଙ୍କ ମନରେ ଶୋକ ସନ୍ଦେଶ ଏକ୍ସପର୍ଟ ହେବାର ଭାବନା ଅଙ୍କୁରିତ ହେଲା, କିନ୍ତୁ ଠିକ୍ ଦିଗ ନ ମିଳିପାରିବାରୁ ନିର୍ଦ୍ଦିଷ୍ଟ ଭାବେ ସ୍ଥାପିତ ହୋଇପାରିନାହିଁ।

ମୋ' ଆଡ଼କୁ ଦେଖି ସେ କହିଲେ- ମୋତେ ଶୋକ ସନ୍ଦେଶ ପ୍ରକାଶିତ କରିବାର ଗୁରୁମନ୍ତ୍ର ବତାଇ ଦିଅନ୍ତୁ।

ପ୍ରକାଶନର କଷ୍ଟ ତାଙ୍କ ଚେହେରାରେ ଝଲସି ଉଠୁଥିଲା। ସେହିଭଳି କଷ୍ଟ ମୋ' ଚେହେରାରେ ଦୃଶ୍ୟମାନ ହେଉଥିଲା ଯେତେବେଳେ ମୁଁ ବ୍ୟଙ୍ଗରଚନା ଆରମ୍ଭ କରିଥିଲି। ଲୋକେ କହୁଥିଲେ ବ୍ୟଙ୍ଗ କଠିନ ବିଦ୍ୟା ଅଟେ; କିନ୍ତୁ ମୁଁ ତାହା ପିଛା ପଡ଼ିଗଲି । ଠିକ୍ ସେହିଭଳି ସେ ଯେପରି ଶୋକ ସାହିତ୍ୟ ପଛରେ ପଡ଼ିଛନ୍ତି। ଦେଶରେ ମରିବାଲୋକଙ୍କ ସଂଖ୍ୟା ଦେଖି ତାଙ୍କର ବ୍ୟକ୍ତିତ୍ୱରେ ସମ୍ଭାବନା ଝଲସୁଥିଲା।

ମୁଁ ତାଙ୍କଠାରୁ ବିଦାୟ ନେବା ସମୟରେ କହିଲି - ବାସ୍ ଲାଗି ରହନ୍ତୁ। ଆମର ଦେଶରେ ଡେରି ହୋଇପାରେ

ମାତ୍ର ଅନ୍ଧାର ରହିବ ନାହିଁ କେବେ ନା କେବେ ଏହି ସମାଜ ଆପଣଙ୍କ ପ୍ରଚେଷ୍ଟାକୁ ସମ୍ମାନ ଦେବ। ଯେତେବେଳେ ଦେଶରେ ସବୁ କଥାର ଏକ୍ସପର୍ଟ ଅଛନ୍ତି ତା' ହେଲେ ଆପଣ କ'ଣ ବିଗାଡ଼ିଛନ୍ତି ? ନିଜେ ଠିକ୍ ଭାବରେ ପବ୍ଲିସିଟି କରନ୍ତୁ ଆଉ ଏହି ଧନ୍ଦାରେ ଲାଗି ରହନ୍ତୁ। ମୋର ଶୁଭକାମନା ଆପଣଙ୍କ ସହ ଅଛି।


ବାସ୍ ଲାଗି ରହନ୍ତୁ। ଆମର ଦେଶରେ ଡେରି ହୋଇପାରେ ମାତ୍ର ଅନ୍ଧାର ରହିବ ନାହିଁ।

ତା'ପରଦିନ ସେ ତାଙ୍କର ଦୋକାନ 'ମୃତକ ସାମଗ୍ରୀ ଭଣ୍ଡାର' ସାମ୍ନାରେ ଗୋଟିଏ ବୋର୍ଡ ଲଗାଇ ଦେଲେ ଓ ତାଙ୍କ ନାମ ପୂର୍ବରୁ ଡକ୍ଟର ଓ ନାମ ପରେ ଶୋକ ସନ୍ଦେଶ ଏକ୍ସପର୍ଟ ଲେଖିକରି ଯୋଡ଼ିଦେଲେ ଏଠାରେ ଶୋକ ସନ୍ଦେଶ ସୁଲଭ ମୂଲ୍ୟରେ ଉପଲବ୍ଧ। ମରିବା ପରେ ଆମକୁ ସେବାର ସୁଯୋଗ ଦିଅନ୍ତୁ।

ତାଙ୍କର ଏହି ପବ୍ଲିସିଟି ବେଶ୍ କାମକଲା। ଆଜି ତାଙ୍କର ଦୋକାନରେ ମୃତକଙ୍କ ସମ୍ପର୍କୀୟମାନଙ୍କ ଭିଡ଼ ଲାଗି ରହୁଛି। ଏହି ଦେଶର ମହାନତା ହେଉଛି କି ବ୍ୟବସାୟ ମାମଲାରେ କାହାକୁ ନିରାଶ କରିବ ନାହିଁ। ଏକ୍ସପର୍ଟ ପ୍ରଧାନ ଦେଶରେ ଏହିଭଳି ହୋଇଥାଏ।

□□

ଅନୁବାଦିକାଙ୍କ ଇ-ମେଲ୍ ଠିକଣା:
rjhunu@gmail.com



ପଢ଼ନ୍ତୁ ! ବୈଷ୍ଣବ ଚରଣ ସାମଲଙ୍କ

ରମ୍ୟରଚନା ସମଗ୍ର

ପୃଷ୍ଠାସଂଖ୍ୟା : ୧୪୨୮, ମୂଲ୍ୟ : ଟ.୧୩୫୦

ଧାରା ଶ୍ରୀରାଧା ଟ୍ରଷ୍ଟ, ଭୁବନେଶ୍ୱର

ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।

It's Easy !

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ଡେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books

ପ୍ରବନ୍ଧ

ଓଡ଼ିଆ ବ୍ୟାକରଣରେ ପଦ-ବାକ୍ୟ ବିବେଚନା



ସିନିରୁଦ୍ଧ ଦାଶ

ପଦ-ବାକ୍ୟ ପ୍ରମାଣଜ୍ଞାଃ ବୈୟାକରଣାଃ - ଅର୍ଥାତ୍ ପଦ-ବାକ୍ୟର ପ୍ରମାଣଜ୍ଞ ହେଉଛନ୍ତି ବୈୟାକରଣମାନେ । କହିବାର ତାତ୍ପର୍ଯ୍ୟ, ବ୍ୟାକରଣ ଶାସ୍ତ୍ର ହେଉଛି ସବୁ ଶାସ୍ତ୍ରର ମୁଖ ସଦୃଶ । ଯାହା କୁହାଯାଉଛି, ମୁଖଂ ବ୍ୟାକରଣଂ ପ୍ରୋକ୍ତମ୍ - ବେଦର ଅଧ୍ୟୟନ ପାଇଁ ଷଡ଼ଙ୍ଗ (ଷଟ୍-ଅଙ୍ଗ) ଶାସ୍ତ୍ରମାନଙ୍କର ଅଧ୍ୟୟନ ଆବଶ୍ୟକ ଏବଂ ଏହି ଷଡ଼ଙ୍ଗ (ଶିକ୍ଷା - ଫୋନେଟିକ୍ସ୍, କଳ୍ପ - ଡେଲି ରିଚୁଆଲ୍ସ୍, ନିରୁକ୍ତ - ଏଟିମୋଲୋଜି, ବ୍ୟାକରଣ - ଗ୍ରାମାର୍, ଛନ୍ଦ - ମିଟର୍, ଜ୍ୟୋତିଷ - ଆଷ୍ଟ୍ରୋନୋମି ଓ ମ୍ୟାଥେମ୍ୟାଟିକ୍ସ୍) ଅଧ୍ୟୟନ ଆବଶ୍ୟକ । ଏସବୁ ସହିତ ବୁଝିବାକୁ ହେବ ଯେ ବିନା ବ୍ୟାକରଣରେ କୌଣସି ଶାସ୍ତ୍ର ଅଧ୍ୟୟନ କରିବା କଷ୍ଟକର ବ୍ୟାପାର ।

ବ୍ୟାକରଣ ଶାସ୍ତ୍ର ଯେତିକି ଦରକାର, ତା'ର ପ୍ରମାଣ ଜ୍ଞାନ ଅଥବା ଭାଷାରେ ପରିବର୍ତ୍ତନ ପ୍ରମାଣ କରିବା ଏକ ତପସ୍ୱୀର କାର୍ଯ୍ୟ । ଭାଷାରେ ବ୍ୟବହୃତ ଶବ୍ଦମାନଙ୍କର ବିଭାଗକରଣ, ସେମାନଙ୍କର ନାମକରଣ ବା ସଂଜ୍ଞାକରଣ ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ସବୁ ସପ୍ରମାଣ ଉପସ୍ଥାପନା କରିବା ଏକ ଅସାଧ୍ୟ ବ୍ୟାପାର । ମାତ୍ର ଏକ ବୈୟାକରଣ ତପସ୍ୟାକରି ଶବ୍ଦ-ଅର୍ଥ ସମ୍ବନ୍ଧ ସ୍ଥିର କରିବା ସହ ସେମାନଙ୍କର ପ୍ରୟୋଗ ଜ୍ଞାନଲାଭ କରିଥାଆନ୍ତି । ଏହାର ଏକ ଦୃଷ୍ଟାନ୍ତ ହେଉଛି ବିଶ୍ୱପ୍ରସିଦ୍ଧ ତପସ୍ୱୀ ବିଶିଷ୍ଟ ବୈୟାକରଣ ପାଣିନି ଏବଂ ତାଙ୍କର ପ୍ରଣୀତ ଅଷ୍ଟାଧ୍ୟାୟୀ ଯାହା ଆଜିପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି । ଏହାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା - ଏହାର ରଚନା ପଦ୍ଧତି ଅଧିକ ଯୁକ୍ତିମୂଳକ (ଲଜିକାଲ୍) ଓ ବିଜ୍ଞାନସମ୍ମତ । ସେହି ଦୃଷ୍ଟିକୋଣରୁ ମଧ୍ୟ ଆଜି ସର୍ବଭାଷା ଉପଯୋଗୀ ହୋଇପାରିଛି ।

ଏହାର ପ୍ରମାଣ ସ୍ୱରୂପ ଆମେ ଏହି ପ୍ରବନ୍ଧରେ କିଛିଟା ପ୍ରମାଣ ଆଲୋଚନା ପରିସରକୁ ଆଣିବା ।

ଜଣେ ବୈୟାକରଣ ତପସ୍ୟାକରି ଶବ୍ଦ-ଅର୍ଥ ସମ୍ବନ୍ଧ ସ୍ଥିର କରିବା ସହ ସେମାନଙ୍କର ପ୍ରୟୋଗ ଜ୍ଞାନ ଲାଭ କରିଥାଆନ୍ତି ।

ଭାଷାର ପରିଚୟ

ଏହା ସର୍ବଜନବିଦିତ ଯେ ଭାଷା ଯେପରି ସମାଜର ଆତ୍ମା; ବ୍ୟାକରଣ ସେହିପରି ଭାଷାର ପରିଚୟ ଦିଏ ଏବଂ ବ୍ୟାକରଣ ଅନ୍ତଃକରଣ ହେଉଛି ବାକ୍ୟ, ଯାହାହେଉଛି ଅର୍ଥମୂଳକ ଏବଂ ବ୍ରହ୍ମସ୍ୱରୂପ ନିରାକାର । ଅନାଦି ଏବଂ ଅନନ୍ତ ମାତ୍ର ଅକ୍ଷର (ନାଶହୀନ) ସର୍ବଦା ଶବ୍ଦଦ୍ୱାରା ପ୍ରକାଶିତ ।

ଏଣୁ ଏହିପରି ବାକ୍ୟର ସ୍ୱରୂପ କ'ଣ ଏବଂ କିପରି ପ୍ରମାଣିକ ବା ପ୍ରମାଣଯୁକ୍ତ ତାହା ପାଣିନିଙ୍କ ମତକୁ ଓଡ଼ିଆ ବାକ୍ୟର ପ୍ରମାଣ ସହ କେତେଦୂର ଜଡ଼ିତ ତାହା ଆମେ ବିଚାର କରିବା ।

ପ୍ରଥମରୁ କୁହାଯାଇଛି, ପଦ ଓ ବାକ୍ୟ ହେଉଛି ଏକ ଭାଷାର ପ୍ରୟୋଗ ରୂପ । ଏଣୁ ଏମାନଙ୍କର ପରିଚୟ ଓ ଆବଶ୍ୟକତା ଜାଣିବା ବିଧେୟ ।

ଉଭୟ ଶବ୍ଦ, ପଦ ଓ ବାକ୍ୟ ପ୍ରଥମେ ପାଣିନି ଅଷ୍ଟାଧ୍ୟାୟୀରେ ନିୟମ ବା ସୂତ୍ର ଲେଖିବାପୂର୍ବକ ସେମାନଙ୍କ ଲକ୍ଷଣ ଏବଂ ସଂଜ୍ଞା ସ୍ଥିର କରିଛନ୍ତି ।


ପଦ କହିଲେ, ଆମେ ବାକ୍ୟର ବ୍ୟବହୃତ ଏକ ଶବ୍ଦକୁ ବୁଝିଥାଉ, ଯେଉଁଥିରେ ବିଭକ୍ତି ଯୋଗ ହୋଇଥାଏ । ସାଧାରଣତଃ ଆମେ କହିଲେ 'ବିଭକ୍ତ୍ୟନ୍ତଂ ପଦମ୍' ବୋଧଗମ୍ୟ ସହଜହେବ । ମାତ୍ର ପାଣିନି ଏହି ପଦକୁ ବା ପଦରେ ପ୍ରଯୁକ୍ତ ବିଭକ୍ତି ପ୍ରତ୍ୟୟଗୁଡ଼ିକୁ ୨ ଭାଗରେ ବିଭକ୍ତ କରିଛନ୍ତି । ଯଥା: ସୁପ୍ ଏବଂ ତିଙ୍ (ସୁପ୍ତିଙନ୍ତଂ ପଦମ୍ - ପା.୧.୪.୧୪) । କହିବାର ତାତ୍ପର୍ଯ୍ୟ ହେଉଛି ଯେ ପାଣିନିଙ୍କ ମତରେ ବାକ୍ୟରେ ଆମେ ଦୁଇ ପ୍ରକାରର ପଦ ବ୍ୟବହାର କରୁ । ପ୍ରଥମରେ ସୁବନ୍ତ ପଦ କହିଲେ ବିଶେଷ୍ୟ ଓ ବିଶେଷଣ ପଦ ସମୂହକୁ ବୁଝାଏ । ଉଦାହରଣ ସ୍ୱରୂପ - ରାମ (ବିଶେଷ୍ୟ), ସୁନ୍ଦର (ବିଶେଷଣ),

ଉଭୟର ରୂପ ସମାନ; ମାତ୍ର ଅର୍ଥ ଭିନ୍ନ । ଅନ୍ୟଟି ହେଉଛି - ତିଙନ୍ତ (ତିଙ୍+ଅନ୍ତ) ଅର୍ଥାତ୍ କ୍ରିୟାପଦ ଯାହା ଧାତୁ ସହ ତିଙ୍ ପ୍ରତ୍ୟୟ ସଂଯୋଜିତ (ଯଥା - ପଠ୍+ଅ+ତି = ପଠତି) ।

ଏକ ସରଳ ବାକ୍ୟର ଉଦାହରଣ ଦେଲେ ଜାଣିପାରିବା, ପଦ ଓ ବାକ୍ୟର ଅଭିନ୍ନ ସଂପର୍କ । ଯଥା - ସୁନ୍ଦରଃ ପୁରୁଷଃ ପଠତି । ଏକ ସୁନ୍ଦର ପୁରୁଷ ପଢୁଛି ।

ଏହି ବାକ୍ୟରେ ୩ଟି ପଦ ଥିଲେ ହେଁ ଦୁଇପ୍ରକାରର ବୋଲି ବୁଝାପଡ଼େ । ସୁନ୍ଦର ଓ ପୁରୁଷ ଉଭୟ ନାମବାଚକ ବା ସୁବନ୍ତ ଏବଂ ପଢୁଛି କହିଲେ ଏକ କ୍ରିୟା ବା ତିଙନ୍ତ ପଦ ।

ଏଣୁ ଏକ ବାକ୍ୟରେ ଗୋଟିଏ କ୍ରିୟା ପଦ ବ୍ୟବହୃତ ହେଉଥିଲାବେଳେ ଅନେକ ବା ଏକରୁ ଅଧିକ ସୁବନ୍ତ ପଦ ବ୍ୟବହାର ହେବାର ପ୍ରମାଣ ମିଳେ ।



ଯଥା - ବାଳକଃ ଶକଟେନ ଗ୍ରାମଂ ଗଚ୍ଛତି - ଏକ ବାଳକ ଶଗଡ଼ରେ ଗାଁକୁ ଯାଉଛି । ଏଠାରେ ଆମ ସଂସ୍କୃତ ଓ ଓଡ଼ିଆ ବାକ୍ୟ ବ୍ୟବହାରର ସାନ୍ନିଧ ରହିଛି । କେବଳ ପ୍ରତ୍ୟୟର ରୂପ ଭିନ୍ନତା ଦେଖାଗଲାବେଳେ ଏକ ଅର୍ଥ ପ୍ରତୀତ ହେଉଛି । ପ୍ରତ୍ୟୟମାନଙ୍କର ରୂପ ଭିନ୍ନ ହେଲେ ହେଁ ସେମାନଙ୍କର ଅର୍ଥ ଏକ ।

ବାକ୍ୟର ପରିଭାଷା

କେତେକ ପଦ ସମୂହକୁ ବାକ୍ୟ କୁହାଯିବ । ଯଦି ସେମାନଙ୍କର ଅର୍ଥ ବୁଝାଇବାର ଯୋଗ୍ୟତା ଥିବ, ଯଦି ଆଉ ଅଧିକ ଜାଣିବା ନିମନ୍ତେ ଏକ ଆକାଂକ୍ଷା ସୃଷ୍ଟି କରୁଥିବ ଏବଂ ଯଦି ଶବ୍ଦଗୁଡ଼ିକ ଏକକାଳୀନ ବା ଏକ ସମୟରେ ଉଚ୍ଚାରିତ ହେଉଥିବ ।

ମାତ୍ର ବ୍ୟାକରଣ ସଂପ୍ରଦାୟରେ କ୍ରିୟାପଦକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ପାଣିନିଙ୍କ ସୂତ୍ରର ବାର୍ତ୍ତିକକାର କାତ୍ୟାୟନ ଏକ କ୍ରିୟାପଦକୁ (ଏକ ତିଙ୍ ବାକ୍ୟମ୍) ବାକ୍ୟ ବୋଲି କୁହାଯାଇପାରେ । କାରଣ ଏକ କ୍ରିୟା ପଦ ମଧ୍ୟରେ ଧାତୁ ଓ ପ୍ରତ୍ୟୟ ସଂଯୋଗରେ ବାକ୍ୟର ସ୍ୱରୂପ ଅନ୍ତର୍ନିହିତ ରହିଛି ।

ଉଦାହରଣ ସ୍ୱରୂପ ଓଡ଼ିଆ ଯାଉଛି କ୍ରିୟାପଦରୁ ନିମ୍ନୋକ୍ତ ସୂଚନା ଉପଲବ୍ଧ ।

ଯାଉଛି ପଦରେ ଦୁଇ ଅଂଶ (ପ୍ରକୃତି+ପ୍ରତ୍ୟୟ) ରହିଛି, ଯାହାକୁ ଧାତୁ+ପ୍ରତ୍ୟୟର ସମଷ୍ଟି କୁହାଯାଏ । ଧାତୁର ଅର୍ଥ ଯିବା ବା ଗମନ ଅର୍ଥ ବୁଝାଉଥିଲା ବେଳେ ପ୍ରତ୍ୟୟ 'ଛି'ର ବର୍ତ୍ତମାନ କାଳ, ପ୍ରଥମ ପୁରୁଷ ଓ ଏକବଚନକୁ ବୁଝାଉଛି ବା ଉତ୍ତମ ପୁରୁଷ ଏକବଚନକୁ ।

ଏହାସହିତ ଧାତୁର ଅର୍ଥ (ଗମନ) ସହିତ କର୍ମର ଆକାଙ୍କ୍ଷା ପଦର ଆବଶ୍ୟକତା ରହିଛି । ସେହିପରି ଗମନ ଧାତୁର ମାଧ୍ୟମର (ଶଗଡ଼ ଆଦି) ଆବଶ୍ୟକତା ରହିଛି । ଏହିପରି ଧାତୁମାନଙ୍କୁ ସକର୍ମକ ଧାତୁ ଓ ଅକର୍ମକ ଧାତୁ ରୂପରେ ପାଣିନିଙ୍କ ଦ୍ୱାରା ବିଭାଜିତ । ଏଠାରେ ଲକ୍ଷ୍ୟ କରିବା କଥା ଯେ ସକର୍ମକ ଧାତୁ ପ୍ରୟୋଗରେ ବାକ୍ୟର ସ୍ୱରୂପ ଯାହା ତା' ଅକର୍ମକ ଧାତୁ ପ୍ରୟୋଗରେ ନଥାଏ ।

ଯଥା - ଶୋଇଛି । ଶୋଇବା ଧାତୁର କର୍ମ ନଥିବାରୁ ଅକର୍ମକ ଧାତୁ ରୂପରେ ପରିଗଣିତ ।

ବାକ୍ୟ ଗଠନର ଅନ୍ୟ ଏକ ବିଧି ହେଉଛି, ବାକ୍ୟରେ ବ୍ୟବହୃତ ପଦମାନଙ୍କର ସମ୍ବନ୍ଧ ଓ ସ୍ୱରୂପ । ପ୍ରଥମେ ଆମେ ଲକ୍ଷ୍ୟ କରିବା ଯେ ଗୋଟିଏ କ୍ରିୟାପଦ ବ୍ୟବହାର ହେଲେ ତତ୍‌ସମ୍ବନ୍ଧିତ ସୁବନ୍ତ ପଦମାନଙ୍କର ବ୍ୟବହାର ସମ୍ଭବ । ଏହି ସୁବନ୍ତ ପଦମାନଙ୍କର ସମ୍ବନ୍ଧ କ୍ରିୟାପଦ ଅନୁସାରେ ଭିନ୍ନଭିନ୍ନ । ଏହି ସମସ୍ତ ସୁବନ୍ତ ପଦଗୁଡ଼ିକର କ୍ରିୟାପଦ ସହ ସଂପର୍କ ବା ସମ୍ବନ୍ଧ ୬ ପ୍ରକାର ବୋଲି ପାଣିନି ପ୍ରଥମେ ଲକ୍ଷଣ / ପ୍ରମାଣ ସହ ଦର୍ଶାଇଛନ୍ତି । ଏହି ସମ୍ବନ୍ଧ ସମୂହକୁ କାରକ ବୋଲି ନାମକରଣ ସହ ସୂଚକ ପ୍ରତ୍ୟୟଗୁଡ଼ିକୁ ବିଭକ୍ତି ବୋଲି ନାମକରଣ କରିଛନ୍ତି । ଏହାଦ୍ୱାରା ବାକ୍ୟ ମଧ୍ୟରେ ଥିବା ପଦମାନଙ୍କର ପ୍ରତ୍ୟୟରୁ ଅର୍ଥ ବୁଝିବା ସହଜ ହୋଇଥାଏ ।

ପଦର ଉପଯୋଗିତା

ସାଧାରଣ ବାକ୍ୟ ବ୍ୟବହାରରେ ଆମେ ସବୁ ଭାଷା ମୁଖ୍ୟତଃ ଦୁଇଟି ପଦର ଆବଶ୍ୟକତା ଅନୁଭବ କରିଥାଉ,

ଯାହାଭିତରେ ଏକ ଅନନ୍ୟ ସଂପର୍କ ରହିଛି । ଯାହାକୁ ପାଣିନି ସମାନାଧିକରଣ ଆଖ୍ୟା ଦେଇଛନ୍ତି । ଅର୍ଥାତ୍ ବାକ୍ୟରେ ଯେଉଁ ପଦ ଦୁଇଟିର ପ୍ରତ୍ୟକ୍ଷ ସଂପର୍କ (ସମାନ ଅର୍ଥ) ରହିଛି, ତାହାକୁ ସମାନାଧିକରଣ କୁହାଯାଏ । ଏଣୁ କ୍ରିୟାପଦ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ଥିବା ପଦଟି ପ୍ରଥମା ବିଭକ୍ତିଯୁକ୍ତ ହୋଇଥାଏ, ଯାହାକୁ କର୍ତ୍ତା ବୋଲି ଆଖ୍ୟା ଦିଆଯାଇଛି । ଏଣୁ ଏକ ବାକ୍ୟର ଆବଶ୍ୟକ ରୂପ ହେଉଛି ଏକ କର୍ତ୍ତୃପଦ ଓ ଅନ୍ୟଟି କ୍ରିୟାପଦ । ଏମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ (ଡାଇରେକ୍ଟ ରିଲେସନ୍) ପ୍ରକାଶିତ ହେଲାବେଳେ ଅନ୍ୟ ପଦଗୁଡ଼ିକ ଅପ୍ରତ୍ୟକ୍ଷ ସଂପର୍କ (ଇନ୍‌ଡାଇରେକ୍ଟ ରିଲେସନ୍) ଦ୍ୱାରା ନିୟୋଜିତ ।

ଏଣୁ କାତ୍ୟାୟନଙ୍କ ମତ, କ୍ରିୟାପଦରେ ଆମେ ଏକ ବାକ୍ୟର ପ୍ରକୃତ ସ୍ୱରୂପ ଜାଣିବା କିଛି କଷ୍ଟକର ନୁହେଁ ।

ପାଣିନି ବାକ୍ୟର କୌଣସି ସ୍ୱତନ୍ତ୍ର ଲକ୍ଷଣ ଦେଇନଥିଲେ ହେଁ ବାକ୍ୟରେ ବ୍ୟବହୃତ କାରକ-ବିଭକ୍ତି ସଂଯୋଗ, କର୍ତ୍ତା-କ୍ରିୟା ସଂପର୍କ, କାଳ-ପୁରୁଷ-ବଚନ ଆଦି ପ୍ରତ୍ୟୟ ଦ୍ୟୋତକ ଅର୍ଥ ସମଷ୍ଟି ବାକ୍ୟ ଲକ୍ଷଣର ଏକ ପରିପୂରକ ।

କ୍ରିୟାପଦ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ଥିବା ପଦଟି ପ୍ରଥମା ବିଭକ୍ତିଯୁକ୍ତ ହୋଇଥାଏ, ଯାହାକୁ କର୍ତ୍ତା ବୋଲି ଆଖ୍ୟା ଦିଆଯାଇଛି ।

ଧାତୁ ଓ ପ୍ରତ୍ୟୟ

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉପରୋକ୍ତ ସମସ୍ତ ସମ୍ବନ୍ଧ ଧାତୁ ଓ ପ୍ରତ୍ୟୟ ପ୍ରୟୋଗ ମଧ୍ୟ ସହଜବୋଧ୍ୟ ଏବଂ ଅନେକ ଭାରତୀୟ ଭାଷାରେ ବ୍ୟବହୃତ ।

ଏତଦ୍‌ବ୍ୟତୀତ କ୍ରିୟାପଦରେ ବ୍ୟବହୃତ ପ୍ରତ୍ୟୟକୁ ନେଇ ବାକ୍ୟର ରୂପଭେଦ ଓ ଅର୍ଥଭେଦ ମଧ୍ୟ ପ୍ରମାଣିତ ।

ପାଣିନି ପ୍ରଥମେ ତିଙ୍ ପ୍ରତ୍ୟୟକୁ ନେଇ ବାକ୍ୟକୁ ପ୍ରଧାନତଃ ତିନିଭାଗରେ ବିଭକ୍ତ କରିଛନ୍ତି । ଏହା ପୁରୁଷ ଓ ବଚନକୁ ନେଇ ପ୍ରମାଣିତ । ତିଙ୍ ପ୍ରତ୍ୟୟରୁ ଜଣାଯାଏ ଯେ ଭାଷାରେ ଭାବ ବିନିମୟ ୩ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥାଏ, ଯାହାକୁ ପ୍ରଥମପୁରୁଷ, ମଧ୍ୟମପୁରୁଷ ଓ ଉତ୍ତମପୁରୁଷ ବୋଲି କୁହାଯାଏ । ଦ୍ୱିତୀୟରେ ଆମେ ସେହି ତିଙ୍ ପ୍ରତ୍ୟୟ ପ୍ରୟୋଗର ବାକ୍ୟାର୍ଥ ଦୁଇ ଉପାୟରେ ପ୍ରକାଶ କରିଥାଉ । ଯଥା - କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟ; ମାତ୍ର ସଂସ୍କୃତରେ ଅଧିକ ଏକ ଭାବବାଚ୍ୟର ବ୍ୟବହାର ପ୍ରଚଳିତ ।

ପ୍ରଥମେ ଏହି ପୁରୁଷ ପ୍ରତ୍ୟୟ ବଚନ ସହ ଜଡ଼ିତ ଥିବାରୁ ପ୍ରଥମେ ପାଣିନି ସଂସ୍କୃତରେ କ୍ରିୟାପଦସ୍ଥ ତିଙ୍ ପ୍ରତ୍ୟୟକୁ ୩ ପୁରୁଷ ଓ ୩ ବଚନ ଅନୁଯାୟୀ ବିଭକ୍ତ କରିଛନ୍ତି । ଏଣୁ ୯ଟି ପ୍ରତ୍ୟୟ (୩X୩)ର ବ୍ୟବହାର ଅଛି । ମାତ୍ର ବାଚ୍ୟ ପରିବର୍ତ୍ତନ ନିମିତ୍ତ ଆଉ ନଅଟି ପ୍ରତ୍ୟୟର ବ୍ୟବହାର ଥିବାରୁ ୧୮ଟି ପ୍ରତ୍ୟୟ ସମୂହକୁ ତିଙ୍ ନାମରେ ବ୍ୟବହାର କରି ବାକ୍ୟସମୂହର ସୀମା ଧାର୍ଯ୍ୟ କରିପାରିଛନ୍ତି । ଯାହା ସାହାଯ୍ୟରେ ସଂସ୍କୃତରେ ବ୍ୟବହୃତ ବାକ୍ୟମାନଙ୍କରେ ୨୦୦୦ରୁ ଊର୍ଦ୍ଧ୍ୱ ଧାତୁମାନଙ୍କର ୨ ରୂପରେ (କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟରେ) ପରସ୍ମୈପଦ ଏବଂ ଆତ୍ମନେପଦ ନାମରେ ବିଭକ୍ତ କରିଛନ୍ତି ।

ଆତ୍ମନେପଦ ପ୍ରତ୍ୟୟ- ତେ'ର ବ୍ୟବହାର ହେଲାବେଳେ ପରସ୍ମୈପଦ ପ୍ରତ୍ୟୟ ତିର ବ୍ୟବହାର ପ୍ରମାଣଯୁକ୍ତ ଏବଂ ବାକ୍ୟ ବ୍ୟବହାର କରିବାର ଏକ ନିର୍ଦ୍ଦିଷ୍ଟ ଉପାୟ, ଯାହାଦ୍ୱାରା ଅସଂଖ୍ୟ ବାକ୍ୟର ଅର୍ଥ ଅବଧାରଣା କରିବାରେ ବକ୍ତା ସକ୍ଷମ ହୋଇପାରେ ଏବଂ ଭାଷା ଜାଣିଛି ବୋଲି ଦାବି କରାଯାଇପାରିବ ।

ଓଡ଼ିଆ ବ୍ୟାକରଣରେ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟର ବ୍ୟବହାର ହୋଇଥିଲେ ହେଁ ପ୍ରତ୍ୟୟର ପରିବର୍ତ୍ତନ ଦେଖାଯାଏ ନାହିଁ, ବରଂ ଧାତୁର ପରିବର୍ତ୍ତନ ଦେଖାଯାଏ । ଯଥା: ୧. ରାମ ରାବଣକୁ ମାରିଲେ । ୨. ରାମ ଦ୍ୱାରା ରାବଣ ମରାହେଲେ / ହତହେଲେ ।

ବାଚ୍ୟ ପରିବର୍ତ୍ତନର ଅର୍ଥ ବାକ୍ୟର ସ୍ୱରୂପରେ କିଞ୍ଚିତ୍ ପରିବର୍ତ୍ତନ ହୋଇଥାଏ, ମାତ୍ର ଅର୍ଥର କୌଣସି ପରିବର୍ତ୍ତନ ଦେଖାଯାଏ ନାହିଁ ।

ପ୍ରଥମ ବାକ୍ୟକୁ କର୍ତ୍ତୃବାଚ୍ୟ କୁହାଯାଏ ଏବଂ ଦ୍ୱିତୀୟ ବାକ୍ୟକୁ କର୍ମବାଚ୍ୟ କୁହାଯାଏ । କାରଣ ପ୍ରଥମ ବାକ୍ୟର କର୍ତ୍ତା କ୍ରିୟାପଦକୁ ଆଶ୍ରୟ କରିଛି ଅର୍ଥାତ୍ କ୍ରିୟାପଦର ପ୍ରତ୍ୟୟ 'ଲେ' ତୃତୀୟ ପୁରୁଷ ଏକ ବଚନ ହୋଇଥିବାରୁ ତା' ରାମ କର୍ତ୍ତା ବୋଲି ଜଣାପଡୁଛି । କାରଣ 'ରାମ' ମଧ୍ୟ ତୃତୀୟ ପୁରୁଷ ଏକବଚନ କର୍ତ୍ତା । ଏଣୁ କର୍ତ୍ତା ଓ କ୍ରିୟାପଦ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ଥିବାରୁ ଏହାକୁ କର୍ତ୍ତୃବାଚ୍ୟ ବୋଲି କୁହାଯାଏ (ଯଥା: କର୍ତ୍ତାଧୀନଂ କ୍ରିୟାପଦଂ କର୍ତ୍ତବାଚ୍ୟମ୍ ।

ସେହିପରି ଦ୍ୱିତୀୟ ବାକ୍ୟରେ ରାବଣ କର୍ମପଦର

କ୍ରିୟାପଦ ପ୍ରତ୍ୟୟ 'ଲେ' ସହ ପ୍ରତ୍ୟକ୍ଷ ସମ୍ବନ୍ଧ ଥିବାରୁ ଏହାକୁ କର୍ମବାଚ୍ୟ ବୋଲି କୁହାଯାଏ । (ଯଥା: କର୍ମାଧୀନଂ କ୍ରିୟାପଦମ - କର୍ମବାଚ୍ୟମ୍ ।)

ଗୋଟିଏ ଧାତୁର ଗୋଟିଏ ପ୍ରତ୍ୟୟ ଦ୍ୱାରା କିପରି ଦୁଇଟି ଶବ୍ଦର ଉତ୍ପତ୍ତି ସମ୍ଭବ; ଏହା ଏକ ନିଷ୍ଠାବାନ୍ ବୈୟାକରଣ ପାଇଁ ପରୀକ୍ଷା ।

ବାଚ୍ୟ ପରିବର୍ତ୍ତନର ଅନ୍ୟ ଏକ ପ୍ରମାଣ ହେଉଛି ବାକ୍ୟର କର୍ତ୍ତା ବା କର୍ମର ସମ୍ବନ୍ଧକୁ ନେଇ । ଏହା ଦୁଇ ପ୍ରକାରର । ପ୍ରତ୍ୟକ୍ଷ ଓ ପ୍ରତ୍ୟକ୍ଷ । ଏହି ପରିବର୍ତ୍ତନ କର୍ତ୍ତା-କର୍ମ ଓ କ୍ରିୟାର ରୂପରେ ପ୍ରତିଫଳିତ ।

ଯୋଉଁଠି ବା ଯାହାର ପ୍ରତ୍ୟକ୍ଷ ସମ୍ବନ୍ଧ ଥାଏ, ତାହା ନିକଟରେ ପ୍ରଥମା ବିଭକ୍ତିର ପ୍ରୟୋଗ ହୋଇଥାଏ । ଯାହାର ଅପ୍ରତ୍ୟକ୍ଷ ଦେଖାଯାଏ, ତା'ର ବିଭକ୍ତି ପରିବର୍ତ୍ତନ ହୋଇଥାଏ ।

ଯଥା: କର୍ତ୍ତୃବାଚ୍ୟରେ କର୍ତ୍ତାର କ୍ରିୟା ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ଥିବାରୁ ପ୍ରଥମା ବିଭକ୍ତିର ପ୍ରୟୋଗ । ପାଣିନୀୟ ପରମ୍ପରାରେ ଏହାକୁ ଅଭିହିତେ ପ୍ରଥମା ବୋଲି କୁହାଯାଏ । ଅଭିହିତ ଅଭିଧା ଶବ୍ଦରୁ ବ୍ୟୁତ୍ପନ୍ନ । ଏହା ପ୍ରତ୍ୟକ୍ଷ ସହିତ ସମାନ ।

କର୍ତ୍ତା ଯେଉଁଠି ଅଭିହିତ ସେଠାରେ କର୍ମ ଅନଭିହିତ (ଅପ୍ରତ୍ୟକ୍ଷ) ରହେ । ଏଣୁ ଦ୍ୱିତୀୟ ବିଭକ୍ତି ପ୍ରୟୋଗ ହେବାର ଦେଖାଯାଏ (ଅନଭିହିତେ - ୨.୩.୨; କର୍ମଣି ଦ୍ୱିତୀୟା - ୨.୩.୨) ।

ସେହିପରି କର୍ମବାଚ୍ୟରେ କର୍ମ ପ୍ରଥମା ବିଭକ୍ତିର ପ୍ରୟୋଗ ଥିଲାବେଳେ କର୍ତ୍ତାଠାରେ ତୃତୀୟା ବିଭକ୍ତିର ପ୍ରୟୋଗ ସର୍ବଦା ଦେଖାଯାଏ । ଏଣୁ ପାଣିନି ସୂତ୍ର ମାଧ୍ୟମରେ ତାହା ଯଥାର୍ଥ ରୂପରେ ବର୍ଣ୍ଣନା କରିଛନ୍ତି - (ଅନଭିହିତେ ୨.୩.୧, କର୍ତ୍ତୃକରଣୟୋଃ ତୃତୀୟା - ୨.୩.୧୮) ।

ବାକ୍ୟ ଶବ୍ଦର ବ୍ୟୁତ୍ପତ୍ତି

ପ୍ରଥମକରି ପାଣିନି ବାକ୍ୟଶବ୍ଦର ଉତ୍ପତ୍ତି ନିମ୍ନ ପ୍ରକାରରେ ଦେଇଛନ୍ତି ।

ପା.ସୂତ୍ର ବଚଃ ଅଶବ୍ଦ ସଂଜ୍ଞାୟାମ୍ (୨.୩.୬୨)

ଏହି ସୂତ୍ରରେ ପାଣିନି ଦୁଇଟି ଶବ୍ଦର ବ୍ୟୁତ୍ପତ୍ତି ଦେଇଛନ୍ତି । ଯଥା: ବାଚ୍ୟ ଓ ବାକ୍ୟ । ଏଠାରେ ଉଲ୍ଲେଖଯୋଗ୍ୟ ଏହିକି, ବଚ ଧାତୁ ଏକ ବ୍ୟଞ୍ଜନାନ୍ତ ଧାତୁ । ପାଣିନିଙ୍କ ସୂତ୍ର ଋହଲୋର୍ଣ୍ୟତ୍ (୩.୧.୧୨୪) ଅନୁସାରେ ଋକାରାନ୍ତ ଏବଂ ହଳନ୍ତ ଧାତୁମାନଙ୍କରେ କୃତ୍ ପ୍ରତ୍ୟୟ - ଣ୍ୟତ୍‌ର ବ୍ୟବହାର ହୋଇଥାଏ ।

ଉଦାହରଣ - ୧. କୃ+ଣ୍ୟତ୍ = କାର୍ଯ୍ୟ । ୨. ବଚ୍+ଣ୍ୟତ୍ = ବାଚ୍ୟ ।

ମାତ୍ର ଏହିଠାରେ ଲକ୍ଷ୍ୟକରିବା କଥା ଯେ ସେହି ବଚ୍ ଧାତୁରେ ଣ୍ୟତ୍ ପ୍ରତ୍ୟୟ ଯୋଗର ବାକ୍ୟ ଶବ୍ଦର ମଧ୍ୟ ଉତ୍ପତ୍ତି ।

ଏହିଭଳି ସମସ୍ୟା ଅର୍ଥାତ୍ ଗୋଟିଏ ଧାତୁର ଗୋଟିଏ ପ୍ରତ୍ୟୟ ଦ୍ୱାରା କିପରି ଦୁଇଟି ଶବ୍ଦର ଉତ୍ପତ୍ତି ସମ୍ଭବ; ଏହା ଏକ ନିଷ୍ଠାବାନ୍ ବୈୟାକରଣ ପାଇଁ ପରୀକ୍ଷା ।

ଏହାର ସମାଧାନ ପ୍ରଥମେ ପାଣିନି ବାଚ୍ୟ ଓ ବାକ୍ୟର ଅର୍ଥକୁ ଅଲଗା ଭାବରେ ଦେଇଛନ୍ତି । ବାଚ୍ୟ ଶବ୍ଦ ଦ୍ୱାରା ଭାବାର୍ଥକୁ ବୁଝାଉଥିଲା ବେଳେ ବାକ୍ୟ ଶବ୍ଦ ଶବ୍ଦର ସ୍ୱରୂପ ବାକ୍ୟ ବୋଲି ସଂଜ୍ଞା ବା ନାମ ଅଟେ । ଏଣୁ ଅର୍ଥ ଭେଦକୁ ଆଧାରକରି 'ଚ' କାର 'କ' କାର ହେବାର ଆଧାର ହେଉଛି ସଂଜ୍ଞା ବା ନାମବାଚକ ଶବ୍ଦ । ଏଣୁ ପ୍ରତ୍ୟୟ (ଣ୍ୟତ୍) ଏକ ହୋଇଥିଲେ 'ଣ' କାର ଚିହ୍ନ ଦ୍ୱାରା ମୂଳ ଯତ୍ ପ୍ରତ୍ୟୟର ଦୁଇରୂପ (ବଚ୍+ଯତ୍) = ବାଚ୍ୟ ଏବଂ (ବଚ୍ + ଯତ୍) ବାକ୍ୟ ଶବ୍ଦର ଉତ୍ପନ୍ନ ।

ଭାଷା ମଧ୍ୟରେ ବ୍ୟବହୃତ ଅନେକ ବାକ୍ୟର ଅର୍ଥ ଏକ ପଦ୍ଧତିରେ ବୁଝିପାରିଲେ ତାହାକୁ ଲଘୁ ବା ସଂକ୍ଷିପ୍ତ ଉପାୟ ବୋଲି ମନେ କରାଯାଏ ।

ସେଥିପାଇଁ ଅଷ୍ଟାଧ୍ୟାୟୀର ଭାଷ୍ୟକାର ଭଗବାନ ପତଞ୍ଜଳି କହିଛନ୍ତି - ଲଘ୍ୱର୍ଥଂ ଅଧ୍ୟେୟଂ ବ୍ୟାକରଣମ୍ (ମହାଭାଷ୍ୟ-ପସ୍ପଶା), ଅର୍ଥାତ୍ ଅଳ୍ପ ଚେଷ୍ଟାରେ ଭାଷାର ଅନ୍ତର୍ନିହିତ ପଦ-ବାକ୍ୟ ବିଧି ବୁଝିବାକୁ ହେଲେ ବ୍ୟାକରଣ ଶାସ୍ତ୍ରର ଆବଶ୍ୟକତା ରହିଛି । ବିଶେଷକରି ପାଣିନିଙ୍କ ଅଷ୍ଟାଧ୍ୟାୟୀକୁ ସବୁ ଭାଷାରେ ପ୍ରୟୋଗ କରାଯାଇପାରୁଛି । ଏହାକୁ ଭାଷାବିଦ୍‌ମାନେ ଏହାକୁ ପୃଥିବୀର ଏକ ଆଦର୍ଶ (ମଡେଲ୍) ଭାବରେ ଗ୍ରହଣ କରିସାରିଛନ୍ତି ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
siniruddhad@gmail.com

ଗଳ୍ପ

ମୁକ୍ତି



ରବି ପଣ୍ଡା

ପୃଥିବୀ ଆଉ ଆକାଶ ମଝିରେ ଠିଆହୋଇଥାଏ ଆଦିତ୍ୟ। ନା ଏଠାରୁ ମୁହଁ ଫେରାଇପାରେ ନା' ସେଠାରୁ ଆଖି !

ସେ ଜାଣେ ଗୋଟେ ମୋହ ଆଉ ଅନ୍ୟଟି ମୁକ୍ତିର ମାର୍ଗ ଦେଖାଉଥିବା ଦୁଇଟି ଭିନ୍ନଭିନ୍ନ ତତ୍ତ୍ୱ। ଦୁଇଟି ସମାନ୍ତରାଳ ସରଳରେଖା ମଝିରେ ଅପସରି ଯାଉଥାଏ ବୟସ ।

ବୟସ ଜୀବନ ଅବଧିର ଗୋଟେଗୋଟେ ସୂଚନାଙ୍କ । ଏଇଟା ଯେତେଯେତେ ଆଗକୁ ବଢୁଥାଏ, ସେତେସେତେ ଅବରୁଦ୍ଧ ହେଉଥାଏ ମୁକ୍ତିର ମାର୍ଗ ।



ପୁଣି ଛନ୍ଦି ହେଇପଡ଼େ ଆଦିତ୍ୟ। ସତରେ ଏ ମୁକ୍ତି କ'ଣ ? ବାସ୍ତବ ଅର୍ଥରେ ମୁକ୍ତି ଶବ୍ଦଟି କ'ଣ ବୁଝାଏ ? କିଏ ଉଦ୍‌ଭାବନ କରିଥିଲା ଏ ଶବ୍ଦ ? ମୁନି, ଋଷି, ଯୋଗୀମାନେ ସେମାନଙ୍କ କୃଚ୍ଛ-ସାଧନାକୁ ଓ ସାଧନାର ମାର୍ଗକୁ ମୁକ୍ତି, ମୋକ୍ଷ, ନିର୍ବାଣ ଆଦି କେତୋଟି ଶବ୍ଦ ଭିତରେ ସାଧାରଣ ମଣିଷକୁ ବିଭ୍ରାନ୍ତ କରିଆସିଛନ୍ତି । କେ'ଜାଣେ, ସେମାନେ ବାସ୍ତବ ମୁକ୍ତି କ'ଣ ବୁଝିଥିଲେ କି ନାହିଁ ବା ନିଜେ ମୁକ୍ତି ପାଇଥିଲେ କି ନାଇଁ ... ମୁଁ ତ ସାଧାରଣ ମଣିଷ... ମୋ' ଭିତରେ କାମନା ଅଛି, ବାସନା ଅଛି, ଅଛି ସବୁ ଯାହା ପ୍ରବୃତ୍ତିଗତ ମଣିଷର ଥାଏ। ମୋ'ର ତଥାକଥିତ ମୁକ୍ତି ଆବଶ୍ୟକ ନାଇଁ, ଦେହ ମୋ'ର ଥାଉ; ତା' ସହିତ ବି ଥାଉ ଯେତେସବୁ ଦୈହିକ କାମନା। ପାର୍ଥିବ ମଣିଷଟି ମାନବିକ ଆବେଗ, ସଂବେଗ, ରୋମାଞ୍ଚ ଓ ଶିହରଣକୁ ପ୍ରତ୍ୟାଖ୍ୟାନ କରି ବିଦେହର ଈଶ୍ୱର ହେବ କାହିଁକି ? ମୁକ୍ତିକୁ ଏଠି ନିର୍ବାଣ ନୁହେଁ ବରଂ ସ୍ୱାଧୀନ ଅର୍ଥରେ ଗ୍ରହଣ କରିନେଲେ ତା'କୁ ଆଉ ଏତେ ତାତ୍ତ୍ୱିକ ବିଚାରର ବନ୍ଦିଶାଳାରେ ବନ୍ଦି ହେଲାଭଳି ମାନବୀୟ ଭୋଗାଭୋଗରୁ ବଞ୍ଚିତ ହେବାକୁ ପଡ଼ିବ ନାଇଁ। ଜୀବନ ହେଇଯିବ ଉଲ୍ଲାସମୟ ଉତ୍ତେଜନାର ଉପଖଣ୍ଡ। ମୁକ୍ତିର ମାର୍ଗ ଅବରୁଦ୍ଧ ହେଉ। ସେ ଏବେ ଆଉ ସେ ମାର୍ଗର ଯାତ୍ରୀ ନୁହେଁ, ବରଂ ଆଉ ଜଣେ ପ୍ରେମଯୋଗୀ, ପ୍ରେମମାର୍ଗୀ ବି କୁହାଯାଇପାରେ।

ଆଦିତ୍ୟ ଏବେ ଯେମିତି ଅପେକ୍ଷା କରୁଥିଲା ଆଉଜଣେ ପ୍ରେମମାର୍ଗୀ ସହଯାତ୍ରିଣୀକୁ, ଯେ ଉଡ଼ିଆସିବ ଏକ ଆତୁରା ପକ୍ଷୀଟିଏ ପରି ତା' ଜୀବନର ଧୂସର ଆକାଶର ଦିଗ୍‌ବଳୟ ସେପଟରୁ ...।

ପ୍ରଥମକରି ସେ ଏକଥା ଅନୁଭବକଲା, ଅଦିତି ସହ ଭେଟ ପରେ । ସେ ଭାବୁଥିଲା ନିଜକୁ ଗୋଟେ ପକ୍ଷୀ, ଯେ ତା'ର ମନ ସହିତ କେବେ ସାଲିସ୍ କରେନା । କିନ୍ତୁ ଅଦିତି ସହ ଭେଟପରେ ସେ ଭାବିଲା, ଅଦିତି ଆଉ ଗୋଟେ ପକ୍ଷୀ ନୁହଁ ବରଂ ନିଜେ ଗୋଟେ ପଞ୍ଜୁରି, ତାକୁ ସେ ବନ୍ଦିକରି ସାରିଲାଣି ତା'ଭିତରେ । ଏବେ ମନ ତା' ଆୟତ୍ତରେ, ହୁଏତ ଲାଗୁଚି, ଜୀବନ ବି ତା' ନିୟନ୍ତ୍ରଣରେ ।

ଅବଶ୍ୟ ସୁଖକର ଓ ବେଶ୍ ଉଲ୍ଲାସମୟ ସେ ଅନୁଭବ ।

ଏବେ ଆକାଶକୁ ଦେଖିଲେ ଦେଖାଯାଏ ସେମାନଙ୍କ ଉଚ୍ଚାଟମୟ ଯୁଗ୍ମ ଉଡ଼ାଣ, ଆଉ ପୃଥିବୀକୁ ଜାବୁଡ଼ିଧରି ଠିଆହୋଇଥିବା ଗଛ ଡାଳରେ ଦୋହଲୁଥାଏ ସେମାନଙ୍କ ଆଲିଙ୍ଗନାବଦ୍ଧ କାଠିକୁଟାର ବସା ।

ଆଦିତ୍ୟ ଚୁପ୍‌କରି କହେ, ଅଦିତି କାନରେ, ଜୀବନରେ ପ୍ରେମ ନାଇଁ ତ ସୁଖ ନାଇଁ...

ଅଦିତି ହସେ । ଚୁଲ୍‌ବୁଲି ହସ । କହେ, ଜୀବନରେ ପ୍ରେମ ଅଛି ତ ଦୁଃଖ ବି ଅଛି ।

ଆଦିତ୍ୟ ପ୍ରତିବାଦକଲେ ଅଦିତି ପୁଣି କହେ, ଦୁଃଖ ନ ଥିଲେ ପ୍ରେମ ମହନୀୟ ହେଇପାରେନା । ଦୁଃଖସୁଖ ଉଭୟ ମିଶିଲେ ହିଁ ଜୀବନ । ଏ ଉଭୟ ନ ଥିଲେ ଜୀବନ ବି ଗୋଟେ ଟ୍ରାସ୍ ।

କିଛି ବୁଝିପାରେନା ଆଦିତ୍ୟ ।

ଅନ୍ଧପ୍ରେମିକ କିଛି ବୁଝେନା ।

କିନ୍ତୁ ବୁଝିଲା ବେଳକୁ ଏବେ ବହୁ ବିଳମ୍ବ । ଅଦିତି ନାଇଁ ପାଖରେ । ସେ ଭାବେ ଜୀବନ କେତେବେଳେ ଗୁଣୁଗୁଣୁ ଜହ୍ନରାତି ତ କେତେବେଳେ ଅସରନ୍ତି କଷ୍ଟ ଶୀତରାତି ।

ସେ ଆକାଶକୁ ପୁଣି ଚାହେଁ । ଆକାଶ ଅବିଶ୍ୱସନୀୟ ଭାବେ ଉଦାସ ଓ ପୁଳାଏ ଉପହାସର ରଙ୍ଗ ବୋଳା ହେଇଚି ତା' ମୁହଁରେ । ଗଛରେ ବସା ନାଇଁ । ଖଣ୍ଡିଏ ଥୁଣ୍ଟା ଶୁଖିଲା ଡାଳ, ଯେକୌଣସି ମୁହୂର୍ତ୍ତରେ ବିଚ୍ୟୁତ ହେବା ଅବସ୍ଥାରେ ।

ମଣିଷ ଅନିଶ୍ଚିତତା ପଥରେ ଚିରକାଳ ।

ଏତକ ଅନ୍ତତଃ ବୁଝିବା ବୟସରେ ପହଞ୍ଚି ସାରିଛି ଆଦିତ୍ୟ । ସେ ନିଜକୁ କହେ, ଛାଡ଼ ହୋ... ନାରୀମନ ଗୋଟେ ଉଡ଼ନ୍ତା ଚଢ଼େଇ...

ମଣିଷ ଜିଉଁଥିଲେ ବି ଜିଇଁବାର ଧାରାଟି ତା' ନିୟନ୍ତ୍ରଣରେ ନଥାଏ କୋଉଠି । ସେ ମରିବା ପାଇଁ ହିଁ ବଞ୍ଚୁଥାଏ କେବଳ ।

ତାକୁ ମୁକ୍ତ କରିଦିଏ ମନରୁ । ତା'ପରେ ଜୀବନର ଯାତ୍ରାପଥ ଗଢ଼ିଯାଏ ନିଜସ୍ୱ ଢଙ୍ଗରେ ।

ମଣିଷ ଜିଉଁଥିଲେ ବି ଜିଇଁବାର ଧାରାଟି ତା' ନିୟନ୍ତ୍ରଣରେ ନଥାଏ କୋଉଠି । ସେ ମରିବା ପାଇଁ ହିଁ ବଞ୍ଚୁଥାଏ କେବଳ । ହୁଏତ ସେଇଠି ଶୁଭେ ମୁକ୍ତି ମନ୍ତ୍ରର ମନ୍ଦ୍ରଧ୍ୱନି ।

ସତରେ କ'ଣ ମୁକ୍ତିମିଳେ !!

ଆଦିତ୍ୟ ଭାବେ, ନିଜଠୁଁ ନିଜକୁ ମୁକ୍ତ କରିବା ସତରେ ଭାରିକଷ୍ଟ ।


ସେ ଶୋଇପଡ଼େ ।

ଏତକ ସମୟ ତ ଅନ୍ତତଃ ସେଥିରୁ ମୁକ୍ତିମିଳେ ଜିଇଁଥିବା ଅବସ୍ଥାରେ ।

କିନ୍ତୁ ହାୟ... ସ୍ୱପ୍ନରେ ବି ଅଦିତି ପଶିଆସେ... ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rabipanda97@gmail.com



ମୂଲ୍ୟ: ୮.୨୯୯/-

ପଢ଼ନ୍ତୁ !

ଶ୍ରୀମଦ୍ଭଗବଦ୍‌ଗୀତା

(ମୂଳ ଶ୍ଲୋକ, ଅନ୍ୱୟ, ଶବ୍ଦାର୍ଥ, ଗଦ୍ୟାନୁବାଦ ଓ ଇଂରାଜୀ ଅନୁବାଦ ସହ)

ଉପସ୍ଥାପନା:

ବାମନ ଚନ୍ଦ୍ର ମହାପାତ୍ର

ପ୍ରକାଶକ :

ବି.କେ. କ୍ଲାସିକ୍ସ

ବି.କେ. ପବ୍ଲିକେଶନ୍ସ ପ୍ରା.ଲି.

ଭୁବନେଶ୍ୱର

ପ୍ରବନ୍ଧ

ପ୍ରବନ୍ଧର ଭିତ୍ତି ଓ ଭୂତି



ମନୋରଂଜନ ମହାନ୍ତି

ପୃଥିବୀର ବିଭିନ୍ନ ଭାଷାରେ ରାଶିରାଶି ପ୍ରବନ୍ଧ ଲେଖାଯାଇଛି । ଆମ ଚାରିପଟରେ ଆମେ ଦେଖୁଥିବା ବସ୍ତୁ, ଲକ୍ଷ୍ୟ କରୁଥିବା ଅଗଣିତ ଘଟଣା ପ୍ରତି ଜଣେ ପ୍ରାବନ୍ଧିକର ଅନ୍ତଃକରଣରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୁଏ, ସେଥିରୁ ଜନ୍ମହୁଏ ପ୍ରବନ୍ଧ । କ୍ଷିତି, ଅପ୍, ତେଜ, ବ୍ୟୋମ, ମରୁତକୁ ଆଧାର କରି ଲେଖାଯାଇପାରେ ପ୍ରବନ୍ଧ । ସତ୍ୟ, ଶାନ୍ତି, ଶୀଳ, ଦୟା, କ୍ଷମାକୁ ଶୀର୍ଷକ କରି ସୃଷ୍ଟି କରାଯାଇପାରେ ଉନ୍ନତ ପ୍ରବନ୍ଧ-ସାହିତ୍ୟ । ପ୍ରବନ୍ଧର ପରିସର ତେଣୁ ଦେହ-ଦେବାଳୟରୁ ଦୂର ଦିଗ୍‌ବଳୟ, ମନୋମଣ୍ଡଳରୁ ନକ୍ଷତ୍ରମଣ୍ଡଳ, ବ୍ୟକ୍ତି-ପ୍ରାଣର ପ୍ରାଚୁର୍ଯ୍ୟରୁ ବିଶ୍ୱ-ସୃଷ୍ଟିର ଐଶ୍ୱର୍ଯ୍ୟ ପର୍ଯ୍ୟନ୍ତ ପ୍ରଲମ୍ବିତ ।

ଜଣେ ମୌଳିକ ଦୃଷ୍ଟିସମ୍ପନ୍ନ ପ୍ରାବନ୍ଧିକ ପୃଥିବୀର ଯେକୌଣସି ବିଷୟରେ ପ୍ରବନ୍ଧ ଲେଖିପାରନ୍ତି । ଯେମିତି ଜେଓଫେରି ଚସର୍ ଇଂଲଣ୍ଡରେ ଚତୁର୍ଦ୍ଦଶ ଶତାବ୍ଦୀର ଭିନ୍ନଭିନ୍ନ ଲୋକଚରିତ୍ରକୁ ଦୃଷ୍ଟିରେ ରଖି 'ଏ ପ୍ରୋଲୋଗ୍ ଟୁ କ୍ୟାଣ୍ଟରବରୀ ଟେଲ୍ସ' କବିତା ଲେଖନ୍ତି, ଠିକ୍ ସେମିତି ଫ୍ରାନ୍‌ସିସ୍ ବେକନ୍ ମଣିଷର ଭଲମନ୍ଦ ପ୍ରବୃତ୍ତିଗୁଡ଼ିକୁ ଭିତ୍ତିକରି ପ୍ରବନ୍ଧ ଲେଖନ୍ତି । 'ଅଫ୍ ଏନ୍‌ଭି' (ଈର୍ଷା ସମ୍ପର୍କରେ), 'ଅଫ୍ ମ୍ୟାରେଡ୍ ଆଣ୍ଡ୍ ସିଙ୍ଗଲ୍ ଲାଇଫ୍' (ବୈବାହିକ ଓ ଏକ୍‌ଲା ଜୀବନ ସଂପର୍କରେ) ଓ ଆହୁରି ଅନେକ ପ୍ରବନ୍ଧରେ ବେକନ୍‌ଙ୍କର ଅତି ଉନ୍ନତ ଚିନ୍ତନର ଉତ୍ତରଣ ଓ ସର୍ଜନଧର୍ମୀ ଉର୍ଜାର ଉତ୍ତୋଳନ ଲକ୍ଷ୍ୟ କରାଯାଏ । ଇଂରାଜୀ ସାହିତ୍ୟରେ ଏ.ଜି.ଗାର୍ଡିନର୍, ଆଡିସନ୍ ଓ ଷ୍ଟିଲି ପ୍ରମୁଖଙ୍କ ପ୍ରବନ୍ଧ ରଚନା ଏହି ପର୍ଯ୍ୟାୟର । ସେମାନଙ୍କ ପ୍ରବନ୍ଧଗୁଡ଼ିକ ଖୁବ୍ ମନନଶୀଳ, ଜୀବନଧର୍ମୀ, ମର୍ମସ୍ପର୍ଶୀ । ଜୀବନ ଓ ଜଗତକୁ ଅନ୍ତର୍ଦୃଷ୍ଟିର ସହିତ ଅଧ୍ୟୟନ, ଅନୁଶୀଳନ କରିଥିବାରୁ ସେମାନଙ୍କ ପ୍ରବନ୍ଧଗୁଡ଼ିକୁ ସାହିତ୍ୟ-ସମୁଦ୍ରର କର୍ଣ୍ଣଧାର କହିଲେ ଅତ୍ୟୁକ୍ତି ହେବନାହିଁ ।


ଜୀବନରେ ନୈରାଶ୍ୟ, ଅବିଶ୍ୱାସର ଉତ୍ତାପ ବୃଦ୍ଧି ପାଇଲେ ଉତ୍ତମ ପ୍ରବନ୍ଧ-ପୁସ୍ତକଟିଏ ମଣିଷର ମନୋଭୂମିରେ ଆଶା, ବିଶ୍ୱାସର ମେଘ ବର୍ଷାକରେ ।

ତିନୋଟି ପର୍ଯ୍ୟାୟ

ଉଚ୍ଚକୋଟୀର ମୌଳିକ ପ୍ରବନ୍ଧ ରଚନା ପାଇଁ ତିନୋଟି ପର୍ଯ୍ୟାୟର ପ୍ରୟୋଜନୀୟତା ରହିଛି । ୧ମରେ ଜୀବନ ସହିତ ପରୀକ୍ଷଣ (ଏକ୍‌ସପେରିମେଣ୍ଟ୍), ୨ୟରେ ଜୀବନକୁ ଏକାଗ୍ରଚିତ୍ତରେ ନିରୀକ୍ଷଣ (ଅବ୍‌ଜର୍‌ଭେସନ୍) ଏବଂ ୩ୟରେ ଜୀବନ ସମ୍ବନ୍ଧିତ ସିଦ୍ଧାନ୍ତ ଗ୍ରହଣ (ଇନ୍‌ଫରେନ୍ସ) । ଜଗତ୍ ମଧ୍ୟରେ ଜୀବନର ସମଗ୍ରତାକୁ ଉପଲବ୍‌ଧି କରିବା, ଜୀବନ-ଜାହ୍ନବୀର ଅଗଣିତ ସ୍ରୋତକୁ ମନୋଯୋଗର ସହିତ ଲକ୍ଷ୍ୟ କରିବା, ଜୀବନ ଓ ଜଗତ୍ ମଧ୍ୟରେ ସାତ୍ତ୍ୱିକ ସମ୍ବନ୍ଧ ସଂସ୍ଥାପନ କରିବା ଦିଗରେ ଜଣେ ଉତ୍ତମ ପ୍ରାବନ୍ଧିକ ସବୁବେଳେ ଯତ୍‌ଶୀଳ । ଉତ୍ତମ ପ୍ରବନ୍ଧ-ପୁସ୍ତକଟିଏ ତେଣୁ ଜୀବନକୁ ପୂର୍ଣ୍ଣ କରେ; ଜୀବନ ଓ ଜଗତ୍‌ର ସ୍ତବପାଠ କରେ ଅର୍ଥାତ୍ ଜୀବନ ମଙ୍ଗଳମୟ, ଜଗତ୍ ଅମୃତମୟ ବୋଲି ଉଦ୍‌ଘୋଷଣା କରେ; ମନୁଷ୍ୟକୁ ଶୁକ୍ଳକର୍ମା, ଶୁଚିଶୀଳ ହୋଇ ଜୀବନ ଓ ଜଗତ୍‌କୁ ମଧୁମଞ୍ଜୁଳ କରିବାର ଆହ୍ୱାନ ଦିଏ । ଉତ୍ତମ ପ୍ରବନ୍ଧ-ପୁସ୍ତକଟିଏ ସ୍ତନୟିତ୍ନୁ (ମେଘଖଣ୍ଡ) ସଦୃଶ । ବାୟୁମଣ୍ଡଳରେ ଉତ୍ତାପ ଅତ୍ୟଧିକ ଅନୁଭୂତ ହେଲେ ପରବର୍ତ୍ତୀ ସମୟରେ ମେଘ ଘନୀଭୂତ ହୋଇ ବର୍ଷା ହେଲା ପରି ଜୀବନ ଓ ଜଗତ୍‌ରେ ନୈରାଶ୍ୟ, ଅବିଶ୍ୱାସର ଉତ୍ତାପ ବୃଦ୍ଧି ପାଇଲେ ଉତ୍ତମ ପ୍ରବନ୍ଧ-ପୁସ୍ତକଟିଏ ମଣିଷର ମନୋଭୂମିରେ ଆଶା, ବିଶ୍ୱାସର ମେଘ ବର୍ଷାକରେ ଅର୍ଥାତ୍ ମଣିଷକୁ ନୈରାଶ୍ୟ ଅବିଶ୍ୱାସ ପରିହାର କରି ଆଶାବିଶ୍ୱାସର ଜଳରାଶିରେ ଅବଗାହିତ ହେବା ପାଇଁ ଅନୁପ୍ରାଣିତ, ଅନୁପ୍ରେରିତ କରେ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ମୌଳିକ ପ୍ରବନ୍ଧ-ପୁସ୍ତକ 'ସାଧନା', ଯାହା ମଣିଷର ଅନ୍ତଃପ୍ରକୃତି, ବହିଃପ୍ରକୃତି ଓ ବିଶ୍ୱସ୍ରଷ୍ଟାଙ୍କ ଜାଗତିକ ଲୀଳା ଆଧାରିତ, ତାକୁ

ପଢ଼ିଲେ ପାଠକର ଚିନ୍ତନ ସ୍ୱତଃସ୍ଫୂର୍ତ୍ତ ଭାବରେ ସତ୍ତ୍ୱଗୁଣର ଶୈଳ ଶିଖରରେ ସମାରୂଢ଼ ହୁଏ । ପୁସ୍ତକଟିର ସମସ୍ତ ପ୍ରବନ୍ଧ ମଣିଷ ମନରେ ଆଶା ସଂଚାରକରେ, ବିଶ୍ୱାସ ଭରିଦିଏ, ଆଶା ବିଶ୍ୱାସର ହୋମଶିଖାରେ ମଣିଷର ମନୋମଣ୍ଡଳକୁ ପ୍ରଜ୍ୱଳିତ କରିବାର ପ୍ରୟାସ କରେ । ଗୋଟେ ଉତ୍ତମ ପ୍ରବନ୍ଧ ଜୀବନର ଯାଜ୍ଞିକ, ଜଗତ୍‌ର ଅଗ୍ନିହୋତ୍ରୀ, ପରମାର୍ଥର ପ୍ରତିଭୂ, ପ୍ରୀତିର ଅମ୍ଳାନ ପ୍ରସୂନ, ପ୍ରତ୍ୟୟର ଅସୀମ ପାରାବାର, ପ୍ରେରଣାର ପ୍ରଜ୍ଞାଦୀପ୍ତ ପୁରୋହିତ । 'ସାଧନା' ପୁସ୍ତକ ଅନ୍ତର୍ଗତ ପ୍ରତ୍ୟେକଟି ପ୍ରବନ୍ଧ ପଢ଼ିଲେ ପାଠକର ଚିତ୍ତ-ଚକ୍ରବାଳ ସେହିଭଳି ସକାରାତ୍ମକତାର ସୌରରଶ୍ମିରେ ରଂଜିତ ହୋଇଉଠେ ।

ଯେଉଁ ପ୍ରବନ୍ଧ-ପୁସ୍ତକ ପ୍ରାବନ୍ଧିକର ମୌଳିକ ଚିନ୍ତନ ପ୍ରସୂତ ତା'ର ସ୍ୱାଦ ସ୍ୱତନ୍ତ୍ର । ତାହା ସମ୍ପୂର୍ଣ୍ଣ ନିଜସ୍ୱ ଅନୁଭୂତି, ଅନୁଭବ ସର୍ବସ୍ୱ ; ନିଜସ୍ୱ ଜିଜ୍ଞାସା, ଜାଗୃତିର ପରିପ୍ରକାଶ; ନିଜ ଧ୍ୟାନ ଓ ଧାରଣାର ଧୀମନ୍ତ ପ୍ରକଟନ; ନିଜର ବିପୁଳ ବିଶ୍ୱଦୃଷ୍ଟିର ଉଦାତ୍ତ ଉଚ୍ଚାରଣ । ସେପରି ପ୍ରବନ୍ଧ ସ୍ୱୟଂ ଗୋଟେ ଦିଗନ୍ତସ୍ପର୍ଶୀ ଦର୍ଶନ, ଯାହା ଅବଲୀଳା କ୍ରମେ ସ୍ପର୍ଶ କରିଯାଉଥାଏ ଜୀବନର ବିବିଧ ବର୍ଣ୍ଣିଳ ଦିଗ ଦିଗନ୍ତକୁ । ବରୋଦା ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର୍ ଅରବିନ୍ଦ ଘୋଷ ସୁଦୂର ପଣ୍ଡିଚେରୀରେ ଅଧ୍ୟାତ୍ମ ସାଧନାରେ ଅଭିନିବିଷ୍ଟ ହୋଇ ରୂପାନ୍ତରିତ ହୁଅନ୍ତି ଶ୍ରୀ ଅରବିନ୍ଦରେ ଏବଂ ରଚନା କରନ୍ତି ସୁଉଚ୍ଚମାନର ପ୍ରବନ୍ଧ ପୁସ୍ତକ 'ଦି ଫିଉଚର୍ ପୋଏଟ୍ରି', ଯେଉଁଥିରେ କବିତାକୁ କେବଳ ଈଶ୍ୱରୀୟ ବିଭୂତି ଓ ଆନନ୍ଦର ତିଳକ ବା ଶୀର୍ଷବିନ୍ଦୁ ଭାବରେ ବିଚାର କରାଯାଏ ନାହିଁ, ବରଂ ମଣିଷର ସାଧାରଣ ମନ, ଉଚ୍ଚତର ମନ, ଆଲୋକିତ ମନ, ବୋଧିମନ, ଅଧିମାନସର ଊର୍ଦ୍ଧ୍ୱରେ ଅତିମାନସର ରମ୍ୟ ରୂପାୟଣ ଭାବରେ ଗ୍ରହଣ କରାଯାଏ ।



ରସୋତ୍ତୀର୍ଣ୍ଣ ସ୍ତର

ତେଣୁ ଉଚ୍ଚମାନର ପ୍ରବନ୍ଧ ପାଠକକୁ ଜୀବନର ରସୋତ୍ତୀର୍ଣ୍ଣ ପର୍ଯ୍ୟାୟକୁ ପ୍ରେରିତକରେ । କବିବର ରାଧାନାଥ ରାୟ 'ବିବେକୀ' ଶୀର୍ଷକରେ ପ୍ରବନ୍ଧଟିଏ ଲେଖିଥିଲେ, ଯାହାକୁ ତାଙ୍କର ଜୀବନ ପ୍ରତି ବାସ୍ତବ ଦୃଷ୍ଟିର ବିଭୂତି କହିଲେ ଯଥାର୍ଥ ହେବ । 'ସତ୍ୟ ସେ ଚଳାଉଛି ରବିଙ୍କି ନଭେ / ସତ୍ୟରେ ଚାଲୁଛନ୍ତି ଗ୍ରହ ସରବେ । ସତ୍ୟରେ ଦିଏ ପ୍ରଭା ଶଶି ନିଶାରେ / ବ୍ରହ୍ମାଣ୍ଡ ମାଳ ଗୁନ୍ଥା ସତ୍ୟର ତାରେ ।' ଭଳି କୋମଳ, କମନୀୟ ପଦ ସମୂହର ସ୍ରଷ୍ଟା ରାଧାନାଥ 'ବିବେକୀ' ପ୍ରବନ୍ଧରେ କହନ୍ତି 'ବିବେକ' ହେଉଛି ସତ୍ୟସ୍ୱରୂପ, ଯାହା ଆମକୁ ଭଲ-ମନ୍ଦ, ଠିକ୍-ଭୁଲ୍, ଆଲୁଅ-ଅନ୍ଧାର, ପାପ-ପୁଣ୍ୟ'ର ପ୍ରଭେଦ ସୂଚାଇଦିଏ ଏବଂ ଆମକୁ ଉଚିତ୍ ମାର୍ଗଦର୍ଶନ କରେ । ପ୍ରବନ୍ଧଟିକୁ ପଢ଼ିଲେ ଦୁଇଜଣ ସ୍ୱନାମଧନ୍ୟ ପ୍ରାବନ୍ଧିକ ମନକୁ ଆସନ୍ତି: ଜଣେ ଜର୍ମାନୀର ଇମାନୁଏଲ୍ କାଣ୍ଟ୍, ଆଉ ଜଣେ ଆମେରିକାର ରାଲ୍‌ଫ୍ ୱାଲ୍‌ଡୋ ଇମର୍ସନ୍ । କାଣ୍ଟ୍ କହନ୍ତି, ବିବେକ ହେଉଛି ସଂସାରର ସର୍ବଶ୍ରେଷ୍ଠ ଦାର୍ଶନିକ । ଇମର୍ସନ୍ କହନ୍ତି, ଚରିତ୍ରବାନ ବ୍ୟକ୍ତି ହିଁ ବିଶ୍ୱର ବିବେକ । ଇମର୍ସନ୍‌ଙ୍କ ଶିଷ୍ୟ ହେନରୀ ଡାଭିଡ୍ ଥରୋ ମଧ୍ୟ ଥିଲେ ଜଣେ ପ୍ରାବନ୍ଧିକ, ଯାହାଙ୍କର 'ସିଭିଲ୍ ଡିସ୍‌ଓବିଡିଏନ୍ସ' ପ୍ରବନ୍ଧ ପଢ଼ି ମହାତ୍ମା ଗାନ୍ଧି ଏଭଳି ଉଦ୍‌ବୁଦ୍ଧ ହୋଇଥିଲେ ଯେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ତାକୁ ପ୍ରୟୋଗ କରିଥିଲେ, ଯେହେତୁ ତାହା ଥିଲା ତାଙ୍କ ବିବେକର ବାଣୀ । ଉତ୍ତମ ପ୍ରବନ୍ଧଟିଏ ପ୍ରତ୍ୟକ୍ଷରେ ସୂଚାଇଦିଏ ଓ ପ୍ରାଞ୍ଜଳ, ପରିଚ୍ଛନ୍ନ ଭାବରେ ବୁଝାଇଦିଏ ମଣିଷ, ବିବେକ, ଚରିତ୍ର, ଦର୍ଶନ, ସଂଗ୍ରାମ କିଭଳି ପରସ୍ପର ସହିତ ସଂଯୁକ୍ତ, ସମ୍ବନ୍ଧିତ । ବିବେକୀ ମଣିଷ ହିଁ ଚରିତ୍ରବାନ୍ ଓ ଦାର୍ଶନିକ, କେବଳ ସେ ହିଁ ସମୂହ ସ୍ୱାର୍ଥ ପାଇଁ ନିଜକୁ ସଂଗ୍ରାମୀ ଭୂମିକାରେ ଅବତୀର୍ଣ୍ଣ କରାଇପାରିବ, ଏହି କଥାଟିକୁ ଆମ ଆଗରେ ଉପସ୍ଥାପନ କରନ୍ତି ପ୍ରାବନ୍ଧିକ ରାଧାନାଥ, କାଣ୍ଟ୍, ଇମର୍ସନ୍ ଓ ଥରୋ ।

ପ୍ରବନ୍ଧ ଆମକୁ ସଂସାରର ବାସ୍ତବ ସମସ୍ୟାକୁ ସମ୍ମୁଖୀନ ହେବା ପାଇଁ ସାହସ ଯୋଗାଏ, ସାମାଜିକ ସଂସ୍କାର ପାଇଁ ଆମ ଅନ୍ତଃକରଣକୁ ଜାଗ୍ରତ କରେ, ସ୍ନାୟୁଗୁଡ଼ିକୁ ସକ୍ରିୟ କରେ, ଆମ ଆତ୍ମପ୍ରତ୍ୟୟକୁ ପୁଷ୍ପଳ କରେ । ପ୍ରବନ୍ଧ ତେଣୁ ସ୍ଥିତାବସ୍ଥା ବିରୋଧୀ ସ୍ୱର ଉତ୍ତୋଳନ କରିପାରେ । ନାଇଜେରିଆର ଲେଖକ ୱଲ୍ ସୋୟିଙ୍କା କବିତା, ଗଳ୍ପ, ଉପନ୍ୟାସ, ନାଟକ ରଚନା କରି ଆଫ୍ରିକୀୟ ଜନସାଧାରଣଙ୍କୁ ଶ୍ୱେତାଙ୍ଗ ଶାସନ

ବିରୋଧରେ ବିଦ୍ରୋହ ପାଇଁ ଆହ୍ୱାନ ଦେଉଥିଲେ ସତ୍ୟ, ତାଙ୍କର ପ୍ରବନ୍ଧ ସଂକଳନ 'ମିଥ୍, ଲିଟରେଚର୍ ଆଣ୍ଡ୍ ଦି ଆଫ୍ରିକାନ୍ ୱାର୍ଲଡ୍' ମଧ୍ୟ ଆଫ୍ରିକୀୟମାନଙ୍କୁ ସେମାନଙ୍କ ପରମ୍ପରା ସଂସ୍କୃତି ସଚେତନ କରିଥିଲା ଓ ପରମ୍ପରା ସଂସ୍କୃତିର ସୁରକ୍ଷା ପାଇଁ ଶ୍ୱେତାଙ୍ଗ ଶାସନକୁ ବିରୋଧ କରିବାକୁ ସେମାନଙ୍କୁ ଉତ୍ସାହିତ, ଉଦ୍ଦୀପିତ କରିଥିଲା ।

ପ୍ରବନ୍ଧର ଭାବପ୍ରବଣତା

ପ୍ରବନ୍ଧର ଏପରି ଶକ୍ତି ଅଛି ଯାହା ପାଠକକୁ ଅତିଶୟ ଭାବପ୍ରବଣ କରିଦେଇପାରେ ମଧ୍ୟ, ପାଠକର ହୃଦୟରେ ଜୀବନ-ସଙ୍ଗୀତର ମୃଦୁଳ ଝଙ୍କାର ସୃଷ୍ଟି କରିପାରେ । ଚନ୍ଦ୍ରଶେଖର ରଥଙ୍କ 'ରଥ ସପ୍ତକ' ପ୍ରବନ୍ଧ ସଂକଳନଟିକୁ ପଢ଼ିଲେ ଆମକୁ ବୋଧହୁଏ ସତେ ଯେପରି ଶ୍ରୀକ୍ଷେତ୍ର ପୁରୀ ସେହି ସ୍ଥାନ, ଯେଉଁଠି ରଥାରୂଢ଼ ଦେବବିଗ୍ରହମାନଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ରୋଧ ହୁଏ, ବଡ଼ଦାଣ୍ଡରେ ଠିଆହେଲେ ମଣିଷ ପ୍ରଶସ୍ତଚେତା ହୋଇଯାଏ, ଶ୍ରୀମନ୍ଦିର ଶୀର୍ଷର ନେତକୁ ଚାହିଁଲେ ବିସ୍ମୟ-ବିସ୍ଫାରିତ ନେତ୍ରରୁ ବହିଆସେ ଆନନ୍ଦର ଧାର ଧାର ଅଶ୍ରୁ, ବାଇଶି ପାହାଚରେ ପାଦ ଦେଲେ ମଣିଷ ତା'ର ସମଗ୍ର ଶରୀରରେ ଅନୁଭବ କରେ ଗୋଟେ ଜାଗତିକ ରୋମାଞ୍ଚ, ବାଇଶି ପାହାଚକୁ ଡେଇଁଗଲେ ମଣିଷ ଅହଂମୁକ୍ତ ହୋଇ ସୋଽହଂଯୁକ୍ତ ହୋଇଯାଏ, ରତ୍ନବେଦିରେ କୋଟି କୈବଲ୍ୟନାଥଙ୍କୁ ଦର୍ଶନ କରି କୋଟିତୀର୍ଥ ଭ୍ରମଣର ପରମାନନ୍ଦ ପ୍ରାପ୍ତ ହୁଏ, ମହାପ୍ରସାଦ ସେବନରେ ସାତ୍ତ୍ୱିକତାର ମହତ୍ୱ ଅନୁଭବ କରେ, ଯେଉଁଠି ଶରଧାବାଲିରେ, ସମୁଦ୍ରକୂଳରେ ମଣିଷ ଅନୁଭବ କରେ ଗୋଟେ ଚୁମ୍ବକୀୟ ସ୍ୱର୍ଗ, ଚଟୁଳ ଆକର୍ଷ । 'ରଥ ସପ୍ତକ' ପୁସ୍ତକରେ ପ୍ରାବନ୍ଧିକଙ୍କର ଭାବବିହ୍ୱଳତା ଅଛି ନିଶ୍ଚୟ, ଯାହା ପାଠକକୁ ଗୋଟେ ମୁଗ୍ଧମଧୁର ଭାବରେ ବିଭୋର କରୁଛି । ଭକ୍ତ ନିଜ ଅନ୍ତରରେ ଅନୁଭବ କରୁଛି ଭଗବତ୍ ସତ୍ତାକୁ, ପୁନଶ୍ଚ ଭଗବତ୍ ବିଗ୍ରହରେ ଅନୁଭବ କରୁଛି ଆତ୍ମସତ୍ତାକୁ ।

ଏଇଠି ଆସୁଛି ପ୍ରବନ୍ଧରେ 'ପର୍‌ସେପ୍‌ସନ୍'ର ପ୍ରସଙ୍ଗ । ଅନ୍ତର୍ଜଗତରେ (ଅନ୍ତରରେ) ବହିର୍ଜଗତର ଓ ଏକତାରେ ବହୁଳତାର (ଅନେକତାର) ପ୍ରତିରୂପକୁ ଅନୁଭବ କରିବା ହେଉଛି 'ପର୍‌ସେପ୍‌ସନ୍' । ଇଂଲଣ୍ଡର ଗାଳ୍ପିକ, ଔପନ୍ୟାସିକ ଆଲ୍‌ଡସ୍ ହକ୍ସଲେ ଥିଲେ ଜଣେ ପ୍ରାଚ୍ୟବିଦ୍ୟାବିଶାରଦ, ଖୁବ୍ ଉଚ୍ଚମାନର ପ୍ରାବନ୍ଧିକ । ତାଙ୍କର ମୌଳିକ ପ୍ରବନ୍ଧ ସଂକଳନ 'ଦି ଡୋର୍‌ସ୍ ଅଫ୍ ପର୍‌ସେପ୍‌ସନ୍', 'ହେଭେନ୍ ଆଣ୍ଡ୍ ହେଲ୍', 'ଦି ପେରେନିଆଲ୍ ଫିଲୋସୋଫି' ଇତ୍ୟାଦିରେ ବ୍ୟକ୍ତିର ବିଶ୍ୱଦୃଷ୍ଟି, ସସୀମରେ ଅସୀମର ଉପଲବ୍ଧି ଅତି ସୁନ୍ଦର, ସରଳ, ସାବଲୀଳ ଭାବ, ଭାଷାରେ ଅଭିବ୍ୟକ୍ତ । ମଣିଷର ମନୋଭୂମିରେ ନିରନ୍ତର ସଂଘର୍ଷ ଲାଗିରହିଛି ସତ୍ୟ ଆଉ ଅସତ୍ୟର; ପଶୁତ୍ୱ ଆଉ ଦେବତ୍ୱର; ସତ୍ୟ ସ୍ୱର୍ଗୀୟ, ଅସତ୍ୟ ନାରକୀୟ । ସତ୍ୟର ବିଜୟ ସୁନିଶ୍ଚିତ । ସୁତରାଂ ମଣିଷର ଜୀବନ ଜଘନ୍ୟ, କ୍ରୂର ପଶୁତ୍ୱରୁ ଦେବତ୍ୱ ଅଭିମୁଖେ ନିରନ୍ତର ଗତି କରୁଛି । ଶାଶ୍ୱତ 'ସନାତନ ଦର୍ଶନ', ମହାଭାରତୀୟ ସଂସ୍କୃତି ସେହି ବାର୍ତ୍ତା ହିଁ ସମ୍ପ୍ରସାରଣ କରୁଛି ବୋଲି ହକ୍ସଲେଙ୍କ ପ୍ରବନ୍ଧଗୁଡ଼ିକ ଆମ ଆଗରେ ଏକ ମହାର୍ଘ ଚିନ୍ତନ ଉପସ୍ଥାପନ କରନ୍ତି ।

ମଣିଷର ମନୋଭୂମିରେ ନିରନ୍ତର ସଂଘର୍ଷ ଲାଗିରହିଛି ସତ୍ୟ ଆଉ ଅସତ୍ୟର; ପଶୁତ୍ୱ ଆଉ ଦେବତ୍ୱର; ସତ୍ୟ ସ୍ୱର୍ଗୀୟ, ଅସତ୍ୟ ନାରକୀୟ ।

ବୈଶ୍ୱିକ ଅନୁଭବ

ଉଚ୍ଚମାନର ପ୍ରବନ୍ଧ ବ୍ୟକ୍ତିର ଅନ୍ତଃକରଣରେ ବୈଶ୍ୱିକ ଅନୁଭବ ଜାଗ୍ରତ କରାଇପାରେ; ବ୍ୟକ୍ତିକୁ ବୀଚିମାଳାରେ ବିହାୟସ, ସୈକତରେ ସହସ୍ରାଂଶୁ, ପାଂଶୁଳ ଧରଣୀର ଧୂଳି ଧୂମ ଭିତରେ ପୌର୍ଣ୍ଣମାସୀର ପ୍ରସୂନକୁ ଦର୍ଶନ କରାଇପାରେ ; କର୍ଦ୍ଦମରୁ କାଦମ୍ବିନୀ, ଭୂମଣ୍ଡଳରୁ ନଭୋମଣ୍ଡଳ, ଚିତ୍ତରୁ ଚନ୍ଦ୍ରାଲୋକଯାଏ ସବୁଠି ଦିବ୍ୟତାର ସ୍ପର୍ଶ ଦେଇପାରେ, ମାଟି ଓ ମହାକାଶର ସୀମାହୀନ ଦିବ୍ୟରସରେ ପାଠକର ଦୃଷ୍ଟିକୁ ଦ୍ରବୀଭୂତ କରିପାରେ । ରୋମାଣ୍ଟିକ୍ ଯୁଗର କବି ୱିଲିୟମ୍ ୱାର୍ଡ୍‌ସ୍‌ୱାର୍ଥ୍ ନିଜ କବିତା ସଂକଳନର ମୁଖବନ୍ଧଟିଏ ନିଜେ ଲେଖିବାର ପ୍ରୟୋଜନୀୟତାକୁ ଅନୁଭବ କଲେ । 'ଦି ପ୍ରିଫେସ୍ ଟୁ ଲିରିକାଲ୍ ବାଲାଡ୍ସ' ଶୀର୍ଷକରେ ଯେଉଁ ଦୀର୍ଘ ମୁଖବନ୍ଧ ସେ ଲେଖିଲେ ତାହା ବିଶ୍ୱର ପ୍ରବନ୍ଧ-ସାହିତ୍ୟରେ ଗୋଟେ ମାଇଲ୍ ଖୁଣ୍ଟହୋଇ ରହିଗଲା । ବୋଧହୁଏ ସେ ଅନୁଭବ କଲେ, କବିତାରେ ଯାହା କହିନାହାନ୍ତି ତାହା ପ୍ରବନ୍ଧରେ କହିବେ, କିମ୍ବା ଯାହା କହିଛନ୍ତି ତାହା ଆହୁରି ପ୍ରାଞ୍ଜଳ ଭାବରେ କହିବେ । 'ଦି ସଲିଟାରି ରିପର୍', 'ଡାଫୋଡିଲ୍ସ' ଭଳି ତାଙ୍କର ସମସ୍ତ

କବିତାର ଭାଷା ଖୁବ୍ ସରଳ, ତରଳ, ମନୋମୁଗ୍ଧକର, ବିଶ୍ୱର ପାଠକଶ୍ରେଣୀ ତାହା ଅନୁଭବ କରନ୍ତି । ତଥାପି ନିଜ ପ୍ରବନ୍ଧରେ ସେ ପାଠକମାନଙ୍କୁ ସୂଚାଇଦେଲେ, 'ମୁଁ ସାଧାରଣ ମଣିଷର ଅସଲି ଭାଷା ସଂଗ୍ରହକରେ, ତା' ଉପରେ କଳ୍ପନାର ରଙ୍ଗ ଢାଳିଦିଏ, କବିତା ଲେଖେ ।' ପ୍ରବନ୍ଧର କାନ୍‌ଭାସ୍ ବୃହତ୍ତର ହୋଇଥିବାରୁ ମନର କଥାକୁ ବିସ୍ତୃତ ଭାବରେ ବୁଝାଇ କହିବା ତାଙ୍କ ପକ୍ଷରେ ସହଜ ହେଲା । ପୁନଶ୍ଚ ସେ ନିଜ ପ୍ରବନ୍ଧରେ ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ ସ୍ୱୀକାର କଲେ ଅନ୍ତରରୁ ଅନ୍ତରୀକ୍ଷ ସବୁଠି ରହିଛି ଦିବ୍ୟତାର ଗୋଟେ ସ୍ନିଗ୍ଧ ସ୍ୱର୍ଶ ଏବଂ ବହିଃପ୍ରକୃତି ହେଉଛି ପ୍ରତି ମଣିଷର ଶୈଶବର ସନ୍ଦୀପନ, କୈଶୋରର କୁହରଣ, ଯୌବନର ଯାଜନ ଆଉ ବାର୍ଦ୍ଧକ୍ୟର ବିଖ୍ୟାପନ ।

ନିଜର କ୍ଷୁଦ୍ର ବା ବିସ୍ତୀର୍ଣ୍ଣ କଳେବର ଭିତରେ ମୌଳିକତାର ମନ୍ତ୍ର ପାଠ କରି ପ୍ରବନ୍ଧ ଆମ ଚେତନାକୁ ନୂଆ ନୂଆ ଭାବ ଭାବନାରେ ରଦ୍ଧିମନ୍ତ କରେ ।

ୱିଲିୟମ୍ ୱାର୍ଡ୍‌ସ୍‌ୱାର୍ଥ୍‌ଙ୍କ ସତୀର୍ଥ ଥିଲେ ସାମୁଏଲ୍ ଟେଲର୍ କଲେରିଜ୍, ଏକାଧାରରେ ଜଣେ କବି ଓ ମୌଳିକ ପ୍ରାବନ୍ଧିକ । ଉଚ୍ଚ ମାନସମ୍ପନ୍ନ କବିତା ଓ ପ୍ରବନ୍ଧ ରଚନା ପାଇଁ ଯେଉଁ ଶକ୍ତି ଆବଶ୍ୟକ, ତାକୁ କଲେରିଜ୍ ନିଜ 'ବାୟୋଗ୍ରାଫିଆ ଲିଟେରାରିଆ' ପ୍ରବନ୍ଧରେ କହିଲେ, 'ଏସେମ୍‌ପ୍ଲାଷ୍ଟିକ୍ ଇମାଜିନେସନ୍' ବା କଳ୍ପନାର ରଚନାତ୍ମକ ଶକ୍ତି । ବିଂଶ ଶତାବ୍ଦୀରେ ଇଂଲଣ୍ଡର ପ୍ରଖ୍ୟାତ ପ୍ରାବନ୍ଧିକ ଚାର୍ଲ୍‌ସ୍ ମର୍‌ଗାନ୍ ମଧ୍ୟ ଅନୁରୂପ ଭାବରେ ତାକୁ 'କ୍ରିଏଟିଭ୍ ଇମାଜିନେସନ୍' ବା ରଚନାତ୍ମକ କଳ୍ପନା ବୋଲି କହିଲେ ଏବଂ ତତ୍ ସହିତ ମତବ୍ୟକ୍ତ କଲେ ଯେ ରଚନାତ୍ମକ କଳ୍ପନାର ଆବେଗ ବୌଦ୍ଧିକ ନୁହେଁ, ପରମାନନ୍ଦପ୍ରଦାୟକ । ସତକୁ ସତ

ୱାର୍ଡ୍‌ସ୍‌ୱାର୍ଥ୍, କଲେରିଜ୍, ମର୍‌ଗାନ୍‌ଙ୍କ ପ୍ରବନ୍ଧଗୁଡ଼ିକୁ ପଢ଼ିଲେ ପାଠକ ଆନନ୍ଦର ସର୍ବୋଚ୍ଚ ସ୍ତରକୁ ସ୍ୱର୍ଶ କଲାଭଳି ଅନୁଭବ କରେ, ଯେହେତୁ ସେଥିରେ ମଣିଷର ଅନ୍ତଃପ୍ରକୃତି ଓ ବହିଃପ୍ରକୃତିର ସଂଯୋଗ ସହିତ ମଣିଷର ସର୍ଜନଶୀଳ ଆବେଗ, ଆତ୍ମହା, ଆରୋହଣର କଥା ବେଶି କୁହାଯାଇଥାଏ ।

ପ୍ରବନ୍ଧ ଆମକୁ ସବୁଠାରୁ ବେଶି ଜାଗରୂକ ବା ଜାଗ୍ରତକରେ । ନିଜର କ୍ଷୁଦ୍ର ବା ବିସ୍ତୀର୍ଣ୍ଣ କଳେବର ଭିତରେ ମୌଳିକତାର ମନ୍ତ୍ର ପାଠ କରି ପ୍ରବନ୍ଧ ଆମ ଚେତନାକୁ ନୂଆ ନୂଆ ଭାବ ଭାବନାରେ ରଦ୍ଧିମନ୍ତ କରେ, ଆମ ଦୃଷ୍ଟିକୁ ଦୂର ଦିଗ୍‌ବଳୟ ଯାଏଁ ପ୍ରଲମ୍ବିତ କରାଇ ଆମକୁ ବ୍ରହ୍ମାଣ୍ଡ ଉପଲବ୍ଧିର ପର୍ଯ୍ୟାୟକୁ ଉତ୍ତୋଳନ କରିନିଏ, ନୂଆ ନୂଆ ରଚନାତ୍ମକ ସ୍ୱପ୍ନରେ ଆମକୁ ବିଭୋର କରେ ଓ ସିଦ୍ଧି ନିମିତ୍ତ ସାଧନାପ୍ରବୃତ୍ତ, ସାଧନା ନିମିତ୍ତ ସଂକଳ୍ପବଦ୍ଧ ହବାକୁ ବିଶ୍ୱସ୍ତ ବାର୍ତ୍ତାଟିଏ ପ୍ରଦାନ କରେ । ଆଇଭାନ୍ ଇଲିଚ୍‌ଙ୍କର ପ୍ରବନ୍ଧ ପୁସ୍ତକ 'ସେଲିବ୍ରେସନ୍ ଅଫ୍ ଆଓୟାର୍‌ନେସ୍' ପଢ଼ିଲେ ବୋଧ ହୁଏ ସତରେ ଆମ ସାରସ୍ୱତ-ଜଗତରେ ପ୍ରବନ୍ଧ-ସାହିତ୍ୟ ହେଉଛି 'ଜାଗରୂକତାର ଏକ ଉତ୍ସବ', ଯେଉଁଠି ଜୀବନ-ବେଦିରେ ଜାଗୃତିର ଅଗ୍ନିହୋତ୍ର ସମ୍ପନ୍ନ ହୁଏ । ପ୍ରବନ୍ଧ ପଢ଼ି ଜୀବନ ଓ ଜଗତ୍ ପ୍ରତି ଆମେ ସର୍ବାଧିକ ସଚେତନ ହେଉ, ଜାଗରୂକ ହେଉ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
manoranjanmohanty59@gmail.com

ଲେଖକ -ବନ୍ଧୁମାନଙ୍କୁ ଅନୁରୋଧ



'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com

କିମ୍ବା ହ୍ୱାଟସ୍‌ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।

ବିଶେଷ ସୂଚନା ପାଇଁ ଏହି ଲିଙ୍କ୍ ଦେଖନ୍ତୁ:

www.sahityacharcha.com/submit-articles

ଗଳ୍ପ

ଅତୀତର ଛାଇ



ଅରୁଣ କୁମାର ମହାପାତ୍ର

ବର୍ଷା ଦିନର ଏକ ସୁନ୍ଦର ସନ୍ଧ୍ୟା । କଲିକତାର ଇଷ୍ଟ ବ୍ଲକର ଏକ ପୁରୁଣା କଫି ହାଉସ୍ ଭିତରେ, କାଚ ଝରକା ଦେଇ ହେଉଥିବା ଅବିରତ ବର୍ଷାକୁ ଦେଖୁଥିଲା ଅପରାଜିତା। ପାଣିର ପ୍ରତିଟି ଟୋପା ତାକୁ ଅତୀତର କିଛି ଭୁଲିଯାଇଥିବା ସ୍ମୃତିକୁ ମନେପକାଇ ଦେଇଥିଲା । ଖବରକାଗଜରେ ତା'ର ଗୋଟିଏ ନୂଆ ପୁସ୍ତକର ସମୀକ୍ଷା ପ୍ରକାଶ ପାଇଥିଲା, କିନ୍ତୁ ତା' ମନ ସେଥିରେ ନଥିଲା ଏବଂ ଅପରାଜିତା ଏକ ସଫଳ ସାହିତ୍ୟିକା ଥିଲେ, କିନ୍ତୁ ତାଙ୍କ ଜୀବନର ସବୁଠୁ ସୁନ୍ଦର ଅଧ୍ୟାୟଟି ଦଶବର୍ଷ ପୂର୍ବେ ଅଧାରେ ରହି ଯାଇଥିଲା । ସେହି ଅଧ୍ୟାୟର ନାମ ଥିଲା 'ଅବିନାଶ'।



ହଠାତ, କଫି ହାଉସ୍‌ର ପ୍ରବେଶ ପଥ ଦେଇ ଜଣେ ଲୋକ ଭିତରକୁ ଆସିଲେ। ଲୋକଟି ପ୍ରାୟତଃ ସମ୍ପୂର୍ଣ୍ଣ ଓଦା ହୋଇଯାଇଥିଲେ ଏବଂ ନିଜ ହାତରେ ଏକ ପୁରୁଣା ବହି ଧରିଥିଲେ। ଅପରାଜିତା ସେହି ଚେହେରାକୁ ଦେଖିଲା କ୍ଷଣି ତା' ହୃଦୟର ଗତି ହଠାତ୍ ବଢ଼ିଗଲା। ସେହି ଆଖି, ସେହି ବଙ୍କା ନାକ ଓ ସେହି ଚୁଟି ଷ୍ଟାଇଲ୍ - ସବୁକିଛି ଠିକ୍ ଅବିନାଶ ପରି । ଲୋକଟି ଗୋଟିଏ ଟେବୁଲ୍ ପାଖରେ ବସି ନିଜ ଓଦା ବାଳକୁ ଠିକ୍ କରିବାକୁ ଲାଗିଲା । ଅପରାଜିତା ନିଜ ଜାଗାରୁ ଉଠି ସାହସକରି ତାଙ୍କ ଆଡ଼କୁଗଲା।

'ଅବିନାଶ ?' ଅପରାଜିତାଙ୍କ ସ୍ୱରରେ ଥିଲା ଜିଜ୍ଞାସା ଓ ଆଶାର ଏକ ମିଶ୍ରିତ ଭାବ।

ଲୋକଟି ମୁଣ୍ଡ ଉଠାଇ ଅପରାଜିତାକୁ ଦେଖିଲେ। ତାଙ୍କ ଆଖିରେ ଏକ ଗଭୀର ନୀରବତା ଥିଲା, ଯେଉଁଥିରେ ଅପରାଜିତା ନିଜର ସମସ୍ତ ଅତୀତକୁ ଖୋଜି ପାଉଥିଲା। ସେହି ଦୁଇଟି ଆଖି ଯେମିତି ତାକୁ କହୁଥିଲା- ହଁ, ମୁଁ ତୁମର ଅବିନାଶ !

ସେଇ ଗୋଟିଏ ମୁହୂର୍ତ୍ତ ! କିନ୍ତୁ ତା' ଭିତରେ ଯେମିତି ପୂରା ଯୁଗଟିଏର ଚିତ୍ର ଝଲସି ଉଠିଲା ।

ଅପରାଜିତା ସେହି ମୁହୂର୍ତ୍ତରେ ସତେକି ଦେଖିପାରୁଥିଲା ସେମାନଙ୍କ ପ୍ରଥମ ଭେଟ, ଲୁଚିଲୁଚି କଫି ପିଇବା, ଏକାଠି ବହି ପଢ଼ିବା ଏବଂ ଶେଷରେ ସେହି କଷ୍ଟଦାୟକ ବିଦାୟର ଦୃଶ୍ୟ ଯେତେବେଳେ ଅବିନାଶ ତାଙ୍କୁ ଛାଡ଼ି ବିଦେଶରେ ଏକ ଉନ୍ନତ ଭବିଷ୍ୟତ ଗଢ଼ିବା ପାଇଁ ଚାଲିଗଲେ। ସେ ବୁଝିପାରିଲା ଯେ କାହାକୁ ଭୁଲିଯିବା କଷ୍ଟ ନୁହେଁ ବରଂ କଷ୍ଟ ହେଉଛି ସେମାନଙ୍କ ସହ ଜଡ଼ିତ ସ୍ମୃତିର ଓଜନକୁ ସାରା ଜୀବନ ବୋହିବା । ସେ ମନେପକେଇ ଚାଲିଥିଲା କିପରି ଠିକ୍ ଏହିପରି ଏକ ବର୍ଷା ଦିନ ସନ୍ଧ୍ୟାରେ ସେମାନେ ଶେଷଥର ପାଇଁ ଭେଟିଥିଲେ।

ଅପରାଜିତା ଆଉ କିଛି କହିବା ପୂର୍ବରୁ ସେହି ମୁହୂର୍ତ୍ତର ଶାନ୍ତି ଭଙ୍ଗ ହେଲା। ଯେତେବେଳେ ଲୋକଟି ସେଠୁ ଉଠି କହିଲା 'ନା, ମୋ' ନାଁ ଅବିନାଶ ନୁହେଁ ।' ତା'ର ସ୍ୱର ଶୁଷ୍କ ଓ ଅସ୍ଥିର ଥିଲା, ଯେମିତି ସେ ଜବରଦସ୍ତ ଏକ ସତ୍ୟକୁ ଲୁଚାଉଛି। 'ମୋ ନାଁ ହେଉଛି ଆରୋଶ'। ସେ କହିଲେ, କିନ୍ତୁ ମୁହଁରେ କୌଣସି ଭାବର ପରିବର୍ତ୍ତନ ନଥିଲା।

ଅପରାଜିତା ପଚାରିଲା, 'ତୁମର ଆଖି... ତୁମର କଥା କହିବାର ଢଙ୍ଗ... ତୁମେ ନିଶ୍ଚିତ ଭାବରେ ...' ଆରୋଶ ହଠାତ୍ ଉଠି ଠିଆହେଲେ । ତାଙ୍କ ଚେହେରାରେ ଏକ ନିଷ୍ପତ୍ତିର ଝଲକ ଦେଖାଯାଉଥିଲା, ଦଶବର୍ଷର ପୁରୁଣା ସତ୍ୟକୁ ଆଉଥରେ ପୋତି ଦେବାର ଦୃଢ଼ତା।

କିନ୍ତୁ ଅପରାଜିତା ଲକ୍ଷ୍ୟକଲା ଯେ ସେ ତାଙ୍କ ଡାହାଣ ହାତର ଆଙ୍ଗୁଠି କ୍ଷଣିକ ପାଇଁ କାଠ ଟେବୁଲ୍ ଉପରେ ପଡ଼ିଥିବା

ତାଙ୍କର ପୁରୁଣା ବହି ଉପରେ ରଖିଦେଲେ ।

'ତୁମେ ଏହି ବହିଟି କେଉଁଠୁ ପାଇଲ ?" କହୁ କହୁ ଅପରାଜିତା ଆଖରୁ ଲୁହ ଝରି ଆସିଲା ।

ସେ ଭିଡ଼ ଭିତରେ ହଜି ଯାଇଥିଲା ସତ, କିନ୍ତୁ ସେ ପଛକୁ ନ ଚାହିଁବା ପ୍ରତିଜ୍ଞା ପଛରେ ଏକ ବଡ଼ କାରଣ ଥିଲା ।

ଲୋକଟି (ଆରୋଶ) ହଠାତ୍ ଉଠି ଠିଆହେଲା । ତାଙ୍କ ମୁହଁରୁ ସବୁ ଭାବ ଲିଭିଗଲା ଯେମିତି । ସେ ପ୍ରକୃତରେ ସେହି ସ୍ମୃତିକୁ ଭୟ କରୁଥିଲେ, ଯାହା ତାଙ୍କୁ ପୁଣିଥରେ ଦୁର୍ବଳ କରିଦେବ । ସେ ଅପରାଜିତାର ପ୍ରଶ୍ନକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କଲେ । ତାଙ୍କର ଓଠ କିଛି କହିବାକୁ ଚେଷ୍ଟା କରୁଥିଲା ଯେ ଏହିଭଳି ମୁହୂର୍ତ୍ତ ଆଗରୁ କେବେ ହେଲେ ଆସିନାହିଁ ।

ସେ ଦୃଢ଼ ଭାବରେ କହିଲେ, 'ମୁଁ ଭୁଲ୍‌ରେ ଭିତରକୁ ଆସିଗଲି ବୋଧେ ।'

ଏତିକି କହି ବୁଲିପଡ଼ି ଆଦୌ ପଛକୁ ନ ଚାହିଁ ବାହାରର ଭିଡ଼ ଭିତରେ ହଜିଗଲେ । ବାହାର ଓଦା ରାସ୍ତାରେ ତାଙ୍କ ପାଦର ଶବ୍ଦ ବର୍ଷାର ଶବ୍ଦରେ ମିଶିଗଲା । ଅପରାଜିତା ସେହି ଝରକା ପାଖରେ ଛିଡ଼ାହୋଇ ଦେଖୁଥିଲା ଆଉ ସେ ଜାଣିଗଲା କି ସେ ଅବିନାଶ ହିଁ ଥିଲା । ଦୀର୍ଘଶ୍ୱାସ ମାରି ଭାବିଲା – ହଁ, ସେମାନଙ୍କ ଜୀବନର ପୃଷ୍ଠା ବହୁ ପୂର୍ବରୁ ବନ୍ଦ ହୋଇସାରିଛି । ସେହି ଗୋଟିଏ ମୁହୂର୍ତ୍ତରେ ସେ ଦୁହେଁ ଯେଉଁ ଯୁଗକୁ ଦେଖିଥିଲେ, ସେହି ଯୁଗର ପରିସମାପ୍ତିକୁ ସ୍ୱୀକାର କରିବା ପାଇଁ ଅବିନାଶ (ଆରୋଶ) ପଛକୁ ନ ଚାହିଁ ଚାଲିଗଲା । କାରଣ ସେ ଜାଣିଥିଲା ପଛକୁ ଚାହିଁଲେ କାଳେ ପୁଣି ଅତୀତରେ ହଜିଯିବ ।

ଅପରାଜିତା ଭିଡ଼ରେ ଆଗକୁ ଯିବାକୁ ଚାହିଁଲା ନାହିଁ । ସେ ନୀରବରେ ନିଜ ଟେବୁଲ୍ ପାଖକୁ ଫେରିଆସିଲା, କିନ୍ତୁ ସେ ଯିବା ପୂର୍ବରୁ ଅପରାଜିତା ଲକ୍ଷ୍ୟ କରିଥିଲା କି ସେହି ବହି ଉପରେ ଅତ୍ୟନ୍ତ କ୍ଷୀଣ ଭାବରେ ତାଙ୍କ ଆଙ୍ଗୁଠିରେ କିଛି ଲେଖିଦେଲେ ।

ବହିଟିକୁ ଉଠାଇଲେ ଅପରାଜିତା । ବର୍ଷାଜଳରେ ତାଙ୍କର ପୁରୁଣା ବସ୍ତଖତ ଥିବା ପୃଷ୍ଠାଟି ଟିକେ ଓଦା ହୋଇଯାଇଥିଲା । ଆରୋଶ ଯିବା ପୂର୍ବରୁ ଯେଉଁଠି ଆଙ୍ଗୁଠି ଚାଳନା କରିଥିଲା, ସେହିଠାରେ ଅପରାଜିତା ଅନୁଭବ କଲା ଯେ ଏକ ସାମାନ୍ୟ ଓଦା ଚିହ୍ନ ରହିଯାଇଛି । ସେହି ଚିହ୍ନଟିକୁ ଅନ୍ୟମାନେ ହୁଏତ ଦେଖିପାରିବେ ନାହିଁ ।

ଅପରାଜିତା ହସିଲା, ଏକ କଷ୍ଟଦାୟକ ହସ । ସେ ଜାଣିଥିଲା ସେ ଲୋକଟି 'ଅବିନାଶ' ଥିଲା । ସେ ଭିଡ଼ ଭିତରେ ହଜି ଯାଇଥିଲା ସତ, କିନ୍ତୁ ସେ ପଛକୁ ନ ଚାହିଁବା ପ୍ରତିଜ୍ଞା ପଛରେ ଏକ ବଡ଼ କାରଣ ଥିଲା । ସେ ଆଜି ସ୍ୱୀକାର କରିପାରିବ ନାହିଁ, କାରଣ ହୁଏତ ତା'ର ନିଜର ଏକ ନୂଆ ଜୀବନ ଅଛି । କିନ୍ତୁ ସେମାନଙ୍କର ପ୍ରେମ କେବେ ବି ମରିନାହିଁ ।

ଅପରାଜିତା ବହିଟିକୁ ଛାତିରେ ଜାବୁଡ଼ି ଧରିଲା ଏବଂ ଝରକା ବାହାରେ ବର୍ଷାକୁ ଚାହିଁଲା । ଏବେ ତା' ହାତରେ ସେହି ଗୋଟିଏ ମୁହୂର୍ତ୍ତର ଅନ୍ତିମ ସତ୍ୟଥିଲା, ଯାହା ନୀରବ ଭାବରେ ପ୍ରତିଜ୍ଞା କରିଗଲା ଯେ ପ୍ରେମ କେବେହେଲେ ହଜିଯାଏ ନାହିଁ, ତାହା କେବଳ ଅଲଗା ରୂପ ନେଇଯାଏ ।

ପେପରରେ ତା' ପୁସ୍ତକର ସମୀକ୍ଷା ଉପରେ ପଡ଼ିଥିବା ବର୍ଷା ଟୋପାକୁ ପୋଛିଲା । ତା' ଲିଖିତ ନୂଆ ଉପନ୍ୟାସର ନାଆ ଥିଲା 'ଅପୂର୍ଣ୍ଣ ମୁହୂର୍ତ୍ତ' । ସେ ଜାଣିଗଲା ଏବେ ତା' ପାଖରେ ଲେଖିବା ପାଇଁ ଆଉ ଏକ ନୂଆ ଅଧ୍ୟାୟର ଅନୁଭୂତି ବୋଧେ ମିଳି ଯାଇଛି, ଯାହା ଏହି ଅପୂର୍ଣ୍ଣ ମୁହୂର୍ତ୍ତକୁ ଦେଇପାରେ ପୂର୍ଣ୍ଣତା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
akmoha@gmail.com



'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଅନେକ ଲେଖା ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି:

www.sahityacharcha.com

କବିତା

ଦୁଇଟି ସନେଟ୍

ଉମାକାନ୍ତ ମହାପାତ୍ର



ମହାନିର୍ବାଣ

ମୋହମୟ ବସୁନ୍ଧରା ହେମପୁଷ୍ପ ପରି
ମହମହ ବାସୁଅଛି ମହକ ବିତରି,
ତା' ଭିତରେ ନୀଳାଚଳ କେଶର ପରାୟେ
ଜଗତକୁ ବାନ୍ଧିଅଛି ସବୁକୁ ଆଦରି !

ତୁଳସୀ ଦୟଣା ବାସ ଅଗରୁ ମହକ
ଚନ୍ଦନ ଚର୍ଚ୍ଚିତ ଦେହ ଅଯୋନି ସମ୍ଭବ,
ନେତ୍ର କୋଣେ ଝଟକଇ ଜଗତର ଆଖି
ସଭିଙ୍କ ହୃଦୟ ଜିଣି ରଚିଥାଏ ଭାବ !

ଦୃଶ୍ୟମୟ ଦୀପ୍ତିମୟ ସିଏ ମହାପ୍ରାଣ
ଶିଖାରୁ ଶିଖର ଯାଏ ଶୀକରେ ଭିଜାଇ,
ଶିହରିତ କରୁଥାଏ ଜୀବଠାରୁ ଜଡ଼
ରକତର ରଙ୍ଗପରି ଚହଚହ ମହୀ !

ପ୍ରାଣ ଓ ପ୍ରଶ୍ୱାସ ଭରି ଜଗତ ଜୀବନ
ନିୟତ ତ ବାଣ୍ଛିଦ୍ୟନ୍ତି ସେ ମହା ନିର୍ବାଣ !!



କୋଉଠି ମିଳିବ ତୁମେ



କୋଉଠି ମିଳିବ ତୁମେ କୋଉଠି କେମିତି
ସମୟର ସୂତ୍ରଧର କୁହ ରଘୁପତି,
ଖୋଜିବାକୁ ଇଚ୍ଛାନାହିଁ ଆଉ ମୋର ତିଳେ
ଖୋଜି ଖୋଜି ଦିନ ଗଲା ଏଯାଏ ଏମିତି ॥

ରାତି ପାହି ଦିନ ହୁଏ ଦିନ ପରେ ରାତି
ସକଳ ସମୟ ସାରି ବୁଲେ ମୂଢ଼ମତି,
କାଳର କରାଳ ଚିତ୍ର ଝଲସେ ଆଖିରେ
ସଂସାରର ମାୟା ଆଜି ଡରାଉଛି ନିତି ॥

ଏମିତି ଏ ଫାଲଗୁନର ଛତ୍ରଛାୟା ତଳେ
ବିକଳ ବିଭ୍ରମ ହେଉଥାଏ ନିରନ୍ତର
ପାପର ପିଞ୍ଜରା ଖୋଲି ଦେଖଇ ତୋହରେ
ଶୂନ୍ୟତାର ରୂପ ରେଖ ତୁଇ ଦ୍ୱିଜବର ॥

ସକାଳ ହେବାକୁ ଅଛି ଆଉ କେତେ କାଳ
ଜୀବନ ଅସହ୍ୟ ହୁଏ ମାୟାରେ ପ୍ରବଳ ॥

□□

କବିଙ୍କ ଇ-ମେଲ୍ ଠିକଣା:
ukmahapatra64@gmail. Com



ଗଳ୍ପ

ଅଦିନିଆ ବର୍ଷା

ଆରତୀ ସାହୁ

ଚଷମାଟିକୁ ଆଉଥରେ ଭଲକରି ପୋଛିଦେଲା ଜ୍ୟୋତିପ୍ରକାଶ । ପୁଣି ଖବରକାଗଜ ଉପରେ ଦୃଷ୍ଟି ପକାଇଲା । ହଁ ତ, ଲେଖା ହେଇଛି 'ମଧୁମିତା ନିରୁଦ୍ଦିଷ୍ଟ' । ପାଞ୍ଚ ଛଅଥର ପଢ଼ିସାରିଲାଣି ।

ଆଉ ଏଇ ଯୋଉ ଆଜି ଏଠି ଆସି ବସିଥିଲା ? ତା' ପାଖରେ ପାର୍କର ଏଇ ନିକାଞ୍ଚନ ଜାଗାରେ, ଯୋଉ ଭଙ୍ଗା ସିମେଣ୍ଟ ବେଞ୍ଚ ସବୁଠାରୁ ପ୍ରିୟ ଜ୍ୟୋତିକୁ... ସେଦିନ ସେ ବି ଚିହ୍ନା ଦେଇନଥିଲା, ଆଉ ଜ୍ୟୋତି ବି ଜାଣିଶୁଣି ଅଚିହ୍ନା ବାରୁଥିଲା କି କ'ଣ ।

ସେ ସମୟର କଥା ଅଲଗା ଥିଲା...

- ଏତେ ବେଞ୍ଚ ଥାଉଥାଉ ତୁ ଏଇ ଭଙ୍ଗା ବେଞ୍ଚ କାହିଁକି ବାଛୁ କେଜାଣି ?

ସେଦିନ କଲେଜ ବଙ୍କ୍ କରି ଯେତେବେଳେ ସେ ଦୁହେଁ ଏକାଠି ହେଇଥିଲେ, ସେଇ ଭଙ୍ଗା ବେଞ୍ଚରେ ତା' ପାଖକୁ ଲାଗି ବସିପଡ଼ି ପଚାରିଥିଲା ମଧୁ ।

- ତୁ ବି ତ ମୋର ପସନ୍ଦ, ତୋର ବି ତ ଯୋଡ଼େ ବେହେଡ଼ା ଦରଖଣ୍ଡିଆ ଦାନ୍ତ ଅଛି ।

ସେ ଏକ ସ୍ୱପ୍ନବିଳାସୀ ସମୟ ଥିଲା । ଥିଲା ଏଇ କଲେଜ, ଏଇ ପାର୍କ, ଏଇ ଜ୍ୟୋତିପ୍ରକାଶ, ଏଇ ଭଙ୍ଗା ବେଞ୍ଚ । କେତେକ ଜାଗାର ବିକାଶ ନଥାଏ । ସେ ଯେମିତିକୁ ସେମିତି ରହିଯାଏ, ବରଂ କିଛିଟା ଅବନତି ହେଇଥାଏ, କିନ୍ତୁ ଉନ୍ନତି ବୋଲି କିଛି ନାହିଁ । ଯେମିତି ଏଇ ତେତିଶ ବର୍ଷ ତଳର ଭଙ୍ଗା ବେଞ୍ଚ ଆଉଟିକେ ଭାଙ୍ଗି ଯାଇଛି, ଆଉ ସେ ନିଜେ ବି ତ, ହେଉ ଛାଡ଼ ।

ଅଳ୍ପ ଅଳ୍ପ ବର୍ଷା ହେଉଥିଲା, ଛତା ନ ଧରିଲେ ଓଦା ହେଇଯିବା ପରି । ମଧୁମିତା ହାତରେ ଛୋଟ କଳା ଛତାଟିଏ । ତାରି ଭିତରକୁ ଜ୍ୟୋତିକୁ ଟାଣିନିଏ । ବେଳେବେଳେ ଲାଗେ, ମଧୁମିତା ଜାଣି ଜାଣି ତା'ର ସେଇ ସ୍କୁଲ ବେଳର ପୁରୁଣା ଟିକି ଛତାଧରି ଆସେ । ତା' ନାକପୁଡ଼ାର ଉଷ୍ମାୟିତ ବାଷ୍ପ ଖାସ୍ ଜ୍ୟୋତିର ଗାଲରେ ବଜେଇବ ବୋଲି । ଛତା ବାହାରେ ଗଳଗଳ ବର୍ଷା, ଛତାରୁ ପାଣି ଝରି ଝରି ପାଣିର ଏକ ବେଷ୍ଟନି ଭିତରେ ଦୁଇଟି ଅସ୍ତିତ୍ୱ... ଆଉ ଛତା ବେଷ୍ଟର ଦୁଇ ପାଖରେ ଦୁଇଟା ବେଗବାନ୍ ଘୂର୍ଣ୍ଣିଝଡ଼ । ନିଟୋଳ ଅନ୍ଧାର ସନ୍ଧି କରୁଥାଏ ବିଜୁଳି ସହିତ, ସାକ୍ଷୀ ପଡ଼ିଥାଏ ଘଡ଼ଘଡ଼ି । ବହୁତ କିଛି ଘଟି ଯାଉଥାଏ ସେଇ ଓଦା ଭଙ୍ଗା ବେଞ୍ଚ ସହିତ ।



କିନ୍ତୁ ଏଇ ଏବେ ଏବେ ପୁଣିଥରେ ? କେମିତି ?

ଆଜି ଏତେଦିନ ପରେ ତାକୁ ଭଲକରି ଦେଖୁଥିଲା ଜ୍ୟୋତି । ଏଇ ଯୋଉ କିଛି ଝିଅ ଥାଆନ୍ତି, କି ଅମୃତ ଲେପ ଲଗାନ୍ତି କେଜାଣି ଯେ ବୟସ ତାଙ୍କ ପାଖରେ ପୋଷା କୁକୁର ପରି ଲାଙ୍ଗୁଳ ଜାକି ରହିଥାଏ । ନିଜ ମୁହଁକୁ ଆଉଁଶିଲା ସେ । ଦୁଇ ଗାଲ ତଳକୁ ଝୁଲି ଗଲାଣି ମାଂସ ମେଞ୍ଚାପରି । ଚୁଟି ସବୁ ଯେମିତି ତାଳ ଖୁଡ଼ରୁ ରୁଆଁ । ପାପୁଲିର ସାହାରା ନ ନେଲେ ଉଠିପାରୁନାହିଁ । ଅଥଚ ମାପ୍‌ଚୁପ୍ ଶରୀରର ସାମ୍ରାଜ୍ଞୀ ମଧୁ ତିନି ଇଞ୍ଚିଆ ହିଲ୍ ପିନ୍ଧି ବି ଠକ୍‌ଠକ୍ ଚାଲି ଆସିଲା ତା' ପାଖକୁ ।

ଏଇ ବିଜ୍ଞାପନ ତୁ ଛାପିଛୁ ନା, ମୁଁ ଜାଣେ ତୁ ହିଁ ଛାପିଛୁ । କିରେ, ଯେତେବେଳେ ମୁଁ ନେହୁରା ମେହୁରା ହେଉଥିଲି ବାବୁ ଆଇଏଏସ୍ ସପନରେ ମସଗୁଲ ଥିଲେ । ଆଉ ଏବେ କାହିଁକି ସେଇ ପୁରୁଣା ପାଠର ଆଲୋଚନା ? କଲେଜ ବେଳର ନୀଳ ସାଲୁଆର କମିଜ ପିନ୍ଧା ଫଟୋ, ତୋତେ ହିଁ ତ ଦେଇଥିଲି । ଆଉ ତାକୁ ହିଁ ପଣ୍ୟ କରିଦେଲୁ ତୁ ?

ଅନର୍ଗଳ କହି ଯାଉଥିଲା ସିଏ । ଜ୍ୟୋତି ସଫେଇ

ଦେବ ତ କେମିତି । ସେଇ ଫଟୋକୁ ସେ ଏଇଠି ଜଳ ସମାଧି ଦେଇଥିଲା ଯୋଉଦିନ ମଧୁମିତାର ସ୍ୱପ୍ନ ଉଭେଇ ଯାଇଥିଲା ତା' ନିଦରୁ ।

ମଧୁମିତା କାଢୁଥିଲା ସେଇ ପୁରୁଣା ସ୍କୁଲ ବେଳର ଟିକି ଛତା, ଯୋଉଥିରେ ସମୟ କରିସାରିଥିଲା ଅନେକ କ୍ଷୁଦ୍ରକ୍ଷୁଦ୍ର କଣା ।

ସେତେବେଳେ ବି ଅନର୍ଗଳ କହି ଚାଲିଥିଲା, 'ଥା ତୁ ଏଇଠି, ଏଇ ଭଙ୍ଗା ବେଞ୍ଚ ଉପରେ । ମୁଁ ଯାଉଛି ମୋ' ବାଟରେ। ତୁ ତ ଜାଣି ଜାଣି ଅବାଟ ବାଛୁଚୁ । କିରେ, ମୋର ତ ଯାହାକିଛି ସବୁ ତୋର। ଆଉ ଆଇଏଏସ୍ ହେଇ କ'ଣଟା ତାଡ଼ି ପକେଇବୁ ଶୁଣେ। ଆଉ ଜାଣି ଥା, ସେଇଟା ବାଡ଼ି ଫଳ ନୁହେଁ। ମୁଁ ସିନା ଆଜି ଝଡ଼ିଲା ଫଳପରି ତୋ' ପାଖକୁ ଗୋଡ଼େଇ ଆସିଛି, ଆଉ କିଏ ବି ତ ଗୋଟେଇ ନେବ।'

ସେ କିନ୍ତୁ ସାଲିସ କରିପାରିନଥିଲା ତା'ର ଅନିଶ୍ଚିତ ସ୍ୱପ୍ନ ସହିତ। ମଧୁମିତା ଚାଲି ଯାଉଥିଲା ଡଗଡଗ, ସେ ସେମିତି ବସି ରହିଥିଲା ଭଙ୍ଗା ବେଞ୍ଚ ଉପରେ।

"ଜାଣିଛୁ ? ମୁଁ ଚମକି ପଡ଼ିଥିଲି ଏଇ ବିଜ୍ଞାପନ ଦେଖି। କିନ୍ତୁ ଭିତରେ ଭିତରେ ଆତ୍ମସନ୍ତୋଷ ମିଳୁଥିଲା। ହେଉ ନ ହେଉ କେହି ଜଣେ ତ ଅଛି।"

ଏଥର ପାଟି ଖୋଲିଲା ଜ୍ୟୋତି ପ୍ରକାଶ। ଆଉ ତୋ' ସ୍ୱାମୀ ?

ସେ କହିବାକୁ ଚାହୁଁଥିବା କଥା ପଦକ କିନ୍ତୁ ରହିଗଲା ତଣ୍ଟିରେ। ସେ କହି ପାରିଲା ନାହିଁ ଯେ ଏଇ ବିଜ୍ଞାପନ ସେ ଛପେଇ ନାହିଁ।

- ଛାଡ଼ ସେକଥା। ପୃଥିବୀରେ ଏମିତି ଘଟଣା ବି ଘଟେ, ଯୋଉଥିରେ ମୁକ୍ତ ହେଇଯାଏ ଅନେକ କିଛି। ସେଇ ମୁକ୍ତ ମଣିଷ ଭିତରେ ମୁଁ ବି, ଆଉ ସେ ବି। ଦୁନିଆଁ ତାଙ୍କୁ ମୁକ୍ତି ଦେଇଛି ଆଉ ସମୟ ମୋତେ । କିନ୍ତୁ ଅନେକ କିଛିର ବିନିମୟରେ ଖାସ କରି ମୋର ସମୟ। ତୁ ତେବେ ଆଇଏଏସ୍ ପାଇନୁ। ନ ହେଲେ ଏଇ ଭଙ୍ଗା ବେଞ୍ଚ ବି ମୁକ୍ତ ହେଇସାରନ୍ତାଣି ନୁହେଁ। ବିଜ୍ଞାପନ ଯିଏ ଦେଇଥାଉନା କାହିଁକି... ଆମେ ଗୋଟିଏ ବାଟର ବାଟୋଇ ହେଇପାରିବା ନାହିଁ ।

ଠୋଠୋ ହସ ଭିତରେ ବି ପଛଆଡ଼କୁ ତା' ସ୍ୱର ଓଦାଳିଆ ଲାଗୁଥିଲା । ତଳକୁ ଦୋଷୀ ଦୋଷୀ ଦୃଷ୍ଟି ତୋଳି ତା'ର ହିଲ୍ ଦ୍ୱାରା ଓଦା ମାଟିରେ ଗାତଟିଏ ସୃଷ୍ଟି କରୁଥିଲା... ଜ୍ୟୋତିକୁ ବୁଝେଇ ଦେଉଥିଲା ଅନେକ କିଛି ।


ହାତ ବଢ଼େଇ ଦେଲା ସିଏ ମଧୁମିତା ଆଡ଼କୁ ।

ଅଚାନକ ବରଷିଗଲା ମେଘ। ସେମିତି, ଦେହକୁ ନ ଭିଜେଇବା ପରି। ମଧୁମିତା କାଢୁଥିଲା ସେଇ ପୁରୁଣା ସ୍କୁଲ ବେଳର ଟିକି ଛତା ଯୋଉଥିରେ ସମୟ କରିସାରିଥିଲା ଅନେକ କ୍ଷୁଦ୍ରକ୍ଷୁଦ୍ର କଣା।

ତେବେ ଶ୍ରୋତାଙ୍କୁ ପ୍ରଶ୍ନ, ବିଜ୍ଞାପନ କିଏ ଛପେଇଥିଲା ?

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
sahooarati10@gmail.com



ପ୍ରକାଶ ପାଇଲା !

ଗ୍ରନ୍ଥ ମନ୍ଥନ

ଶ୍ରୀଜଗନ୍ନାଥ ଓ ଓଡ଼ିଶା ସମ୍ପର୍କିତ କେତେକ ଦୁର୍ଲଭ ଗ୍ରନ୍ଥର ଆଲୋଚନା

ଲେଖକ: ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର

ଆମାଜନରେ ଉପଲବ୍ଧ । ମୂଲ୍ୟ: ଟ.୨୭୯

ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର

B CLASSICS



ଅଣୁ ନାଟକ

ସହର ଯାତ୍ରା


ଅଳକା ନନ୍ଦ

(ଗାଁ' ଘରର ଦୃଶ୍ୟ। ଚାଳଘର। ଖଟ ଉପରେ ମାର୍କଣ୍ଡବାବୁ ବସି ଗାମୁଛାରେ ମୁଣ୍ଡରୁ ଝାଳ ପୋଛୁପୋଛୁ, ଘର ଭିତରକୁ ଚାହିଁ)

ମାର୍କଣ୍ଡ- ଆରେ ନଟ... ଆସିଲୁ... ଶୁଣି ଯା...

ନଟ- (ଭିତରୁ ଆସି) ହଁ ବାବୁ, ସବୁ ସଜାଡ଼ି ଦେଇଚି।

ମାର୍କଣ୍ଡ- ହେ ବାବୁରେ... କାଲି ଦେଖିଥିଲି ବଡ଼ିଆ ଆମ୍ବ ଝୁଲିଚି। ତୋଳି ଆଣେ। ମୋ' ନାତୁଣିଟା ଭାରି ଭଲପାଏ। ଆଉ ବଗିଚାର ପୋଦିନା କିଛି ଓପାଡ଼ି ଆଣିବୁ। ସହରରେ ମିଳୁଥିବ କି ନାହିଁ। ବାକି ନଡ଼ିଆ, ଚାଉଳ, ଚୁଡ଼ା, ଖଜା, ମୁଆଁ, ସବୁ ବାନ୍ଧି ଦେଇଚୁ ତ ? କାଲି ପାହାନ୍ତିଆରୁ ମୁଁ ବାହାରିଯିବି।



ନଟ- ବାବୁ ଆଜ୍ଞା ସବୁ ଆଣି ଥଳିରେ ପୂରେଇ ଦେଇଚି।

ଦ୍ୱିତୀୟ ଦୃଶ୍ୟ:

(ଭୁବନେଶ୍ୱର। ହରିଶବାବୁଙ୍କ ବୈଠକଖାନା। ହରିଶଙ୍କ ସ୍ତ୍ରୀ ମନିକା ଡାଇନିଂ ଟେବୁଲ ଉପରେ ତିନିଟା ଟିଫିନ ଡବା ରଖି)

ମନିକା- (ଜୋର ପାଟିରେ) ହରିଶ ତମ ଟିଫିନ ନେଇଯିବ ଏଠୁ। ମୁଁ ବାହାରିଲି...

(ନଟ ସହିତ ମାର୍କଣ୍ଡ ଦାସଙ୍କ ପ୍ରବେଶ ।)

ହରିଶ- (ମାର୍କଣ୍ଡକୁ ଦେଖି)- ଆରେ ବାପା..... ହଠାତ୍। ମତେ ଫୋନ କଲନି ? ତମେ ଆସିବ ଜାଣିଥିଲେ ଆଜି ଛୁଟି ନେଇଥାଆନ୍ତି। ଆଜି ଗୋଟେ ଜରୁରୀ ମିଟିଂ ଡାକି ଦେଇଚି। କ୍ୟାନସେଲ ବି କରିପାରିବିନି। (ସୋଫାରୁ ଉଠି ମୁଣ୍ଡିଆ ମାରିବା)

ମାର୍କଣ୍ଡ- ହଁ ହଁ ତୁ ଯା... ବୋହୂ ମା' ଅଛି ଟି ?

ମନିକା- (ମୁଣ୍ଡିଆମାରି) ଆରେ ବାପା ଆପଣ ? ଆଗରୁ ଜଣେଇଲେନି ? ଆଜି ସ୍କୁଲରେ ପିଲାଙ୍କର ପରୀକ୍ଷା ଅଛି। ଛୁଟି ନେଇପାରିବିନି। ଟେବୁଲ ଉପରେ ରନ୍ଧାହେଇ ଥୁଆ ହେଇଚି। ଆପଣ ଖାଇନେବେ। ଆସୁଚି ବାପା....

ମାର୍କଣ୍ଡ- ହଉ ମା। ତମେ ଯାଅ, ବ୍ୟସ୍ତ ହୁଅନି।

ମନିକା- (ମୋବାଇଲରେ)ହଁ, ହଁ, ମୁଁ ବାହାରିଲି। ସରି। ଗାଁ'ରୁ ଶ୍ୱଶୁର ଆସି ପହଞ୍ଚିଗଲେ ତ, ଟିକେ ଡେରି ହେଇଗଲା। (କହିକହି ପ୍ରସ୍ଥାନ)

ହରିଶ- (ମୋବାଇଲରେ) ହେଲୋ, ହଁହଁ ମିଟିଂ ଆରମ୍ଭକର। ବାସ୍ ପହଞ୍ଚୁଛି ଦଶ ମିନିଟରେ। (ବାଁ ହାତରେ ମାର୍କଣ୍ଡକୁ ବାଇବାଇ କରି ପ୍ରସ୍ଥାନ।)

ମାର୍କଣ୍ଡ- (ପାଖ ବଖରାରେ ନାତୁଣୀ ରିମା ମୋବାଇଲ୍‌ରେ କଥା ହେଉଥିବା; ତାକୁ ଦେଖି) ଆରେ ମା' ରିମା କେମିତି ଅଛୁ ?

ରିମା- (ଠିଆ ହେଇ) ଆରେ ଜେଜେ ? (ଯାଇ ପାଦ ଛୁଇଁବା; ମୋବାଇଲ୍‌ରେ: ଆଜ୍ଞା ଟିକେ ଧରନ୍ତୁ) ସରି, ଜେଜେ, ଘରୁ କାମ କରୁଚି ତ ! ଗୋଟେ ବୋର୍ଡ ମିଟିଂ ଚାଲିଚି। ତମେ ଟିକେ ବାହାରେ ବସ। (ମୋବାଇଲ୍‌ରେ) ପ୍ଲିଜ୍ କଣ୍ଟିନିଉ।

ମାର୍କଣ୍ଡ- (ଟିକେ ଅପ୍ରସ୍ତୁତ ହେଇ) ନାଇଁରେ ମା, ତୁ କର ତୋ' କାମ। (ରୁମରୁ ବାହାରି ଡ୍ରଇଂରୁମ୍‌ରେ ବସି)

ମାର୍କଣ୍ଡ- ଆରେ ନଟ... କ'ଣ ଖାଇବୁ ? ଆମେ ତ ଜଣେଇ ନଥିଲେ। ଆମ ଦିହିଁଙ୍କ ପାଇଁ ଭାତ ଅଣ୍ଟିବ କି ନାହିଁ ? ନେ, ଏ ପଚାଶ ଟଙ୍କା। ପାଖ ଢାବାରୁ କିଛି ଖାଇଦେଇ ଆ। ମୁଁ ଦେଖେ କ'ଣ ଘରେ ଅଛି।

(ନଟର ପ୍ରସ୍ଥାନ ସହ ପରଦା ପତନ)

□□

ଲେଖକଙ୍କ ଇ-ମେଲ୍ ଠିକଣା:
alkananda@yahoo.com

ଅଣୁ ଗଳ୍ପ

ଦୁଇଟି ଅଣୁଗପ

ମୃଣାଳ



ବିଚାର

ଦିନେ ଗୋଟେ ଗଧିଆ ଜଙ୍ଗଲର ବିଚାରପତିଙ୍କ ପାଖରେ ପହଞ୍ଚିଲା । ଗଧିଆର ମୁଣ୍ଡଟି ଫୁଲିଛି, ଦି' ଚାରି ବୁନ୍ଦା ରକ୍ତ ବି ସେଠି ଜମାଟ ବାନ୍ଧିଛି ।

ଗଧିଆ ବିଚାରପତିଙ୍କୁ କହିଲା, ଧର୍ମାବତାର ଗୋଟେ ମେଣ୍ଢା ମୋ'ର ଏ ଅବସ୍ଥା କରିଛି । ଆପଣ ବିଚାର କରନ୍ତୁ ।

ସମ୍ପୃକ୍ତ ମେଣ୍ଢାକୁ ସମନ ପଠେଇ ଡକାଗଲା ।

ବିଚାରପତି ଗଧିଆକୁ ପଚାରିଲେ, କ'ଣ ହୋଇଛି ଘଟଣା ବିସ୍ତାରରେ କୁହ ।

ଗଧିଆ କହିଲା, ଧର୍ମାବତାର ଆଜି ସକାଳେ ମୁଁ ଏ ମେଣ୍ଢାକୁ ମାରି ଖାଇବା ପାଇଁ ତା' ଆଡ଼କୁ ଝପଟିଯାଇଥିଲି । ଏ ମେଣ୍ଢାଟି କିନ୍ତୁ ନିଜକୁ ମୋ' ସାମ୍ନାରେ ସମର୍ପଣ ନ କରି ଓଲଟି ମୋତେ ଆକ୍ରମଣ କଲା । ତା'ର ଟାଣ ମୁଣ୍ଡରେ ମୋ' ମୁଣ୍ଡକୁ ଠୁକିଦେଲା । ଦେଖନ୍ତୁ ଧର୍ମାବତାର, ମୋ' ମୁଣ୍ଡଟି କେମିତି ଫୁଲିଛି ! ଖାଦ୍ୟ ଯଦି ଖାଦକକୁ ଆକ୍ରମଣ କରିବ, ତେବେ ସଂସାର କେମିତି ଚାଲିବ !

ମେଣ୍ଢା କହିଲା, ଆଜ୍ଞା ଏ ଗଧିଆଟି ମୋତେ ମାରିବାକୁ ଝପଟିଥିଲା । ମୁଁ ଯାହା କରିଛି ନିଜ ଜୀବନ ବଞ୍ଚେଇବା ପାଇଁ ...। ମୋ' ଜୀବନ ଉପରେ ମୋ'ର କିଛି ଅଧିକାର ଅଛି ନା ନାହିଁ !

ବିଚାରପତି ପାଣି ଦି' ଢୋକ ପିଇଲେ । ତା'ପରେ କହିଲେ, ଏ ମାମଲାରେ ମେଣ୍ଢା ଦୋଷୀ । ଖାଦ୍ୟ ଖାଦକର ଯେଉଁ ସମ୍ପର୍କ ଅନାଦି ଅନନ୍ତ କାଳ ଧରି ସଂସାରରେ ଚାଲିଆସିଛି, ତା'ର ଓଲମ ବିଲମ ହେଲେ ସଂସାର ଅଚଳ ହୋଇଯିବ । ତେଣୁ ମେଣ୍ଢାକୁ ଦଣ୍ଡ ମିଳିବ । ତାକୁ ମାରି ତା' ମାଂସକୁ ଗଧିଆ ଘରେ ପହଞ୍ଚେଇ ଦିଆଯିବ । ଏ ବାବଦ ଯାହା ଖର୍ଚ୍ଚ ହେବ - ତାହା ମେଣ୍ଢାର ପରିବାରକୁ ବହନ କରିବାକୁ ହେବ ।

ମାଛ ଗପ

ଲୋକଟିଏ ନଈ କୂଳରେ ବସିଥିଲା । ତା' ସାମ୍ନାରେ ଗୋଟେ ମାଛ ମରି ପଡ଼ିଥିଲା ।

ଜଣେ ଗ୍ରାମବାସୀ ତାକୁ ପଚାରିଲା, ଭାଇ ତମେ ଏଠି ବସି କ'ଣ କରୁଛ ?



ଲୋକଟି କହିଲା, ଚୁପ ବଡ଼ ପାଟିରେ କଥା କୁହନି । ଏ ମାଛଟା ନଈ ପାଣିରେ ବୁଡ଼ି ଯାଉଥିଲା । ମୁଁ ତାକୁ ବଞ୍ଚେଇଲି । କୂଳରେ ଆଣି ରଖିଲି । ବଞ୍ଚିଯିବା ଖୁସିରେ ମାଛଟା ଘଣ୍ଟାଏ ଧରି ଏଠି ଡେଇଁ ଡେଇଁ ନାଚିଲା । ଏବେ ଥକି ଯାଇ ଶୋଇ ପଡ଼ିଛି । ତମେ ଯାଅ । ତାକୁ ଡିଷ୍ଟର୍ବ କରନି ।

ଏ ଗପରେ ମାଛ ହେଲୁ ଆମେ - ସାଧାରଣ ଜନତା ।

ଆମକୁ ବଞ୍ଚେଇବା ପାଇଁ ପାଣିରୁ ଆଣି କୂଳରେ ଛାଡ଼ିଥିବା ଲୋକଟି କିଏ ତାହା - ଆପଣ ଜାଣିପାରିଲେଣି ନା ମୋତେ କହିବାକୁ ପଡିବ !

□□

ଲେଖକଙ୍କ ଇ-ମେଲ୍ ଠିକଣା:
mrinalchatterjeeiimc@gmail.com




ଶିଶୁ ଗଳ୍ପ

ଘୃଣା ବଦଳରେ ପ୍ରେମ

ସଂଗ୍ରାମ କେଶରୀ ପୃଷ୍ଟି

ନିଧି ଅଜାଙ୍କ ବାରିପଟେ ଗୋଟିଏ ବଡ଼ ଆମ୍ବଗଛ । ପେଟ୍ଟାପେଟ୍ଟା ହୋଇ ସୁନ୍ଦର ଆମ୍ବ ସବୁ ଗଛରେ ଝୁଲୁଛି । କିଛି ବି ପାଚିଗଲାଣି । ସେ ଗଛର ଆମ୍ବ ମିଠା । ଏକଥା ପିଲାଙ୍କୁ ବେଶ୍ ଜଣା। ଏଣୁ ପିଲାମାନେ ସେଦିନ ଆମ୍ବ ଖାଇବାକୁ ବାହାରି ପଡ଼ିଲେ ।

ଉଦୁଉଦିଆ ଖରାବେଳ । କେହି କୁଆଡ଼େ ନାହାନ୍ତି। ଏଇ ମଉକାରେ ପିଲାମାନେ ନିଧି ଅଜାଙ୍କ ବାରିରେ ଚୁପଚାପ ପଶିଲେ । ହଳଦୀ ଗୁରୁଗୁରୁ ପାଚିଲା ଆମ୍ବସବୁ ଗଛରେ ଝୁଲୁଥାଏ । ଏହାଦେଖି ପିଲାଙ୍କ ଖୁସି ତ କହିଲେ ନସରେ । ଏତିକି ବେଳେ ସେମାନଙ୍କ ନଜର ପଡ଼ିଲା ଗଛ ଉପରେ ବସିଥିବା ଗୋଟିଏ ମାଙ୍କଡ଼ ଉପରେ । ସେ ପାଚିଲା ଆମ୍ବଟିଏ ଧରି ଚୁଚୁମି ଚୁଚୁମି ମହାଆନନ୍ଦରେ ଖାଉଥାଏ। ପିଲାଙ୍କୁ ଦେଖି ସେ ଖେଁ‌ଖେଁ‌ ହେଲା ସତେଯେମିତି କିଛି କହିବାକୁ ଚାହୁଁଥିଲା ।



ଚଗଲା ପିଲା ତା' ଭାଷା ବୁଝିବେ ବା କାହୁଁ! ମାଙ୍କଡ଼କୁ ଦେଖି ସେମାନଙ୍କ ମନରେ ଦୁଷ୍ଟ ବୁଦ୍ଧି ଜୁଟିଲା। ସେମାନେ ଆମ୍ବ ଝାଡିବେ କ'ଣ ମାଙ୍କଡ଼ ପଛରେ ପଡ଼ିଗଲେ। ଏଣୁ ସେମାନେ ଆଉ ଡେରିନକରି ତା' ଉପରକୁ ଟେକା ଫୋପାଡ଼ିବାକୁ ଲାଗିଲେ । ମାଙ୍କଡ଼ ଟିକେ ତରକିଗଲା । ବୁଝିନେଲା ଯେ, ପିଲାଏ ଆମ୍ବ ଖାଇବା ପାଇଁ ଗଛକୁ ଟେକା ମାରୁଛନ୍ତି । ଏଣୁ ସେ ଗଛ ଡାଳରେ ଟିକେ ନାଚିଦେଲା । ଦୁଲ୍‌ଦାଲ୍ ହୋଇ କିଛି ପାଚିଲା ଆମ୍ବ ତଳକୁ ଖସିପଡ଼ିଲା ।

ମାଙ୍କଡ଼ର ଏ ମହାନତା ପିଲାଙ୍କ ମୁଣ୍ଡକୁ ପଶୁଛି ବା କୁଆଡୁ ! ସେମାନେ ସେମିତି ଟେକା ମାରି ଚାଲିଥାନ୍ତି । ଦିନ ଦ୍ୱିପ୍ରହରରେ ବାରିପଟେ କିଛି ଶବ୍ଦ ହେବାରୁ ନିଧିଅଜା ବାହାରି ପଡ଼ିଲେ । ଦେଖିଲାବେଳକୁ ପିଲାମାନେ ଆମ୍ବ ଗଛକୁ ଟେକା ମାରିବାରେ ଲାଗିପଡ଼ିଛନ୍ତି । ନିଧି ଅଜାଙ୍କୁ ପିଲାଏ ଯେମିତି ଦେଖିଦେଇଛନ୍ତି, ସେମାନେ ଡିଆଁମାରି ପଳାଇଯିବାକୁ ବାହାରିଲେ । ହେଲେ ଯିବେ କୁଆଡ଼େ! ଚାରିଆଡ଼େ ତ ନିବୁଜ ବାଡ଼ବନ୍ଦୀ । ଏଣୁ ସେମାନେ ମୁଣ୍ଡ ପୋତି ଚୁପଚାପ ଠିଆହେଲେ ।

ନିଧିଅଜା ରଡ଼ି ଛାଡ଼ିଲେ - 'ସେଠି ତୁମେମାନେ କ'ଣ ସବୁ କରୁଥିଲରେ ପିଲାଏ?'

ପିଲାଏ ଚୁପ୍ ।

ସେମାନଙ୍କ ଭିତରୁ ସାହସୀ ରାମୁ କହିଲା- 'ଅଜା, ମାଙ୍କଡ଼ଟିଏ ଆପଣଙ୍କ ଆମ୍ବଗଛକୁ ଚଢ଼ିଯାଇଛି। ତାକୁ ପରା ଆମେ ଘଉଡ଼ାଉଥିଲୁ ।'

ରାମୁ କଥାଶୁଣି ସବୁପିଲା ଏକସ୍ୱରରେ କହିଲେ - 'ଆମେ ସତ କହୁଛୁ ଅଜା । ଆମେ ମାଙ୍କଡ଼କୁ ଖାଲି ଘଉଡ଼ାଇ ଦେଉଥିଲୁ। ଆମ୍ବ ଖାଇବାକୁ ଆସିନଥିଲୁ ।'

ପିଲାଙ୍କ ଉଦ୍ଦେଶ୍ୟ କ'ଣ ନିଧି ଅଜାଙ୍କ ପାଖେ ଅଜଣା କି ! ସେ ଫିକ୍‌କିନା ହସିଦେଲେ କେବଳ । ତା'ପରେ କହିଲେ - 'ତୁମେ ମୋ'ର କେଡ଼େ ଶୁଭଚିନ୍ତକରେ! ଖାଲି ମାଙ୍କଡ଼ ଘଉଡ଼ାଇବାକୁ ତା'ହେଲେ ଏତେବାଟ ଚାଲିଆସିଛ, ନାଇଁ? ତାହା ପୁଣି ଉଦୁଉଦିଆ ଖରାବେଳେ! ହେଲେ ମାଙ୍କଡ଼ ଘଉଉଡ଼ାଇଲା ବେଳକୁ ମୋତେ ଡାକିଥିଲେ ତ ଭଲ ହୋଇଥାନ୍ତା । ସାଙ୍ଗ ହୋଇ ତାକୁ ଘଉଡ଼ାଇ ଦେଇଥାନ୍ତେ।'

'ଏଥର ମାଙ୍କଡ଼ ଘଉଡ଼ାଇଲା ବେଳକୁ ଆପଣଙ୍କୁ



ନିଶ୍ଚିତ ଡାକିବୁ ଅଜା ।'
-ପିଲାମାନେ ଏକସ୍ୱରରେ କହିଲେ।

ଏଥର ନିଧି ଅଜା ବୁଝାଇଲେ - 'ନାଇଁରେ ନାଇଁ, ଜମାରୁ ନାଇଁ। ମାଙ୍କଡ଼କୁ ଘଉଡ଼ାଇବା ଦରକାର ନାହିଁ । ବୁଝିଲ ପିଲେ, ସେ ବି ଆସୁ । ଆମ୍ବ କିଛି ଖାଉ । ତା' ନ ହେଲେ ବିଚରା ଖାଇବାକୁ କେଉଁଠୁ ପାଇବ ଯେ!'

- 'ତା' ବୋଲି ମନଇଚ୍ଛା ସେ ଆପଣଙ୍କ ବାରିକୁ ଆସି ଆମ୍ବ ଖାଇଯିବ ନା କ'ଣ?' - ସୁମନ କହିଲା ।

ନିଧି ଅଜା କହିଲେ - 'ଆରେ ପିଲାଏ, ତୁମେ ତ ପୁଣି ନ ପଚାରି ମୋ' ବାରିକୁ ପଶିଆସିଛ! ସେ ତ ଜାଣି ପଶୁଟିଏ । ତା' ବିଚାର ଶକ୍ତି ପୁଣି କମ୍ । ଆଉ ତାକୁ ଯଦି ଆମେ ଖାଇବାକୁ ନ ଦେବା ତା'ହେଲେ ଦେବ କିଏ ? ସେ ଖାଇବାକୁ ପାଇବ କେଉଁଠୁ?'

ଅଜାଙ୍କ କହିବା ଭିତରେ ଗୋଟିଏ ମହତ କଥା ଲୁଚି ରହିଥିଲା । ନ ପଚାରି ଅନ୍ୟର ଜିନିଷ ନେବା ଗୋଟିଏ ବଡ଼ ଖରାପ କଥା । ମିଛ କହିବା ତ ତା'ଠାରୁ ଅଧିକ ପାପ । ଏକଥା ବୁଝିପାରି ପିଲାମାନେ ଲାଜରେ ମୁଣ୍ଡ ନୁଆଁଇ ଠିଆ ହୋଇଥିଲେ ।

ପିଲାଏ ଚୁପ୍ ରହିବାର ଦେଖି ଅଜା କହିଲେ - 'ମାଙ୍କଡ଼ ପାଖରେ ବି ମହତପଣିଆ ପୂରି ରହିଛିରେ ପିଲାଏ । ଏଇ ଦେଖୁନ, ସେ କେମିତି ଆମପାଇଁ ଆମ୍ବ ପାରିଦେଇଛି । ଯେମିତି ଆଉ ତୁମକୁ ଟେକାମାରି ଆମ୍ବ ଝଡ଼ାଇବାକୁ ପଡ଼ିବ ନାହିଁ ।'

ପିଲାମାନେ ଦେଖିଲାବେଳକୁ ସତକୁସତ ଗଛ ମୂଳରେ ଆମ୍ବସବୁ ବିଛାଡି ହୋଇ ପଡ଼ିଛି। ଏହାଦେଖି ପିଲାଙ୍କ ଖୁସି ତ କହିଲେ ନସରେ ।

ଅଜା ପୁଣି କହିଲେ - 'ମାଙ୍କଡ଼ ଗଛରେ ଚଢ଼ି ନିଜେ ଆମ୍ବ ଖାଇଛି ଆଉ ଆମପାଇଁ ବି କିଛି ପକେଇଦେଇଛି। ତା' ହୋଇନଥିଲେ ଆମେ କ'ଣ ଏତେବଡ଼ ଗଛରେ ଚଢ଼ି ସହଜରେ ଆମ୍ବ ତୋଳି ଖାଇପାରିଥାନ୍ତେ! ତା'ହେଲେ ଆଉ ଡେରି କାହିଁକି କରୁଛ! ଏଥର ଯାଅ, ଆମ୍ବ ଗୋଟେଇ ମନଇଚ୍ଛା ଖାଅ।'

ଅଜାଙ୍କ କଥା ଶୁଣି ପିଲାମାନେ ମନଖୁସିରେ ଆମ୍ବ ଗୋଟାଇ ଖାଇବାକୁ ଲାଗିଲେ । ତେଣେ ଗଛ ଉପରେ ଥାଇ ମାଙ୍କଡ଼ ଖେଁ..ଖେଁ.. କରି ଆମ୍ବ ଖାଇବାରେ ଲାଗିପଡିଥିଲା । ପିଲାଙ୍କ ଖୁସିରେ ସତେଯେମିତି ସେ ବି ଖୁସି ଅନୁଭବ କରୁଥିଲା।

ନିଧି ଅଜାଙ୍କ କଥାଶୁଣି ପିଲାମାନଙ୍କ ମନରେ ମାଙ୍କଡ଼ ପ୍ରତି ଥିବା ଘୃଣା ଭାବ ସେତେବେଳକୁ ବଦଳିଯାଇଥିଲା । ମନରେ ପ୍ରେମ ଭାବ ଜାଗ୍ରତ ହୋଇସାରିଥିଲା । ସେମାନେ ମନେମନେ ଭାବୁଥିଲେ , ନିଧି ଅଜାଙ୍କ ପରି ସମସ୍ତଙ୍କ ମନରେ ଜୀବପ୍ରତି ଏମିତି ଯଦି ଦୟାଭାବ ଆସନ୍ତା ତା'ହେଲେ ଏ ଦୁନିଆଟା କେତେ ସୁନ୍ଦର ନ ଲାଗନ୍ତା ସତରେ!

□□

ଲେଖକଙ୍କ ଇ-ମେଲ୍ ଠିକଣା:
sangramprusty2012@gmail.com



Search Sahitya Charcha on Play Store



ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।



ପୁସ୍ତକ ସମୀକ୍ଷା

ବିଶ୍ୱଚେତନାର ପ୍ରତୀକ ଶ୍ରୀଜଗନ୍ନାଥ

ଲେଖକ: ଅମରୀଶ ଶତପଥୀ
ପ୍ରକାଶକ: ବି.କେ. କ୍ଲାସିକ୍ସ୍, ଭୁବନେଶ୍ୱର
ପୃଷ୍ଠା: ୨୩୮, ମୂଲ୍ୟ: ୨୪୯/-

ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ଚେତନାର ଉନ୍ମେଷଠାରୁ ନେଇ ତାହାର ସମକାଳୀନ ବିକାଶ ପର୍ଯ୍ୟନ୍ତ ସମସ୍ତ ଦିଗର ଏକ ସୁଗଭୀର ଓ ସୁସଂହତ ଉପସ୍ଥାପନାର ସ୍ୱାକ୍ଷର ବହନକରେ ପୁସ୍ତକଟି। ଏଥିରେ ସନ୍ନିବେଶିତ ଗବେଷଣାମୂଳକ ତଥ୍ୟରାଜି ତଥା ସହାୟକ ଗ୍ରନ୍ଥସୂଚୀର ସୁଦୀର୍ଘ ତାଲିକାକୁ ଲକ୍ଷ୍ୟକଲେ ଏହି ଗ୍ରନ୍ଥର ପ୍ରଣୟନ ପାଇଁ ଲେଖକଙ୍କର ଗଭୀର ସାଧନା ଓ ଅଧ୍ୟୟନର ଆଭାସ ମିଳେ। ଶ୍ରୀଜଗନ୍ନାଥ ଆଧାରିତ ଯେଉଁ ବିସ୍ତୃତ ପଟ୍ଟଭୂମିକୁ ସେ ନିଜର ଅଧ୍ୟୟନର କ୍ଷେତ୍ର ଭାବରେ ବାଛିଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିଯାଏ ସୂଚିପତ୍ରରେ ଅନ୍ତର୍ଭୁକ୍ତ ହୋଇଥିବା ବିଭିନ୍ନ ଅଧ୍ୟାୟମାନଙ୍କର ତାଲିକାରୁ; ଯଥା, ୧. ବୈଦିକ ସାହିତ୍ୟରେ ଶ୍ରୀକ୍ଷେତ୍ର, ୨. ପ୍ରାଚୀନ ସାହିତ୍ୟରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ, ୩. ବିବର୍ତ୍ତନରେ ଶ୍ରୀଜଗନ୍ନାଥ ଚେତନା, ୪. ଇଷ୍ଟଦେବତା ଶ୍ରୀଜଗନ୍ନାଥ, ୫. ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ ୬. ବିଶ୍ୱ ଦେବତା ଶ୍ରୀଜଗନ୍ନାଥ। ଏଠାରେ ମୋଟ ଅଧ୍ୟାୟର ସଂଖ୍ୟା ସୀମିତ, ଅର୍ଥାତ୍ ମାତ୍ର ଛଅ ହୋଇଥିଲେ ହେଁ, ଏଥିରେ ହୁଏତ ଆଲୋଚିତ ବିଷୟର ଛଅ ଶହ ପ୍ରମାଣେ ଦିଗ ସମାହିତ ହୋଇଛି। ଏଣୁ ବହିଟିକୁ ବିସ୍ତୃତି ଓ ସଂକ୍ଷିପ୍ତତାର ଏକ ଅନୁପମ ସଂଗମ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ନିଜର ଉପକ୍ରମଣିକାରେ ଲେଖକ ପ୍ରଥମେ ଏହି ପୁସ୍ତକରେ ଥିବା ଆଲୋଚନା ଓ ବିଶ୍ଳେଷଣର ସ୍ତର ଓ ପଦ୍ଧତି ସହିତ ପାଠକମାନଙ୍କୁ ଅଭ୍ୟସ୍ତ କରାଇଛନ୍ତି। ବିଶେଷତଃ ଋଗ୍‌ବେଦଠାରୁ ନେଇ ରାମାୟଣ, ଏପରିକି ବାଇବେଲ୍ ପର୍ଯ୍ୟନ୍ତ ବିବିଧ ମହାଗ୍ରନ୍ଥ ଓ ଧର୍ମଗ୍ରନ୍ଥକୁ ସେ ସନ୍ଦର୍ଭିତ କରିଛନ୍ତି ଶ୍ରୀଜଗନ୍ନାଥଙ୍କର ଗରିମା ପ୍ରତିପାଦିତ କରିବା ପାଇଁ। ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଏହି ବିଶ୍ଳେଷଣ ଶୈଳୀକୁ ଜାରି ରଖି ସେ ପାଠକକୁ ଘେନି ଯାଇଛନ୍ତି ଏକ ତାର୍କିକ ଓ ସୁସଂହତ ଅଧ୍ୟୟନର ଦିଗକୁ ଯେଉଁଠି ଶେଷରେ ଶ୍ରୀଜଗନ୍ନାଥ ଜଣେ ବିଶ୍ୱଦେବତା ବୋଲି ପ୍ରତିପାଦିତ ହୋଇଛନ୍ତି। ଲେଖକଙ୍କ ଭାଷାରେ, 'ଜଗନ୍ନାଥ ସଂସ୍କୃତିର ମୌଳିକ ନିର୍ଯ୍ୟାସ ବିଶ୍ୱ ସମୁଦାୟ ସଂସ୍କୃତିରେ ପ୍ରତିଫଳିତ। ବିଶ୍ୱ ସମୁଦାୟର ମାନସିକତାରେ ଜଗନ୍ନାଥ ସଂସ୍କୃତି ହିଁ ଏକମାତ୍ର ସଂସ୍କୃତି ଯାହାଦ୍ୱାରା ମନୁଷ୍ୟର ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଅଭିବୃଦ୍ଧି ସାଧିତ ହୋଇପାରିବ। ଜଗନ୍ନାଥ ହିଁ ଆଦର୍ଶ ବିଶ୍ୱ ମାନବୀୟ ଚେତନାର ପ୍ରତିଭୂ।' (ପୃ- ୨୨୨)

ସେହିପରି 'ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ' ଶୀର୍ଷକ ଅଧ୍ୟାୟରେ କାଳାନୁକ୍ରମିକ ଭାବରେ ପ୍ରାଗୈତିହାସିକ ଯୁଗରୁ ନେଇ ଆଜି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ କିଭଳି ଜଣେ ରାଷ୍ଟ୍ରଦେବତା ଭାବରେ ଗ୍ରହଣ କରାଯାଇଛି ତାହାର ସଂକ୍ଷିପ୍ତ ଚିତ୍ର ପ୍ରଦାନ କରିଛନ୍ତି ଲେଖକ। ବିଶେଷତଃ ଜୟଦେବ, ଶ୍ରୀଚୈତନ୍ୟ, ରାୟରାମାନନ୍ଦ, ଶଙ୍କର ଦେବ, କବୀର ଓ ଗୁରୁନାନକଙ୍କ ଅବଧାରଣାରେ ଜଗନ୍ନାଥ କିପରି ସୁଉଚ୍ଚ ସ୍ଥାନ ପାଇଛନ୍ତି ତାହା ବିଷୟରେ ମଧ୍ୟ ସମ୍ୟକ ସୂଚନା ଦିଆଯାଇଛି।

ତେବେ ଅନ୍ୟ ଏକ ଦୃଷ୍ଟିରୁ ବିଚାର କଲେ, ଏବେ ସୁଦ୍ଧା ଏତେ ବହୁଳ ସଂଖ୍ୟାରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ସାହିତ୍ୟ ତଥା ତଥ୍ୟାତ୍ମକ ଓ ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇସାରିଛି ଯେ ଅନ୍ୟ ଅନେକ ଗ୍ରନ୍ଥ ଭଳି ଏଥିରେ ମଧ୍ୟ ପୂର୍ବ ଆଲୋଚିତ ଆଲୋଚନା ଓ ପ୍ରସଙ୍ଗ ଆଦିର ପୁନରାଲୋଚନା ଓ ପୁନର୍ଲିଖନ ଯେ ହୋଇନାହିଁ ସେକଥା କୁହାଯାଇନପାରେ। ଆମ ଭାଷାରେ ନବୀନ ତଥ୍ୟ ସମ୍ପନ୍ନ ବା ମୌଳିକ ଗବେଷଣା ପ୍ରସୂତ ପୁସ୍ତକଟିଏ ପାଇବା ସେତେ ସହଜ ନୁହେଁ। ତଥାପି ଆଲୋଚ୍ୟ ପୁସ୍ତକଟି ଜଗନ୍ନାଥପ୍ରେମୀ ପାଠକସକଳଙ୍କ ମଧ୍ୟରେ ଏକ ଉପଯୋଗୀ ଗ୍ରନ୍ଥ ଭାବରେ ଗ୍ରହଣୀୟ ହେବ ବୋଲି ଆମର ବିଶ୍ୱାସ।

ନିହାର ଶତପଥୀ

ଭାଷା ଓ ସାହିତ୍ୟ ସମାଚାର

ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ନୂଆ ଡିଜିଟାଲ ରୂପ ଦେଲେ ସାନୁଜିତ ପୁହାଣ



ଭାଷାସାଧକ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ର ଭାଷାକୋଷ ଓଡ଼ିଆ ଶବ୍ଦ ଭଣ୍ଡାରର ଏକ ପ୍ରାମାଣିକ ଗ୍ରନ୍ଥ ଭାବରେ ସମସ୍ତ ଓଡ଼ିଆ ଭାଷାପ୍ରେମୀଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିଛି । ପରବର୍ତ୍ତୀ ସମୟରେ ଏହି ଭାଷାକୋଷକୁ ଇଣ୍ଟରନେଟ୍ ଜରିଆରେ ଘରେଘରେ ପହଞ୍ଚାଇବା ପାଇଁ ବରିଷ୍ଠ ବୈଜ୍ଞାନିକ ଓ ଭାଷାପ୍ରେମୀ ନିଖିଳ ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ 'ସୃଜନିକା' ଅନୁଷ୍ଠାନ ତଥା ଆମେରିକାସ୍ଥିତ ଚିକାଗୋ ବିଶ୍ୱବିଦ୍ୟାଳୟର ବିଶେଷ ଭୂମିକା ରହିଛି । ଏଥିନିମନ୍ତେ 'ସୃଜନିକା'କୁ ବୈଷୟିକ ଜ୍ଞାନ କୌଶଳ ଯୋଗାଇଦେଇ ଓଡ଼ିଆ ଜାତିର ଏହି ବହୁ ଉପଯୋଗୀ କାର୍ଯ୍ୟଟିକୁ ସଫଳ କରିବାକୁ ସ୍ୱେଚ୍ଛାରେ ଆଗେଇ ଆସିଛନ୍ତି ସ୍ୱିଡେନ୍ ଦେଶର ଅଗ୍ରଣୀ ସଫ୍ଟଓୟାର୍ ଇଂଜିନିୟର ସାନୁଜିତ୍ ପୁହାଣ ।

ଜଣେ ଦକ୍ଷ ସଫ୍ଟଓୟାର୍ ଇଂଜିନିୟର ଭାବରେ ୟୁରୋପର ଅନେକ ଦେଶରେ କାର୍ଯ୍ୟ କରିଥିବା ସାନୁଜିତ ପୁହାଣ ଓଡ଼ିଆ ଭାଷାର ଅନଲାଇନ୍ ଉପସ୍ଥିତି ସମ୍ଭବ କରାଇବାର ବ୍ରତରେ ନିଜକୁ ସମର୍ପଣ କରିଛନ୍ତି । ସେ ଏବେ ଗୁଗୁଲ୍ କ୍ରୋମ୍ ବ୍ରାଉଜର ସହିତ ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ଯୋଡ଼ିବାର ସୁବିଧା ଲାଗୁ କରିପାରିଛନ୍ତି । ଏହା ଫଳରେ ବର୍ତ୍ତମାନ କେହି ଚାହିଲେ ଗୁଗୁଲ୍ ୱେବ୍ ବ୍ରାଉଜରରେ ଏହି ଭାଷାକୋଷକୁ ସଂଯୋଗ କରି ଯେ କୌଣସି ୱେବ୍‌ସାଇଟ୍‌ରେ ଓଡ଼ିଆ ଶବ୍ଦ ଥିଲେ ତାହାର ଅର୍ଥ ସହଜରେ ଜାଣିପାରିବେ । ଏହା ପୂର୍ବରୁ ୨୦୨୪ ମସିହାରେ ସାନୁଜିତ ପୁହାଣ ଓଡ଼ିଆ ଭାଷାକୋଷର ସୁଚାରୁ ବ୍ୟବହାର ପାଇଁ ଏକ 'ଆପ୍' ମଧ୍ୟ ପ୍ରସ୍ତୁତ କରିଥିଲେ ।

ପରଲୋକରେ ବିଶିଷ୍ଟ ସାହିତ୍ୟ-ଗବେଷକ କୁମୁଦ ଚନ୍ଦ୍ର ଦାଶ



ପ୍ରଖ୍ୟାତ କବି ଓ ସାହିତ୍ୟ-ସମାଲୋଚକ କୁମୁଦ ଚନ୍ଦ୍ର ଦାଶ ମଇ ୧୭ ତାରିଖ ରାତିରେ ଅନୁଗୁଳଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତା'ଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ମସ୍ତିଷ୍କର ଟ୍ୟୁମର୍ ଜନିତ ବ୍ୟାଧିରେ ପୀଡ଼ିତ ଥାଇ ସେ ସେ ଗତ କିଛି ମାସ ଧରି ଚିକିତ୍ସାଧୀନ ଥିଲେ ।

ଓଡ଼ିଆ କବିତାର ବିଶ୍ଳେଷଣ ଓ ପରିଚର୍ଚ୍ଚା କ୍ଷେତ୍ରରେ ସେ ଜଣେ ଅଗ୍ରଣୀ ବିଦ୍ୱାନ ତଥା ଗବେଷକ ଥିଲେ । ୭ ଜୁନ୍, ୧୯୫୩ରେ ଅନୁଗୁଳ ନିକଟବର୍ତ୍ତୀ ସୋମନାଥପୁର ଶାସନରେ ସେ ଜନ୍ମଗ୍ରହଣ କରିଥିଲେ । ଭୁବନେଶ୍ୱରର ବାଣୀବିହାରରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିବା ପରେ ୧୯୭୮ ମସିହାରୁ ସେ ବିଭିନ୍ନ କଲେଜରେ ଅଧ୍ୟାପନା କରିଥିଲେ । ଅବସର ନେବା ପରେ ସେ ଅନୁଗୁଳରେ ରହୁଥିଲେ । ଅନୁଗୁଳ ଜିଲ୍ଲା ସାହିତ୍ୟ ସଂସଦର ସେ ସଭାପତି ଥିଲେ । ରାଧାମୋହନ ଗଡ଼ନାୟକଙ୍କ କାବ୍ୟକୃତି ଉପରେ ତାଙ୍କର ବିଶେଷ ଗବେଷଣା ଥିଲା । ଗଡ଼ନାୟକଙ୍କ କୃତ 'ଗୀତଗୋବିନ୍ଦ'ର ଅନୁବାଦରେ ସେ ସମ୍ପାଦନାର ଭୂମିକା ତୁଲାଇଥିଲେ । 'ଇସ୍ତାହାର' ପତ୍ରିକାର ସମ୍ପାଦନା ସହିତ ମଧ୍ୟ ସେ ବହୁଦିନ ଧରି ସଂପୃକ୍ତ ଥିଲେ । ଆଧୁନିକ ଓଡ଼ିଆ କବିତାର ଛନ୍ଦ, ରସବୋଧ ଓ ଶୈଳୀ ସମ୍ପର୍କରେ ସେ ଅନେକ ପ୍ରଣିଧାନଯୋଗ୍ୟ ପ୍ରବନ୍ଧ ରଚନା କରିଛନ୍ତି । 'ଓଡ଼ିଆ କବିତାର ଦିଗଦିଗନ୍ତ' ସଂକଳନରେ ଏ ସମ୍ପର୍କରେ ତାଙ୍କର ଏକ ତାତ୍ତ୍ୱିକ ପ୍ରବନ୍ଧ ପ୍ରକାଶପାଇ ବହୁଚର୍ଚ୍ଚିତ ହୋଇଥିଲା ।

ଶେଷ ପୃଷ୍ଠା



ଊର୍ଦ୍ଧ୍ୱଗଲଘୁକରଣ*

୧୯୦୮ ମସିହାରେ ଉତ୍କଳ ସେବାଶ୍ରମରୁ ଦୁର୍ଭିକ୍ଷ ସାହାଯ୍ୟାର୍ଥେ; ଅକାଳ କୋଇଲିର ପ୍ରକାଶନ ହୁଏ। ଯୁଗେଯୁଗେ ଭାଷା ସାହିତ୍ୟରେ କୋଇଲି ହେଉଛି ବାର୍ତ୍ତାବହ। ଅକାଳ କୋଇଲିର ବିକ୍ରୟଲବ୍ଧ ଅର୍ଥରେ ଦୁର୍ଭିକ୍ଷଗ୍ରସ୍ତଙ୍କୁ ସାହାଯ୍ୟ ଦିଆଯାଇଥିଲା। ସେତେବେଳେ ନିଃସ୍ୱ ଉତ୍କଳର ଦୁର୍ଦ୍ଦିନ ପାଇଁ ଉତ୍କଳ ଗୌରବଙ୍କ ସମ୍ବେଦନଶୀଳ କ୍ରନ୍ଦନର ସ୍ୱର ପ୍ରତିଫଳିତ ହୋଇଥିଲା। ସେଥିରୁ ପଦିଏ:

କୋଇଲି ଝଗଡ଼ା ଏକତା ନାଶକାରୀ।
ଝାଉଁଳାଇ ଦିଏ ଶକ୍ତି କରେ ହତଶିରୀ ଲୋ ॥

ସେହି କୋଇଲିର ସ୍ୱର ଧରି ଇଦାନୀନ୍ତନ ଓଡ଼ିଆ ସାହିତ୍ୟର ଊର୍ଦ୍ଧ୍ୱଗଲଘୁକରଣ ପରିସ୍ଥିତିରେ ସମସ୍ତ ଆଦର୍ଶ ସାହିତ୍ୟ ସମୀକ୍ଷକଙ୍କୁ କହିବି ଯେ; ଏବେ ଜାଗ୍ରତର ବେଳ।

ଯୁଗେଯୁଗେ ସାହିତ୍ୟ ସଂସାରରେ ବିଭିନ୍ନ ମାନର ସାହିତ୍ୟ ପ୍ରକାଶ ହୋଇଛି ହେଲେ ସାହିତ୍ୟର ପତନ ହୋଇନାହିଁ। ହେଲେ ସାମ୍ପ୍ରତିକ ସ୍ଥିତିରେ ଯେତେବେଳେ ପ୍ରାୟାଧିକ ସମୀକ୍ଷକଗଣ ଆଦର୍ଶ ଓ ଶବ୍ଦଚୌର୍ଯ୍ୟଙ୍କ ସାହିତ୍ୟର ପାର୍ଥକ୍ୟ କରିବାର ସାହସ ହରାଇ ବସିଛନ୍ତି, ସେତେବେଳେ ନିମ୍ନମାନର ଲେଖକ, ଅନୁକରଣକାରୀ, ସୁଯୋଗ ସନ୍ଧାନୀ ଓ ଚାଟୁକାର ଭଳି ଛାୟାମାନଙ୍କୁ ସୂର୍ଯ୍ୟ ବୋଲି ଅଭିହିତ କରାଯାଉଛି।

ଏଠାରେ କହିରଖେ ଯେ; ଭାଷାର ଏକଚାଟିଆ ଅଧିକାର କେବଳ ପଣ୍ଡିତମାନଙ୍କର ନୁହଁ। ସାଧାରଣ ଲୋକଙ୍କ ଗୀତ, କଥା, ହସ ଓ ସ୍ୱପ୍ନରେ ମଧ୍ୟ ଭାଷା ସୁଆଦ ହୁଏ। ସେଥିରୁ ହିଁ ତ ସାଉଁଟି ଆଣନ୍ତି ସାହିତ୍ୟିକ ସମଗ୍ର ନିଜର ସର୍ଜନାର ମୂଳମନ୍ତ୍ର। ସାହିତ୍ୟ ଜୀବନ୍ତ ହୁଏ। କିଂବଦନ୍ତୀ ସତ୍ୟ ହୁଏ। ଇତିହାସ ଜ୍ଞାନଗୁରୁ ହୁଏ।

ଶ୍ରୁତିରୁ ସଞ୍ଚାର ମାଧ୍ୟମ ଯାଏଁ ବହମାନ ସାହିତ୍ୟର ପ୍ରବାହ। ପ୍ରଯୁକ୍ତି ଜ୍ଞାନ କେଭେ ହେଁ ସାହିତ୍ୟର ଶତ୍ରୁ ନୁହେଁ। ଭୟ ସଦାକାଳେ ରହି ଆସିଛି। ଶ୍ରୁତିରୁ ପ୍ରସ୍ତରଗାତ୍ର; ତାଳପତ୍ରରୁ ଛାପାଖାନା; ଶ୍ରବଣ ସାହିତ୍ୟରୁ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ମଧ୍ୟ ସଂଶୟ ରହିଅଛି, ସାହିତ୍ୟର ଭବିଷ୍ୟତ ପାଇଁ। ଆଜି ବିଜ୍ଞାନର ଏହି ଦାନ ପ୍ରାୟତଃ ସମସ୍ତ ସାହିତ୍ୟିକଙ୍କୁ ମାନସିକ ଆଳସ୍ୟ, ନୈତିକ ଅଧୋପତନ ତଥା ଶ୍ରମହୀନ ସର୍ଜନା ଆଡ଼କୁ ମଉହସ୍ତୀ ପ୍ରାୟେକ ଅଡ଼େଇ ନେଇଚାଲିଛି। ଆବଶ୍ୟକ ଅଛି ସମୀକ୍ଷାରୂପୀ ଅଙ୍କୁଶର। ବିବେକବିହୀନ ଚାଟୁକାର ସମୀକ୍ଷା ସାହିତ୍ୟ ପାଇଁ ଏକ କୋଳାହଳରେ ପରିଣତ ହୁଏ।

ଏଣୁ ତ ଏହି ସାହିତ୍ୟର ଅବଡ଼ଙ୍ଗରେ ଖୋଜୁଛି ସେହି ସମାଲୋଚକ ଓ ସମୀକ୍ଷକଙ୍କୁ ଯେଉଁମାନେ ପ୍ରକୃତରେ ଭାଷାର ପ୍ରହରୀ। ଦୁଃସ୍ଥ ସାହିତ୍ୟକୁ ସୁସ୍ଥ ସମ୍ପନ୍ନ କରିବାରେ ଯେଉଁମାନଙ୍କ ଭୂମିକା ଅପରିହାର୍ଯ୍ୟ। ସାହିତ୍ୟ ସେହି ସମାଜରେ ଉନ୍ନତ ଯେଉଁଠି ସମାଲୋଚନାର ଥାଏ ନିର୍ଭୀକତା। ସମାଲୋଚନା ଏକ ଶୁଦ୍ଧିକରଣର ପ୍ରକ୍ରିୟା। ଯେବେ ଯେବେ ବରିଷ୍ଠ ସାହିତ୍ୟିକଗଣ ଭାବବୋଧରୁ ଚମକକୁ, ସାଧନାଠାରୁ ପରିଚୟକୁ ଓ ମୂଲ୍ୟବୋଧଠାରୁ ଗୋଷ୍ଠୀବାଦକୁ ଗୁରୁତ୍ୱ ଦିଅନ୍ତି ସେତେବେଳେ ଏହି ସମୀକ୍ଷକ ଅବା ସମୋଲୋଚକଗଣ ହିଁ ସାହିତ୍ୟରେ ଭାରସାମ୍ୟ ରଖିଛନ୍ତି।

ଅଙ୍କାବତାରରେ କହିବି ଯେ; ନିରାଶା ହିଁ ଶେଷ ସତ୍ୟ ହୋଇନପାରେ। ପ୍ରତିଯୁଗରେ ଭାଷା ଓ ସାହିତ୍ୟ ବିଭ୍ରାନ୍ତିର ସମ୍ମୁଖୀନ ହୋଇଛି। ଆମ ଭାଷା ତ ଆକ୍ରମଣ, ଲାଞ୍ଛନା, ଉପେକ୍ଷା ଓ ବିଭିନ୍ନ ଝଡ଼କୁ ଅତିକ୍ରମି ଆସିଛି। ଏବେ ବେଳ ଆସିଛି ସମୀକ୍ଷକଙ୍କ ପାଇଁ। ଲେଖକଙ୍କୁ ସତ୍ୟନିଷ୍ଠ, ପାଠକଙ୍କୁ ସଚେତନ ଓ ବୁଦ୍ଧିଜୀବୀଙ୍କୁ ନିର୍ଭୀକ କରାଇବା ପାଇଁ। ଏଣୁ ସେମାନେ ଗଭୀର ଚିନ୍ତନ କରନ୍ତୁ ଆଜି।

-ପ୍ର.ଭୂ

***ଊର୍ଦ୍ଧ୍ୱଗଲଘୁକରଣ** - ଅଙ୍କମୂଲ୍ୟର ସଂଖ୍ୟାକୁ ବହୁ ମୂଲ୍ୟର ସଂଖ୍ୟାରେ ପରିବର୍ତ୍ତନ ।

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com



Bringing

SMILES to MILLIONS

Paradeep Phosphates

www.paradeepphosphates.com

canonfire ppl 25

Eastern India's **No.1*** Paediatric Hospital

JAGANNATH HOSPITAL

AN EXCLUSIVE PERINATAL CENTRE

Because we treat every child like our own

- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB



Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

JINDAL PANTHER® TMT REBARS

HAMESHA KE LIYE

Your home is your legacy, where your memories, dreams and hopes all live on. Jindal Panther TMT Rebars are strong from the outside, yet flexible on the inside, and they ensure excellent bonding with cement to make your house sturdy and resilient, increasing its longevity substantially. So your family has a home it loves, for a long, long time.



SACCHE SARIYE KI PEHCHAN JINDAL PANTHER KA NISHAAN

ADVANTAGES OF JINDAL PANTHER TMT REBARS

- 4-6% Savings on steel
- Excellent controlled chemistry
- Excellent bonding with cement
- Earthquake resistant
- Excellent bendability
- Superior weldability



India's First and Largest Producer of Fe 550D TMT Rebars

A PRODUCT OF JINDAL STEEL | @JindalPanther JindalPanther jindal-panther

Contact us: shop.jindalpanther.com
Toll free number on 1800 208 2008

JINDAL STEEL

Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy